R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୧୭
ତିଥି : ତୃତୀୟା
୨୬ ଅଗଷ୍ଟ ୨୦୨୫, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 317
26 Aug 2025,Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ଉଛୁଳୁଛି ସୁବର୍ଣ୍ଣରେଖା

## ୩୨ ପଞ୍ଚାୟତ ଜଳବନ୍ଦୀ

## ମୁକାବିଲା ପାଇଁ ପହଞ୍ଚିଲା ପ୍ରଶାସନ , ଛୁଟି ବାତିଲ



ଭୋଗରାଇ/ବାଲେଶ୍ୱର, ୨୫।୮: (ସବ୍ୟୁ): ପଶ୍ଚିମବଙ୍ଗ - ଓଡିଶା ଗାଙ୍ଗେୟ ସମତଳ ଅଞ୍ଚଳରେ ମୌସମୀ ଅକ୍ଷରେଖା ଘୂର୍ଣ୍ଣମାନ ହେଉଥିବା ସହ ଉତ୍ତର ବଙ୍ଗୋପସାଗରରେ ଲଘୁଚାପ ଘନୀଭୂତ ହେଉଥିବାରୁ ଉତ୍ତର ଓଡିଶା ଓ ଝାଡ଼ଖଣ୍ଡ ମାଳାଞ୍ଚଳରେ ବିକ୍ଷିପ୍ତ ବର୍ଷା ଲାଗିରହିଛି । ଏଭଳି ସ୍ଥିତିରେ ଝାଡ଼ଖଣ୍ଡ ଗାଲୁଡ଼ିହି ଜଳାଧାରରୁ ଉଦବୃତ୍ତ ବର୍ଷାଜଳ ୧୧ ଟି ଗେଟରେ ସୁବର୍ଣ୍ଣରେଖାକୁ ନିଷ୍କାସିତ ହେବାରୁ ସୁବର୍ଣ୍ଣରେଖାରେ ଚଳିତ ଋତୁରେ ୬ ଷ୍ଠ ଥର ବନ୍ୟା ଦେଖାଦେଇଛି। ସୁବର୍ଣ୍ଣରେଖା ରାଜଘାଟ ଗେଜ ଠାରେ ବନ୍ୟାଜଳ ବୃଦ୍ଧି ପାଇ ରବିବାର ସକାଳ ୭ ଟା ସୁଦ୍ଧା ବିପଦ ସଂକେତ ୧୦.୩୬ ମି. ଉର୍ଦ୍ଧରେ ରହିଛି । ଖବର ଲେଖା ହେଲା ବେଳକୁ ଏହି ବନ୍ୟାଜଳ ଘଣ୍ଟାକୁ.୦ ୫ ମିମି ରେ ବଢ଼ି ରାତି ୮ ଟା ସୁଦ୍ଧା ମି ରେ ପ୍ରବାହିତ ହେଉଛି । ଅପର ପକ୍ଷରେ ସୁବର୍ଣ୍ଣରେଖା ବନ୍ୟାଯୋଗୁଁ ଉତ୍ତର ବାଲେଶ୍ୱରର ଭୋଗରାଇ ବ୍ଲକର ୧୮, ବାଲିଆପାଳ ବ୍ଲକର ୮, ଜଳେଶ୍ୱର ବ୍ଲକର ୬ ଓ ବସ୍ତା ବ୍ଲକର ୪ ପଞ୍ଚାୟତ ସହ ମୟୁରଭଞ୍ଜ ଜିଲାର ରାସଗୋବିନ୍ଦପୁର ସମେତ କେତେକ ପଞ୍ଚାୟତରେ ଉଣା ଅଧିକେ ବନ୍ୟାପାଣି ପ୍ଳାବିତ ହୋଇଥିବାର ସୂଚନା ମିଳିଛି । ବନ୍ୟା ମୁକାବିଲା ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ଆପଦକାଳୀନ ଉଦ୍ଧାର କାର୍ଯ୍ୟ ପାଇଁ ୪ ବ୍ଲକ କୁ ପୂର୍ବନିର୍ଦ୍ଧାରିତ ଅନୁଯାୟୀ ଅଗ୍ନିଶମ ବାହିନୀ, ଓଡ୍ରାଫ ଟିମ ସହ ସ୍ୱିଡିବଟ, ଯନ୍ତ୍ର ଚଳିତ ଡ଼ଙ୍ଗା ମୁତୟନ କରାଯାଇ କର୍ମଚାରୀଙ୍କୁ ସଜାଗ ରଖା ଯାଇଥିବାବେଳେ ସମସ୍ତ ବ୍ଲକର ବିଡ଼ିଓ, ତହସିଲଦାର ମାନଙ୍କୁ ଆଲର୍ଟ ରହିବାକୁ ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ନିର୍ଦ୍ଦେଶ ଦେଇଛନ୍ତି । ଭୋଗରାଇ, ବାଲିଆପାଳ ଓ ଜଳେଶ୍ୱର ବ୍ଲକର ଶତାଧିକ ତଳିଆ ଗାଁ ଗୁଡିକରେ ବନ୍ୟାପାଣି ମାଡିଯାଇ ରାସ୍ତାଘାଟରେ ପାଣିର ସ୍ରୋତ ଛୁଟୁଛି ଝଭୋଗରାଇ ବ୍ଲକ ର ମନୁନଗର, ରସଲପୁର, ଖଳାବାଡିଆ, କୁହ୍ଲା, ବାଉଁଶଖଣା, ପନ୍ତେଇ, କୁମ୍ଭୀରଗନାନକାର, ଗବ ଗାଁ, ବାରବାଟିଆ, ଖରିଦ ପିମ୍ପଳ, ଚିରକୁଲା, ନୀଳପୁରା, କୁଶୁଡା, ବଧିଆ, କୃଷ୍ଣପୁର, ଚକ ପାରୁଳିଆ ପ୍ରଭୃତି ଗାଁ ଗୁଡିକ ବାହ୍ୟ ଜଗତରୁ ଏକ ପ୍ରକାର ବିଚ୍ଛିନ୍ନ ହୋଇଛି ।ଏଥି ସହିତ ମୁଖ୍ୟ ରାସ୍ତା ବୁଡ଼ିଯାଇ ଗମନାଗମନ ବିଚ୍ଛିନ୍ନ ହୋଇଛି ୫୨ ମାସ ମଧ୍ୟରେ ସୁବର୍ଣ୍ଣରେଖାରେ । ଷ୍ଠ ଥର ବନ୍ୟା ଉତ୍ତର ବାଲେଶ୍ୱର ବନ୍ୟାବିପନ୍ନଙ୍କ ଦୁଃଖକୁ ଦିଗୁଣିତ କରିଛି । ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ବନ୍ୟା ପ୍ରଭାବିତ ଅଞ୍ଚଳ ଅନୁଧ୍ୟାନ କରିଥିଲେ । ଅପରପକ୍ଷରେ ବୈତରଣୀ ବନ୍ୟା ସ୍ଥିତି ଗମ୍ଭୀର ରହିଛି । ଆଖୁଆପଦା ବିପଦ ସଂକେତ ଉପରେ ବନ୍ୟାଜଳ ପ୍ରଭାବିତ ହୋଇଛି । ଆସନ୍ତା ୩ ଦିନ ଏହି ଅଞ୍ଚଳ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି । କାରଣ ବର୍ଷାର ପ୍ରକପ ବୃଦ୍ଧି ପାଇବାର ଆଶଙ୍କା ରହିଛି ।

## ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ଉଦଘାଟିତ

# ଗୃହରେ ବିଶୃଙ୍ଖଳା ବିତର୍କ ନୁହେଁ: ଶାହ



ନୂଆଦିଲ୍ଲୀ,୨୫।୮: ସ୍ୱାଧୀନତା ସଂଗ୍ରାମୀ ବିଠଲଭାଇ ପଟେଲ କେନ୍ଦ୍ରୀୟ ବିଧାନସଭାର ପ୍ରଥମ ନିର୍ବାଚିତ ଭାରତୀୟ ବାଚସ୍ପତି ହେବାର ୧୦୦ତମ ବାର୍ଷିକୀ ପାଳନ ଅବସରରେ ଦିଲ୍ଲୀ ବିଧାନସଭାରେ ଆୟୋଜିତ ଦୁଇ ଦିନିଆ ଅଖିଳ ଭାରତୀୟ ବାଚସ୍ପତି ସମ୍ମିଳନୀକୁ କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ଉଦଘାଟନ କରିଛନ୍ତି ।

ଏହି ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ଶାହ କହିଛନ୍ତି ଯେ ରବିବାର ଦେଶର ବିଧାନସଭା ଇତିହାସର ଆରମ୍ଭ ହୋଇଛି । ସେ ଉଲ୍ଲେଖ କରିଥିଲେ ଯେ ଏହି ଦିନ ମହାନ ସ୍ୱାଧୀନତା ସଂଗ୍ରାମୀ ବିଠଲଭାଇ ପଟେଲ କେନ୍ଦ୍ରୀୟ ବିଧାନସଭାର ବାଚସ୍ପତି ଭାବେ ନିର୍ବାଚିତ ହୋଇଥିଲେ ଏବଂ ଭାରତୀୟମାନଙ୍କ ନେତୃତ୍ୱରେ ବ୍ୟବସ୍ଥାପକ ବ୍ୟବସ୍ଥାର ଇତିହାସ ଆରମ୍ଭ କରିଥିଲେ । ସେ କହିଥିଲେ ଯେ ଏହି ସଦନରେ ଭାରତର ସ୍ୱାଧୀନତା ଆନ୍ଦୋଳନର ଅନେକ ବିଶିଷ୍ଟ ଏବଂ ବରିଷ୍ଠ (୯ ପୃଷ୍ଠାରେ)

## ଭାରତ ପାଇଁ ଆମେରିକାର ନୂଆ ରାଷ୍ଟ୍ରଦୂତ ନିଯୁକ୍ତ

ୱାଶିଂଟନ୍,୨୫।୮: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ଜଣେ ଅତି ଘନିଷ୍ଠ ରାଜନୈତିକ ସହଯୋଗୀ ସର୍ଜିଓ ଗୋରଙ୍କୁ ଭାରତରେ ଆମେରିକାର ରାଷ୍ଟ୍ରଦୂତ ନିଯୁକ୍ତ କରିଛନ୍ତ । ଭାରତ ସହ



ଆମେରିକାର ସମ୍ପର୍କ ତିକ୍ତତା ଆଡ଼କୁ ମୁହାଁଇଥିବା ବେଳେ ଏଭଳି ସମୟରେ ଟ୍ରମ୍ପ ଗୋର୍ଙ୍କୁ ଭାରତର ରାଷ୍ଟ୍ରଦୂତ ନିଯୁକ୍ତ କରିବାକୁ ବି ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ୩୮ ବର୍ଷୀୟ ଗୋର୍ ରକ୍ଷଣଶୀଳ ରାଜନୀତିରେ ଖୁବ୍ ଶୀଘ୍ର ଉଚ୍ଚକୁ ଉଠି ହ୍ୱାଇଟ୍ (୯ ପୃଷ୍ଠାରେ)

# ସମଲେଶ୍ୱରୀ ମନ୍ଦିରରେ ପହଞ୍ଚିଲା ନୂଆଁ ଧାନ



ସମ୍ବଲପୁର,୨୫।୮(ସବ୍ୟୁ): ଆସନ୍ତା ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଅର୍ଥାତ୍ ଅଗଷ୍ଟ ୨୮ରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ପର୍ବ ପାଳନ କରାଯିବ । ଏହି ଦିନ ପୂର୍ବାହ୍ଣ ୧୦ଟା ୩୩ରୁ ୧୦ଟା ୫୫ ମିନିଟ୍ ମଧ୍ୟରେ ବିଶୁଦ୍ଧ ତୁଳା ଲଗ୍ନେ ମକର ନବାଂଶେ ମାଁ ସମଲେଇଙ୍କ ଠାରେ ନବାହ୍ନ ଲାଗି ହେବ । ଅନ୍ୟ ଦେବାଦେବୀଙ୍କ ଠାରେ ନୂଆଁ ଲାଗିବା ପରେ ପଶ୍ଚିମ ଓଡିଶାବାସୀ ନୂଆଁ ଖାଇବାର ପରମ୍ପରା ରହିଛି । ଏହାକୁ ଦୃଷ୍ଟିରେ ରଖି ମାଁ ସମଲେଶ୍ୱରୀଙ୍କ ମନ୍ଦିରରେ ରବିବାର ନୂଆଁଧାନ ପହଞ୍ଚିଛି । ଏହା ମାଁଙ୍କ ଠାରେ ନବାନ୍ନ ଭୋଗ ଅର୍ପଣ ପାଇଁ ପ୍ରସ୍ତୁତ କରାଯିବ । ସମ୍ବଲପୁର ସହର ଉପକଣ୍ଠ ବଲବସପୁରର ଚାଷୀ ସୁବାଷ ବେହେରାଙ୍କ ପରିବାର ଏହି ନୂଆ ଧାନ ନେଇ ମନ୍ଦିରରେ ପହଞ୍ଚିଥିଲେ । ଏଥିସହ ସାରୁପତ୍ର ଓ କୁରେଇ ପତ୍ର ମଧ୍ୟ ଆଣିଥିଲେ । ମନ୍ଦିର ମୁଖ୍ୟ (୯ ପୃଷ୍ଠାରେ)

# ବାୟୁ ପ୍ରତିରକ୍ଷା ଯୁଦ୍ଧାସ୍ତ୍ର ପ୍ରଣାଳୀର ସଫଳ ପରୀକ୍ଷଣ

ବାଲେଶ୍ୱର,୨୫।୮(ସବ୍ୟୁ): ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ସମନ୍ୱତ ବାୟୁ ପ୍ରତିରକ୍ଷା ଯୁଦ୍ଧାସ୍ତ୍ର ପ୍ରଣାଳୀ (ଆଇଏଡିଡବ୍ଲୁଏସ)ର ପ୍ରଥମ ସଫଳ ପରୀକ୍ଷଣ ସମ୍ପନ୍ନ କରିଛି । ଓଡ଼ିଶା ଉପକୂଳରୁ ଶନିବାର ଅପରାହ୍ଣ ସାଢେ ୧୨ଟାରେ ଏହି ପରୀକ୍ଷଣ କରାଯାଇଥିଲା । ଆଇଏଡିଡବ୍ଲୁଏସ ଏକ ବହୁସ୍ତରୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଯେଉଁଥିରେ ସମସ୍ତ ସ୍ୱଦେଶୀ ତ୍ୱରିତ ମୁକାବିଲା କ୍ଷମତା ସମ୍ପନ୍ନ ଭୂପୃଷ୍ଠରୁ ଆକାଶମାର୍ଗକୁ ଲକ୍ଷ୍ୟ ଭେଦ କରିପାରୁଥିବା କ୍ଷେପଣାସ୍ତ୍ର ସଂଯୋଗ କରାଯାଇଛ । ଏହାଛଡ଼ା ଏଥିରେ ଉନ୍ନତ ଅତି ସ୍ୱଳ୍ପ ଦୂରଗାମୀ ବାୟୁ ପ୍ରତିରକ୍ଷା ପ୍ରଣାଳୀ (ଭିଏସଏଚଓଆରଏଡିଏସ) କ୍ଷେପଣାସ୍ତ୍ର ଏବଂ ଉଚ୍ଚ କ୍ଷମତାସମ୍ପନ୍ନ ଲେଜର ଆଧାରିତ ଲକ୍ଷ୍ୟଭେଦକାରୀ ଶକ୍ତିଶାଳୀ ଯୁଦ୍ଧାସ୍ତ୍ର (ଡିଇଡବ୍ଲୁ) ମଧ୍ୟ ଖଞ୍ଜା ହୋଇଛି ।

ଏହି କାର୍ଯ୍ୟକ୍ରମର ଅଗ୍ରଣୀ ପ୍ରୟୋଗଶାଳା ରୂପେ ମାନ୍ୟତା ଲାଭ କରିଥିବା ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ପ୍ରୟୋଗଶାଳା ଦ୍ୱାରା ବିକଶିତ ଏକ ସମନ୍ୱିତ କମାଣ୍ଡ ଏବଂ ନିୟନ୍ତ୍ରଣ କେନ୍ଦ୍ର ଦ୍ୱାରା ଅସ୍ତ୍ର ପ୍ରଣାଳୀର ସବୁ ଉପକରଣକୁ ସମନ୍ୱିତ ପରିଚାଳନା ଓ ନିୟନ୍ତ୍ରିତ କରାଯାଇଥାଏ । ଭିଏସଏଚଓଆରଏଡିଏସକୁ ରିସର୍ଚ୍ଚ ସେଣ୍ଟର ଇମାରତ ଦ୍ୱାରା ବିକଶିତ କରାଯାଇଥିବା ବେଳେ ଡିଇଡବ୍ଲୁକୁ ସେଣ୍ଟର ଫର୍ ହାଇ ଏନର୍ଜି ସିଷ୍ଟମ୍ସ ଆଣ୍ଡ ସାଇନ୍ସେସ୍ ଦ୍ୱାର ବିକଶିତ କରାଯାଇଛି । ଆକାଶମାର୍ଗ ପରୀକ୍ଷଣ ସମୟରେ ଦୁଇଟି ଉଚ୍ଚ ଗତିଶୀଳ ଫିକ୍ସଡ୍ ୱିଙ୍ଗ ମାନବବିହୀନ ଆକାଶମାର୍ଗର ଲକ୍ଷ୍ୟ ଏବଂ ଗୋଟିଏ ମଲ୍ଟି କ୍ୟାପ୍ଟର ଡ୍ରୋନ୍ ସମେତ ତିନୋଟି ଭିନ୍ନଭିନ୍ନ (୯ ପୃଷ୍ଠାରେ)

## ୪୮ ଘଣ୍ଟାରେ ଲଘୁଚାପ

# ୨୬ରୁ ୨୮ ପ୍ରବଳ ବର୍ଷିବ

ଭୁବନେଶ୍ୱର,୨୫।୮ (ସବ୍ୟୁ): ଲଘୁଚାପ ଅଭାବରେ ରାଜ୍ୟରେ ବର୍ଷା ଜାରି ରହିଛି । ପ୍ରବଳ ବର୍ଷା ଯୋଗୁ କେତେକ ନଦୀର ଜଳସ୍ତର ବୃଦ୍ଧି ପାଇଛି । ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝରରେ ସର୍ବାଧିକ ୯୧ ମିମି ବର୍ଷା ହୋଇଥିବା ବେଳେ ରାଉରକେଲାରେ ୪୫.୬ ମିମି, କେନ୍ଦ୍ରାପଡାରେ ୪୨ ମିମି ଓ ସୁନ୍ଦରଗଡ଼ରେ ୪୪ ମିମି ବର୍ଷା ରେକର୍ଡ ହୋଇଛି । ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ । ଏହା ପ୍ରଭାବରେ ଉତ୍ତର ଓଡ଼ିଶାରେ ୨୬ରୁ ୨୮ ତାରିଖ ମଧ୍ୟରେ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରିଛି ପାଣିପାଗ ।

ପାଣିପାଗ ବିଭାଗ କହିବା ଅନୁସାରେ, ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରର ଉପକୂଳ ଓଡ଼ିଶା ଓ ପଶ୍ଚିମବଙ୍ଗର ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଛି । ଏହା ପ୍ରଭାବରେ କେନ୍ଦ୍ରାପଡ଼ା, ଜଗତସିଂହପୁର, କନ୍ଧମାଳ, ଗଜପତି ଆଦି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି ।

ଆସନ୍ତାକାଲି (ସୋମବାର) କେନ୍ଦ୍ରାପଡ଼ ଓ ଜଗତସିଂହପୁର ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ଏହାସହ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ । ବାକି ଜିଲ୍ଲା ଗୁଡିକରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ । ୨୬ରେ କନ୍ଧମାଳ ଓ ଗଜପତି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଥିବା ବେଳେ ଗଞ୍ଜାମ, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ପ୍ରବଳ ବର୍ଷା ସହ ପବନର ବେଗ ଘଣ୍ଟା ପ୍ରତି ୩୪୦ କେମି ହୋଇପାରେ । ଆସନ୍ତା ୨୯ ତାରିଖ ଯାଏଁ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ ।

# ମାଓ ଡମ୍ପ ଠାବ: ମାଓବାଦୀ ଗିରଫ



ମାଲକାନଗିରି,୨୫।୮ (ସବ୍ୟୁ): ଛତିଶଗଡ଼ର ସୁକମାରେ ପୁଲିସ ଜଙ୍ଗଲରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ମାଓ ଡମ୍ପକୁ ଠାବ କରିଛି। ମାଓ ଡମ୍ପରୁ ବହୁ ପରିମାଣର ବିସ୍ଫୋରକ, ହତିଆର ଇତ୍ୟାଦି

## ବିସ୍ଫୋରକ-ବନ୍ଧୁକ ଜବତ

ଜବତ କରାଯାଇଛି। ବିଶେଷ ସୂତ୍ରରୁ ଖବର ପାଇ ସୁକମା ଜିଲ୍ଲା ପୁଲିସ, କୋବ୍ରା ଯବାନ, ସିଆରପିଏଫ ଯବାନ ବୋଟିଲଙ୍କା, ଇରାପାଲ୍ଲୀ, କୋଇମେଟା ଜଂଗଲରେ ସର୍ଚ୍ଚ ଅପରେସନ କରୁଥିଲେ। ତେବେ କୋଇମେଟା ଜଂଗଲରେ ମାଓ ଏକ ଡମ୍ପ କରି ସେଥିରେ ବିପୁଳ ପରିମାଣର ଦେଶୀ ବନ୍ଧୁକ ସହ ବିସ୍ଫୋରକ ଗଚ୍ଛିତ କରି ରଖିଥିଲେ। ଏହି ହତିଆର ଓ ବିସ୍ଫୋରକ ଗୁଡିକ ଆଗାମୀ ଦିନରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ଗଚ୍ଛିତ କରି ରଖାଯାଇଥିବା ପୁଲିସ କହିଛି।

ସୁକମା ଜିଲ୍ଲା ପୁଲିସ, କୋବ୍ରା ଯବାନ, ସିଆରପିଏଫ ଯବାନ ବୋଟିଲଙ୍କା, ଇରାପାଲ୍ଲୀ, କୋଇମେଟା ଜଙ୍ଗଲରେ ସର୍ଚ୍ଚ ଅପରେସନ କରୁଥିଲେ। ତେବେ କୋଇମେଟା ଜଙ୍ଗଲରେମାଓ ଏକ ଡମ୍ପ କରି ସେଥିରେ ବିପୁଳ ପରିମାଣର ଦେଶୀ ବନ୍ଧୁକ ସହ ବିସ୍ଫୋରକ ଗଚ୍ଛିତ କରି ରଖିଥିଲେ।

ସେହିପରି ନାରାୟଣପୁର ଜିଲ୍ଲାର ମାରକାବେଡା ଜଙ୍ଗଲରେ ଆଇଟିବିପି ଓ (୯ ପୃଷ୍ଠାରେ)

## ସର୍ବକ୍ଷମାରେ ଆବେଦନକାରୀ ହଇହଇା

# ବିଡିଏ ଫେରାଉନି ୭.୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା




ଭୁବନେଶ୍ୱର,୨୫।୮ (ସବ୍ୟୁ): ରାଜଧାନୀରେ ଘରଟିଏ ତିଆରି କରିବା ସମସ୍ତଙ୍କ ସ୍ୱପ୍ନ । ଘର ତିଆରି ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଠାରୁ ଅନୁମତି ନେବାକୁ ପଡିଥାଏ । ଏପରିକି କେତେକ ଲୋକ ବିଡିଏ ଠାରୁ ବିନା ଅନୁମତିରେ ଘର ଛିଡା କରିଛନ୍ତି । ସେଗୁଡିକୁ ସ୍ଥାୟୀ କରିବା ପାଇଁ

## ପିଏମ୍ ତାଗିଦ ପରେ ବି ଜେଟିପି ଫାଇଲ ଛାଡୁ ନାହାନ୍ତି

## ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିବେ

ବିଡିଏ ସର୍ବକ୍ଷମା ଯୋଜନା ଆରମ୍ଭ କରିଥିଲା । ଏହି ଯୋଜନା ୨୦୧୯ରେ ବନ୍ଦ ହୋଇଥିବା ବେଳେ ଏଥିରେ ଆବେଦନ କରିଥିବା କିଛି ଆବେଦନକାରୀ ଯୋଗ୍ୟ ବିବେଚିତ ହୋଇନଥିଲେ । ବର୍ତ୍ତମାନ ସୁଦ୍ଧା ୧୫ ଶହରୁ ଊର୍ଦ୍ଧ୍ୱ ଆବେଦନକାରୀ ସାଢ଼େ ୭ କୋଟି ଟଙ୍କାରୁ ଅଧିକ ପୈଠ କରିଥିଲେ ମଧ ୬ ବର୍ଷ ପୂରିବାକୁ ବସିଲାଣି, ହେଲେ ସେମାନଙ୍କୁ ଉକ୍ତ ଟଙ୍କା ବିଡିଏ ଫେରାଉନି ।

ବିଡିଏ ୨୦୧୯ରେ ଶେଷଥର ପାଇଁ ସର୍ବକ୍ଷମା ଯୋଜନା ଆଣିଥିଲା । ଏହି ଯୋଜନା ଅନ୍ତର୍ଗତ ୧୦ ହଜାରରୁ ଊର୍ଦ୍ଧ୍ୱ ଭୁବନେଶ୍ୱରବାସିନ୍ଦା ଘର ସ୍ଥାୟୀ ପାଇଁ ଆବେଦନ କରିଥିଲେ । ଆବେଦନ ପରେ ପ୍ରାୟ ୩,୮୦୦ରୁ ଊର୍ଦ୍ଧ୍ୱ ଆବେଦନକାରୀ ଏହି ନିୟମ ଅନ୍ତର୍ଭୁକ୍ତ ହୋଇନଥିଲେ । ପ୍ରତ୍ୟେକ ବ୍ୟକ୍ତି ପୂର୍ବରୁ ଚାଲାଣ ମାଧ୍ୟମରେ ୫୦ ହଜାରରୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଡିଏକୁ ଅଗ୍ରୀମ ଦେଇଥିଲେ । ସେଥିମଧ୍ୟରୁ ୨୦୦୦ ଆବେଦନକାରୀଙ୍କୁ ବିଡ଼ିଏ ଟଙ୍କା ଫେରସ୍ତ କରିସାରିଛି । କିନ୍ତୁ ବାକି ୧୫ ଶହରୁ ଊର୍ଦ୍ଧ୍ୱ ଆବେଦନକାରୀଙ୍କ ଟଙ୍କା ବିଡିଏ ନିକଟରେ ପଡି ରହିଛି । ସେମାନେ ବାରମ୍ବାର ବିଡିଏ ପ୍ଲାନିଂ ବିଭାଗକୁ ଏବାବଦରେ ଅଭିଯୋଗ କଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି । ଏହାରି ଭିତରେ ୬ ବର୍ଷ ପୂରିବାକୁ ବସିଲାଣି । ହେଲେ ଆବେଦନକାରୀଙ୍କ ଟଙ୍କା ଫେରସ୍ତ କରିବାକୁ ବିଡିଏର ପ୍ଲାନିଂ ବିଭାଗ ଜାଣିଶୁଣି ବିଳମ୍ବ କରୁଛି ।

ଆବେଦକାରୀଙ୍କ ୧୫ ଶହରୁ ଊର୍ଦ୍ଧ୍ୱ ଫାଇଲ୍ ବିଡ଼ିଏ ପ୍ଲାନିଂ ବିଭାଗର ଜୁନିୟର ଟାଉନ୍ ପ୍ଲାନର (ଜେଟିପି) ନମିତା ମହାନ୍ତି ଯାବୁଡି ରଖିଥିବା ଅଭିଯୋଗ ହେଉଛି । ତିନି ଦିନ ତଳେ ବିଡିଏ ପ୍ଲାନିଂ ମେମ୍ବର(ପିଏମ୍) ଏସମ୍ପର୍କରେ ଜାଣିବା ପରେ ଉକ୍ତ ଜେଟିପିଙ୍କୁ ତାଗିଦ କରିଥିଲେ । ସେ କହିଥିଲେ, ଏହାର ଏକ ସଠିକ୍ ଫର୍ମାଟ କରି ଲୋକଙ୍କ ଟଙ୍କା ଫେରାଅ । ତଥାପି ଜେଟିପି (୯ ପୃଷ୍ଠାରେ)



## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

# ରଘୁନାଥ ପାଣିଗ୍ରାହୀ

ଆଧୁନିକ ଯୁଗର ଜଣେ ଓଡ଼ିଶୀ କଣ୍ଠଶିଳ୍ପୀ ଭାବେ ରଘୁନାଥ ପାଣିଗ୍ରାହୀଙ୍କର ରହିଛି ଅନନ୍ୟ ଖ୍ୟାତି । ସେ ରାୟଗଡ଼ା ଜିଲ୍ଲାର ଗୁଣପୁର ସହରରେ ୧୯୩୪ ମସିହା ଅଗଷ୍ଟ ୧୦ ତାରିଖରେ ଜନ୍ମଗ୍ରହଣ କରିଥିଲେ । ସ୍ୱାଧୀନତା ସଂଗ୍ରାମୀ ପିତା ପଣ୍ଡିତ ନୀଳମଣି ପାଣିଗ୍ରାହୀଙ୍କଠାରୁ ସେ ୫ବର୍ଷ ବୟସରେ ସଂଗୀତ ଶିକ୍ଷା ଆରମ୍ଭ କରିଥିଲେ । ଏହାସହିତ ସେ ଅନ୍ୟ ଗୁରୁଙ୍କ ସହିତ ସଂଗୀତଜ୍ଞ ମଦୁ ପାତ୍ରୋ ରାଓଙ୍କଠାରୁ କର୍ଣ୍ଣାଟକୀ ସଂଗୀତ ଶିକ୍ଷା ଲାଭ କରିଥିଲେ । ଶେଷରେ ମାଡ୍ରାସରେ ପଣ୍ଡିତ ଡି. ଭି. ପାଲୁସକରଙ୍କଠାରୁ ହିନ୍ଦୁସ୍ତାନୀ କଣ୍ଠସଂଗୀତ ଶିକ୍ଷା କରି ଓଡ଼ିଶା ଫେରିଥିଲେ । ୧୯୪୮ ମସିହାରେ ରଘୁନାଥ ପାଣିଗ୍ରାହୀ ଆକାଶବାଣୀ କଟକ କେନ୍ଦ୍ରରେ ଜଣେ ନିୟମିତ କଳାକାର ଭାବେ ଯୋଗ ଦେଇଥିଲେ । ଅନେକ କଥାଚିତ୍ରରେ ସେ ଭଜନ, ଜଣାଣ ଏବଂ ଓଡ଼ିଶୀ ଛାନ୍ଦ, ଚମ୍ପୁ ଓ ଗଜଲ ଗାନ କରିଛନ୍ତି । ଏହାସହ ଦକ୍ଷିଣଭାରତୀୟ ଚଳଚ୍ଚିତ୍ରରେ କଣ୍ଠଦାନ ସହିତ ସଂଗୀତ ନିର୍ଦ୍ଦେଶନା ମଧ୍ୟ ପ୍ରଦାନ କରିଛନ୍ତି । ବିଶେଷ କରି ଓଡ଼ିଶୀ ସଂଗୀତ ସହିତ ଜଗନ୍ନାଥ ସଂସ୍କୃତି ଓ ଜୟଦେବଙ୍କ ଗୀତଗୋବିନ୍ଦର ପ୍ରଚାର ଓ ପ୍ରସାର ପାଇଁ ତାଙ୍କର ଭୂମିକା ଅନନ୍ୟ । ଶାସ୍ତ୍ରୀୟ ଶୈଳୀରେ ଗୀତଗୋବିନ୍ଦ ଗାନ କରି ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଅର୍ଜନ କରିଥିଲେ । ସେ ଏକାଧାରରେ ଓଡ଼ିଶୀ, ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ ପଦ୍ଧତିରେ ସଙ୍ଗୀତ ଗାନ କରି ଯଥେଷ୍ଟ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କର ସୁମଧୁର ଗାୟନ ତାଙ୍କୁ ସୁରମଣି ବୋଲି ପରିଚିତ କରିଥିଲା । ସଙ୍ଗୀତ ପାଇଁ ଥିବା ତାଙ୍କର ମହାନ ଦାନ ପାଇଁ ତାଙ୍କୁ ୨୦୧୦ରେ ପଦ୍ମଶ୍ରୀ ସହିତ ଆହୁରି ଅନେକ ସମ୍ମାନରେ ସମ୍ମାନୀତ କରାଯାଇଛି । ଏହି ମହାନ ଗୁରୁଙ୍କର ଅଗଷ୍ଟ ୨୫, ୨୦୧୩ରେ ଦେହାନ୍ତ ହୋଇଥିଲା ।

## ସୋସିଆଲ କୋଟ୍ସ



"ମୁଁ କ୍ୟାରିୟରରେ ଅନେକ ପ୍ରକାରର ଷ୍ଟ୍ରଗଲ କରିଛି । ଏଥିରେ କାଷ୍ଟିଂ କାଉଚ୍ ମଧ୍ୟ ସାମିଲ ଅଛି । ଏଭଳି ପରସ୍ଥିତି ଆସିଥିଲା କି ମୁଁ ଆତ୍ମହତ୍ୟା ପାଇଁ ଭାବିଥିଲି ।

ଅଭିଷେକ କୁମାର, ଅଭିନେତା

"ଯଦି ଜଣେ ବ୍ୟକ୍ତି ନିଜ ଫିଲ୍ମ ବିଷୟରେ ଏତେ ଭାବିଥାଏ ଏବଂ ଜଣେ ଅଭିନେତା ଙ୍କ ଭୁଲ ପାଇଁ ଏହା ଖରାପ ହେବା ଆରମ୍ଭ ହୋଇଥାଏ । ତେବେ ସେହି ବ୍ୟକ୍ତି ରାଗିବା ସ୍ୱାଭାବିକ । ତେଣୁ ସଞ୍ଜୟ ସାର ନିଜ ସ୍ଥାନରେ ଠିକ୍ ।

ଛାୟା କଦମ, ଅଭିନେତ୍ରୀ





"କ୍ୟାରିୟରେ ଖୁବ ଆଗକୁ ଯିବାକୁ ଇଚ୍ଛା ଅଛି । ଅଭିନୟ କରି ସବୁବେଳେ ଖୁସି ପାଇଥାଏ । ମୁଁ ମୋର ପ୍ରଥମ ଆୟ ମା'ଙ୍କୁ ଦେଇଥିଲି, ଯାହା ଖୁବ ଖୁସି ଦେଇଥିଲା ।

ଜ୍ଞାନେନ୍ଦ୍ର ତ୍ରିପାଠୀ, ଅଭିନେତା

# ନିଦ ପାଇଁ ଭଲ ଯୋଗ

ନିକଟରେ ହୋଇଥିବା ଏକ ଗବେଷଣାରେ ମିଳିଥିବା ତଥ୍ୟ ଅନୁସାରେ ହାଇ ଇଣ୍ଟେନସିଟି ବା ଉଚ୍ଚ ତୀବ୍ରତା ଯୋଗ ଆମ ଶରୀର ପାଇଁ ଖୁବ ଲାଭ ଦାୟକ ହୋଇଥାଏ । ଏହା ବିଶେଷଭାବେ ଆମର ନିଦ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ । ଏହି ସଂକ୍ରାନ୍ତରେ ହୋଇଥିବା ଗବେଷଣାରେ ପାଖାପାଖି ୩ ହଜାର ଲୋକ ଭାଗ ନେଇଥିଲେ । ଏହି ବ୍ୟକ୍ତିମାନେ ନିଦ୍ରା ହିନତା ରୋଗରେ ପିଡିତ ଥିଲେ, ଯାହାକୁ ଏହି ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା । ଏମାନଙ୍କୁ ପ୍ରତିସପ୍ତାହରେ ଦୁଇଦିନ ଧରି ୩୦ ମିନିଟ୍‌ରୁ କମ ସମୟ ପାଇଁ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା । ତେବେ ସେମାନେ ଏହା କରିବା ପରେ ଖୁବ ଉପଶମ ପାଇଥିବା ପ୍ରକାଶ କରିଥିଲେ । ମାତ୍ର ୮ରୁ ୧୦ ସପ୍ତାହ ପରେ ହିଁ ସେମାନଙ୍କୁ ସୁଫଳ ମିଳିବା ଆରମ୍ଭ ହୋଇଥିଲା । ତେଣୁ ଯୋଗ ଆମ ନିଦ୍ରାହିନତା ପାଇଁ ଖୁବ ଉତ୍ତମ ସମାଧାନ ବୋଲି ଏଥିରେ ଜଣା ପଡିଛି ।



## ଇତିହାସ

୧୮୬୭– ବିଶ୍ୱର ପ୍ରଥମ ଇଲେକ୍ଟ୍ରିକାଲ୍ ଜେନେରେଟର ଆବିଷ୍କାର କରିଥିବା ଭୌତିକ ବିଜ୍ଞାନୀ ମାଇକେଲ୍ ଫାରାଡେଙ୍କ ପରଲୋକ ।

୧୯୨୬– ପଞ୍ଚମ ଲୋକସଭା ସଦସ୍ୟ ବାବୁରାଓ କାଲେଙ୍କ ଜନ୍ମ ।

୧୯୫୭– ବିଶ୍ୱ କପ୍ ଜିତିଲା ଭାରତୀୟ ପୋଲୋ ଟିମ୍ ।

୧୯୭୨– ପ୍ରସିଦ୍ଧ ଭାରତୀୟ ସାହିତ୍ୟିକ ତଥା ଅଜମେର୍‌ର ପୂର୍ବତନ ରାଷ୍ଟ୍ରପତି ହରିଭାଉ ଉପାଧ୍ୟାୟଙ୍କ ଦେହାନ୍ତ ।


୧୯୯୭– ମାସୁମା ଇବତେକାର ଇରାନ୍‌ର ପ୍ରଥମ ମହିଳା ଉପରାଷ୍ଟ୍ରପତି ହେଲେ ।

୨୦୦୩– ମୁମ୍ବାଇରେ କାର୍ ବୋମା ବିସ୍ଫୋରଣ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ।

୨୦୧୨– ଚନ୍ଦ୍ରପୃଷ୍ଠରେ ପ୍ରଥମକରି ପାଦ ଦେଇଥିବା ନିଲ୍ ଆର୍ମଷ୍ଟ୍ରଙ୍ଗ୍‌ଙ୍କ ପରଲୋକ ।

୨୦୧୮– ଜାକର୍ତ୍ତା ଅଲିମ୍ପିକ୍‌ରେ ରେକର୍ଡ ପ୍ରଦର୍ଶନ ରୂପକ ଭାରତର ଶଟ୍‌ପୁଟ୍ ଖେଳାଳି ତେଜିନ୍ଦରପାଲ ସିଂହଙ୍କୁ ସ୍ୱର୍ଣ୍ଣ ପଦକ ।

## ବିଗ୍‌ବସ୍‌ର ନୂଆ ଘର




୨୪ ତାରିଖରେ ଆରମ୍ଭ ହୋଇଛି ବିଗ୍‌ବସର ନୂତନ ସିଜିନ୍ । ସବୁସିଜିନ୍ ଭଳି ଏହି ସିଜିନ୍‌କୁ ନେଇ ଖୁବ ଚର୍ଚ୍ଚା ଲାଗି ରହିଛି । ତେବେ ଚଳିତ ଥର ନିଜ ପ୍ରତିଯୋଗୀ ଓ ହୋଷ୍ଟଙ୍କ ସହିତ ବିଗ୍ ବସ୍ ହାଉସ୍‌ର ଥିମ୍‌କୁ ନେଇ ବେଶି ଚର୍ଚ୍ଚା ହେଉଛି । ଏଥର ବିଗ୍ ବସ ହାଉସକୁ ଡେମୋକ୍ରାଟିକ ଥିମ୍‌ରେ ପ୍ରସ୍ତୁତ କରାଯାଇଛି । ଶୋ ଆରମ୍ଭ ହେବା ପୂର୍ବରୁ ଏହାର ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି, ଯାହା ଖୁବ ଭାଇରାଲ ହେବାରେ ଲାଗିଛି । ପ୍ରତି ବର୍ଷ ଏହି ଶୋରେ କିଛି ନୂଆ ଦେଖିବାକୁ ମିଳିଥାଏ । ଲୋକତନ୍ତ୍ର ଥିମ୍‌ରେ ପ୍ରସ୍ତୁତ ହୋଇଥିବା ଏହି ଘରକୁ ଦର୍ଶକ ଖୁବ ଭଲପାଇବା ଦେଉଥିବା ଦେଖିବାକୁ ମିଳୁଛି । ପ୍ରତିଟି ସ୍ଥାନକୁ ଏଥର ଖୁବ ନିଆରା ଓ ସ୍ୱତନ୍ତ୍ରଭାବେ ନିର୍ମାଣ କରାଯାଇଛି, ଯେପରି ଦର୍ଶକଙ୍କୁ ଏହା ଖୁବ ଭଲ ଲାଗିବ । ସେହିଭଳି ଏହି ଶୋରେ ପ୍ରତିସିଜିନ ଠାରୁ କିଛି ଭିନ୍ନ ଦେଖିବାକୁ ମିଳିବ ବୋଲି ମେକର୍ସ ମତ ଦେଇଛନ୍ତି । ଶୋକୁ ନେଇ ଗଣମାଧ୍ୟମ ଠାରୁ ସୋସିଆଲ ମିଡିଆ ପର୍ଯ୍ୟନ୍ତ ସବୁଆଡେ ଚର୍ଚ୍ଚା ଜାରି ରହିଛି ।

# ସମୃଦ୍ଧି ଆଣେ ନଡ଼ିଆ

ନଡିଆକୁ ଶ୍ରୀଫଳ ଭାବେ ବିବେଚନା କରାଯାଇଥାଏ । ସବୁ ମନ୍ଦିରରେ ପୂଜାରେ ନଡିଆକୁ ଭୋଗ ରୂପେ ଅର୍ପଣ କରାଯାଇଥାଏ । ତେବେ କେବଳ ପୂଜା ନୁହେଁ ବାସ୍ତୁ ଶାସ୍ତ୍ରରେ ମଧ ନଡିଆକୁ ନେଇ ବିଭିନ୍ନ ଉପାୟ ରହିଛି । ଯାହାକୁ ମାନିବା ଦ୍ୱାରା ଆମକୁ ଶୁଭ ଫଳ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି ।



♣ବିଶ୍ୱାସ ଅନୁସାରେ ବରଗଛରେ ଲାଲ ରଙ୍ଗର କପଡାରେ ନଡ଼ିଆ ବାନ୍ଧି ଟାଙ୍ଗନ୍ତୁ । ଏହାସହ ଗଛ ତଳେ ଦୀପ ଜାଳନ୍ତୁ । ଏପରି କରିବା ଦ୍ୱାରା ଆର୍ଥିକ ପରିସ୍ଥିତିରେ ସୁଧାର ଆସିବ ବୋଲି ବାସ୍ତୁରେ ବର୍ଣ୍ଣନା ରହିଛି ।

♣ଘରେ ଆର୍ଥିକ ସମସ୍ୟା ସହ ପରିବାର ସଦସ୍ୟ ଋଣ ଭାରରେ ବୁଡି ରହିଥିଲେ ଏଥିରୁ ନିସ୍ତାର ଲାଗି ନଡିଆ ଗଛ ଲଗାନ୍ତୁ । ବିଶ୍ୱାସ ଅନୁସାରେ ଏପରି କରିବା ଦ୍ୱାରା ଋଣ ସମସ୍ୟା ଧୀରେ ଧୀରେ ସମାଧାନ ହୋଇଯାଇଥାଏ ।

♣ବାସ୍ତୁ ଅନୁସାରେ ନଡ଼ିଆରେ କଳା ଟିକା ଲଗାଇ ଏହାକୁ ଘରର ସବୁ କୋଣରେ ବୁଲାଇ ଆଣନ୍ତୁ । ଏପରି କରିବା ଦ୍ୱାରା ଘରେ ଶାନ୍ତ ବାତାବରଣ ସହିତ ହସଖୁସି ଲାଗି ରହିବ ।

# ଟ୍ରୋଲରଙ୍କୁ ଜବାବ

ଅନେକ ସମୟରେ ମୌନି ରୟଙ୍କୁ ନିଜ ଲୁକ୍‌କୁ ନେଇ ଟ୍ରୋଲ ହେବାକୁ ପଡିଥାଏ । ନିକଟରେ ତାଙ୍କର ସର୍ଜରୀ ପରେ ତାଙ୍କୁ ଅନେକ ଲୋକ ଟ୍ରୋଲ କରୁଥିବାର ଦେଖିବାକୁ ମିଳିଥିଲା । ସର୍ଜରୀ ପରେ ତାଙ୍କ ଲୁକ ଖରାପ ହୋଇଥିବାନେଇ ଏହି ଟ୍ରୋଲରମାନେ ମତ ଦେଇଥିଲେ । ଏପରି କି ତାଙ୍କୁ ଆହୁରି ଭଲ ସର୍ଜନଙ୍କ ପାଖରେ ନିଜର ସର୍ଜରୀ କରାଇବା ପାଇଁ । ତେବେ ଅନେକଦିନ ଧରି ଟ୍ରୋଲିଂ ହେବାପରେ ନିକଟରେ ନିଜ ମୁହଁ ଖୋଲିଛନ୍ତି ମୌନି । ନିକଟରେ ନିଜ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରି ଏନେଇ ମୌନି ମତ ରଖିଛନ୍ତି । ୟୁଜର୍ସଙ୍କୁ ଅନ୍ୟମାନଙ୍କ ଭିତରେ ଭଲପାଇବା ବାଣ୍ଟିବାକୁ ସେ ପରାମର୍ଶ ଦେଇଛନ୍ତି । ସବୁବେଳେ ଅନ୍ୟମାନଙ୍କୁ ନିଚ୍ଚା ଦେଖାଇ ଜୀବନରେ କିଛି ହାସଲ ହୋଇ ନଥାଏ, ତେଣୁ ଅନ୍ୟମାନଙ୍କ କଥାରେ ନ ପଶି ନିଜ ଜୀବନରେ ଧ୍ୟାନ ଦେବାକୁ ସେ ଅନୁରୋଧ କରିଛନ୍ତି । ନିଜ ଜୀବନରେ କିଭଳି କିଛି ଭଲ କାର୍ଯ୍ୟ କରିବେ ସେନେଇ ଚେଷ୍ଟା କରନ୍ତୁ ବୋଲି ମୌନି ମତ ଦେଇଛନ୍ତି ।



## ହସ କଥା

ଗୁରୁଜୀ: ଝିଅଙ୍କୁ ଯଦି ପର ଧନ, ତେବେ ପୁଅଙ୍କୁ କ'ଣ କୁହାଯିବ ?

ରାଜୁ: ଗୁରୁଜୀ, ଚୋର !

ଗୁରୁଜୀ: କେମିତି ?

ରାଜୁ: କାରଣ ଚୋରଙ୍କ ନଜର ସବୁବେଳେ ପର ଧନ ଉପରେ ହିଁ ରହିଥାଏ ।




# ନଡିଆ ରାବିଡି

**ସାମଗ୍ରୀ–** ଏକ ଲିଟର ଫୁଲ୍ କ୍ରିମ ମିଲ୍କ, ଅଧା କପ୍ କୋରା ନଡିଆ, ଅଧା କପ ଖୋୟା, ଚିନି, କାଜୁ, ଗୁଜୁରାତି ଗୁଣ୍ଡ, କଟା ଡ୍ରାଏଫ୍ରୁଟ୍ସ, କେଶର, ଗୋଲାପ ପାଖୁଡା ।

**ପ୍ରଣାଳୀ–** ପ୍ରଥମେ ଛୋଟିଆ ପାତ୍ରରେ କାଜୁ ବଟୁରାଇ ନିଅନ୍ତୁ । ଏହାପରେ ଗୋଟିଏ ପ୍ୟାନରେ ଖୀର ଗରମ କରନ୍ତୁ । ଏହାକୁ ଅଧିକ ସମୟ ଫୁଟାଇ ସିଝିବାକୁ ଛାଡି ଦିଅନ୍ତୁ । ଏହାକୁ ମଝିରେ ମଝିରେ ଗୋଳାନ୍ତୁ । ସିଝିବା ପରେ ଏଥିରେ ଖୋୟା ଓ କେଶର ମିଶାନ୍ତୁ । କିଛି ସମୟରେ ଏଥିରେ ନଡିଆ କୋରା ଓ ଚିନି ମିଶାନ୍ତୁ । ଏହାପରେ କାଜୁ ବଟା ମିଶାନ୍ତୁ । ମଝିରେ ମଝିରେ ଏହି ମିଶ୍ରଣକୁ ଗୋଳାନ୍ତୁ । କିଛି ସମୟରେ ପରେ ଏଥିରେ ଗୁଜୁରାତି ଗୁଣ୍ଡ ପକାଇ ଫ୍ଲେମକୁ ବନ୍ଦ କରି ଦିଅନ୍ତୁ । ଏହାକୁ ଥଣ୍ଡା ହେବା ପାଇଁ ଛାଡି ଦିଅନ୍ତୁ । ଥଣ୍ଡା ହେବାପରେ ଏହାକୁ ଫ୍ରିଜ୍‌ରେ ରଖି ଥଣ୍ଡାଥଣ୍ଡା ପରଷନ୍ତୁ କୋକନଟ୍ ରାବେଡି ।

### ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୬୪ତମ ପ୍ରତିଷ୍ଠା ଦିବସ

# ଛାତ୍ର-କୃଷକଙ୍କ ମଧ୍ୟରେ କୃଷି ଉଦ୍ୟମିତାକୁ ପ୍ରୋତ୍ସାହିତ ଲାଗି ଓୟୁଏଟି ଭୂମିକା ନିର୍ବାହ କରୁ : ରାଜ୍ୟପାଳ




ଭୁବନେଶ୍ୱର (ସବ୍ୟୁ) : ଛାତ୍ରଛାତ୍ରୀ, କୃଷକମାନଙ୍କ ମଧ୍ୟରେ ତଥା ସମାଜରେ କୃଷି ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା ପାଇଁ ଓୟୁଏଟି ଅଗ୍ରଣୀ ଭୂମିକା ନିର୍ବାହ କରୁ । ବିଭିନ୍ନ ପ୍ରକାର କୃଷି ଉଦ୍ୟୋଗ ନିମନ୍ତେ ବ୍ୟୟ ଆକଳନ, ଜମି ଓ ବିଦ୍ୟୁତର ଆବଶ୍ୟକତା, ଆୟ ଆକଳନ ଏବଂ ବିଭିନ୍ନ ସବ୍‌ସିଡି ଯୋଜନା ସମ୍ପର୍କରେ ତଥ୍ୟ ରଖି ପ୍ରକଳ୍ପ ପ୍ରୋଫାଇଲ୍ ପ୍ରସ୍ତୁତ କରନ୍ତୁ । ଏହାଦ୍ୱାରା ଛାତ୍ରଛାତ୍ରୀ ଓ କୃଷକମାନଙ୍କୁ କୃଷିଭିତ୍ତିକ ଉଦ୍ୟୋଗଗୁଡ଼ିକର ଆର୍ଥିକ ସମ୍ଭାବନା ବୁଝିବାରେ ସହାୟକ ହେବ । ସେମାନଙ୍କୁ ଏପରି ଉଦ୍ୟୋଗ ଗୁଡିକୁ ଆପଣାଇବା ନିମନ୍ତେ ଉତ୍ସାହିତ କରିବ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି । ରବିବାର ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୬୪ ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ଉଦବୋଧନ ଦେଇ କହିଥିଲେ, ବିଭିନ୍ନ ଜିଲ୍ଲାଗସ୍ତ ସମୟରେ ପରିଦର୍ଶନ କରିଥିବା କୃଷି ବିଜ୍ଞାନ କେନ୍ଦ୍ର ସମ୍ପର୍କରେ ରାଜ୍ୟପାଳ ନିଜର ଉପଲବ୍ଧି ଅବତାରଣା କରି ଚାଷୀମାନଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ପ୍ରଦାନ କରାଯାଉଥିବା ତାଲିମକୁ ପ୍ରଶଂସା କରିଥିଲେ । ତାଲିମ ନେବା ପରେ ଅଳ୍ପ କେତେଜଣ ଚାଷୀ ଔଦ୍ୟୋଗିକ କାର୍ଯ୍ୟକଳାପ କରୁଥିବା ପରିଲକ୍ଷିତ ହେଉଛି । ଯଦି ସମସ୍ତଙ୍କୁ ପ୍ରକଳ୍ପ ପ୍ରୋଫାଇଲ୍ ଦିଆଯାଇ ମାର୍ଗଦର୍ଶନ କରାଯାଏ, ତାହେଲେ କୃଷି ଉଦ୍ୟୋଗ କାର୍ଯ୍ୟକଳାପରେ ଅଂଶଗ୍ରହଣ ବୃଦ୍ଧି ପାଇବ ବୋଲି ରାଜ୍ୟପାଳ କହିଥିଲେ । ଓୟୁଏଟି ଭଳି ପ୍ରତିଷ୍ଠାନ ଗୁଡିକ ଦକ୍ଷ ମାନବ ସମ୍ବଳ ଏବଂ ଅଭିନବ ସମାଧାନ କୌଶଳର ବିକାଶ କରିବା ସହିତ ଜଳବାୟୁ ପରିବର୍ତ୍ତନ, ବଜାରର ହ୍ରାସ-ବୃଦ୍ଧି ଭଳି ଆହ୍ୱାନକୁ ମୁକାବିଲା କରିବାରେ ସହାୟକ ହେବେ । ପ୍ରକ୍ରିୟାକରଣ, ଭାଲ୍ୟୁ ଆଡିସନ, ମାର୍କେଟିଂ ଏବଂ ରପ୍ତାନୀରେ କୃଷିର ବର୍ଦ୍ଧିତ ପରିସର ଉପରେ ଆଲୋକପାତ କରି ସଠିକ୍ କୃଷି, ଜୈବ ପ୍ରଯୁକ୍ତି ବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା ଏବଂ ସ୍ଥାୟୀ ସମ୍ବଳ ପରିଚାଳନା ଉପରେ ଅଧିକ ଧ୍ୟାନ ଦେବାକୁ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ ।


ଏହି ସମାରୋହରେ ଉପମୁଖ୍ୟ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସମାବେଶକୁ ସମ୍ବୋଧିତ କରିଥିଲେ ଏବଂ ଜୈବିକ କୃଷିର ଗୁରୁତ୍ୱ ଉପରେ ଆଲୋକପାତ କରି ଭାରତ କିପରି ଏକ ଆମଦାନୀକାରୀ ରାଷ୍ଟ୍ରରୁ ଏକ ରପ୍ତାନୀକାରୀ ରାଷ୍ଟ୍ରରେ ପରିଣତ ହୋଇଛି ତାହା ଅବତାରଣା କରିଥିଲେ । ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ନିଜ ବକ୍ତବ୍ୟରେ ଚାଷ ଓ ଚାଷୀର ଉନ୍ନତି ପାଇଁ ନିଆଯାଉଥିବା ପଦକ୍ଷେପ ଏବଂ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଉଲ୍ଲେଖ କରିଥିଲେ । ଭୁବନେଶ୍ୱରର ଏକାମ୍ର ବିଧାୟକ ବାବୁ ସିଂହ ଏବଂ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମଧ୍ୟ ଏହି ସମାରୋହରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଡିନ୍ ସମ୍ପ୍ରସାରଣ ଶିକ୍ଷା ଡ. ପ୍ରସନ୍ନଜିତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ରେଜିଷ୍ଟ୍ରାର ପ୍ରତିଭା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସ୍ମାର୍ଟ ଚାଷୀ, ବିଭିନ୍ନ କ୍ଷେତ୍ର ରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ, ଅଧିକାରୀ, କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ପୁସ୍ତିକା ଉନ୍ମୋଚିତ ହୋଇଥିଲା ।

### ଦନ୍ତା ହାତୀକୁ ତୀରବିଦ୍ଧ କଲେ ଦୁର୍ବୃତ୍ତ

# ସଂକ୍ରମଣ ଆଶଙ୍କା ବଢୁଥିବା ବେଳେ ଯନ୍ତ୍ରଣାରେ ଛଟପଟ ହେଉଛି ହାତୀ

ବେତନଟୀ (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜ ଅଧୀନ ବଡ଼ାମପୁର ସ୍ଥିତ ଜାମଶୂଳି ନିକଟସ୍ଥ ନାଗବନ୍ଧ ଠାରେ ରବିବାର ହାତୀକୁ କିଛି ଦୁର୍ବୃତ୍ତ ତୀରବିଦ୍ଧ ଘଟଣା ସାରା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ପରବେଶପ୍ରେମୀ ଦୁଃଖ ପ୍ରକାଶ କରିଛନ୍ତି । ଗତବର୍ଷ ୨୦୨୪ ମସିହା ସେପ୍ଟେମ୍ବର ୧୧ତାରିଖ ରାତିରେ ସେହି ଜାମଶୁଳୀ ଠାରେ ହାତୀପଲ ଦାଉରୁ ଫସଲକୁ ରକ୍ଷା କରିବାକୁ ବିଛାଯାଇଥିବା ବିଦ୍ୟୁତ ତାର ଆଘାତରେ ଏକ ବିଶାଳ ମାଈହାତୀର ମୃତ୍ୟୁ ଘଟିଥିଲା । ବେତନଟୀ ରେଞ୍ଜ ଅଧୀନରେ ଥିବା ସମସ୍ତ ପାଞ୍ଚଟି ସଂରକ୍ଷିତ ଜଙ୍ଗଲ ଇଲାକା ମଧ୍ୟରେ ୫୪ଟି ହାତୀ ବିଚରଣ କରୁଥିବା ବେଳେ ପ୍ରାୟ ସପ୍ତାହକ ପାଖାପାଖି ପୂର୍ବରୁ ବେତନଟୀ ରେଞ୍ଜ ଅଧୀନ ବଡାମପୁର ଜଙ୍ଗଲକୁ ୩୫ଟିକିଆ ହାତୀପଲ ପ୍ରବେଶ କରିଥିଲେ । ସନ୍ଧ୍ୟା ହେବାମାତ୍ରେ ହାତୀପଲ ଖାଦ୍ୟ ଅନ୍‌ବେଷଣରେ ଧାନକ୍ଷେତ ମୁହଁ ମୁହାଁ ଅଗ୍ରସର ହେଉଥିଲେ । ରାତି ସାରା ଧାନକ୍ଷେତରେ ବ୍ୟାପକ କ୍ଷୟକ୍ଷତି ଘଟାଉଥିବା ବେଳେ ଭୋର ସମୟରେ ପୁନର୍ବାର ଜଙ୍ଗଲକୁ ପ୍ରତ୍ୟାବର୍ତ୍ତନ କରିଯାଇଥାନ୍ତି। ତେବେ ବଡାମପୁର ଜଙ୍ଗଲରେ ରହଣି ମଧ୍ୟରେ ଏକ ମଧ୍ୟ ବୟସ୍କ ହାତୀକୁ ତୀରବିଦ୍ଧ କରାଯାଇଥିବା ନେଇ ରବିବାର ଅପରାହ୍ନରେ ଦେଖିବାକୁ ମିଳିଛି ।

ବେତନଟୀ ରେଞ୍ଜ ତଥା ବେତନଟୀ ବ୍ଲକ ଅଧୀନ ସଇତପୁର ପଞ୍ଚାୟତର ଜାମଶୁଳୀ ଗାଁ ମୁଣ୍ଡ ନାଗବନ୍ଧ ନିକଟରେ କିଛି ହାତୀ ଧାନ ଖାଇବାକୁ ଜଙ୍ଗଲରୁ ବାହାରିଥିବା ବେଳେ ତୀରବିଦ୍ଧ ହୋଇଥିବାର ଦେଖିବାକୁ ମିଳିଛି । ତୀର ହାତୀ



ଶରୀରରେ ପଶି ରହିଥିବା ବେଳେ ସେଥିରୁ ରୁ ରକ୍ତସ୍ରାବ ହେଉଥିବାର ଦେଖିବାକୁ ମିଳିଛି । ଯନ୍ତ୍ରଣାରେ ଛଟପଟ ତୀରବିଦ୍ଧ ମଧ୍ୟ ବୟସ୍କ ହାତୀଟି ହାତୀପଲ ଠାରୁ ସାମାନ୍ୟ ଦୂରତା ବଜାୟ ରଖି ଥିବା ବେଳେ ସ୍ୱଭାବିକ ଭାବରେ ଚଳ ପ୍ରଚଳ ମଧ୍ୟ କରିପାରୁ ନଥିବା ବାର ଦେଖିବାକୁ ମିଳିଛି । ଏପଟେ ଲଘୁଚାପଜନିତ ଲଗାଣ ବର୍ଷା ପାଇଁ ରକ୍ତସ୍ରାବ ହେଉଥିବା ତୀରବିଦ୍ଧ ସ୍ଥାନରେ ବର୍ଷାପାଣି ଲାଗି ସଂକ୍ରମଣର ମଧ୍ୟ ଆଶଙ୍କା ଦେଖା ଦେଇଛି । ଏନେଇ ବେତନଟୀ ରେଞ୍ଜର ମନୁଓର ଖାଁଙ୍କୁ ଯୋଗାଯୋଗ କରିବାରୁ ସେ ସ୍ଥିତି ଅନୁଧ୍ୟାନ ପାଇଁ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ହାତୀ ଗୁଡିକ ଜଙ୍ଗଲ ଭିତରକୁ ପଳାଇ ଯାଇଥିଲେ ଏବଂ ତୀରବିଦ୍ଧ ହାତୀକୁ ମୁଖ୍ୟ ଦଳରୁ ଚିହ୍ନଟ କରିବା ସହିତ ଏହାର ସମ୍ପୂର୍ଣ୍ଣ ଗତି ବିଧି ଯାଞ୍ଚପରେ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି । ତେବେ ହାତୀପଲ ସନ୍ଧ୍ୟା ହେବାମାତ୍ରେ ଜଙ୍ଗଲରୁ ବାହାରି ଧାନକ୍ଷେତରେ ପ୍ରବେଶକରି ବ୍ୟାପକ ଧାନ ଫସଲ ନଷ୍ଟ କରୁଥିବାର ଏଥିରେ ଅତିଷ୍ଠ ହୋଇ କେହି ସନ୍ଦିଗ୍ଧ ହାତୀପଲ ଉପରକୁ ତୀରବିଦ୍ଧ କରିଥିବାର ଅନୁମାନ କରାଯାଉଛି । ତେବେ ହାତୀକୁ ତୀରବଦ୍ଧ ଘଟଣା ଶୁଣିବାପରେ ବେତନଟୀ ବନବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି ।

# ଜଗନ୍ନାଥ ବଲ୍ଲଭ ପର୍କିଂରୁ ତଳକୁ ପଡ଼ିଲା ବୋଲେରୋ

ପୁରୀ, (ସବ୍ୟୁ): ରବିବାର ଅପରାହ୍ନରେ ମାର୍କେଟ ଛକ ସ୍ଥିତ ଜଗନ୍ନାଥ ବଲ୍ଲଭ ମଲ୍ଟି ଲେବଲ୍ କାର ପାର୍କିଂ ରେ ଅଘଟଣ ଘଟିଛି। ପାର୍କିଂର ପ୍ରଥମ ମହଲାରୁ ଏକ ବୋଲେରୋ ଗାଡ଼ି ତଳକୁ ଖସି ପଡ଼ିବାରୁ ଗାଡ଼ିଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି । ଦୁର୍ଘଟଣାରେ ଗାଡ଼ି ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ପୁରୀ ମେଡିକାଲରେ ଭର୍ତ୍ତି ହୋଇ ଥିବା ଜଣା ପଡିଛି। ଆହତ ହୋଇଥିବା ଡ୍ରାଇଭର ହେଉଛନ୍ତି ଭଦ୍ରକ ଧାମରା ମେରାଇନ ଥାନା ବଳଭଦ୍ର ପ୍ରସାଦ ଗ୍ରାମର ସଞ୍ଜୟ ସେଠୀ। ତେବେ କିଭଳି କେଉଁ ପରିସ୍ଥିତିରେ ଗାଡିଟି ଏକ ମହଲା ରୁ ତଳକୁ ଖସି ପଡିଲା ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ।

ଅନ୍ୟପଟେ ଶ୍ରୀ ଜଗନ୍ନାଥ ବଲ୍ଲଭ ମଲ୍ଟି ଲେବଲ କାର ପାର୍କିଂରେ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ଥିବା ଜଣାପଡ଼ିଚି। କାର ପାର୍କିଂର ଛାତ ଚାରିପଟେ ସୁରକ୍ଷା ପ୍ରାଚୀର ରହିବା ଦରକାର। ହେଲେ ବୋଲେରୋ ଯେଉଁ ଜାଗା ରୁ ତଳକୁ ଖସି ପଡ଼ିଛି ସେହି ପଟେ ଛାତରେ ସୁରକ୍ଷା ପ୍ରାଚୀର ନ ଥିଲା। ଯଦି ସୁରକ୍ଷା ପ୍ରାଚୀର ଥାନ୍ତା ଏହି ଭଳି ଅଘଟଣ ହୋଇ ନ ଥାନ୍ତା। ସୌଭାଗ୍ୟ ବସତ୍ କରି ଯାତ୍ରୀ ଉକ୍ତ ଗାଡ଼ିରେ ନଥିଲେ। ନହେଲେ ଅନେକ ଯାତ୍ରୀ ମୃତାହତ ହୋଇଥାଆନ୍ତେ। ତେବେ ଜଗନ୍ନାଥ ବଲ୍ଲଭ ପାର୍କିଂ ରେ ଉପଯୁକ୍ତ ସୁରକ୍ଷା ନ ନଥିବାରୁ ଗାଡ଼ି ପାର୍କିଂ କରିଥିବା ଡ୍ରାଇଭର ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଗନ୍ନାଥ ବଲ୍ଲଭ କାର ପାର୍କିଂ କାର୍ଯ୍ୟ ଚାଲିଥିବା କାହିଁକି ପ୍ରଥମ ମହଲାରେ ଗାଡ଼ି ପାର୍କିଂ କରାଯାଉଛି ସେ ନେଇ ପ୍ରଶ୍ନ ଉଠୁଚି। ପାର୍କିଂ ସ୍ଥଳ ର ସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ପରେ ପାର୍କିଂ ପାଇଁ ଅନୁମତି ରହିବା ଦରକାର ବୋଲି ଶ୍ରୀ ମନ୍ଦିରକୁ ଆସିଥିବା ଭକ୍ତ କହିଛନ୍ତି।

### ୧୩ ଦିନ ହେଲା ରାଜ୍ୟବାସୀ ହନ୍ତସନ୍ତ

# ମନ୍ତ୍ରୀ ନିଜ ଜିଦରେ ଅଟଳ: ଭକ୍ତ

ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶା ଅମଲା ବା ରାଜସ୍ୱ କର୍ମଚାରୀ ସଂଘର କ୍ୟାଡର ପୁନର୍ଗଠନ, ପଦୋନ୍ନତି ଓ ଦରମା ବୃଦ୍ଧି ସହିତ ୧୦ ଦଫା ଦାବି ନେଇ ରାଜସ୍ୱ କାର୍ଯ୍ୟାଳୟ ଗୁଡ଼ିକରେ ୧୩ ଦିନ ହେବ ଆନ୍ଦୋଳନ ଜାରି ରହିଛି । ସଂଘର ସଦସ୍ୟମାନେ ଅଭିଯୋଗ କରିଛନ୍ତି ଯେ, ସେମାନେ ବାରମ୍ବାର ରାଜ୍ୟ ସରକାରଙ୍କୁ ନିଜ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି, କିନ୍ତୁ କୌଣସି ସୁଫଳ ମିଳି ନାହିଁ । ରାଜସ୍ୱ ମନ୍ତ୍ରୀ ଜିଦ୍ ଛାଡି ଆଲୋଚନା ପାଇଁ ସଂଘର ନେତାମାନଙ୍କୁ ଡାକିବା ସହ ଅମଲାମାନଙ୍କ ଦାବି ବିଚାରପୂର୍ବକ ତୁରନ୍ତ ସମାଧାନର ବାଟ ବାହାର କରିବା ସହ ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରନ୍ତୁ ବୋଲି ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ।

ମନ୍ତ୍ରୀ ସୁରେଶ ପୂଜାରୀ ଅଭିଯୋଗ କରିଛନ୍ତି ଯେ, ସଂଘର କିଛି ନେତା ଅନ୍ୟ ଦଳ ଦ୍ୱାରା ପ୍ରଲୋଭିତ ହୋଇ ଆନ୍ଦୋଳନକୁ ଉସୁକାଉଛନ୍ତି । ସେମାନଙ୍କ ଉଦ୍ଦେଶ୍ୟ ସମସ୍ୟା ସମାଧାନ ନୁହେଁ, ବରଂ କର୍ମଚାରୀଙ୍କୁ ଢାଲ ଭାବେ ବ୍ୟବହାର କରି ସରକାରଙ୍କୁ ବିରୋଧ କରିବା । କିନ୍ତୁ ଯାହା ଜଣାପଡୁଛି,ମନ୍ତ୍ରୀଙ୍କ ଅପାରଗତା ଯୋଗୁଁ ସମସ୍ୟାଗୁଡ଼ିକ ଅସମାହିତ ରହିଛି । ସମସ୍ୟା ସମାଧାନ କରିବା ପରିବର୍ତ୍ତେ ସେ କର୍ମଚାରୀଙ୍କୁ ଦାୟୀ କରୁଛନ୍ତି । ପ୍ରକୃତ କଥାଟି ହେଲା, ପୂର୍ବରୁ ବିଜେଡି ସରକାର ମଧ୍ୟ ଏହି ଦାବିଗୁଡ଼ିକ ପୂରଣ କରିବାରେ ବିଫଳ ହୋଇଥିଲେ । ସେମାନେ ସରକାରରେ ଥାଇ ଏହା କାହିଁକି ପୂରଣ କରି ନଥିଲେ । ବିଜେପି ମଧ୍ୟ ଏହି ଦାବି ପୂରଣ କରୁନାହିଁ । ଏହି ଆନ୍ଦୋଳନ ବର୍ତ୍ତମାନ ରାଜ୍ୟରେ ଜନସାଧାରଣଙ୍କ ବିଭିନ୍ନ ସେବାକୁ ପ୍ରଭାବିତ କରିଛି । ଆୟ ପ୍ରମାଣପତ୍ର, ଜମି ଓ ଘର ପଟ୍ଟା, ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ ରାଜସ୍ୱ ସମ୍ବନ୍ଧୀୟ କାର୍ଯ୍ୟ ବନ୍ଦ ହୋଇଯାଇଛି । ଫଳରେ ଏହାର ଅତ୍ୟାବଶ୍ୟକୀୟ ରାଜସ୍ୱ ସେବା ଉପରେ ନିର୍ଭରଶୀଳ ନାଗରିକମାନେ ଏହି ଅଚଳାବସ୍ଥାର ପ୍ରଭାବ ଭୋଗୁଛନ୍ତି । ତେଣୁ ରାଜ୍ୟବାସୀଙ୍କର ସ୍ୱାର୍ଥ ଦୃଷ୍ଟିରୁ ମନ୍ତ୍ରୀ ଜିଦ୍ ଛାଡି ଆଲୋଚନା ପାଇଁ ସଂଘର ନେତାମାନଙ୍କୁ ଡାକିବା ସହ ଅମଲାମାନଙ୍କ ଦାବି ସହୃଦୟତାର ସହ ବିଚାର କରିବାକୁ ଶ୍ରୀ ଦାସ ଦାବି କରିଛନ୍ତି ।

### ଗ୍ରାମରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତ ଦେହ

# ଶୋକାକୁଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସମ୍ପନ୍ନ

ବେତନଟୀ (ସବ୍ୟୁ) : ପରିବାରର ପ୍ରତିପୋଷଣ ପାଇଁ ସୁଦୂର ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିବା ଯୁବକଙ୍କ ମୃତ୍ୟୁର ୫ଦିନ ପରେ ରବିବାର ପୂର୍ବାହ୍ନରେ ଯୁବକଙ୍କ ଜନ୍ମସ୍ଥାନ ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ପଞ୍ଚାୟତ ର ନୂଆଗାଁରେ ପହଁଚିଲା ମରଶରୀର କ୍ଷ ଶୋକାକୁଳ ପରିବେଶ ମଧ୍ୟରେ ନିଜ ନୂଆଗାଁ ଗ୍ରାମ ଶ୍ମସାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ପ୍ରାପ୍ତ ସୂଚନା ଅନୁଯାଇ ନୂଆଗାଁ ଗ୍ରାମର ଦିଲ୍ଲୀପ ସିଂ ଜୁଲାଇ ମାସ ୨୪ ତାରିଖ ଦିନ ବାଲେଶ୍ୱର ରେଲଷ୍ଟେସନରୁ ତାମିଲନାଡୁ ରାଜ୍ୟକୁ ଦାଦନ ଖଟିବାକୁ ବାହାରିଥିଲେ । ସେଠାରେ ପହଞ୍ଚି ସେ ସେଲମ ଅଞ୍ଚଳର ଏକ ସୂତାକଳରେ କାମ କରିବାର ଥିଲା କ୍ଷ କିଛି ଦିନ ପରେ ସେଲମ ଷ୍ଟେସନରେ ପହଞ୍ଚିବା ପରେ ଦିଲ୍ଲୀପ ନିଖୋଜ ହୋଇଯାଇଥିଲେ କ୍ଷ ସାଙ୍ଗରେ ଯାଇଥିବା ଲୋକ ତାଙ୍କୁ ନପାଇ ବ୍ୟସ୍ତବିବ୍ରତ ହୋଇ ଦିଲ୍ଲୀପର ପୁଅ କହ୍ନେଇକୁ ତା ବାପାଙ୍କର ନିଖୋଜ ସମ୍ବନ୍ଧରେ ଖବର ଦେଇଥିଲେ କ୍ଷ ଦିଲ୍ଲୀପର ପୁଅ କହ୍ନେଇ ମଧ୍ୟ ତାମିଲନାଡୁର ଅନ୍ୟ ଏକ ଜାଗାରେ ଦାଦନ ଖଟୁଥିବାବେଳେ ସେ ଅନ୍ୟ ଉପାୟ ନପାଇ ସେଠାକାର ପୁଲିସ ଷ୍ଟେସନରେ ଅଭିଯୋଗ କରିଥିଲା କ୍ଷ ହେଲେ ହଠାତ ଚଳିତ ମାସ ୧୭ତାରିଖ ଦିନ କହ୍ନେଇ ମୋବାଇଲ କୁ ଏକ ଅଜଣା ନମ୍ବରରୁ କଲ ଆସିଲା କି ତୁମ ବାପା କ୍ଷତାକ୍ତ ଅବସ୍ଥାରେ ଗୁରୁତର ଆହତ ହୋଇ ସେଲମ ସ୍ଥିତ ଏକ ଡାକ୍ତରଖାନାରେ ଚିକିତ୍ସିତ ଅଛନ୍ତି କ୍ଷ ବାପାଙ୍କ ବେକ ସମେତ ଏକାଧିକ ଜାଗାରେ ଧାରୁଆ ଅସ୍ତ୍ରରେ କଟାଯାଇଛି ଓ ସେ ଗୁରୁତର ଥିବାର କହ୍ନେଇ ଡାକ୍ତରଖାନାରେ ପହଞ୍ଚି ଦେଖିବାକୁ ପାଇଥିଲା । ତେବେ ଗୁରୁବାର ଦିନ ତାଙ୍କ ବାପାଙ୍କର ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା । ଶବ ଆଣିବାକୁ କହ୍ନେଇ ଅସମର୍ଥ ହେବାରୁ ଦିଲ୍ଲୀପ କାମ କରୁଥିବା ସ୍ଥାନର କିଛି ସହଯୋଗୀ ଓ ମାଲିକ ମିଶି ଆର୍ଥିକ ସହଯୋଗ ଦେବା ସହିତ ଆଜି ଦିଲ୍ଲୀପ ର ଶବକୁ ଆମ୍ବୁଲାନ୍ସ ଯୋଗେ ଓଡିଶାକୁ ପଠାଇଥିଲେ କ୍ଷ ତେବେ ରବିବାର ପୂର୍ବାହ୍ନରେ କହ୍ନେଇ ବାପାଙ୍କ ମର ଶରୀର ଧରି ଗାଁ ରେ ପହଞ୍ଚିଥିଲା କ୍ଷ ଦିଲ୍ଲୀପର ମରଶରୀର ଦେଖିବା ପରେ ସ୍ତ୍ରୀ ଓ ଝିଅ ଆଉ କୋହ ସମ୍ଭାଳି ପାରିନଥିଲେ, ଭୋ ଭୋ ହୋଇ କାନ୍ଦିବାକୁ ଆରମ୍ଭ କରିଥିଲେ । ସେହିପରି ପୁରୁଣିଆ ସରପଞ୍ଚ ସୁନ୍ଦରମୋହନ ସିଂ, ପୂର୍ବତନ ସରପଞ୍ଚ ବିଜୟ ପଣ୍ଡା ଏବଂ ସମାଜସେବୀ କୃତ୍ତିବାସ ସାହୁ ପ୍ରମୁଖଙ୍କ ସହିତ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ଦିଲ୍ଲୀପର ମରଶରୀର ନିକଟରେ ଉପସ୍ଥିତ ରହି ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ଶାନ୍ତନା ପ୍ରଦାନ କରିଥିଲେ କ୍ଷ ପରେ ଅପରାହ୍ନରେ ଗାଁ ମଶାଣିରେ ଦିଲ୍ଲୀପର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

### ଇଣ୍ଡିଆନ ଆସୋସିଏସନ୍ ଅଫ୍ ଟୁର ଅପରେଟର୍ସର ୪୦ ତମ ବାର୍ଷିକ ସମ୍ମିଳନୀ ଉଦଯାପିତ

# ପର୍ଯ୍ୟଟନ ବିକାଶ ପାଇଁ ପୁରୀର ଭିତିଭୂମିକୁ ଅଧିକ ଶକ୍ତିଶାଳୀ କରାଯିବ



ପୁରୀ, (ସବ୍ୟୁ): ସ୍ଥାନୀୟ ସମୁଦ୍ର କୂଳ ସ୍ଥିତ ହୋଟେଲ ସ୍ୱସ୍ତି ପ୍ରିମିୟମ ରିସର୍ଟ୍ ଠାରେ ଇଣ୍ଡିଆନ ଆସୋସିଏସନ୍ ଅଫ୍ ଟୁର ଅପରେଟର୍ସର ପକ୍ଷରୁ ଆୟୋଜିତ ହୋଇ ଥିବା ତିନି ଦିନିଆ ୪୦ ତମ ବାର୍ଷିକ ସମ୍ମିଳନୀ ଉଦଯାପିତ ହୋଇଯାଇଛି। ଏହି ସମ୍ମିଳନୀରେ ସମଗ୍ର ଦେଶରୁ ଏକ ହଜାରରୁ ଉର୍ଦ୍ଧ୍ୱ ଟୁର ଅପରେଟର୍ସ ଯୋଗ ଦେଇଛନ୍ତି । ଆଜିର ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପୂର୍ତ୍ତ, ଅବକାରୀ ଓ ଆଇନ ମନ୍ତ୍ରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇ କହିଛନ୍ତି, ପୁରୀକୁ ପର୍ଯ୍ୟଟନ ବିକାଶ ପାଇଁ ଭିତିଭୂମିକୁ ଅଧିକ ଉନ୍ନତ ଓ ଶକ୍ତିଶାଳୀ କରାଯିବ। ପୁରୀ ଭୁବନେଶ୍ୱର ଜାତୀୟ ରାଜପଥକୁ ଛଅ ଲେନ ବିଶିଷ୍ଟ କରାଯିବ। କୋଣାର୍କ ଓ ପୁରୀ ଦୁଇ ଲେନ। ସାତପଡ଼ା ଓ ପୁରୀ ୨ ଲେନ ଓ କୋଣାର୍କ ଓ ପିପିଲି ୨ ଲେନ କରାଯିବ। ୨୦ ରୁ ଉର୍ଦ୍ଧ ହୋଟେଲ ମାନଙ୍କ ପାଇଁ ଓପନ ବାର ଲାଇସେନ୍ସ ପ୍ରଦାନ କରାଯିବ। ବାର ଲାଇସେନ୍ସ ପଲିସି ପ୍ରତି ବର୍ଷ ଅପେକ୍ଷା ପ୍ରତି ତିନି ବର୍ଷରେ ପରିବର୍ତ୍ତନ କରାଯିବ। ଆଜିର ଏହି ଉଦଯାପନ ଉତ୍ସବ ମହାସମାରୋହରେ ଉପସ୍ଥିତ ଥିବା ଅତିଥି ବୃନ୍ଦ ହେଲେ ଗଗନ ଷଡ଼ଙ୍ଗୀ, ଆଇଟିଏଓ ସଭାପତି, ଓଡିଶା ଚାପଟର, ରବି ଗୋସାଇଁ, , ସଭାପତି ଆଇଟିଏଓ, ଡ଼ା: ଜିତେନ୍ଦ୍ର କୁମାର ମହାନ୍ତି,ଆଇଟିଏଓ ସଭାପତି, ପୂର୍ବାଞ୍ଚଳ, ସଞ୍ଜୟ ରାଜ଼ଦାନ, ଉପ ସଭାପତି ଆଇଟିଏଓ ।

**ପୁରୀ ଭୁବନେଶ୍ୱର ଜାତୀୟ ରାଜପଥ ହେବ ଛଅ ଲେନ**

# ବ୍ରାଉନସୁଗର ଜବତ, ୩ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବଡଗଡ ଥାନା ପୋଲିସ ୧୨.୫୬ ଗ୍ରାମ୍ ବ୍ରାଉନସୁଗର/ ନାର୍କୋଟିକ୍ସ ଡ୍ରଗ୍ସ ଭଳି ମର୍ଫିନ୍ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି । ସେମାନେ ବ୍ୟବହାର କରିଥିବା ଗୋଟିଏ ସ୍କୁଟର ଓ ବୁଲେଟ ମଧ୍ୟ ଜବତ ହୋଇଛି । ଗିରଫ ଅଭିଯୁକ୍ତମାନେ ହେଲେ ସଞ୍ଜୟ ପାତ୍ର, ଶ୍ରୀକାନ୍ତ ମଲ୍ଲିକ, ଅରୁଣ ପାତ୍ର । ଗିରଫ ୩ଜଣ ବିଜେବିନଗର ହରେକୃଷ୍ଣ ମହତାବ ପାର୍କ ନିକଟରେ ବିକ୍ରି କରୁଥିବା ଖବର ପାଇ ପୋଲିସ ଚଢାଉ କରିଥିଲା । ସେମାନଙ୍କୁ ପୋଲିସ କାବୁ କରିବା ସହ ପଲିଥିନରେ ଥିବା ୧୨.୫୬ଗ୍ରାମ୍ ବ୍ରାଉନସୁଗର ଜବତ କରିଥିଲା । ଡୁମୁଡୁମାରେ ରହୁଥିବା ତାଙ୍କ ସହଯୋଗୀ ଅରୁଣ ପାତ୍ରଙ୍କ ଠାରୁ ବ୍ରାଉନସୁଗର ଆଣିଥିବା ସେମାନେ କହିଥିଲେ । ଦୁଇଜଣଙ୍କୁ ପ୍ରଥମେ ଗିରଫ କରାଯାଇଥିବା ବେଳେ ବିଜେବିନଗର କ୍ୟାରମ୍ ଅଞ୍ଚଳରୁ ଅରୁଣ ପାତ୍ରଙ୍କୁ ବୁଲେଟ ବାଇକ୍ ସହ ଗିରଫ କରାଗଲା ବୋଲି ପୋଲିସ କହିଛି । ଏହି ତିନିଜଣ ପେସାଦାର ବ୍ରାଉନସୁଗର ବ୍ୟବସାୟୀ ବୋଲି ପୋଲିସ କହିଛି । ଗିରଫ ୩ ଜଣଙ୍କୁ ରବିବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।



### ବିଜେପିରେ ସାମିଲ ହେଲେ ବଡ଼ଚଣା ନିର୍ବାଚନ ମଣ୍ଡଳୀର ସରପଂଚ, ସମିତିସଭ୍ୟ, ସଭାପତି

# ସରକାରଙ୍କ ନିଷ୍ଠାପର କାର୍ଯ୍ୟଶୈଳୀ ଉପରେ ଭରସା ରଖିଛନ୍ତି ରାଜ୍ୟବାସୀ: ମନମୋହନ



ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ବିକଶିତ ପଥେ ବଢ଼ିଚାଲିଛି। ଦେଶର ୧ ନମ୍ବର ରାଜ୍ୟ ଭାବେ ଓଡ଼ିଶାକୁ ଗଢ଼ି ତୋଳିବାକୁ ବିଜେପି ସରକାର ବଦ୍ଧପରିକର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢ଼ିବାରେ ଲାଗିଛି। ସରକାରଙ୍କ ନିଷ୍ଠାପର ଓ ନିରବଛିନ୍ନ କାର୍ଯ୍ୟଶୈଳୀ ଉପରେ ଭରସା ରଖି ବିଜେଡି ଓ ଅନ୍ୟ ଦଳର ନେତା ଓ କର୍ମୀମାନେ ସେମାନଙ୍କ ଦଳ ଛାଡ଼ି ବିଜେପିରେ ସାମିଲ ହେବାରେ ଲାଗିଛନ୍ତି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଏହି ପରିପ୍ରେକ୍ଷୀରେ ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀର ଫଂଚାୟତ ସମିତି ଅଧକ୍ଷା ଶ୍ରୀମତୀ ମିନତୀ ସେନାପତି, ଉପାଧକ୍ଷ ବିଭାସଚନ୍ଦ୍ର ନନ୍ଦ, ବଡ଼ଚଣା ବ୍ଲକ ବିଜେଡିର ପୂର୍ବତନ ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ପ୍ରମୁଖ ରାଜ୍ୟ କାର୍ଯ୍ୟାଳୟରେ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ବିଧାୟକ ଅମର କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ବଡ଼ଚଣା ବ୍ଲକର ପୂର୍ବତନ ଛାତ୍ର ସଭାପତି ଜିତେନ୍ଦ୍ର କୁମାର ନାୟକ, ଦର୍ପଣ ସରଫଂଚ ତଥା ବଡ଼ଚଣା ସରଫଂଚ ସଂଘ ସଭାପତି ରଞ୍ଜନ କୁମାର ଦାସ, ବଡ଼ଚଣା ସମିତି ସଭ୍ୟ ତଥା ସଂଘ ସଭାପତି ମଧୁସୂଦନ ବଳ, ଭୁଷଣ୍ଡପୁର ସରଫଂଚ ଯଜାତି କେଶରୀ ରାଉତ, ସିହା ସରଫଂଚ ସୁଶ୍ରୀ ମିଶ୍ର, ଧାନମଣ୍ଡଳ ସରଫଂଚ ନବଦ୍ୱୀପ ନାୟକ, ବଡ଼ଘୁମୁରି ସରଫଂଚ ଅକ୍ଷୟ କୁମାର ରାଉତରାୟ, ଅଣକା ସରଫଂଚ ଦେବଯାନୀ ମହାପାତ୍ର, ସମିତି ସଭ୍ୟା ରଶ୍ମିତା ସ୍ୱାଇଁ, ମାଣ୍ଡୁକା ସମିତି ସଭ୍ୟା ମିନତୀ ଦଳେଇ, ଚାରିନଙ୍ଗଳ ଫଂଚାୟତ ସମିତିସଭ୍ୟା ଚନ୍ଦ୍ରକଳା ଜେନା, ନଳୀପୁର ସରଫଂଚ ସେକ୍ ଗନି, ପତରାଜପୁର ସରଫଂଚ ତନୁଶ୍ରୀ ଦାସ, ଭରତପର ସରଫଂଚ ବିଭୁତି ଭୂଷଣ ସାମଲ, ସମିତିସଭ୍ୟା ଦୁର୍ଗାବତୀ ସାମଲ, ବାଲିପଡ଼ିଆ ସମିତିସଭ୍ୟା ମନୋରମା ଭଞ୍ଜ, ବଡ଼ବାଲିକୁଦା ସମିତି ସଭ୍ୟା କାମିନୀ ନାୟକ, ବରପଦା ଫଂଚାୟତ ସମିତିସଭ୍ୟା ସ୍ମରଣିକା ବଳ, ମାଣ୍ଡୁକ ସରଫଂଚ ପ୍ରଭାସିନୀ ମଲିକ ପ୍ରମୁଖ ବିଜେପିରେ ସାମିଲ ହୋଇଛନ୍ତି।

ସେହିପରି ବଡ଼ଚଣା ଆମ୍ବ କମିଟି ଅଧ୍ୟକ୍ଷ ବିପିନ ବିହାରୀ ଜେନା ପୂର୍ବତନ ଅଧ୍ୟକ୍ଷ ନିରଞ୍ଜନ ସେନାପତି, ୧୬ନଂ.ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ବିନୋଦିନୀ ସାହୁ, ଦର୍ପଣା ଗ୍ରାମ ଫଂଚାୟତର ପୂର୍ବତନ ସରଫଂଚ ମାନସୀ ଜେନା, ସମିତି ସଭ୍ୟା ମୋନାଲିସା ତରାଇ, ପାରିଆ ଗ୍ରାମଫଂଚାୟତର ପୂର୍ବତନ ସରଫଂଚ ମାନସ ରଞ୍ଜନ ପଣ୍ଡା, ଚାରିନଙ୍ଗଳ ଫଂଚାୟତ ସମିତି ସଭ୍ୟ ତଥା ବଡ଼ଚଣା ସଂଖ୍ୟାଲଘୁ ସେଲ ଅଧ୍ୟକ୍ଷ ସେକ୍ ମୋଇନି ଅହମ୍ମଦ, ସମିଆଁ ଗ୍ରାମ ଫଂଚାୟତର ପୂର୍ବତନ ସରଫଂଚ ଯୁଗଳକିଶୋର ଖିଲାରଙ୍କ ସମେତ ଶତାଧିକ ନେତା ଓ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ଶ୍ରୀ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ କରିଛନ୍ତି। ଏହି ମିଶ୍ରଣ ପର୍ବରେ ରାଜ୍ୟ ସାଧାରଣ ସମ୍ପାଦକ ଡ.ଯତୀନ ମହାନ୍ତି, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ବିଧାୟକ ହିମାଂଶୁ ଶେଖର ସାହୁ, ରାଜ୍ୟ ସଂପାଦକ ସରୋଜ କର ଓ ଯାଜପୁର ଜିଲା ସଭାନେତ୍ରୀ ଦେବଯାନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସାଇମ୍ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ

ଭୁବନେଶ୍ୱର: (ସବ୍ୟୁ): ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଅବସ୍ଥିତ ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କଲେଜ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ ଏଜୁକେସନ (ସିଆଇଏମ୍ଇ)ର ନବାଗତ ଛାତ୍ରଛାତ୍ରୀମାନଙ୍କ ସ୍ୱାଗତ ଉତ୍ସବ ଆଜି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପସଭାପତି ସତୀଶ କୁମାର ପ୍ରଧାନ ଏମ୍‌ବିଏ, ଏମ୍‌ସିଏ ଛାତ୍ରଛାତ୍ରୀମାନେ ପାରମ୍ପରିକ ପାଠ୍ୟକ୍ରମ ବ୍ୟତୀତ ବିଭିନ୍ନ ପ୍ରକାର ପ୍ରୋଗ୍ରାମିଙ୍ଗ, ମେସିନ ଲର୍ଣ୍ଣିଙ୍ଗ, ଏଆଇ ଇତ୍ୟାଦି ଅଧ୍ୟୟନ କଲେ ନିଯୁକ୍ତି ସମସ୍ୟା ଦୂର ହୋଇ ପାରିବ ବୋଲି ମତ ରଖିଥିଲେ। ସମାରୋହର ଅନ୍ୟତମ ଆକର୍ଷଣ ଶୁଭେଚ୍ଛା ଜଣାଇବା ସହିତ ଟାଟା ପାୱାର ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ, ସେଥିନିମନ୍ତେ ଆବଶ୍ୟକ ଗୁଣ ଓ ବିଶେଷତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏତଦବ୍ୟତୀତ ଓଡିଶା ସ୍କିଲ ଡେଭେଲପମେଣ୍ଟ ଅଥରିଟି(ଓଏସଡ଼ିଏ)ର ସିଟିଓ




ସମାରୋହରେ ଏମ୍‌ବିଏ ଓ ଏମ୍‌ସିଏ ବିଭାଗର ଛାତ୍ରଛାତ୍ରୀ, ଛାତ୍ରଛାତ୍ରୀଙ୍କ ଅଭିଭାବକ, ଅଧ୍ୟାପକ ଓ ଅଧ୍ୟାପିକାମାନେ ଅଂଶଗ୍ରହଣ କରିଥିଲେ। ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡକ୍ଟର ଅମୀୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ କିପରି ଦୁଇବର୍ଷର ପାଠ୍ୟକ୍ରମ ଶେଷ ହେବା ପରେ ଜଣେ କୁଶଳୀ ଓ ସଫଳ ସଫ୍ଟୱେର୍ ଡେଭେଲପର ବା ପରିଚାଳକ ହୋଇପାରିବେ ତା'ଉପରେ ଗୁରୁତ୍ୱ ଆରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ କଗ୍ନିଜାଣ୍ଟର ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ଓକଲାଣ୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ବାରବାରା ଓକଲେ ଏଆଇ ଓ ଡିପ ଲର୍ଣ୍ଣିଙ୍ଗର ଦୈନନ୍ଦିନ ଜୀବିକା ଓ ଭବିଷ୍ୟତ ନିର୍ଦ୍ଧାରଣ କ୍ଷେତ୍ରରେ ଥିବା ଭୂମିକା ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନେ ପରିବର୍ତ୍ତନ ସହିତ ଖାପଖୁଆଇ ଚଳିବାକୁ ବ୍ରତ ଭାବରେ ଗ୍ରହଣ କଲେ ଜୀବନରେ ସଫଳ ହୋଇପାରିବେ ବୋଲି ମତପୋଷଣ କରିଥିଲେ।

ଅନ୍ୟତମ ସମ୍ମାନୀୟ ଅତିଥି ଭାବରେ ଟାଟା ଡିଷ୍ଟ୍ରିବ୍ୟୁସନ ପାୱାର ଲିମିଟେଡ଼ର ଏଚଆର ମୁଖ୍ୟ ମୁକେଶ ସିଂ ନବାଗତ ଛାତ୍ରଛାତ୍ରୀମାନଙ୍କୁ ଅଜିତ କୁମାର ଷଡ଼ଙ୍ଗୀ ନୂଆ ଓଡିଶା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର ଦୀପକ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ଏମ୍‌ବିଏ ବିଭାଗର ମୁଖ୍ୟ ଡକ୍ଟର ଦେବାଶିଷ ମହାନ୍ତି ଓ ଏମ୍‌ସିଏ ବିଭାଗର ମୁଖ୍ୟ ଡକ୍ଟର ରାଜଲକ୍ଷ୍ମୀ ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହିତ ଦ୍ୱିଦିବସୀୟ ଓରିଏଣ୍ଟେସନ ପ୍ରୋଗ୍ରାମ ତଥା କିପରି ପିଲାମାନେ ଆଗାମୀ ଦୁଇବର୍ଷ ସାଇମ୍ ରେ କଟାଇବେ ତା' ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଏମ୍‌ବିଏ ବିଭାଗର ଅଧ୍ୟାପକ ଡକ୍ଟର ଅମିତାଭ ନନ୍ଦ ସଭାଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଦ୍ୱାଦଶ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘ ଉଦ୍‌ଯାପିତ

# ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଯୁବପିଢ଼ିଙ୍କୁ ସ୍ଥିରତା ବଜାୟ ରଖିବାକୁ ପଡିବ : ରାଜ୍ୟପାଳ

ଭୁବନେଶ୍ୱର, (ସବ୍ୟୁ) : କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘର ଦ୍ୱାଦଶ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ରାଜ୍ୟପାଳ ଡ. ହରି ବାବୁ କମ୍ଭମପତି କହିଲେ, ଆଜିର ବିଶ୍ୱରେ ସ୍ଥିରତା ସଙ୍କଟ ଦେଖା ଦେଇଥିବା ବଳେ ନବସର୍ଜନା ଓ ସାମୂହିକ ପ୍ରୟାସ ଫଳରେ ଏହି ସଙ୍କଟର ସମାଧାନ ହୋଇପାରିବ । ଏବେ ଆମେ ପାରସ୍ପରିକ ସହବସ୍ଥାନ ମଧ୍ୟରେ ବାସ କରୁଛୁ । ତେବେ ଜଳବାୟୁ ପରିବର୍ତ୍ତନ, ଦାରିଦ୍ର୍ୟ, ମହାମାରୀ, ଲିଙ୍ଗଗତ ସମାନତା, ଡିଜିଟାଲ ପରିବର୍ତ୍ତନ ଏବଂ ଆଂଚଳିକ ସଂଘର୍ଷ ଆଦି ଏବେ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି । ତଥାପି ନବସର୍ଜନା, ସ୍ଥାୟୀ ବିକାଶ ଏବଂ ସାଂସ୍କୃତିକ ଆଦାନପ୍ରଦାନ କ୍ଷେତ୍ରରେ ଅପାର ସୁଯୋଗ ରହିଛି ବୋଲି ସେ କହିଥିଲେ । ନେତୃତ୍ୱକୁ କ୍ଷମତାର ମାଧ୍ୟମ ରୂପେ ବ୍ୟବହାର କରିବା ପରିବର୍ତ୍ତେ ଏହାକୁ ସେବାର




କର୍ତ୍ତବ୍ୟ ଏବଂ ସହଯୋଗର ମାଧ୍ୟମ ଭାବେ ଆପଣାଇବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଗୋଟିଏ ରାଷ୍ଟ୍ରର ପ୍ରକୃତ ଶକ୍ତି ଆଧିପତ୍ୟରେ ନୁହେଁ ସହଯୋଗରେ ନିହିତ ରହିଛି ବୋଲି ରାଜ୍ୟପାଳ କହିଥିଲେ । ନିଜର ବ୍ୟକ୍ତିଗତ ଅନୁଭୂତି ନେଇ ସେ କହିଲେ, ଜାତିସଂଘରେ ଭାରତକୁ ପ୍ରତିନିଧିତ୍ୱ କରିବା ତାଙ୍କର ଜୀବନବ୍ୟାପୀ ସ୍ୱପ୍ନ ଥିଲା, କିନ୍ତୁ ସେହି ସ୍ୱପ୍ନ ପୂରଣ ହୋଇପାରିନାହିଁ । ତେବେ ଛାୟା ଜାତିସଂଘ କାର୍ଯ୍ୟକ୍ରମରେ ଯୋଗଦେଇ ସେ ବେଶ ଆନନ୍ଦିତ ବୋଲି କହିଥିଲେ ।

ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ରାଜ୍ୟପାଳଙ୍କ ନମ୍ରତା ଏବଂ ମାନବିକ ଦୃଷ୍ଟିକୋଣକୁ ପ୍ରଶଂସା କରିଥିଲେ । ଓଡ଼ିଶାର ପ୍ରଥମ ରାଜ୍ୟପାଳ ଭାବରେ ଡ କମ୍ଭମପତି କିପରି କିସ୍ ଛାତ୍ରଛାତ୍ରୀଙ୍କ ସହିତ ସାମୂହିକ ଭୋଜନ କରିଥିଲେ ତାହା ମନେପକାଇ ଶ୍ରୀ ସାମନ୍ତ ରାଜ୍ୟପାଳଙ୍କ ଉଦାରତାର ପ୍ରଶଂସା କରିଥିଲେ । ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରୀ ସାମନ୍ତ କହିଲେ, ଛାୟା ଜାତିସଂଘ ଭଳି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଗୋଟିଏ ଗୋଟିଏ ଚିନ୍ତାଧାରା ସହ ଆସିଥାନ୍ତି ହେଲେ ଫେରିବା ସମୟରେ ହଜାରେଟି ଚିନ୍ତାଧାରା ସହ ଫେରିବାର ସୁଯୋଗ ସେମାନଙ୍କୁ ମିଳିଥାଏ । ଦୁଇ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଚେୟାରପର୍ସନ ଡ ମୋନା ଲିସା ବଳ, ସ୍କୁଲ୍‌ର ଅଧ୍ୟକ୍ଷ ଡ ସଞ୍ଜୟ ସୁଆର ଏବଂ ଅନ୍ତର୍ଜାତୀୟ ପାଠ୍ୟକ୍ରମର ମୁଖ୍ୟ ମାର୍କ ଏଲ୍. କୋଲମ୍ୟାନ୍ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଛାତ୍ରଛାତ୍ରୀମାନେ ସାଇବର ଯୁଦ୍ଧ, ପରମାଣୁ ଅସ୍ତ୍ରର ବିରୋଧ, ପରିବେଶ-ଉନ୍ନତି, ଶରଣାର୍ଥୀ ସଙ୍କଟ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ କୃତ୍ରିମ ବୁଦ୍ଧିମତାର ପ୍ରଭାବ ଭଳି ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ।

ଏହି କାର୍ଯ୍ୟକ୍ରମରେ କିଟ ଇଣ୍ଟରନ୍ୟାସନାଲ ସ୍କୁଲର ଶହେ ଜଣ ଛାତ୍ରଛାତ୍ରୀଙ୍କ ସମେତ ଦେଶର ବିଭିନ୍ନ ବିଦ୍ୟାଳୟରୁ ୧ହଜାରରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ମୋଟ ୧୩ଟି କମିଟି ଗଠନ କରାଯାଇଥିବା ବେଳେ ଶାନ୍ତି, ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନ ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା ।

# ରକ୍ତଦାନ ଶିବିର ରେ ୪୪ୟୁନିଟ ସଂଗୃହିତ

ଖୋର୍ଦ୍ଧା, (ସବ୍ୟୁ) : ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଖୋର୍ଦ୍ଧାଠାରେ ରାଜଯୋଗିନୀ ଦାଦି ପ୍ରକାଶମଣିଙ୍କ ୧୮ ତମ ପୁଣ୍ୟତିଥି ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ପୌରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ଖୋର୍ଦ୍ଧା ପଂଚାୟତ ସମିତି ଉପାଧ୍ୟକ୍ଷ ପ୍ରକାଶ କୁମାର ସାମନ୍ତରାୟ, ଡାକ୍ତର ଅମିୟ ଜେନାମଣି, ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ର ସମ୍ପାଦକ ସୁଧୀର କୁମାର ମାନସିଂହ ଏବଂ ଖୋର୍ଦ୍ଧା ପ୍ରଜାପିତା ବ୍ରହ୍ମା କୁମାରି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ର ଜୟକୃଷ୍ଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ପୂର୍ବତନ ମୁଖ୍ୟ ପ୍ରଶାସକ ଦାଦୀ ପ୍ରକାଶମଣି ଜୀଙ୍କର ୧୮ ତମ ପୁଣ୍ୟତିଥି ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିବିରରେ ମୋଟ ୪୪ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଖୋର୍ଦ୍ଧା ବ୍ଲଡ଼ ବ୍ୟାଙ୍କ ର ଡାକ୍ତର ସୌରଭ ସୁନ୍ଦର ରାୟ, ଟେକ୍ନିସିଆନ୍ ଅରୁଣ କୁମାର ସାହୁ, ଝୁନୁ ଲତା ସାହୁ, ଲକ୍ଷ୍ମୀ ପ୍ରିୟା ପ୍ରଧାନ, ଝାନ୍ସୀ ରାଣୀ ପାତ୍ର ପ୍ରମୁଖ ରକ୍ତ ସଂଗ୍ରହରେ ସହାୟତା କରିଥିଲେ। ଶେଷରେ ସେବା କେନ୍ଦ୍ର ର ସଂଚାଳିକା ବ୍ରହ୍ମା କୁମାରୀ ଅନୁରାଧା ଏବଂ ସଂଯୋଜକ ବ୍ରହ୍ମାକୁମାର ଜୟକୃଷ୍ଣ ଶତପଥି ଏହି ଶିବିର ର ସଫଳତା ପାଇଁ ସମସ୍ତ ଙ୍କୁ ଧନ୍ୟବାଦ ଦେଇଥିଲେ।

# ଡକାୟତି ଯୋଜନା ବେଳେ ପୋଲିସ ଚଢାଉ : ୪ ଗିରଫ, ମାରଣାସ୍ତ୍ର ଜବତ

ଭୁବନେଶ୍ୱର, (ସବ୍ୟୁ) : କ୍ୟାପିଟାଲ ଥାନା ପୋଲିସ ରାଜମହଲ ଅଞ୍ଚଳରେ ନାଇଟ୍ ପାଟ୍ରୋଲିଂ କରୁଥିବା ବେଳେ କଂଗ୍ରେସ ଭବନ ପଛ ପାଖରେ ଏହି ଡକାୟତି ଗ୍ୟାଙ୍ଗ୍ ଏକତ୍ରିତ ହୋଇ ରେଳଷ୍ଟେସନରୁ ଆସୁଥିବା ପଥଚାରୀଙ୍କ ଠାରୁ ଡକାୟତି କରିବା ଯୋଜନା କରୁଥିବା ପୋଲିସ ଜାଣିପାରି ଚଢାଉ କରିଥିଲା । ଚଢାଉ ବେଳେ ୪ଜଣ ଗିରଫ ହୋଇଥିବା ବେଳେ ଗ୍ୟାଙ୍ଗ୍ ମୁଖ୍ୟ ଖସିଯିବାରେ ସମର୍ଥ ହୋଇଛି ।

ଗିରଫ ୪ଜଣ ହେଲେ ବରୁଣ ମାଝୀ (୩୨), ରାଜେଶ ପ୍ରଧାନ (୨୪), ଏସ୍‌କେ ମୁସ୍ତାକିନ୍ (୨୩) ଓ ଏସ୍‌କେ ଆବୁବକର (୨୩) । ଏମାନଙ୍କ ନିକଟରୁ ଦୁଇଟି ଛୁରି, ଗୋଟିଏ ଲୁହାପଞ୍ଝ, ଖଣ୍ଡା, ମୁଖା ପ୍ରଭୃତି ଜବତ ହୋଇଥିବା ପୋଲିସ



କହିଛି । ଖସିଯାଇଥିବା ଅଭିଯୁକ୍ତ ବାଦଲ ନାୟକକୁ ଗିରଫ କରିବା ପାଇଁ ପୋଲିସ ଗିରଫ ୪ଜଣଙ୍କ ସୂଚନା ଆଧାରରେ ଚଢାଉ କରୁଛି । ଗିରଫ ୪ଜଣଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଆଇଏମ୍‌ବିରେ ନବାଗତଙ୍କୁ ସମ୍ବର୍ଦ୍ଧନା




ଭୁବନେଶ୍ୱର: (ସବ୍ୟୁ): ଭୁବନେଶ୍ୱରରେ ଆଇଏମ୍‌ବି ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ୨୦୨୫-୨୦୨୬ ଶିକ୍ଷାବର୍ଷରେ ଯୋଗ ଦେଇଥିବା ନବାଗତ ପିଜିଡିଏମ ଛାତ୍ର ଓ ଛାତ୍ରୀ ଲାଗି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ 'ଆଇଏମ୍‌ବି-ଇଗ୍‌ନାଇଟ ୨୦୨୫' ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରିନ୍ସିପାଲ ଡାଇରେକ୍ଟର, ଏଲ୍‌ଟିଆଇ ମାଇଣ୍ଡ ଟ୍ରି ପ୍ରମୁଖ ରାମ ପ୍ରସାଦ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ କିଟ୍‌ର ଆସୋସିଏଟ୍ ପ୍ରଫେସର୍ ନମ୍ରତା ମିଶ୍ର, ଆଇଏମ୍‌ବିର ଚେୟାରମ୍ୟାନ୍ ପ୍ରଫୁଲ୍ଲ କୁମାର ସାହୁ, ସେକ୍ରେଟାରୀ ରାଜର୍ଷି ଜ୍ଞାନଦର୍ଶୀ ଓ ଡାଇରେକ୍ଟର ପ୍ରଫେସର ଡକ୍ଟର ତ୍ରିଲୋଚନ ନାୟକ ପ୍ରମୁଖ ଅନୁଷ୍ଠାନର ମିଶନ ଆଉ ଭିଜନ ଉପରେ ଆଲୋକପାତ କରିଥିଲେ। ଡାଇରେକ୍ଟର ଡ. ନାୟକ ଅନୁଷ୍ଠାନର ଶିକ୍ଷା ବ୍ୟବସ୍ଥା, ଶିକ୍ଷାର ଗୁଣବତ୍ତା, ପ୍ଲେସମେଣ୍ଟ ଓ ଆଇଏମବି ଛାତ୍ରଛାତ୍ରୀ ଦେଶ ବିଦେଶରେ ସଂଖ୍ୟାଧିକ ଭାବେ କୃତିଲାଭ କରୁଥିବାର ଦର୍ଶାଇଥିଲେ। ମୁଖ୍ୟ ଅତିଥି ପଟ୍ଟନାୟକ ଛାତ୍ରଛାତ୍ରୀମାନଙ୍କୁ ଚରିତ୍ର ଗଠନର ଏକ ମାର୍ଗ ଓ ତାର ଉପାଦେୟତା ବିଷୟ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଡକ୍ଟର ଅମିତା ପଣ୍ଡା ସଂଯୋଜନା କରିଥିଲେ ଓ ପ୍ରଫେସର ପ୍ରୀତିଲଗ୍ନା, ଦିପାଲି, ପ୍ରିୟଦର୍ଶିନୀ ଓ ଆଡମିନ ହେଡ ଅଶ୍ୱିନୀ ରାଉତ ପରିଚାଳନା କରିଥିଲେ। ଶେଷରେ ପ୍ରଫେସର ରୂପାଲି ସିଂ ଧନ୍ୟବାଦ ଦେଇଥିଲେ।

# ମହିଳାଙ୍କୁ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ବଳାତ୍କାର; ଥାନାରେ ମାମଲା

ଖୋର୍ଦ୍ଧା, (ସବ୍ୟୁ): ଜଣେ ବିବାହିତ ମହିଳାଙ୍କୁ ଘରେ କେହିନଥିବାର ସୁଯୋଗ୍ ନେଇ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ ବଳତ୍କାର କରିଥିବା ନେଇ ସଦର ଥାନାରେ ମହିଳା ଅଭିଯୋଗ କରିଛନ୍ତି। ମହିଳାଙ୍କ ଅଭିଯୋଗ କୁ ଗୁରୁତର ସହ ଗ୍ରହଣ କରି ସଦରଥାନା ପୁଲିସ ୨୫୪/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ, ସଦରଥାନା ଅନ୍ତର୍ଗତ ଦେଉଳଟାଙ୍ଗି ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରେ ପିଡିତା ମହିଳା ସ୍ୱାମୀଙ୍କ ସହ ଭଡା ରହୁଥିଲେ ଏବଂ ଅବସରପ୍ରାପ୍ତ ସେନା କର୍ମଚାରୀ ମଧ୍ୟ ସ୍ତ୍ରୀଙ୍କ ସହ ଭଡା ରୁହନ୍ତି ।ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ସ୍ତ୍ରୀ ଜଣେ ଶିକ୍ଷୟିତ୍ରୀ ହୋଇଥିବାବେଳେ ସେ ସ୍କୁଲ ଗଲାପରେ ଉକ୍ତ ମହିଳାଙ୍କ ଉପରେ ଖରାପ ଦୃଷ୍ଟି ପକାଉଥିଲେ ଅବସରପ୍ରାପ୍ତ ସେନା କର୍ମଚାରୀ। ମହିଳାଙ୍କ ସ୍ୱାମୀ ଘରେ ନଥିବାବେଳେ ୪ମାସ ତଳେ ଅବସରପ୍ରାପ୍ତ ସେନା କର୍ମଚାରୀ ତାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ମହିଳାଙ୍କ ସ୍ୱାମୀ ଜାଣିବା ପରେ ସେ ଏହାର ପ୍ରତିବାଦ କରିବାରୁ ମହିଳାଙ୍କ ଅଶ୍ଳୀଳ ଫଟୋ କୁ ଭାଇରାଲ କରିବାକୁ ଅବସରପ୍ରାପ୍ତ ସେନା କର୍ମଚାରୀ ଧମକ ଦେଇଥିବା ମହିଳା ଅଭିଯୋଗ କରିଛନ୍ତି। ଏନେଇ ମହିଳା ସଦରଥାନାରେ ଅଭିଯୋଗ କରିବାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଏୟାରପୋର୍ଟରୁ ମାରିଜୁଆନା ଜବତ ଘଟଣା

# ରିମାଣ୍ଡରେ ଆସିବେ ୪ ମାମଲାର ଅଭିଯୁକ୍ତ

ଭୁବନେଶ୍ୱର, (ସବ୍ୟୁ) : ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରୁ ୪ଥର ବହୁକୋଟି ଟଙ୍କାର ମାରିଜୁଆନା ଜବତ ହେଲାଣି । ସେହି ମାମଲାର ସମସ୍ତ ଅଭିଯୁକ୍ତଙ୍କୁ କଷ୍ଟମ୍ସ ରିମାଣ୍ଡ ଆଣିବ । ସେମାନେ ରିମାଣ୍ଡରେ ଆସିବା ପରେ ଏସ୍‌ଟିଏଫ୍ ଓ ଡିଆର୍‌ଆଇ ଜେରା କରିବେ ବୋଲି ଜଣାପଡିଛି । ଏସ୍‌ଟିଏଫ୍ ଜେରା କଲେ ସ୍ଥାନୀୟ ନିଶା ମାଫିଆମାନଙ୍କ ସମ୍ପର୍କରେ ସନ୍ଧାନ ମିଳିବ । ଶନିବାର ପ୍ରେମୀଯୁଗଳଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୪କୋଟି ଟଙ୍କାର ୪କେଜି ମାରିଜୁଆନା ଜବତ ହୋଇଛି । ଦୁଇ ଅଭିଯୁକ୍ତଙ୍କ ଘର ଫତେପୁର ସିକ୍ରିରେ । ଏହା ପୂର୍ବରୁ ତିନୋଟି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କୁ ମଧ୍ୟ ରିମାଣ୍ଡରେ ଅଣାଯିବ ବୋଲି ସୂଚନା ମିଳିଛି । ଚାଲାଣକାରୀଙ୍କୁ ଗିରଫ କରାଯାଉଥିବା ବେଳେ କେଉଁ ବିଦେଶୀ ମାଫିଆ ତାହା ପଠାଉଛନ୍ତି ଓ ଓଡ଼ିଶାର କେଉଁ ମାଫିଆ ସେହି ମାମଲାରେ ଜଡିତ ଅଛନ୍ତି, ରିମାଣ୍ଡ ଜେରା ହେବା ପରେ ଜଣାପଡିବ । ଭୁବନେଶ୍ୱର ଏୟାରପୋର୍ଟ ଦେଇ ମାରିଜୁଆନା ବାରମ୍ବାର ଆସୁଥିବା ଗୁଇନ୍ଦା ସୂଚନା ଆଧାରରେ ସେମାନଙ୍କୁ କାବୁ କରାଯାଉଛି । ଗିରଫ ହୋଇଥିବା ପ୍ରେମୀଯୁଗଳଙ୍କୁ କୋର୍ଟଚାଲାଣ କରାଯାଇଛି ହେଲେ ସବିଶେଷ ତଥ୍ୟ ମିଳିନାହିଁ । ସେମାନେ ବ୍ୟାଙ୍କଙ୍ଗରୁ ଭୁବନେଶ୍ୱର ମାରିଜୁଆନା ଆଣିଥିବା ଜଣାପଡିଛି । ବ୍ୟାଙ୍କଙ୍ଗରୁ କିଏ କାହା ପାଖକୁ ପଠାଇଥିଲା ତାହା ସ୍ପଷ୍ଟ ହୋଇନାହିଁ । ସେହିପରି ପୂର୍ବରୁ ୩ଥର ଜବତ ହୋଇଥିବା ବହୁକୋଟି ଟଙ୍କାର ମାରିଜୁଆନା ଭୁବନେଶ୍ୱର ବିମାନବନ୍ଦର ଦେଇ ଅନ୍ୟ ରାଜ୍ୟକୁ ଚାଲାଣ ହେଉଥିଲା ନା ଓଡ଼ିଶାର କାହା ପାଖକୁ ଆସୁଥିଲା, ତାହା ସ୍ପଷ୍ଟ ହେବ ଡିଆର୍‌ଏ ଓ ଏସ୍‌ଟିଏଫ୍ ଜେରା କରିବା ପରେ ବୋଲି ଏସ୍‌ଟିଏଫ୍‌ର ଜଣେ ଅଫିସର କହିଛନ୍ତି ।

## ନିମ୍ନମାନର ଓ ଅରୁଚିକର ଖାଦ୍ୟ ପ୍ରଦାନ ଅଭିଯୋଗ

# ସୁପରିଟେଣ୍ଡେଣ୍ଟଙ୍କ ବଦଳି ପାଇଁ ଦାବି

କଟକ, (ସ୍ୱପ୍ର): ନୂଆବଜାରସ୍ଥିତ କୁଷ୍ଠାଶ୍ରମରେ ଥିବା ମେଡିକାଲ ସୁପରିଟେଣ୍ଡେଣ୍ଟଙ୍କ ନାମରେ ପୁଳାପୁଳା ଅଭିଯୋଗ। ଚିକିତ୍ସିତ ହେଉଥିବା ରୋଗୀ ଓ ସେଠାରେ ଥିବା ଅନ୍ତେବାସୀ ମାନେ ଆଣିଛନ୍ତି ଏଭଳି ଅଭିଯୋଗ। ଖାଦ୍ୟପେୟ ଓ ପରିଚାଳନାଗତ ତ୍ରୁଟିକୁ ନେଇ ଦିନକୁଦିନ ପରିସ୍ଥିତି ବିଗିଡିବାରେ ଲାଗିଛି । ଏହିସବୁ ସମସ୍ୟାର ସମାଧାନ କରିବା ସହ ସୁପରିଟେଣ୍ଡେଣ୍ଟଙ୍କ ବଦଳି ପାଇଁ କୁଷ୍ଠାଶ୍ରମର ଅନ୍ତେବାସୀମାନେ ଦାବି କରିଛନ୍ତି । କୁଷ୍ଠାଶ୍ରମ ହୋମରେ ରହୁଥିବା ରୋଗୀ ଏବଂ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ଉତ୍ତମ ଖାଦ୍ୟ ମିଳୁନଥିବା ବାରମ୍ବାର ଅଭିଯୋଗ ହେଉଛି । ନିୟମିତ ଖାଦ୍ୟ ଯୋଗାଇବା ଦାୟିତ୍ୱରେ ଥିବା ଏସଏଚଜି ଗ୍ରୁପର ଟେଣ୍ଡର ସମୟସୀମା ସରିଯାଇଥିଲେ ମଧ୍ୟ ଅହେତୁକ ଅନୁକମ୍ପା ବଳରେ ଆଜି



ପର୍ଯ୍ୟନ୍ତ ନିମ୍ନମାନର ତଥା ଅରୁଚିକ ଖାଦ୍ୟ ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ଅନ୍ତେବାସୀ । ଏବିଷୟରେ ରୋଗୀମାନେ ବାରମ୍ବାର ସୁପରିଟେଣ୍ଡେଣ୍ଟଙ୍କୁ ଅଭିଯୋଗ କରିଆସୁଥିଲେ ମଧ୍ୟ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ପାଲଟା ଧମକ ମିଳୁଥିବା ରୋଗୀମାନେ କହୁଛନ୍ତି । ସୁପରିଟେଣ୍ଡେଣ୍ଟ ଠିକ ସମୟରେ ଅଫିସକୁ ନଆସିବା, ରୋଗୀଙ୍କର ଆପତ୍ତି ଅଭିଯୋଗକୁ ନଶୁଣିବା, ଏପରିକି ଦିଆଯାଉଥିବା ଖାଦ୍ୟ ଅରୁଚିକର ଅଭିଯୋଗ ମିଳିବା ପ୍ରଭୃତି ଘଟଣାକୁ ମେଡ଼ିକାଲ ସୁପରିଟେଣ୍ଡେଣ୍ଟ କର୍ଣ୍ଣପାତ କରୁନାହାନ୍ତି । ଏଥିପାଇଁ ରୋଗୀମାନେ ବହୁବାର ସ୍ଥାନୀୟ ଜନପ୍ରତିନିଧି ଓ ସ୍ୱାସ୍ଥ୍ୟ ବିଭାଗକୁ ମଧ୍ୟ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମସଚିବ କୁଷ୍ଠାଶ୍ରମ ମେଡିକାଲକୁ ପରିଦର୍ଶନରେ ଆସି ଏସଏଚଜି ଗ୍ରୁପ ଦେଉଥିବା ଖାଦ୍ୟ ନିମ୍ନମାନର ଓ ପରିମାଣ କମ ରହିଥିବା ଆଦି ପରଖିବା ସହ ପୂର୍ବରୁ ଖାଦ୍ୟ ଯୋଗାଉଥିବା ସଂସ୍ଥାକୁ ପୁନର୍ବାର ଏହି କାର୍ଯ୍ୟ ଦିଆଯାଉ ବୋଲି ରିପୋର୍ଟରେ ଉଲ୍ଲେଖ କରିବା ପରେ ମଧ୍ୟ ସୁପରିଟେଣ୍ଡେଣ୍ଟ ଏହାକୁ କାର୍ଯ୍ୟକାରୀ କରୁନଥିବାରୁ ରୋଗୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି । ସେହିପରି କୁଷ୍ଠାଶ୍ରମ ରୋଗୀମାନଙ୍କୁ ପୂର୍ବରୁ ସୁଷମଖାଦ୍ୟ ପ୍ରଦାନ କରୁଥିବା ସଂସ୍ଥାକୁ ସୁପରିଟେଣ୍ଡେଣ୍ଟ ଖାଦ୍ୟ ଯୋଗାଣରୁ ଆକସ୍ମିକ ବନ୍ଦ କରିବା ପରେ ଉକ୍ତ ସଂସ୍ଥା ଅଦଲତଙ୍କ ଆଶ୍ରୟ ନେଇଥିଲେ । ଉଚ୍ଚ ନ୍ୟାୟାଳୟ ଏପ୍ରିଲ-୧୬, ୨୦୨୪ରେ ପୂର୍ବଭଳି ରୋଗୀଙ୍କୁ ଖାଦ୍ୟ ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହାକୁ ସୁପରିଟେଣ୍ଡେଣ୍ଟ କାର୍ଯ୍ୟକାରୀ ନକରିବାରୁ କୋର୍ଟ ଏପ୍ରିଲ-୨୪, ୨୦୨୪ରେ ସୁପରିଟେଣ୍ଡେଣ୍ଟଙ୍କୁ କାରଣ ଦର୍ଶାଅ ନୋଟିସ ଜାରିକରିବା ସହ ସୁପରିଟେଣ୍ଡେଣ୍ଟଙ୍କ ନାମରେ ଅଦାଲତକୁ ଅବମାନନା କରିବାକୁ ନେଇ ମାମଲା ରୁଜୁ କରିଥିଲେ। ତେଣୁ ତୁରନ୍ତ ଏହି ମେଡିକଲରୁ ସୁପରିଟେଣ୍ଡେଣ୍ଟଙ୍କୁ ବଦଳି କରିବା ସହ ପୂର୍ବରୁ ଖାଦ୍ୟ ଯୋଗାଉଥିବା ସଂସ୍ଥାକୁ ପୁନର୍ବାର ଦାୟିତ୍ୱ ଦିଆଯାଉ ବୋଲି କୁଷ୍ଠାଶ୍ରମ ପଂଚାୟତ କମିଟିର ସଭାପତି ରବିନ୍ଦ୍ର ନାୟକ, ସମ୍ପାଦକ କରୁଣାକର ସାମଲ, ମାଗୁଣି ଜେନା, ପୂର୍ଣ୍ଣଚନ୍ଦ୍ର ରାଉତ, ଶତ୍ରୁଘ୍ନ ବେହେରା, ବ୍ରଜବନ୍ଧୁ ମାର୍ଥା, ହରି ସାହୁ, ଧନଞ୍ଜୟ ପ୍ରଧାନ, କୃଷ୍ଣଚନ୍ଦ୍ର ରାୟ, ଯୋଗୀ ପ୍ରଧାନ ପ୍ରମୁଖ ଅନ୍ତେବାସୀମାନେ ସ୍ଥାନୀୟ ବିଧାୟକ ଓ ରାଜ୍ୟ ସରକାରଙ୍କ ନିକଟରେ ଅନୁରୋଧ କରିଛନ୍ତି । ସୂଚନାଥାଉକି, କୁଷ୍ଠାଶ୍ରମରେ ଅନୁଷ୍ଠିତ ଗାନ୍ଧିଙ୍କ ଆଗମନର ଶତବାର୍ଷିକ ପାଳନ ଅବସରରେ ଉକ୍ତଦିନ ସ୍ୱାସ୍ଥ୍ୟମନ୍ତ୍ରୀ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଆଗରେ ଅନ୍ତେବାସୀ, ରୋଗୀ ତଥା ସ୍ଥାନୀୟ ବାସିନ୍ଦାମାନେ ସୁପରିଟେଣ୍ଡେଣ୍ଟଙ୍କ ନାମରେ ପୁଳାପୁଳା ଅଭିଯୋଗ କରୁଥିବା ଦେଖିବାକୁ ମିଳିଥିଲା । ଅପରପକ୍ଷେ କୁଷ୍ଠାଶ୍ରମ ମେଡିକାଲ ସପରିଟେଣ୍ଡଣ୍ଟ ଆସିଥିବା ଅଭିଯୋଗକୁ ଖଣ୍ଡନ କରିବା ସହ ଏସବୁ ଅଭିଯୋଗ ମିଛ। ଏଥିରେ କିଛି ସତ୍ୟତା ନାହିଁ ମୁଁ ନିଜେ ଜଣେ ଡାକ୍ତର, ମୁଁ ନିଜେ ଖାଦ୍ୟର ମାନ ଯାଞ୍ଚ କରିଛି, ସେଥିରେ ମୁଁ ସନ୍ତୁଷ୍ଟ ଅଛି ବୋଲି ପ୍ରତିକ୍ରିୟାରେ କହିଥିଲେ।

# ମରଣାନ୍ତକ ଆକ୍ରମଣ ଘଟଣାରେ ଅଭିଯୁକ୍ତ ଗିରଫ

ଜଟଣୀ, (ସବ୍ୟୁ): ଆହତ ଚନ୍ଦନ ନାୟକଙ୍କର ସ୍ତ୍ରୀଙ୍କର ଲିଖିତ ରିପୋର୍ଟ ଆଧାରରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ରବିବାର ଅଭିଯୁକ୍ତ ସୁଶାନ୍ତ ନାୟକଙ୍କୁ ଗିରଫ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜଟଣୀ ଥାନା ନିକଟରେ ଶନିବାର ପୂର୍ବାହ୍ଣ ପ୍ରାୟ ୧୧ଟା ସମୟରେ ଜଣେ ଯୁବକଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଆକ୍ରମଣରେ ଚନ୍ଦନ ନାୟକ (୩୩) ନାମକ ଯୁବକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ବାଛରାପାଟଣା ଅଞ୍ଚଳରେ ତାଙ୍କ ଘର। ସ୍ଥାନୀୟ ମ୍ୟୁନିସିପାଲିଟିରେ ଠିକା ସଫେଇ କର୍ମଚାରୀ ଭାବେ ସେ କାମ କରନ୍ତି। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ସ୍ଥାନୀୟ ସରକାରୀ ଡାକ୍ତରଖାନା ଓ ପରେ ଏମ୍ସ ସ୍ଥାନାନ୍ତର କରାଯାଇଥିଲା। ଆକ୍ରମଣ କରିଥିବା ସୁଶାନ୍ତ ନାୟକଙ୍କୁ ଅଟକ ରଖି ପୁଲିସ ତଦନ୍ତ ଚଳାଇଛି। ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ନୂଆଗାଁ ରଙ୍ଗମାଟିଆ ଗ୍ରାମରେ ଅଭିଯୁକ୍ତର ଘର। ଆକ୍ରମଣକାରୀ ସୁଶାନ୍ତଙ୍କ ପତ୍ନୀ ଓ ଚନ୍ଦନଙ୍କ ମଧ୍ୟରେ ପ୍ରେମ ସମ୍ପର୍କକୁ ନେଇ ଏହି ଆକ୍ରମଣ ହୋଇଥିବା କୁହାଯାଉଛି। ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠି ଥିଲା। ଶେଷରେ ୭ମାସ ପୂର୍ବେ ସୁଶାନ୍ତଙ୍କ ପତ୍ନୀ ଘର ଛାଡ଼ି ଚନ୍ଦନଙ୍କ ସହିତ ଆସି ଜଟଣୀ ରହୁଥିଲେ। ଏଥିରେ ସୁଶାନ୍ତ ପ୍ରତିଶୋଧ ପରାୟଣ ହୋଇ ଏଭଳି କାଣ୍ଡ ଘଟାଇଥିବା କୁହାଯାଉଛି।

## ପୁଣି ଶିମିଳିପାଳରୁ ଶିକାରୀ ଗିରଫ, ଧରାଇଲା ଏଆଇ କ୍ୟାମେରା



ବାରିପଦା, (ସବ୍ୟୁ) : ପୁଣି ଶିମିଳିପାଳରୁ ଏଆଇ କ୍ୟାମେରା ସାହାଯ୍ୟରେ ଗିରଫ ହେଲେ ଜଣେ ଶିକାରୀ । ଏଠାରେ ସୂଚନାଯୋଗ୍ୟ ଯେ, ନିକଟରେ ଏଆଇ କ୍ୟାମେରାରେ କଏଦ ହୋଇଥିବା ଜଣେ ଶିକାରୀଙ୍କୁ ଶିମିଳିପାଳ ବନାଞ୍ଚଳର ଇଣ୍ଟେଲିଜେନ୍ସ ନେଟ୍‌ୱାର୍କ ଦ୍ୱାରା ସଂଗୃହିତ ସକ୍ରିୟ ଗୁଇନ୍ଦା ତଥ୍ୟ ଦ୍ୱାରା ଚିହ୍ନଟ କରାଯାଇଥିଲା । ପରେ ଅଭିଯୁକ୍ତକୁ ତଦନ୍ତ ଅଧିକାରୀଙ୍କ ସମ୍ମୁଖରେ ହଜାର ହେବାକୁ ନୋଟିସ୍ ଜାରି କରାଯାଇଥିଲା । କ୍ରମାଗତ ଭାବରେ ଖୋଜାଖୋଜି କାରଣରୁ ଉଦଳା ଥାନା ଅଞ୍ଚଳର ବଡଖମଣ ଗ୍ରାମର ଅଭିଯୁକ୍ତ ବାଲିଆ ସିଂ(୩୨)ଙ୍କ ନିକଟରେ ଥିବା ଦେଶୀ ବନ୍ଧୁକ ଏବଂ ଗୁଳି ସହ ରବିବାର ଆତ୍ମସମର୍ପଣ କରିଛନ୍ତି । ବେଆଇନ୍ ଭାବେ ଅଭ୍ୟାରଣ୍ୟରେ ପ୍ରବେଶ କରିଥିବାରୁ ଅଭିଯୁକ୍ତ ବାଲିଆଙ୍କୁ ବିରୋଧରେ ଏକ ମାମଲା ରୁଜୁ କରାଯାଇଥିଲା ।

## ନିଖୋଜର ୧୨ ଘଣ୍ଟା ଭିତରେ ୪ ନାବାଳିକା ଛାତ୍ରୀ ଉଦ୍ଧାର

ବ୍ରହ୍ମପୁର, (ସବ୍ୟୁ): ବଡବଜାର ପୋଲିସ ଟିମ ପକ୍ଷରୁ ତ୍ୱରିତ ପଦକ୍ଷେପରୁ ବ୍ରହ୍ମପର ସହରରୁ ନିଖୋଜ ହୋଇଯାଇଥିବା ୪ ଜଣ ନାବାଳିକା ୧୨ ଘଣ୍ଟା ଭିତରେ ଚମାଖଣ୍ଡି ନିକଟରୁ ଉଦ୍ଧାର କରାଯାଇଛି ।

ନିଖୋଜ ନାବାଳିକା ଛାତ୍ରୀଙ୍କୁ ଉଦ୍ଧାର କରାଯାଇଥିବାରୁ ବ୍ରହ୍ମପୁର ଏସପି ଡା. ସର୍ଣା ବିବେକ ଏମ. ଥାନାଧିକାରୀ ବାବା ଶଙ୍କର ସରାଫ ଓ ତାଙ୍କ ଟିମକୁ ପ୍ରଶଂସା କରିଛନ୍ତି । ଉଦ୍ଧାର ହୋଇଥିବା ନାବାଳିକା ମାନେ ବ୍ରହ୍ମପୁର ବଡବଜାର ଅଞ୍ଚଳରେ ଥିବା ଏକ ସରକାରୀ ବିଦ୍ୟାଳୟରେ ପଢୁଥିବା ବେଳେ ଶୁକ୍ରବାର ସକାଳୁ ସ୍କୁଲକୁ ଯାଉଛୁ କହି ଘରକୁ ଫେରି ନଥିଲେ । ଫଳରେ ପରିବାର ଲୋକଙ୍କ ଚିନ୍ତା ବଢି ଯାଇଥିଲା । ବହୁ ଖୋଜାଖୋଜି ପରେ ମଧ ସେମାନଙ୍କ ପତ୍ତା ମିଳିନଥିଲା । ଥାନାରେ ଏନେଇ ଅଭିଯୋଗ ପରେ ପୋଲିସ ପୃଥକ ଭାବେ ନିଖୋଜ ମାମଲା ରୁଜୁ କରିଥିଲା । ବଡବଜାର ଥାନା ଅଧିକାରୀ ବାବାଶଙ୍କର ଶରାଫଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇଥିଲା । ଏହି ଟିମ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରିଥିଲା । ଏପରିକି ବସଷ୍ଟାଣ୍ଡ, ରେଳଷ୍ଟେସନ ସମେତ ଅନ୍ୟାନ୍ୟ ସ୍ଥାନରେ ରାତିସାରା ଖୋଜାଖୋଜି କରାଯାଇଥିଲା । ତେବେ ତଦନ୍ତ ବେଳେ ନାବାଳିକାମାନେ ଏକ ସିଟି ବସରେ ବସି ଛତ୍ରପୁର ଆଡେ ଯାଉଥିବା ପୋଲିସ ଜାଣିବାକୁ ପାଇଥିଲା । ସେହିକ୍ରମରେ ଟିମ ଛତ୍ରପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢଉ କରିଥିଲା । ନାବାଳିକାମାନେ ଛତ୍ରପୁର ନିକଟ ଚମାଖଣ୍ଡି ଓ ଆଆରଇଏଲ ଛକ ଠାରେ ଥିବାବେଳେ ପୋଲିସ ସେମାନଙ୍କୁ ଠାବ କରିବା ସହ ଉଦ୍ଧାର କରିଥିଲା । ସେମାନଙ୍କୁ ପଚରାଉଚରା ବେଳେ ଏହି ନାବାଳିକା ମଧ୍ୟରୁ ଜଣଙ୍କ ସହ ଉକ୍ତ ସ୍କୁଲରେ ପଢୁଥିବା ଜଣେ ନାବାଳକ ଭାଇ ସହ ବନ୍ଧୁତା ସୃଷ୍ଟି ହୋଇଥିଲା ।

ଏ ବିଷୟରେ ଜଣାପଡିବା ପରେ ସଂପୃକ୍ତ ନାବଳିକାଙ୍କ ମାଆ ସ୍କୁଲକୁ ଯାଇ ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ । ଏହାପରେ ପ୍ରଧାନ ଶିକ୍ଷକ ଉକ୍ତ ନାବାଳିକାଙ୍କୁ ଡାକି ତାଗିଦ କରିଥିଲେ । ଆଉ ସଂପୃକ୍ତ ନାବାଳିକା ଓ ତାଙ୍କ ୩ ଜଣ ସହପାଠୀଙ୍କ କାରନାମା ବିଷୟରେ ପରିବାର ଲୋକଙ୍କୁ ଜଣାଇଦେବେ ବୋଲି କହିଥିଲେ । ଫଳରେ ସେମାନେ ଭୟଭୀତ ହେବା ସହ ଭୁବନେଶ୍ୱର ଚାଲିଯିବାକୁ ଯୋଜନା କରିଥିଲେ । ଶୁକ୍ରବାର ସେମାନେ ସ୍କୁଲକୁ ଯାଉଛି କହି ଘରୁ ବାହାରି ପ୍ରଥମେ ପୁରୁଣା ବସଷ୍ଟାଣ୍ଡକୁ ଯାଇଥିଲେ । ସେଠାରେ ଏକ ଶୌଚାଳୟକୁ ଯାଇ ସ୍କୁଲ ୟୁନିଫର୍ମ ବଦଳାଇ ସାଧା ପୋଷାକ ପିନ୍ଧିଥିଲେ । ପରେ ବସରେ ବସି ସେମାନେ ଦିଗପହଣ୍ଡି ଯାଇଥିଲେ । ସେଠାରୁ ଜଣେ ନାବାଳିକା ଏଟିଏମରୁ ୫୦୦ ଟଙ୍କା ଉଠାଇଥିଲେ । ସେଠାରୁ ଫେରି ସମସ୍ତେ ବ୍ରହ୍ମପୁର ଆସିଥିଲେ । ଏହାପରେ ଜଣେ ନାବାଳିକା ଛତ୍ରପୁରରେ ରହୁଥିବା ତାଙ୍କର ଜଣେ ସାଙ୍ଗକୁ ଫୋନ କରିବା ପରେ ଏକ ବସରେ ବସି ଛତ୍ରପୁର ଚାଲିଯାଇଥିଲେ । ୪ ନାବାଳିକାଙ୍କୁ ଉଦ୍ଧାର ପରେ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବକେ ଏମ ସୂଚନା ଦେଇଛନ୍ତି ।

## ମହିଳାଙ୍କ ମୁଣ୍ଡରୁ ଗଣ୍ଡି ଅଲଗା କଲେ ଦୁର୍ବୃତ୍ତ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲା ତିରିଂ ଥାନା ଦେଓଗାମ ଅଞ୍ଚଳରେ ଲୋମହର୍ଷଣ ହତ୍ୟାକାଣ୍ଡ । ଶନିବାର ବିଳମ୍ବିତ ରାତିରେ ମହିଳାଙ୍କ ମୁଣ୍ଡ ଗଣ୍ଡି ଅଲଗା କରି ଦୃର୍ବତ୍ତ ଫେରାର ହୋଇଯାଇଛନ୍ତି । ମୃତ ମହିଳା ଜଣକ ହେଲେ ସୁହାଗି ବୈପାଇ । ଘଟଣାରୁ ପ୍ରକାଶ ଯେ, ଶନିବାର ଅପରାହ୍ନରେ ସୁହାଗିର ସ୍ୱାମୀ ଗ୍ରାମରେ ଫୁଟବଲ ଖେଳ ଦେଖିବାକୁ ଯାଇଥିଲେ । ଘରେ ଏକୁଟିଆ ମହିଳା ଜଣକ ରହିଥିବାରୁ ଏହାର ସୁଯୋଗ ନେଇ ଏଭଳି କାଣ୍ଡ ଘଟିଥିବା ସ୍ୱାମୀ ଥାନାରେ ଅଭିଯୋଗ କରିଥିଲେ । ହତ୍ୟାକାଣ୍ଡର କାରଣ ଜଣାପଡି ନଥିବା ବେଳେ କିଭଳି ପରିସ୍ଥିତିରେ କିଏ କେଉଁ କାରଣରୁ ଏଭଳି କାଣ୍ଡ ଘଟାଇଛି ତାହା ଏବେ ତଦନ୍ତ ସାପେକ୍ଷ । ଘଟଣାସ୍ଥଳରେ ତିରିଂ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି । ମୃତ ଦେହକୁ ଜବତ କରି ରାଇରଙ୍ଗପୁର ଡାକ୍ତରଖାନାକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି ।

## ନଦୀବନ୍ଧରେ ଏଫ୍‌ଡିଆର ଠିକାଦାର ଉପସ୍ଥିତିକୁ ନେଇ ସନ୍ଦେହ

ଭଣ୍ଡାରିପୋଖରୀ, (ସବ୍ୟୁ): ବୈତରଣୀ ନଦୀରେ ବନ୍ୟା ଆସିଲେ କୁମ୍ଭାରିଆ ଗ୍ରାମର ଜନୈକ ଏଫ.ଡି.ଆର. ଠିକାଦାରଙ୍କୁ ଦେଖିବାକୁ ମିଳେ। ରବିବାର ମଧ ସଂପୃକ୍ତ ଠିକାଦାର ନଦୀବନ୍ଧରେ ଚକ୍କର କାଟୁଥିବା ଦେଖିବାକୁ ମିଳିଥିଲା। ତତ୍କାଳ କାର୍ଯ୍ୟରୁ ବେଶ ଦି ପଇସା ଲାଭ ମିଳୁଥିବାରୁ ସଂପୃକ୍ତ ଠିକାଦାର ନଦୀବନ୍ଧରେ ଘୁରିବୁଲୁଥିବା ଜଣାଯାଇଛି। ନିମ୍ନମାନସିକତା ଥିବା ସଂପୃକ୍ତ ଠିକାଦାର କାର୍ଯ୍ୟ ଲୋଭରେ ଅଘଟଣ ଘଟାଇବା ଆଶଙ୍କା ରହିଛି ବୋଲି ଚର୍ଚ୍ଚା ହେଉଛି। ନଦୀର ପୂର୍ବ ବନ୍ୟା ସମୟରେ ବୈତରଣୀ ନଦୀବନ୍ଧର ମଣିନାଥପୁର ଅଂଶରେ କ୍ରସର ଡଷ୍ଟ ପକାଇବା କାର୍ଯ୍ୟ ସହ ତିଖିଲିଆ ସେତୁ ମରାମତି କାର୍ଯ୍ୟ କରିଥିବା ଜଣାଯାଇଛି। ଗତ ଶନିବାର ତିଖିଲିଆ ସେତୁର ମରାମତି ଅଂଶ କ୍ଷତିଗ୍ରସ୍ତ ହୋଇଥିବାରୁ ପୁନର୍ବାର ସଂପୃକ୍ତ ଠିକାଦାର କାର୍ଯ୍ୟ କରିବ ବୋଲି ସୂଚନା ମିଳିଛି। ଏଫ.ଡି.ଆର. କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ଠିକାଦାର ହାତେଇବା ପଛରେ ରାଜନୈତିକ ପୃଷ୍ଠପୋଷକତା ରହିଛି ବୋଲି ପ୍ରଶାସନକୁ ଚେତାଇ ଦିଆଯାଇଛି।

## ରାଜ୍ୟ ସାମ୍ବାଦିକ ସଂଘ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଆଲୋଚନାଚକ୍ର

ବ୍ରହ୍ମପୁର, (ସବ୍ୟୁ): ରାଜ୍ୟ ସାମ୍ବାଦିକ ସଂଘ ଏସୟୁଜେ ପକ୍ଷରୁ ବନ୍ଧୁ ମିଳନ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ରବିବାର ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାପତି ବିଶ୍ୱନାଥ ମାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ ଯୋଗ ଦେଇଥିଲେ।



ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ମହାନଗର ନିଗମର ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଓ ସମ୍ମାନିତ ଅତିଥିତି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମ୍ବାଦିକ ଓ ଗଣ ଯୋଗାଯୋଗ ବିଭାଗରେ ମୁଖ୍ୟ ପ୍ରଫେସର ଡ.ବନ୍ଦିତା ପଣ୍ଡା ଯୋଗ ଦେଇଥିଲେ। ଆଲୋଚନାର ବିଷୟ ଥିଲା, ସମାଜ ଗଠନରେ ନେତାଙ୍କ କର୍ତ୍ତବ୍ୟ ଓ ସାମ୍ବାଦିକଙ୍କ ଭୂମିକା। ବର୍ତ୍ତମାନ୍ ସ୍ଥିତିରେ ନେତା ମାନେ କିଭଳି ଲୋକଙ୍କ ସେବା କରିବା ଏହା ସହ ସାମ୍ବାଦିକ ମାନେ ଲୋକଙ୍କ ସମସ୍ୟା କିଭଳି ଲୋକ ଲୋଚନକୁ ଆଣିବେ ନିଜର ଭୂମିକା ନିର୍ବାହ କରିବେ ସେହିଭଳି ଯେଉଁ ସମସ୍ୟା ଲୋକଙ୍କ ଓ ସମାଜରେ ସମାଧାନ କରିବେ ନିଜର କର୍ତ୍ତବ୍ୟ ଭାବି ତାହାକୁ ଏହି ଆଲୋଚନାରେ ଅତିଥି ମାନେ ଅଭିଭାଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଘର ସାଧାରଣ ସମ୍ପାଦକ ଦିଗାମ୍ବର ମହାରଣା ପରିଚାଳନା କରିଥିବା ବେଳେ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବରିଷ୍ଠ ସାମ୍ବାଦିକ ଲୋକନାଥ କର ଓ ସୁରଜିତ ପଣ୍ଡା ଅତିଥିମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ସଂଘର କୋଷାଧ୍ୟକ୍ଷ ନୀଳାଞ୍ଚଳ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ସଂଘର ସଦସ୍ୟମାନେ ଯୋଗ ଦେଇଥିଲେ।

## ସେପ୍ଟେମ୍ବର ୧୧ରେ ହେବ ଘୁମୁସର ଦିବସ

ଭଞ୍ଜନଗର, (ସବ୍ୟୁ) : ଘୁମୁସର ବିକାଶ ପରିଷଦ, ଭଞ୍ଜନଗର ତରଫରୁ ସ୍ଥାନୀୟ ବନବିଭାଗ ଡାକ ବଙ୍ଗଳା ଠାରେ ସେପ୍ଟେମ୍ବର ଏଗାରରେ ଘୁମୁସର ଦିବସ ଦିବସ ପାଳନ କରିବା ଅବସରରେ ସାମ୍ବାଦିକ ସମିଳନୀ ରବିବାର ଅନୁଷ୍ଠିତ ହୋଇ ଯାଇଛି ।

ଓଡିଆ ଭାଷା ସୁରକ୍ଷା ଅସ୍ମିତା ପ୍ରଥମ କରି ତତକାଳୀନ ରସଲକୋଣ୍ଡା ମୁକାମରେ ଠାକୁରାଣୀ ପଡିଆ ବର୍ତମାନ ଘୁମୁସର ରାଜସ୍ୱ ଉପଖଣ୍ଡ ଭଞ୍ଜନଗର ୧୮୭୦ମସିହା ସେପ୍ଟେମ୍ବର ଏଗାରରେ ରାଜା ଶ୍ରୀ ବେଙ୍କେଟେଶ ଦେଓ, ଦୀନବନ୍ଧୁ ପଟନାୟକ ଆଦି ମହାପୁରୁଷଙ୍କ ନେତୃତ୍ୱରେ ଓଡିଆ ଭାଷା ଆନ୍ଦୋଳନ ଆରମ୍ଭ ହେବା ବିଗୁଲ ବାଜିଥିଲା । ପରେ ଜାତିପ୍ରେମୀ ଓଡ଼ିଆଙ୍କ ଏକ ସମ୍ମିଳନୀ ବେଙ୍ଗାଲ, ମାଡ୍ରାସ ଓ ମଧ୍ୟପ୍ରଦେଶରୁ ସବୁ ଓଡ଼ିଆ ଅଂଚଳକୁ ଆଣି କଟକ ପୁରୀ ସହ ମିଶାଇ ଭାଷାଭତ୍ତିରେ ଓଡିଶା ପ୍ରଦେଶ ଗଠନ କରିବାକୁ ସେଦିନ ପାରିତ ହୋଇଥିଲା। ଏକ ସଂକଳ୍ପ. ବ୍ରିଟିଶ କର୍ତ୍ତୃପକ୍ଷଙ୍କ ପାଖରେ ପେଶ କରିବା ପାଇଁ ଏହି ଘୁମୁସରିଆଙ୍କ ଆହ୍ୱାନରେ, ଯାହା ଓଡିଶା ପ୍ରଦେଶ ଗଠନର ଭତ୍ତି ଭୂମି ସୃଷ୍ଟି କରିଥିଲା । ସେଇ ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଘୁମୁସର ଦିବସ ପାଳନ କରିବା ପାଇଁ ପରିଷଦ ସଭାପତି ବରିଷ୍ଠ ଆଇନଜୀବୀ ସୋମନାଥ ନାୟକ ପ୍ରେସ ବାର୍ତ୍ତା ଦେଇଥିଲେ । ପ୍ରଥମ କରି ଓଡିଆ ଦିବସ ଘୁମୁସର ଦିବସ ୧୦୦ ଗ୍ରାମ ପଞ୍ଚାୟତରେ, ୫ ଗୋଟି ବ୍ଲକରେ ପଥପ୍ରାନ୍ତ ସଭା, ସ୍ଥାନୀୟ ସମସ୍ତ ଅନୁଷ୍ଠାନ, ସମସ୍ତ ରାଜନୈତିକ ଦଳ ସହଯୋଗରେ ଘୁମୁସର ଦିବସକୁ ଗଣପର୍ବ ରୂପେ ପାଳନ କରିବା ଓ ଘୁମୁସରର ତିନି ବିରଳ ଜାତୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ (ଶାସ୍ତ୍ର) ଜାତୀୟ ବୀର ଚକରା ବିଷୋୟୀ (ଶସ୍ତ୍ର) ଜାତୀୟ ଗୋବଂଶ ଘୁମୁସରୀ ଗାଈ (ଶାସ୍ତ୍ରର୍ଥ) କାହାଣୀ ପଲ୍ଲୀରୁ ଦିଲ୍ଲୀ ନିଆଯିବ ପରିଷଦ ସମ୍ପାଦକ ପ୍ରେସ ଇସ୍ତାହର ଦେଇ ସମସ୍ତଙ୍କ ସାହାଯ୍ୟ ଭିକ୍ଷା କାମନା କରିଛନ୍ତି। ଉପଦେଷ୍ଟା ଡାଃ କୃତିବାସ ବିଶ୍ୱାଳ ଓ ପରିଷଦ ବରିଷ୍ଠ କର୍ମକର୍ତ୍ତା ସୁଶାନ୍ତ ପାତ୍ର, ରବିନାରାୟଣ ସାମନ୍ତ, ଗୋପାଳ ଚନ୍ଦ୍ର ଲେଙ୍କା ଓ ବହୁ ବୁଦ୍ଧିଜୀବୀ ଉପସ୍ଥିତି ଥିଲେ ।

## କବି ମଧୁସ୍ମିତା ସାହୁଙ୍କ 'ରାଧା ଚନ୍ଦ୍ରିକା' ପୁସ୍ତକ ଉନ୍ମୋଚିତ




ବ୍ରହ୍ମପୁର, (ସବ୍ୟୁ) : ସ୍ଥାନୀୟ ଗୋକର୍ଣେଶ୍ୱର ମନ୍ଦିର ସମ୍ମିଳନୀ କକ୍ଷରେ କବି ମଧୁସ୍ମିତା ସାହୁଙ୍କ କବିତା ସଂକଳନ 'ରାଧା ଚନ୍ଦ୍ରିକା 'ର ଉନ୍ମୋଚନ ପର୍ବ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ସାହିତ୍ୟ ପରିଷଦ ଦ୍ୱାରା ପ୍ରକାଶିତ ଏହି ପୁସ୍ତକର ଉନ୍ମୋଚନ ପର୍ବରେ ବିଶିଷ୍ଟ ନାଟ୍ୟକାର ଇଂ ଯାମିନୀକାନ୍ତ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କବିତା ଅନୁଭବ ଓ ଅନୁଭୂତିକୁ ନେଇ ଗତି କରିଥାଏ ବୋଲି ବକ୍ତବ୍ୟ ରଖିଥିଲେ । କବି ବିଦେଶୀ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ୟ ସର୍ବଦା ସମାଜକୁ ସକ୍ରିୟ ଓ ସୃଜନକ୍ଷମ କରିଥାଏ । ଏହି ଅବସରରେ ପ୍ରକାଶିତ 'ରାଧା ଚନ୍ଦ୍ରିକା' ସମାଜ ପାଇଁ ଏକ ଅନନ୍ୟ ଉପହାର ବୋଲି କହିଥିଲେ ।

ସମ୍ମାନିତ ଅତିଥି ଭାବେ ସୁଲେଖକ ଡ ରାଜେନ୍ଦ୍ର ବେହେରା ଓ ଶିକ୍ଷାବିତ୍ ଶ୍ରୀମତୀ ଜ୍ୟୋସ୍ନା ପାଣି ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ହୋଇ ରାଧା ଚନ୍ଦ୍ରିକା ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ । ବିଶିଷ୍ଟ କବି ସୁଶାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ କାର୍ଯ୍ୟକ୍ରମକୁ କବି ସୁଜାତା ଶତପଥୀ ସଞ୍ଚାଳନା କରିଥିଲେ । ଏହି ଅବସରରେ ସଂଯୋଜିକା ସୁଶ୍ରୀ ନନ୍ଦିନୀ ମହାରଣାଙ୍କ ସଂଯୋଜନା ଅନୁଷ୍ଠିତ କବିତା ପାଠ ଉତ୍ସବରେ କବି ବଂଶୀଧର ସେଠୀ, ମନିଷା ପ୍ରସାଦ ସାମନ୍ତସିଂହାର, ଗିରିଜା ଶଙ୍କର ଦାଶ, ଜ୍ୟୋସ୍ନା ରାଣୀ ଦେବୀ , ବିଜୟ ମହାରଣା , ବିନୋଦିନୀ ନାୟକ , ଗଙ୍ଗାଧର ମହାକୁଡ, ସୌରଭ କାନ୍ତ ତ୍ରିପାଠୀ, ବୋଧିସତ୍ୱ ମହାରଣା, ସୁଧାଞ୍ଜଳି ମିଶ୍ର ପ୍ରମୁଖ କବିତା ପାଠ କରିଥିଲେ । ଶେଷରେ ରାଧା ଚନ୍ଦ୍ରିକା ସଙ୍କଳନର କବି ମଧୁସ୍ମିତା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବିଷାକ୍ତ ସାପ କାମୁଡାରେ ମହିଳାଙ୍କ ମୃତ୍ୟୁ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଭାମଶ୍ୟାଳି ଗ୍ରାମର ଜନୈକା ମହିଳା ବିଷାକ୍ତ ସାପ କାମୁଡାରେ ମୃତ୍ୟୁ ବରଣ କରିଥିବା ଜଣାଯାଇଛି । ମୃତା ମହିଳା ଜଣକ ହେଲେ ଲଡୁ ସାମଲଙ୍କ ପତ୍ନୀ ଜୟନ୍ତୀ ସାମଲ(୫୦) । ପ୍ରକାଶ ଯେ , ଜୟନ୍ତୀ ଶନିବାର ସକାଳେ ବିଲରେ କାମ କରୁଥିବା ବେଳେ କୌଣସି ବିଷାକ୍ତ ସାପ ତାଙ୍କର ଗୋଡକୁ କାମୁଡି ଦେଇଥିଲା । ପୋଡାଜଳା ହେବାରୁ ତାଙ୍କୁ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ଚିକିତ୍ସା ପରେ ସେ ଅପରାହ୍ନରେ ଘରକୁ ଫେରିଯାଇଥିଲେ। ସନ୍ଧ୍ୟାବେଳେ ଅସହ୍ୟ ଯନ୍ତ୍ରଣା ହେବାରୁ ପୁଣି ତାଙ୍କୁ ମେଡିକାଲକୁ ଅଣାଯାଇଥିଲା । ତେବେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କର ମୃତ୍ୟୁରେ ଭାମଶ୍ୟାଳି ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

## ଯଶୋଦା ଫାଉଣ୍ଡେସନ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଛତ୍ରପୁର, (ସବ୍ୟୁ): ଯଶୋଦା ଫାଉଣ୍ଡେସନ୍ ପକ୍ଷରୁ ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ନିମପଲ୍ଲୀ ଗ୍ରାମରେ ବୃକ୍ଷ ରୋପଣ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ ଟ୍ରଷ୍ଟି ସାଗରିକା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଆଇନଜୀବୀ ପ୍ରଶାନ୍ତ କୁମାର ଶତପଥୀ, ଭ୍ରମରା ଦାସ ପ୍ରମୁଖ ଯୋଗଦେଇ ଏକଶହ ପରିବାରକୁ ବିଭିନ୍ନ କିସମର ଫଳ ଚାରା ବଣ୍ଟନ କରିବା ସହିତ ନଡ଼ିଆ ଗଛ ମଧ ଦେଇଥିଲେ । ପରେ ସମସ୍ତେ ବୃକ୍ଷ ରୋପଣ କରିଥିଲେ, ଏହି କାର୍ଯ୍ୟକ୍ରମକୁ ପୁଷ୍ପାଞ୍ଜଳି ସାହୁ ଓ ସୁଦେଷ୍ଣା ସାହୁ ପରିଚାଳନା ରେ ସହଯୋଗ କରିଥିଲେ ।

## ଚିନ୍ମୟ ମିଶନ ଆଶ୍ରମରେ ଗୀତା ଜ୍ଞାନ ମହାଯଜ୍ଞ ପୂର୍ଣ୍ଣାହୁତି

ଆସିକା, (ସବ୍ୟୁ): ସ୍ଥାନୀୟ ଚିନ୍ମୟ ମିଶନଠାରେ ଦୀର୍ଘ ତିନି ବର୍ଷ ଧରି ଚାଲିଥିବା ଆଧାତ୍ମିକ କାର୍ଯ୍ୟକ୍ରମ ଶ୍ରୀମଦ ଭାଗବଦ୍ ଗୀତା ଜ୍ଞାନଯଜ୍ଞର ପୂର୍ଣ୍ଣାହୁତି ଉତ୍ସବ ରବିବାର ଦିନ ଆୟୋଜିତ ହୋଇଛି । ବାରିପଦା ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦଙ୍କ ଦ୍ୱାରା ପ୍ରବଚନ ମାଧ୍ୟମରେ ତିନି ବର୍ଷ ଧରି ଭକ୍ତ ମାନଙ୍କୁ ଭାଗବତ ଗୀତାର ସମସ୍ତ ଅଧ୍ୟାୟର ସରଳ ବ୍ୟାଖ୍ୟା ମନ୍ତ୍ର ମୁଗ୍ଧ କରିଥିଲା ।



ଉଦଯାପନୀ ଦିବସରେ ବିଧାୟକ ସରୋଜ କୁମାର ପାଢ଼ୀ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ । ଆସିକା ଚିନ୍ମୟ ମିଶନର ସଭାପତି ଲକ୍ଷ୍ମୀନାରାୟଣ ଗୁପ୍ତା ଏବଂ ସଚିବ ନିରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ କାର୍ଯ୍ୟକ୍ରମଟି ସଫଳ ରୂପାୟନ ହୋଇପାରିଥିଲା । ସ୍ୱାମୀଜୀଙ୍କ ଶ୍ରୀମୁଖରୁ ଶ୍ରୀମଭ ଭାଗବଦ୍ ଗୀତାର ସମସ୍ତ ଅଷ୍ଟୋଦଶୋଧାୟକୁ ସମସ୍ତ ଭକ୍ତବୃନ୍ଦ ପୁନରାବୃତ୍ତ ପାରାୟଣ କରିଥିଲେ ।

ମୁଖ୍ୟଅତିଥି ବିଧାୟକ ଶ୍ରୀ ପାଢ଼ୀ ଆସିକା ଚିନ୍ମୟ ମିଶନର ଏପରି ଆଧାତ୍ମିକ କାର୍ଯ୍ୟକ୍ରମକୁ ପ୍ରସଂଶା କରି ଚିନ୍ମୟ ମିଶନର ଅତିରିକ୍ତ କୋଠରୀ ନିମନ୍ତେ ଦୁଇଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିବା ପାଇଁ ମଧ ପ୍ରତିଶୃତି ଦେଇଛନ୍ତି । ସଭାପତି ଶ୍ରୀ ଗୁପ୍ତା ସ୍ୱାମୀଜୀଙ୍କ ଆଧାତ୍ମିକ ପ୍ରବଚନରେ ଶତମୁଖ ହୋଇ କହିଥିଲେ ଦୀର୍ଘ ୩୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଗୀତା ଜ୍ଞାନଯଜ୍ଞର ପୂର୍ଣ୍ଣାହୁତି ହୋଇପାରିଛି । ନିଶ୍ଚୟ ଭକ୍ତବୃନ୍ଦଙ୍କ ମଧ୍ୟରେ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖନିଃସୃତ ବାଣୀର ଆତ୍ମସାତ ଭକ୍ତିର ନୂତନ ଆଲୋଡନ ସୃଷ୍ଟି କରିପାରିଛି ବୋଲି କହିଥିଲେ । ଚିନ୍ମୟ ମିଶନର ପ୍ରାୟ ଶତାଧିକ ଭକ୍ତ ବୃନ୍ଦ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରସାଦ ସେବନ କରିଥିଲେ ।

## ପ୍ରଜାପତି ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର, ୩୦ ୟୁନିଟ୍ ସଂଗୃହୀତ

ଛତ୍ରପୁର, (ସବ୍ୟୁ): ବିଶ୍ୱ ଭ୍ରାତୃତ୍ୱ ଦିବସ ରାଜ ଯୋଗିନୀ ଦାଦୀ ପ୍ରକାଶ ମଣିଙ୍କ ୧୮ତମ ପୁଣ୍ୟ ତିଥି ଉପଲକ୍ଷେ ପ୍ରଜାପତି ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାନ୍ତି ଅନୁଭୂତି ଭବନ ଛତ୍ରପୁର ଶାଖା ପକ୍ଷରୁ ରବିବାର ଏକ ରକ୍ତଦାନ ଶିବିରରୁ ମୋଟ ୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଯାଇଛି । ପ୍ରଜାପତି ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାନ୍ତି ଅନୁଭୂତି ଭବନ ଛତ୍ରପୁର ଶାଖାର ମୁଖ୍ୟ ସଂଚାଳିକା ବ୍ରହ୍ମକୁମାରୀ ବିଜୟଲକ୍ଷ୍ମୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ରକ୍ତଦାନ ଭଳି ମହତ୍ୱ କାର୍ଯ୍ୟକୁ ଆୟୋଜିତ କରିଥିବା ନେଇ ବିଧାୟକ ଶ୍ରୀ ନାୟକ ଅନୁଷ୍ଠାନକୁ ଶୁଭେଚ୍ଛା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢୀ, ଆଇନଜୀବୀ ଡଃ ପ୍ରଶାନ୍ତ କୁମାର ଶତପଥୀ, ଯୁବ ନେତା ବନୋଜ କୁମାର ନାହାକ, ସଞ୍ଜିତ କୁମାର ରାଉଳ ଓ ଡ଼ି. ସୁରେଶ ରେଡ୍ଡୀ, ରାଧେଶ୍ୟାମ ଫାଉଣ୍ଡେସନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟର ସଭାପତି ତଥା କାଉନ ସିଲର ଦେବାଶିଷ ମିଶ୍ର, ସାମ୍ବାଦିକ କେ.ସତ୍ୟନାରାୟଣ ରେଡ୍ଡୀ, ବସନ୍ତ କୁମାର ମହାରଣା, ସରୋଜ କୁମାର ସାମଲ, ଭଗବାନ ଦାଶ, ପ୍ରଶାନ୍ତ କୁମାର ମହାରଣା ଓ ସନ୍ତୋଷ କୁମାର ସାହୁ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ବ୍ରହ୍ମପୁର ରକ୍ତଭଣ୍ଡାରର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ । ପ୍ରଜାପତି ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାନ୍ତି ଅନୁଭୂତି ଭବନ ଛତ୍ରପୁର ଶାଖାର ମୁଖ୍ୟ ସଂଚାଳିକା ବ୍ରହ୍ମକୁମାରୀ ବିଜୟଲକ୍ଷ୍ମୀ, ବ୍ରହ୍ମକୁମାରୀ ରଜନୀକାନ୍ତ ପଟ୍ଟନାୟକ, ସିମାଂଚଳ ଦାଶ, ବାଲକୃଷ୍ଣ, ଗୋପାଳ ସାମନ୍ତରାୟ, କବିରାଜ ବେହେରା, ପଙ୍କଜ କୁମାର ନାୟକ ଓ ବ୍ରହ୍ମକୁମାରୀ ମାମାଲି, ଭାଗ୍ୟ, ପିଙ୍କି, ସବିତା, ଦୀପା ପ୍ରମୁଖ ଭାଇଭଉଣୀ ଶିବର ପରିଚାଳନାରେ ସପୂର୍ଣ୍ଣ ସହଯୋଗ କରିଥିଲେ ।

## ସର୍ବୋଦୟ ନେତା ପ୍ରଶାନ୍ତ ମହାନ୍ତିଙ୍କ ୮୫ ତମ ଜୟନ୍ତୀ

ବାରିପଦା, (ସବ୍ୟୁ) : ବିଶିଷ୍ଟ ସର୍ବୋଦୟ ନେତା ସ୍ୱର୍ଗତଃ ପ୍ରଶାନ୍ତ ମହାନ୍ତିଙ୍କ ୮୫ତମ ଜୟନ୍ତୀ ଉତ୍ସବ ଓଡ଼ିଆ ଜାଗରଣ ମଞ୍ଚ, ମୟୂରଭଞ୍ଜ କଲେଜ ଅଫ ଏକାଉଟେନସି ଏଣ୍ଡ ମେନେଜ ମେଣ୍ଟ ଏବଂ ବିନୋବା ସ୍ମାରକ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ମହାରାଜପୁର ସ୍ଥିତ ଏମସିଏଏମ କଲେଜ ପରିସରରେ ପାଳିତ ହୋଇଯାଇଛି ।

ସାମ୍ବାଦିକ ଦୀପକ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ଓଡ଼ିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ତଥା ପ୍ରଶାନ୍ତ ମହାନ୍ତିଙ୍କ ସହକର୍ମୀ ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ କଲେଜ ଅଫ ଏକାଉଟେନସି ଏଣ୍ଡ ମେନେଜ ମେଣ୍ଟର ଅଧକ୍ଷ ପ୍ରଦୀପ କୁମାର ନାୟକ, ସାମ୍ବାଦିକ ସୟେଦ ସିରାଜୁଦ୍ଦିନ, କଲେଜର ପ୍ରାଣୀ ବିଜ୍ଞାନ ମୁଖ୍ୟ ଅଭିପ୍ସା ନାୟକ ଓ ଉଦ୍ଭିଦ ବିଜ୍ଞାନ ମୁଖ୍ୟ ରୁପା ମଞ୍ଜରୀ ବେହେରା ପ୍ରମୁଖ ଭାବରେ ଯୋଗଦେଇ ସ୍ୱର୍ଗତଃ ମହାନ୍ତିଙ୍କର ସ୍ମୃତିଚାରଣ କରି ସନ୍ଥ ବିନୋବାଙ୍କର ଭୁଦାନ ଆନ୍ଦୋଳନରେ ପ୍ରଶାନ୍ତ ମହାନ୍ତିଙ୍କର ତ୍ୟାଗପୁତ କର୍ମଧାରା ବିଷୟରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ବହୁ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ସହିତ କଲେଜର ଛାତ୍ରଛାତ୍ରୀ ମାନେ ଯୋଗଦେଇ ସ୍ୱର୍ଗତଃ ମହାନ୍ତିଙ୍କର ସ୍ମୃତିଚାରଣ କରିଥିଲେ ।

## କୂଅରେ ପଡି ବୃଦ୍ଧାଙ୍କ ମୃତ୍ୟୁ

ଭଞ୍ଜନଗର,(ସବ୍ୟୁ): ଭଞ୍ଜନଗର ଥାନା ବାଉଁଶଲୁଣ୍ଡି ପଞ୍ଚାୟତ ଗାମୁଣ୍ଡି ଗ୍ରାମରେ ନିରଞ୍ଜନ ପ୍ରଧାନଙ୍କ କୂଅରେ ପଡି ବୃଦ୍ଧାଙ୍କ ମୃତ ଘଟିଛି । ମୃତକ ଜଣକ ହେଲେ ହେମ ଗୌଡ଼ (୭୦) । ହେମଙ୍କ ବୋହୁ ସକାଳ ୧୦ ଘଣ୍ଟ ସମୟରୁ ଶାଶୁଙ୍କୁ ଖୋଜାଖୋଜି କରିଥିଲେ। ହେଲେ ଶାଶୁଙ୍କ କୌଣସି ଖୋଜ ଖବର ପାଇ ନଥିଲେ। ଆଉ ସନ୍ଧ୍ୟା ସମୟରେ ହେମ କୂଅରେ ଭାସୁଥିବା ଦେଖି ଗାଁ ଲୋକେ ଖବର ଦେଇଥିଲେ ।

ଖବର ପାଇ ଭଞ୍ଜନଗର ପୋଲିସ ଏବଂ ଅଗ୍ନିଶମ ବାହିନୀ ପହଂଚି ଶବକୁ କୂଅରୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଇ ତଦନ୍ତ ଚଳାଇଛି । ଅନ୍ୟପଟେ ହେମଙ୍କ ସ୍ୱାମୀ ଦୀର୍ଘଦିନ ହେଲା ମୃତ୍ୟୁ ବରଣ କରିଥିବାବେଳେ ଏକମାତ୍ର ସାହାରା ଥିବା ପୁଅ ଗନ୍ଧି ଗୌଡ଼ ଜୀବନ ମରଣ ସହିତ ସଂଗ୍ରାମ କରୁଛି । ଗନ୍ଧି ସୁରାଟର ସୁତା କଳରେ କାମ କରୁଥିଲେ। ଏବେ କିଛି ଦିନହେଲା କ୍ୟାନ୍ସରରେ ପୀଡିତ ହୋଇ ଚିକିତ୍ସିତ ହେଉଛନ୍ତି । ପୁଅ ଶଯ୍ୟାଶାୟୀ ହୋଇଥିବାବେଳେ ମା କୂଅରେ ପଡି ମୃତ୍ୟୁ ବରଣ କରିଛି। ଏଭଳି ଘଟଣା ପରେ ଗାମୁଣ୍ଡି ଗାଁରେ ଏକପ୍ରକାର ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ମୟୂରଭଞ୍ଜ ଜିଲ୍ଲା ଟେଣ୍ଟ ହାଉସ ସଂଘର ୨୬ତମ ବାର୍ଷିକ ଉତ୍ସବ




ବାରିପଦା, (ସବ୍ୟୁ) : ସ୍ଥାନୀୟ ଶହୀଦ ସ୍ମୃତି ଭବନ ଠାରେ ମୟୂରଭଞ୍ଜ ଜିଲ୍ଲା ଟେଣ୍ଟ ହାଉସ ସଂଘର ୨୬ତମ ବାର୍ଷିକ ଉତ୍ସବ ସମଗ୍ର ଜିଲ୍ଲାର ଆଠ ଶହରୁ ଉର୍ଦ୍ଧ ଟେଣ୍ଟ ମାଲିକ ମାନଙ୍କ ସମାଗମରେ ପାଳିତ ହୋଇଯାଇଛି । ଏଥିରେ ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ମୁଖ୍ୟଅତିଥି ଓ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟବକ୍ତା ଭାବରେ ଯୋଗଦେଇ ଓଡ଼ିଶାର ସବୁଠାରୁ ବଡ଼ ଜିଲ୍ଲାର ଏତେ ବିଶାଳ ମାଲିକ ମାନଙ୍କ ପରିବାରର ଏକତା ଓ ଭାଇଚାରାକୁ ଭୁରି ଭୁରି ପ୍ରଶଂସା କରିଥିଲେ । ଡଃ ପରିଡା ଏ ସଂଘର କାର୍ଯ୍ୟ ପନ୍ଥା ତଥା ବିଭିନ୍ନ ସମୟରେ ପ୍ରଶାସନକୁ ଆର୍ଥିକ ଓ ଶାରୀରିକ ସାହାଯ୍ୟ ସମ୍ପର୍କରେ ଅବଗତ ହୋଇ ଖୁସି ବ୍ୟକ୍ତ କରିବା ସହିତ ଏହାର ଏକ ସ୍ଥାୟୀ କାର୍ଯାଳୟ ନିର୍ମାଣ ପାଇଁ ନଗରପାଳଙ୍କ ସହିତ ଆଲୋଚନା କରିଥିଲେ । ଏହି ଅଧିବେଶନରେ ରାଜ୍ୟ ସଂଘ ଚେୟାରମେନ ଅଟଳ ବିହାରୀ ଜେନା ଓ କଟକ ସଭାପତି ରବୀନ୍ଦ୍ର ନାଥ ଦାସ ତଥା ଜିଲ୍ଲାର ସଭାପତି ପଙ୍କଜ ମହାନ୍ତି ଓ ଜିଲ୍ଲା ସମ୍ପାଦକ ସଞ୍ଜୟ ମହାନ୍ତି ନିଜ ନିଜ ବକ୍ତବ୍ୟ ରଖିଥିଲେ । ଉପଦେଷ୍ଟା ସମରେନ୍ଦ୍ର ବଶାଙ୍କ ପୌରହିତ୍ୟରେ ସଭାକାର୍ଯ୍ୟ ସମ୍ପାଦିତ ହୋଇଥିଲା । ପ୍ରଥମ ଅଧିବେଶନରେ ୧୦ଟି ବିଭିନ୍ନ ବର୍ଗରୁ ଦଶଜଣ ପ୍ରତିଭାଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଯେପରିକି ସେବା କ୍ଷେତ୍ରରେ ଆଦିତ୍ୟ ପଟ୍ଟନାୟକ, ସାହିତ୍ୟରେ ପଦ୍ମନାଭ ସାହୁ, ମେଟ୍ରିକ ଟପର ଭୂମିକା ପ୍ରିୟଦର୍ଶିନୀ, ଯୁକ୍ତଦୁଇ ଟପର ସାଗାରମ ମୁର୍ମୁ, ଅନ୍ଧ ମୁକ ବଧିର ବିଦ୍ୟାଳୟର ଦୁଇଜଣ ମୁଲି ବାସ୍କେ ଓ ରାବଣ ମୁର୍ମୁ, ସଫେଇ ପାଇଁ ଦାସ ମୁର୍ମୁ ଓ ମାଳତୀ ମୁର୍ମୁ, ପ୍ରିଣ୍ଟ ମିଡିଆ ପାଇଁ ଦୀପକ କୁମାର ନାୟକ, ଟେଲି ମିଡିଆ ପାଇଁ ସତ୍ୟଜିତ ସୋମ ପ୍ରମୁଖ । ଦ୍ୱିତୀୟ ଅଧିବେଶନରେ ଲଟେରୀ ଉଠାଣ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଆଗାମୀ ବର୍ଷକୁ ଏ ସଭ୍ୟ ସଂଖ୍ୟା ଏକହଜାର କରିବାକୁ ନିଷ୍ପତ୍ତି ନିଆଯାଇଛି । ସଭା ଆରମ୍ଭରେ ନମ୍ବର ଉଆନ ଡ୍ୟାନ୍ସ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମରେ ଏଙ୍କର ଭାବେ ଖୁସି କୁମାରଙ୍କ ମନଲୋଭା ଉଦଘୋଷଣା ଉତ୍ସବକୁ ଆହୁରି ସୁନ୍ଦର କରିପାରିଥିଲା । କୋଷାଧ୍ୟକ୍ଷ ରବୀନ୍ଦ୍ର ପଣ୍ଡା, ସହ ସମ୍ପାଦକ ରାକେଶ ଦାସ, ଅକ୍ଷୟ କୁମାର ମହାନ୍ତି, ଦୀପକ ଦାଶ, ଅଜୟ ବେହେରା, ଅମ୍ବିକା ରାଉତ, ସୁମନ୍ତ ସିଂହ ଆଦିଙ୍କ ସଂଯୋଜନାରେ ଏ ବାର୍ଷିକ ଉତ୍ସବ ସଫଳ ହୋଇଥିଲା । ଶେଷରେ ସୁବ୍ରତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଗକୁ ଆସୁଛି ଗଣେଶ ପୂଜା, ପୁରପଲ୍ଲୀ ଚଳଚଞ୍ଚଳ

ବୁଗୁଡା, (ସବ୍ୟୁ) : ଏ ମାସର ୨୭ ତାରିଖ ଦିନ ପଡୁଛି ଗଣେଶ ପୂଜା ଉତ୍ସବ। ଏବେଠାରୁ ସଜେଇ ହେଲାଣି ବୁଗୁଡା ଅଞ୍ଚଳର ପୁରପଲ୍ଲୀ। ବିଭିନ୍ନ ସ୍ଥାନରେ ଟେଣ୍ଟ ଭିଡା କାମ ଆରମ୍ଭ ହୋଇଯାଇଥିଲା ବେଳେ ମୂର୍ତ୍ତି ଗଢା କାମ ମଧ ଶେଷ ପର୍ଯ୍ୟାୟରେ ପହଞ୍ଚିବା ସାଙ୍ଗକୁ କେବଳ କାରିଗରର ଶେଷ ସ୍ୱର୍ଶକୁ ଅପେକ୍ଷା ରହିଛି। ଅନ୍ୟପକ୍ଷରେ ବୁଗୁଡ଼ା ସହରରେ ପ୍ୟାରିସ୍ ପ୍ଲାଷ୍ଟର ଗଣେଶ ମୂର୍ତ୍ତି ବିକ୍ରି ଦୋକାନର ମାଳ ଲମ୍ବି ଯାଇଛି। ଚଳିତ ବର୍ଷ ପୂଜାକୁ ଧୂମଧାମରେ ପାଳନ କରିବା ପାଇଁ ବିଭିନ୍ନ କମିଟିର ସଦସ୍ୟମାନେ ଦିନରାତି ଏକ କରିଦେଇଛନ୍ତି। ବୁଗୁଡା ସହରାଞ୍ଚଳ ସାଙ୍ଗକୁ ଗ୍ରାମାଞ୍ଚଳରେ ମଧ ବିଭିନ୍ନ ସ୍ଥାନରେ ପିଲାଠାରୁ ଆରମ୍ଭ କରି ଯୁବକମାନେ ଦଳ ଦଳ ହୋଇ ଲୋକଙ୍କଠୁ ପୂଜା ଚାନ୍ଦା ଆଦାୟ କରୁଥିବାର ଦେଖିବାକୁ ମିଳୁଛି। ପ୍ରତିବର୍ଷ ବୁଗୁଡା ଅଞ୍ଚଳରେ ଧୂମଧାମରେ ଗଣେଶ ପୂଜା ଉତ୍ସବ ପାଳନ ହେଉଥିବା ବେଳେ ଏବର୍ଷ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବାକୁ ପୂଜା କମିଟିଗୁଡ଼ିକ ପକ୍ଷରୁ ସବୁ ପ୍ରକାର ପ୍ରସ୍ତୁତି ଜାରି ରହିଛି।

# ମହାନଦୀକୁ ଡେଇଁଥିବା ଛାତ୍ରୀ ଉଦ୍ଧାର




ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଚାଉଁରପୁର ବ୍ରିଜରୁ ମହାନଦୀକୁ ଡେଇଁ ନିଖୋଜ ହୋଇଥିବା ଛାତ୍ରୀ ଉଦ୍ଧାର ହୋଇଛି । ଉଦ୍ଧାର ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରୁ ଛାତ୍ରୀଙ୍କ ସାଇକଲ, ମୋବାଇଲ, ବ୍ୟାଗ ଓ ଫିନାଇଲ ବୋତଲ ଜବତ ହୋଇଛି । ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଥିବାବେଳେ ପୋଲିସ ଏହାର ତଦନ୍ତ କରୁଛି । ସୂଚନାଯୋଗ୍ୟ, ବୁଢାରଜା ଗାର୍ଲ୍ସ ହାଇସ୍କୁଲର ଜଣେ ୯ଶ୍ରେଣୀ ଛାତ୍ରୀ ରବିବାର ସକାଳେ ଚାଉଁରପୁର ବ୍ରିଜ ଉପରୁ ମହାନଦୀକୁ ଆତ୍ମହତ୍ୟା ପାଇଁ ଡେଇଁ ପଡିଥିଲେ । ଖବର ପାଇ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନ୍ କରିଥିଲେ । ହୀରାକୁଦ ଡ୍ୟାମର ୧୨ଟି ଗେଟ୍ ଖୋଲା ଥିବାବେଳେ ମହାନଦୀ ଦେଇ ବନ୍ୟାଜଳ ପ୍ରବାହିତ ହେଉଛି । ତେବେ ଛାତ୍ରୀ ଜଣକ ଏକ ଲଟାରେ ଲାଗିଥିବା ବେଳେ ମାଛ ଧରାଳି କାଳିଆ ବେହେରା ତାଙ୍କୁ ଚେପଟିପୁଲିଆ ନିକଟରୁ ଉଦ୍ଧାର କରିଥିଲେ । ସେ ଡଙ୍ଗା ଯୋଗେ ମାଛ ଧରିବାକୁ ଯାଉଥିବା ବେଳେ ଛାତ୍ରୀ ଜଣକ ଉଦ୍ଧାର ପାଇଁ ଚିତ୍କାର କରିଥିଲେ । ନାବାଳିକା ଛାତ୍ରୀ ଜଣକ ଉଦ୍ଧାର ପରେ ପୋଲିସ ତାଙ୍କୁ ତୁରନ୍ତ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା । ଛାତ୍ରୀ ଜଣକ ଗୋପାଳମାଳ ଅଞ୍ଚଳରେ ତାଙ୍କ ସମ୍ପର୍କୀୟ ଘରେ ରହି ପାଠ ପଢୁଥିବା ଜଣାପଡିଛି ।

# ନିଜସ୍ୱ ଖର୍ଚ୍ଚରେ ରାସ୍ତା ମରାମତି କଲେ ଗ୍ରାମବାସୀ

କୋରାପୁଟ,(ସବ୍ୟୁ) : କୋରାପୁଟ ଜିଲ୍ଲା ବୈପାରିଗୁଡା ବ୍ଲକର କୋଲାର ପଞ୍ଚାୟତରେପ୍ରାୟ ଏକ କିଲୋମିଟର ରାସ୍ତା ଶୋଚନୀୟ ଅବସ୍ଥାରେ ଥିବାରୁ ଯାତାୟତ ସମୟରେ ୩ ଖଣ୍ଡ ଗ୍ରାମର ଗ୍ରାମବାସୀ ହଇରାଣ ହେଉଥିଲେ। ରାସ୍ତା ମରାମତି ପାଇଁ ବହୁବାର ଗୁହାରି କରିବା ପରେ ମଧ ପ୍ରଶାସନ ଶୁଣିଲାନି। ଏହି ଶୋଚନୀୟ ରାସ୍ତାର ତଦାରଖ କରିବା ପରେ ଅତିଶୀଘ୍ର ନୂତନ ରାସ୍ତା ନିର୍ମାଣ କରାଯିବ ବୋଲି ସ୍ଥାନୀୟ ସରପଞ୍ଚ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହାପରେ ମଧ କିଛି ସୁଫଳ ନମିଳିବାରୁ ଗ୍ରାମବାସୀ ନିଜସ୍ୱ ଖର୍ଚ୍ଚରେ ରାସ୍ତା ମରାମତି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଖୁଡ଼ିଗୁଡ଼ା ଠାରୁ ମାଲିଆଗୁଡ଼ା ପର୍ଯ୍ୟନ୍ତ ପ୍ରାୟ ଏକ କିଲୋମିଟର ବହୁ ଦିନ ହେଲା ଶୋଚନୀୟ ଅବସ୍ଥାରେ ରହିଛି । ଏହି ରାସ୍ତା ଉପରେ ଖୁଡିଗୁଡ଼ା, ମାଲିଆଗୁଡା ଏବଂ ଗାଦବାଗୁଡ଼ା ସହ ଆଖପାଖ ଗାଁର ଲୋକେ ନିର୍ଭର କରିଥାନ୍ତି । କିନ୍ତୁ ରାସ୍ତାର ଅବସ୍ଥା ଭଲ ନଥିବାରୁ ପଞ୍ଚାୟତ ଓ ବ୍ଲକ ସଦର ମହକୁମାକୁ ବିଭିନ୍ନ କାମରେ ଯିବା ସମୟରେ ଅଞ୍ଚଳବାସୀଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ।

ବିଶେଷ କରି ବର୍ଷା ଦିନେ ରାସ୍ତା କାଦୁଅ ପଚପଚ ହେଉଥିବାରୁ ଯାତାୟତ କରିବା ଏକପ୍ରକାର ଅସମ୍ଭବ ହୋଇ ପଡୁଛି । ତେଣୁ କଂକ୍ରିଟ କିମ୍ବା ପିଚୁ ରାସ୍ତା ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ବହୁବାର ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟରେ ଲିଖିତ ଭାବେ ଜଣାଇ ଆସୁଛନ୍ତି । କିନ୍ତୁ ଏଥିପ୍ରତି କାହାର ଦୃଷ୍ଟି ପଡି ପାରୁନି। ପ୍ରଶାସନ କୌଣସି ପଦକ୍ଷେପ ନନେବାରୁ ଶେଷରେ ମାଲିଆଗୁଡ଼ା ଗ୍ରାମବାସୀ ନିଜସ୍ୱ ଖର୍ଚ୍ଚ ତଥା ଉଦ୍ୟମରେ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି। ଏ ସଂପର୍କରେ କୋଲାର ପଞ୍ଚାୟତ ସରପଞ୍ଚ ଜୟନ୍ତୀ ନାୟକଙ୍କୁ ପଚାରିବାରୁ ରାସ୍ତା କାମ ମଞ୍ଜୁର ହୋଇସାରିଛି, କେବଳ ବର୍ଷା ଯୋଗୁ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ ଦଶହରା ବେଳକୁ ମନରେଗା ଯୋଜନାରେ ମେଟାଲ ମୋରମ ରାସ୍ତା କାମ ଆରମ୍ଭ କରାଯିବ ବୋଲି ପ୍ରକାଶ କରିଥିଲେ।

# ଡକାୟତି ଯୋଜନା ପଣ୍ଡ : ଚଢ଼ଉ ବେଳେ ୫ ଗିରଫ

ରାଉରକେଲା,(ସବ୍ୟୁ): ରାଉରକେଲା ପୁଲିସ ଏକ ବଡ଼ଧରଣର ଡକାୟତି ଯୋଜନା ପଣ୍ଡ କରିଛି। ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ଡକାୟତି ପାଇଁ ଯୋଜନା କରୁଥିବା ୫ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରୋହିତ ସିଂହ (୨୨), ଅଭୟ ଚୌଧୁରୀ (୨୬), ଶମ୍ଭୁ ରାମ (୨୪), ଏସ୍.କେ ତାଜ୍ (୧୯) ଓ ନୀତେଶ କୁମାର ସାହୁ (୨୦)।

ପୁଲିସ କହିଛି, ଶନିବାର-ରବିବାର ମଧରାତ୍ରୀରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା ଯେ, ସ୍ୱାମିଲ ଅଞ୍ଚଳସ୍ଥିତ କଂଗ୍ରେସ ଭବନ ପଛପଟରେ ଡକାୟତମାନେ ଡକାୟତି ପାଇଁ ଉଦ୍ୟମ କରୁଛନ୍ତି। ଏହି ସୂଚନା ଆଧାରରେ ଏସ୍ଆଇ ବି.ବି ଖଟେଇଙ୍କ ନେତୃତ୍ୱରେ ପୁଲିସ ଟିମ୍ ଅତର୍କିତ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ପୁଲିସ ଟିମ ଘଟଣାସ୍ଥଳରୁ ଭୁଜାଲି, ଛୁରୀ, ଲୁହାରଡ ମିଳିଥିଲାଛ ଏହି ମାରଣାସ୍ତ୍ର ସହାୟତାରେ ଡକାୟତମାନେ ସମ୍ଭବତଃ ନିକଟସ୍ଥ ଘର, ଦୋକାନ, ପେଟ୍ରୋଲ ପମ୍ପରୁ ଡକାୟତି କରିଥାନ୍ତେ। ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କର ଘର ରାଉରକେଲା ଭିତରେ ହୋଇଥିବା ପୁଲିସ ଗଣମାଧ୍ୟମକୁ ସୂଚନା ଦେଇଛି।

# ଗୋଡଭଗା ସମଲେଇ ମନ୍ଦିରରେ ବ୍ଲକ ଯାଦବ ସମାଜର ବୈଠକ

ବରଗଡ଼,(ସବ୍ୟୁ): ବରଗଡ଼ ଜିଲା ଅତାବିରା ବ୍ଲକ ଅଧିନ ଗୋଡଭଗା ସମଲେଇ ମନ୍ଦିରରେ ଅତାବିରା ବ୍ଲକ ଯାଦବ ସମାଜର ଏକ ବୈଠକ ରବିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସଦସ୍ୟ ଯୁଧିଷ୍ଠିର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ ଯାଦବ ସମାଜର ସମ୍ପାଦକ ସୁରେନ୍ଦ୍ର କଠାର, କୋଷାଧ୍ୟକ୍ଷ ମହନ କଠାର,ବିରଂଚି ଭୋଇ,ଦେବଦତ୍ତ ତାଣ୍ଡି,ଶ୍ରୀପତି ପୋଢ,ଅର୍ଜ୍ଜୁନ ଭୋଇ,ପ୍ରଶାନ୍ତ ବନଛୁର, ସତବଳ କଠାର,ମାଳିକ ମହାକୁର,ରେନମାଲ ଜାଲ,ବଲରାମ ବଗର୍ତ୍ତି,ସନ୍ୟାସି ଠେଲା,ଚମାର ଭୋଇ,ଦିଲ୍ଲିପ ବନଛୋର,ସୁଷମା ବନଛୁର ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଯାଦବ ସମାଜର ସାମାଜିକ ,ଅର୍ଥନୈତିକ ,ରାଜନୈତିକ ଶିକ୍ଷା ଦିଗ ପ୍ରତି ଆଲୋଚନା କରିବା ସହ ଯାଦବ ସମାଜର ଏକତା ବଜାୟ କିପରି ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

# ପାଲୁପାଇ ହାଟ ମଣ୍ଡପରେ କଳାକାର ସମ୍ମିଳନୀ



ରାୟଗଡା,(ସବ୍ୟୁ): ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ପାଲୁପାଇ ହାଟ ମଣ୍ଡପରେ ଜିଲ୍ଲା କଳାକାର ମହାସଂଘ ରାୟଗଡ଼ା ପକ୍ଷରୁ କଳାକାର ସମ୍ମିଳନୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଲୋକକଳା କଳାକାର ଚିହ୍ନଟ ପ୍ରକ୍ରିୟା ସହ ଆଞ୍ଚଳିକ ଭାଷା ଲୋକକଳା ସଂସ୍କୃତିର ପ୍ରଚାର ପ୍ରସାର ପୁନରୁଦ୍ଧାର ଏବଂ କଳାକାରଙ୍କ ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା ହୋଇଥିଲା । ଗତ ସରକାର ଥିବା ସମୟରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ କଳାକାର ଭତ୍ତା ପାଇଁ ଆବେଦନ କରିବାକୁ ବିଜ୍ଞପ୍ତି ପ୍ରକାଶ କରିଥିଲା। ସେହି ସମୟରେ ଅନେକ କଳାକାର ଆବେଦନ ମଧ୍ୟ କରିଥିଲେ କିନ୍ତୁ ଆଜି ଯାଏ ନୂତନ ସରକାର ହୋଇ ଏକ ବର୍ଷରୁ ଉର୍ଦ୍ଧ ସମୟ ବିତିଯାଇଥିଲେ ସୁଦ୍ଧା ପ୍ରକ୍ରିୟା ଆରମ୍ଭ ହୋଇ ନ ଥିବାରୁ ଏହାକୁ ନେଇ ଆଗାମୀ ଦିନରେ ମହା ସଂଘ ପକ୍ଷରୁ ଦାବୀ ରଖାଯିବ ବୋଲି ନିଷ୍ପତି ନିଆଯାଇଥିଲା। ଏହା ସହ ଆଞ୍ଚଳିକ ଭାଷା କଳା ସଂସ୍କୃତିର ପ୍ରଚାର୍ ପ୍ରସାର ପାଇଁ କଳାକାରଙ୍କ ନିଜସ୍ୱ ଉଦ୍ୟମରେ ଜିଲ୍ଲା କଳାକାର ମହାସଂଘ ରାୟଗଡ଼ା ପକ୍ଷରୁ ଚଳିତ ବର୍ଷ ସେପ୍ଟେମ୍ବର ୧୪ ତାରିଖରେ ରାମନାଗୁଡ଼ା କଳାକାର ମହୋତ୍ସବ ଆୟୋଜନ କରିବା ପାଇଁ ନିଷ୍ପତି ନିଆଗଲା । ସମ୍ମିଳନୀ ବୈଠକରେ କଳାକାର ମହାସଂଘ ସଭାପତି ସନ୍ତୋଷ କୁମାର ବଛା, ରାମନାଗୁଡ଼ା ବ୍ଲକ କଳା ସଂସ୍କୃତି ସଂଘ ଉପ ସଭାପତି ତଥା କୁଜେନ୍ଦ୍ରି ସରପଞ୍ଚ ରମେଶ ଶବର , ରାମନାଗୁଡ଼ା ବ୍ଲକ କଳାକାର ମହାସଂଘ ସଭାପତି କୃଷ୍ଣଚନ୍ଦ୍ର ଶବର ଏବଂ ସମ୍ପାଦକ ଧର୍ମାରାଓ ମୁଟିକା ,ବରିଷ୍ଟ କଳାକାର ବେପାଇ କଣ୍ଡାଗରିଙ୍କ ସମେତ ଦୁଇ ଶହରୁ ଉର୍ଦ୍ଧ୍ୱ ସ୍ଥାନୀୟ ଲୋକକଳା କଳାକାର ଉପସ୍ଥିତ ଥିଲେ।

# ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ଯାଞ୍ଚ କମିଟିର ଚାଲିଛି ଯାଞ୍ଚ ପ୍ରକ୍ରିୟା

ଜମନକିରା,(ସବ୍ୟୁ): ରାଜ୍ୟ ସରକାରଙ୍କ ଷ୍ଟାଣ୍ଡିଂ ଅର୍ଡର ଅନୁଯାୟୀ ସାରା ରାଜ୍ୟରେ ମାସର ପ୍ରତ୍ୟେକ ୨୩ ତାରିଖ ଛତୁଆ ପ୍ରସ୍ତୁତି ସମୟରେ ଏକ ଯାଞ୍ଚ କମିଟିର ସଦସ୍ୟା, ସୁପରଭାଇଜର, ପ୍ରଶାସନିକ ଅଧିକାରୀ ମାନଙ୍କ ଉପସ୍ଥିତିରେ ଛତୁଆ ମିଶ୍ରଣ ଏବଂ ପ୍ୟାକେଟ ପ୍ରସ୍ତୁତି କରିବା ପାଇଁ ନିୟମ ରହିଛି। ମାତ୍ର ଜମନକିରା ବ୍ଲକରେ ଏହାର ଖୋଲାଖୋଲି ଭାବେ ସମ୍ପୂର୍ଣ୍ଣ ଉଲଂଘନ ହେଉଥିବା ଅଭିଯୋଗ ହେଉଛି। ଏହି କ୍ରମରେ ଉକ୍ତ ଯାଞ୍ଚ କମିଟିରେ ସଦସ୍ୟା ଭାବେ ଜଣେ ୱାର୍ଡ ମେମ୍ବର କିମ୍ବା ସରପଞ୍ଚ, ଜଣେ ପ୍ରସୂତି ମା, ଜଣେ ଗର୍ଭବତୀ ମା, ଅଙ୍ଗନବାଡ଼ି କର୍ମୀ, ଅଙ୍ଗନବାଡ଼ି କେନ୍ଦ୍ରରେ ପଢୁଥିବା ଏକ ଛୁଆର ଜଣେ ମା ଜଣେ ସ୍ୱେଚ୍ଛାସେବୀ ମହିଳା ପ୍ରମୁଖ ଉପସ୍ଥିତିରେ ଛତୁଆ ପ୍ରସ୍ତୁତ କରିବା ନେଇ ନିୟମ ରହିଛି। ଏହା ସାଙ୍ଗକୁ ବିଭାଗୀୟ ସମନ୍ୱିତ ଶିଶୁ ଓ ମାତୃ କଲ୍ୟାଣ ବିଭାଗର ସୁପରଭାଇଜର, ସିଡିପିଓ ପ୍ରମୁଖ ମଧ ଉପସ୍ଥିତ ରହି ଛତୁଆ ପ୍ରସ୍ତୁତି ବେଳେ ଯାଞ୍ଚ କରିବା କଥା। ଏହା ସହିତ୍ତ ସ୍ୱତନ୍ତ୍ର ଭାବେ ଏହାକୁ ତଦାରଖ କରିବା ପାଇଁ ବିଡ଼ିଓ ଏବଂ ତହସିଲଦାରଙ୍କୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ରହିଛି । ଶନିବାର ୨୩ ତାରିଖ ଜମନକିରା ବ୍ଲକର ୨ଟି ସ୍ଥାନରେ ଛତୁଆ ପ୍ରସ୍ତୁତ କରାଯାଉଥିଲା। ମାତ୍ର ଉକ୍ତ ଉଭୟ କେନ୍ଦ୍ରରେ ଛତୁଆ ପ୍ରସ୍ତୁତି ବେଳେ ଦାୟିତ୍ୱରେ ଥିବା ଯାଞ୍ଚ କମିଟିର ନା ଥିଲେ ସମସ୍ତ ସଦସ୍ୟା ନା ଥିଲେ ପ୍ରଶାସନିକ ଅଧିକାରୀ। ଏଭଳି ଚରମ ଅବହେଳା ଶିଶୁ, ପ୍ରସୂତି ଏବଂ ଗର୍ଭବତୀ ମା ମାନଙ୍କ ପ୍ରତି ଅଣଦେଖା ଭଳି ମନେ କରାଯାଏ। ଆଗାମୀ ଦିନରେ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବେ ବୋଲି ସାଧାରଣରେ ଦାବି ହେଉଛି। ଏସଂକ୍ରାନ୍ତରେ ଅନୁପସ୍ଥିତି ନେଇ ତହସିଲଦାର ପ୍ରଭିଣା ବିଲୁଙ୍ଗ ଏବଂ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀଙ୍କୁ ତାଙ୍କ ମୋବାଇଲରେ ଯୋଗାଯୋଗ କରାଯାଇଥିଲା। ମାତ୍ର ଫୋନ ନ ଉଠେଇନଥିଲେ ।

# ହାତୀପଲ ଘଉଡ଼ାଇବାକୁ ବନ ବିଭାଗର ଉଦ୍ୟମ ଆରମ୍ଭ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ରେଞ୍ଜ ବହିରା ସେକସନ ଅନ୍ତର୍ଗତ ଡମ୍ବରୁଗଡ ଜଙ୍ଗଲରେ ଆସି ରହିଥିବା ୮ ଟିକିଆ ହାତୀପଲକୁ ଘଉଡ଼ାଇବା ପାଇଁ ବନ ବିଭାଗ ଉଦ୍ୟମ ଆରମ୍ଭ କରିଛି। ସୂଚନା ଅନୁଯାୟୀ ଉକ୍ତ ହାତୀପଲ ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ବନାଞ୍ଚଳ ଅଞ୍ଚଳରୁ ଆସି ମହାନଦୀ ପାର ହୋଇ ରବିବାର ସକାଳେ ଡମ୍ବରୁଗଡ଼ ବିଟକୁ ଚାଲି ଆସିଥିଲେ। ବନ ବିଭାଗ ଜାଣିବା ପରେ ଭାରପ୍ରାପ୍ତ ସଦର ରେଞ୍ଜ ଅଧିକାରୀ ତଥା ସହକାରୀ ବନ ସଂରକ୍ଷକ ଅର୍ଚ୍ଚନା ଗମାଙ୍ଗୋ, ବନପାଳ ପ୍ରସନ୍ନ କୁମାର ପ୍ରଧାନ, ବହିରା ସେକସନ ବନପାଳ ଅନୁପମା ପାଣିଗ୍ରାହୀ, ବନରକ୍ଷୀ ପ୍ରଦୀପ କୁମାର ସାହୁ ଓ ସ୍କ୍ୱାଡ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀ ମାନଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ରବିବାର ସନ୍ଧ୍ୟାରେ ହାତୀପଲକୁ ଘଉଡ଼ାଇବାକୁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି । ହାତୀପଲ ଡମ୍ବରୁଗଡ଼ ନିକଟରେ ଥିବା ପାର୍କ ପାଖରେ ରହିଥିବା ଦେଖିବାକୁ ମିଳିଛି । ଉକ୍ତ ହାତୀପଲ ଗତମାସରେ ମହାନଦୀ ପାର ହୋଇ ବୌଦ୍ଧ ସହର ମର୍ଜାକୁଦ ଅଞ୍ଚଳକୁ ଚାଲି ଆସିଥିଲେ ଓ ବନ ବିଭାଗ ଆଠମଲ୍ଲିକ ଅଞ୍ଚଳକୁ ଘଉଡ଼ାଇ ଦେଇଥିଲା।

# ସୁସ୍ଥ ହୋଇ ଘରକୁ ଫେରିଲେ ଦାଦନ ଶ୍ରମିକ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁରର ବ୍ୟବସାୟୀ ପ୍ରିୟବ୍ରତ ଖତ୍ରୀ ଓ ଛାତ୍ରନେତା ରାଜା ଦଲପତଙ୍କ ଯୋଗୁଁ ଜଣେ ଦାଦନ ଶ୍ରମିକ ତିରୁପତିରେ ଚିକିତ୍ସିତ ହେବା ପରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ସୂଚନାଯୋଗ୍ୟ, ଝାରସୁଗୁଡା ଜିଲ୍ଲା କାର୍ପାବାହାଲ ଗ୍ରାମର ସାଳେଗ୍ରାମ କାରିଗର ବାଙ୍ଗାଲୋରରେ ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ । ଅସୁସ୍ଥ ହୋଇ ପଡିବାରୁ ଟ୍ରେନ ଯୋଗେ ଓଡିଶା ଫେରୁଥିଲେ । ତେବେ ଗୁରୁତର ହୋଇ ପଡିବାରୁ ତାଙ୍କୁ ତିରୁପତି ସ୍ଥିତ ଏକ ହସ୍ପିଟାଲରେ ଜଣେ ବନ୍ଧୁ ଭର୍ତ୍ତି କରିଥିଲେ । ଚିକିତ୍ସା ବେଳେ ତାଙ୍କୁ ବ୍ରେନ ଟ୍ୟୁମର ହୋଇଥିବା ଜଣାପଡିଥିଲା । ଏଠାରେ ରହିବା ଓ ଚିକିତ୍ସା କରିବା ରୋଗୀଙ୍କ ପରିଜନ ପାଇଁ ଅର୍ଥ ବାଧକ ସାଜିଥିଲା । ଏହା ଜାଣିବା ପରେ ପ୍ରିୟବ୍ରତ ଓ ରାଜା ସହଯୋଗର ହାତ ବଢାଇଥିଲେ । ସେମାନଙ୍କ ରହିବା ଓ ଅପରେସନ୍ ପରେ ଘରକୁ ଯିବା ପାଇଁ ବ୍ୟବସ୍ଥା କରିଥିଲେ ।

# ନୂଆଖାଇ : ଅସହାୟଙ୍କୁ ପ୍ରଦାନ କରାଗଲା ନୂଆଖାଇ ଅଢ଼ିଆ



ବରଗଡ,(ସବ୍ୟୁ) : ଆଉ ଦିନ କେଇଟା ପରେ ସମଗ୍ର ପଶ୍ଚିମ ଓଡ଼ିଶାରେ ପାଳନ ହେବ ଗଣପର୍ବ ନୂଆଁଖାଇ । ଏବେଠୁ ପ୍ରସ୍ତୁତି ପର୍ବ ଜୋରସୋରରେ, ହେଲେ ସମାଜରେ ଏପରି ଅସହାୟ ଲୋକ ଅଛନ୍ତି ଯେ କାହାର ପୁଅ ନାହିଁ ତ କାହାର ସ୍ୱାମୀ ନାହିଁ । କିଏ ରୋଗରେ ପୀଡିତ ହୋଇ ଦିନ କାଟୁଛନ୍ତି । ହେଲେ ଏମାନଙ୍କ ମୁହଁରେ ଟିକେ ହସ ଫୁଟାଇବା ପାଇଁ ନୂଆଁଖାଇ ପୂର୍ବରୁ ଏମାନଙ୍କୁ କିଛି ସାହାର୍ଯ୍ୟ ସହଯୋଗ କରିବାର ଇଚ୍ଛା ରଖି ନୂଆଁଖାଇ ଜୋଟ୍ ଜାଟ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ବରଗଡ଼ ସହରରେ ନୂଆଁଖାଇ ପୂର୍ବରୁ ନୂଆଁଖାଇ ଜୋଟ୍ ଜାଟ୍ ମିଳନ ପର୍ବ ଅନୁଷ୍ଠିତ ହୋଇଛି । ଗାନ୍ଧୀ ସ୍ମୃତି ଭବନ ଠାରେ ସମ୍ବିଧାନ ସୁରକ୍ଷା ମଞ୍ଚ ତରଫରୁ ସହରର ବହୁ ଅସହାୟ ବୃଦ୍ଧବୃଦ୍ଧା ମାନଙ୍କୁ ନୂଆ ବସ୍ତ୍ର , ନୂଆ ଧାନ, କୁରେପତ୍ର, ଚାଉଳ, ଡାଳି, ପନିପରିବା ସହ ରାସନ ସାମଗ୍ରୀ ପ୍ରଦାନ କରାଯାଇଥିଲା । ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ବରଗଡ଼ର ମୁଖ୍ୟ ସଂଯୋଜକ ପବିତ୍ର ଦେହେରୀଙ୍କ ସଂଯୋଜନା ତଥା ମହମ୍ମଦ ଅଲିମ୍ ରିଜବି,ମାରିୟମ୍ ବାର୍ଲା ପ୍ରମୁଖଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଜଳବନ୍ଦୀରେ କୋରାପୁଟର ଚେରକା ପଞ୍ଚାୟତର ୪ ଗ୍ରାମବାସୀ

କୋରାପୁଟ,(ସବ୍ୟୁ): ବର୍ଷା ଦିନେ ଜଳବନ୍ଦୀ ଜୀବନ ବିତାଉଛନ୍ତି କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ଚେରକା ପଞ୍ଚାୟତର ୪ ଖଣ୍ଡ ଗାଁର ଲୋକେ । ସବୁଠୁ ବଡ଼ କଥା ହେଉଛି ଗାଁକୁ ରାସ୍ତା ନଥିବା ବେଳେ ବିପଦସଙ୍କୁଳ ଭାବେ ନଦୀ ପାରି ହୋଇ ଯିବାକୁ ପଡ଼େ । ପୋଲ ନିର୍ମାଣ ପାଇଁ ସରକାରଙ୍କ ନିକଟରେ ବାରମ୍ବାର ଗୁହାରି କରି ନିରାଶ ହୋଇଛନ୍ତି କାଙ୍ଗୁଗୁଡ଼ା ଗ୍ରାମବାସୀ । କେବଳ ଏହି ଗୋଟିଏ ଗାଁ ନୁହେଁ, ଚାରି ଖଣ୍ଡ ଗାଁ ବାହ୍ୟଜଗତରୁ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼େ । କାଙ୍ଗୁଗୁଡ଼ା, ଅଟାଲଗୁଡ଼ା, ଝାଲିଆଗୁଡ଼ା ଏବଂ କୁମ୍ଭୀଖାରି ଗ୍ରାମବାସୀ ପ୍ରତିବର୍ଷ ଦୁର୍ଦ୍ଦଶା ଭୋଗନ୍ତି । ଜରୁରୀକାଳୀନ ଚିକିତ୍ସା ସେବା ନପାଇ ଲୋକେ ଗୁରୁତର ରୋଗୀଙ୍କୁ ଭଗବାନଙ୍କ ଭରସାରେ ଛାଡ଼ି ଦିଅନ୍ତି । କୌଣସି ଜରୁରୀ କାମରେ ଯିବାକୁ ହେଲେ ନଦୀର ପ୍ରଖର ସୁଅରେ ଦଉଡ଼ି ସାହାଯ୍ୟରେ ପାର ହୁଅନ୍ତି । ପୋଲଟିଏ ପାଇଁ ସରକାରଙ୍କ ନିକଟରେ ବାରମ୍ବାର ଦାବି ପରେ ବି କାହାରି ଦୃଷ୍ଟି ପଡୁନଥିବା କହିଛନ୍ତି ଅଞ୍ଚଳବାସୀ ।

# ଜାତୀୟ ମହାକାଶ ଦିବସ ପାଳିତ

ନର୍ଲା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ଜୟଦୁର୍ଗା ହାଇସ୍କୁଲ, ନର୍ଲାରୋଡ଼ ଠାରେ ପ୍ରବଳ ଉତ୍ସାହ ଉଦ୍ଦୀପନା ସହ ଜାତୀୟ ମହାକାଶ ଦିବସ ପାଳିତ ହୋଇଯାଇଛି। ଚନ୍ଦ୍ରାୟନ- ୩ ର ସଫଳ ଅବତରଣ ଦିବସକୁ ମନେ ପକାଇବାକୁ ପ୍ରତିବର୍ଷ ଅଗଷ୍ଟ ୨୩ ତାରିଖକୁ ଜାତୀୟ ମହାକାଶ ଦିବସ ରୂପେ ପାଳନ କରାଯାଏ । ଏହି ଅବସରରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାରତର ମହାକାଶ ଅଭିଯାନ ସମ୍ପର୍କିତ କୁଇଜ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିପରି ଚନ୍ଦ୍ରଯାନ ତଥା ଇସ୍ରୋର ବିଭିନ୍ନ ମିଶନକୁ ଲୋକାଭିମୁଖୀ କରିବା ପାଇଁ ଆଲୋଚନା ମଧ କରାଯାଇଥିଲା। ଇସ୍ରୋର ସଫଳତାକୁ ସ୍ମରଣ କରି ଚନ୍ଦ୍ରାୟନ-୩ ମିଶନର ଐତିହାସିକ ସଫଳତା ଭାରତକୁ ବିଶ୍ୱ ମହାକାଶ ଗବେଷଣା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ମିଳିଛି ବୋଲି ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର କର ଛାତ୍ରଛାତ୍ରୀ ମାନଙ୍କୁ କହିଥଲେ। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ବିଶ୍ୱମ୍ବର ଭୋଇ ଅଧ୍ୟକ୍ଷତା କରିଥିବା ବେଳେ ଅନ୍ୟ ଶିକ୍ଷକ କର୍ମଚାରୀ ମାନେ ସହଯୋଗ କରିଥିଲେ ।

**ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ବେହେରାଙ୍କ ସ୍ମରଣେ**

# ସମାଜ ସଚେତନ ଓ ପ୍ରତିକ୍ରିୟାଶୀଳ ହେଲେ ନାରୀ ନିର୍ଯାତନା କମିବ




ବଲାଙ୍ଗିର,(ସବ୍ୟୁ): ପୁରୁଷ କେନ୍ଦ୍ରୀକ ସମାଜରେ ନାରୀମାନଙ୍କୁ ଦୁର୍ବଳା,ଅବଳା କହି ଲାଞ୍ଛିତ ଓ ଅବହେଳା କରାଯାଇ ଆସୁଥିବା ଅନେକ ଅଭିଯୋଗ ରହିଥିଲା । ନାରୀ ସମାଜ ସୃଷ୍ଟିର ମୂଳ ଆଧାର ଓ ପରିବାର ଗଠନରେ ସଂପୂର୍ଣ୍ଣ ସମର୍ପିତା କିନ୍ତୁ ତାଙ୍କୁ ନିର୍ଯାତନା ସହିବାକୁ ପଡେ । ଆଜି ନାରୀମାନେ ଶିକ୍ଷିତ ଓ ଅଧିକ ମାତ୍ରାରେ ସ୍ୱାବଲମ୍ବୀ ହେଲେଣି । କେବଳ ଶିକ୍ଷିତ ହେଲେ ନୁହେଁ ସମାଜ ସଚେତନ ଓ ପ୍ରତିକ୍ରୀୟାଶୀଳ ହେଲେ ନାରୀ ନିର୍ଯାତନା କମିବ ବୋଲି ରବିବାର ସ୍ୱର୍ଗତ ସାମ୍ବାଦିକ ସତ୍ୟନାରାୟଣ ବେହେରାଙ୍କ ୮୬ତମ ଜୟନ୍ତି ପାଳନ ଅବସରରେ ସତ୍ୟନାରାୟଣ ସ୍ମୃତିକମିଟି ପକ୍ଷରୁ ନାରୀ ନିର୍ଯାତନା ଓ ସଶକ୍ତିକରଣ ଶୀର୍ଷକ ଆଲୋଚନାଚକ୍ରରେ ଅତିଥିଗଣ ମତବ୍ୟକ୍ତ କରିଥିଲେ । ସ୍ମୃତି କମିଟିର ସଭାପତି ପ୍ରଦୀପ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱ ଓ ସଂପାଦକ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବରେ ସାହିତ୍ୟିକ,କବି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ.ନୃପରାଜ ସାହୁ,ସମ୍ମାନୀତ ଅତିଥି ସ୍ଥାନୀୟ ପୌରାଧକ୍ଷା ଲିକା ସାହୁ,ଅତିଥି ବକ୍ତା ସାମ୍ବାଦିକା ରାଜଶ୍ରୀ ସାହୁ ଓ ସାମ୍ବାଦିକା ନିଳିମା ପ୍ରୀୟଦର୍ଶିନୀ ଯୋଗଦେଇଥିଲେ । ମୁଖ୍ୟଅତିଥି ଡ.ସାହୁ ତାଙ୍କ ବକ୍ତବ୍ୟରେ କହିଲେ ଯେ,କେବଳ ଆଇନ ନାରୀ ନିର୍ଯାତନାକୁ ରୋକିପାରିବ ନାହିଁ , ସମାଜର ସବୁବର୍ଗର ଲୋକଙ୍କ ମାନସିକତାରେ ପରିବର୍ତ୍ତନ ହୋଇ ଏଭଳୀ କଳୁଷିତ କାର୍ଯ୍ୟକୁ ପ୍ରତିବାଦ କଲେ ନିର୍ଯାତନାର ମାତ୍ରା କମିବ । ସଚେତନତା ଓ ପ୍ରତିକ୍ରୀୟାଶୀଳ ହୋଇ ପ୍ରତିବାଦ କଲେ ନାରୀ ନିର୍ଯାତନାକୁ କମାଇ ହେବ ବୋଲି ମୁଖ୍ୟଅତିଥି ଡ.ସାହୁ କହିଥିଲେ । ପୌରାଧକ୍ଷା ଶ୍ରୀମତୀ ସାହୁ ତାଙ୍କ ବକ୍ତବ୍ୟରେ ଆଜି ନାରୀମାନେ ବିଭିନ୍ନ କ୍ଷେତ୍ରରେ କିଭଳି ଶିକ୍ଷିତ ଓ ସଚେତନଶୀଳ ହୋଇ ନିଜର ପରାକାଷ୍ଠା ଦେଖାଉଛନ୍ତି ସେ ଉପରେ ମତ ରଖିଥିଲେ । ଅତିଥି ବକ୍ତା ରାଜଶ୍ରୀ ସାହୁ ତାଙ୍କ ବକ୍ତବ୍ୟରେ ନାରୀମାନେ ଏବେ ବିଚାରବ୍ୟକ୍ତ କରୁଛନ୍ତି ବୋଲି କହିଥିଲେ । ଠିକ ସେହିପରି ନିଳିମା ପ୍ରୀୟଦର୍ଶାନୀ ତାଙ୍କ ବକ୍ତବ୍ୟରେ ଆତ୍ମବିଶ୍ୱାସ ହିଁ ନାରୀକୁ ସଫଳତା ଦେଇପାରିବ ବୋଲି କହିଥିଲେ । ନିଜେ ନିଜର ସୀମାସରହଦ ଭିତରେ ରହି ସମାଜିକ ବ୍ୟବସ୍ଥାକୁ ମୁକାବିଲା କରିବା ଓ କେବେବି ହାରମାନିବାର ମାନସିକତା ରଖିବା ନାହିଁ ବୋଲି ଆହ୍ୱାନ ଦେଇଥିଲେ । ସ୍ମୃତିକମିଟିର ସଭ୍ୟ ବରିଷ୍ଠ ସାମ୍ବାଦିକ ମନୋରଂଜନ ଯୋଷୀ ତାଙ୍କ ବକ୍ତବ୍ୟରେ ନାରୀମାନେ ଚରିତ୍ରବାନ ଓ ସଚେତନଶୀଳ ହେଲେ ନାରୀନିର୍ଯାତନାକୁ ରୋକାଯାଇ ପାରିବ ବୋଲି କହିଥିଲେ । ଏହି ଅବସରରେ ଡ.ନୃପରାଜ ସାହୁଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସତ୍ୟନାରାୟଣ ବେହେରା ସ୍ମୃତିସମ୍ମାନ ପ୍ରଦାନ କରାଯାଇଥିଲା । ଶେଷରେ ସାମ୍ବାଦିକ ବିଭୁକଲ୍ୟାଣ ଗଡତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ନାଗରିକ କମିଟିର ସଭାପତି ଡ.ଶ୍ରୀକର ମିଶ୍ର,ଲେଖିକା ଡ.ମଞ୍ଜୁବାଳା ପଣ୍ଡା,ସାମ୍ବାଦିକ ସୁଭାଷଚନ୍ଦ୍ର ପଣ୍ଡା,ସାମ୍ବାଦିକ ସଂଘର ସଭାପତି ଶିବପ୍ରସାଦ ପରିଡା, ପୂର୍ବତନ ସଭାପତି ଦିଲିପ ପୁରୋହିତ, ସୁଧିର ପଣ୍ଡା, ହରି ନାରାୟଣ ପୂଝାରୀ, ସୁନିଲ ମହାନ୍ତି,ଶରତ ମିଶ୍ର, ଆନନ୍ଦ ସାହୁ, ସନ୍ଦିପ କୁଅଁର, ଅରୁଣ ମିଶ୍ର, ଦୀପକ ପୁରୋହିତ, ଶରତ ମହାକୁର, ଯୁଧିଷ୍ଠୀର ମେହେର, ତରୁଣ ସାହୁ, ଗୁପ୍ତେଶ୍ୱର ପୃଷ୍ଟି, କ୍ରୀଡା ସଂସଦର କୃଷ୍ଣଚନ୍ଦ୍ର ମିଶ୍ର, ପଦ୍ମଲୋଚନା ଆଚାର୍ଯ୍ୟ, କବି ଭାଗିରଥି ମିଶ୍ର, ସନାତନ ଠାକୁର,ଶଶିଭୂଷଣ ତ୍ରିପାଠୀ, ହିମାନୀ ତ୍ରିପାଠୀ, ରଶ୍ମିତା ପାତ୍ର, ସ୍ୱର୍ଗତ ବେହେରାଙ୍କ ପୁଅ ସୁଧାକର ବେହେରା,ସୁନିଲ ବେହେରାଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଯୋଗଦେଇଥିଲେ ।

## ବୋରିଗୁମ୍ମାକୁ ଏନଏସି ମାନ୍ୟତା ପ୍ରସଙ୍ଗ

# ରାଜସ୍ୱ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ସହର ବସଷ୍ଟାଣ୍ଡ ନିକଟ ତ୍ରିନାଥ ମନ୍ଦିର ସମ୍ମୁଖରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ବୋରିଗୁମ୍ମା ଏନଏସି ପ୍ରସଙ୍ଗ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଦିନିକିଆ ନବରଙ୍ଗପୁର ଜିଲ୍ଲା ଗସ୍ତ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ନବରଙ୍ଗପୁର ଜିଲ୍ଲା ଗସ୍ତ ସମୟରେ ବୋରିଗୁମ୍ମା ସୂର୍ଯ୍ୟଭାନୁ ପାଠାଗାର ସମୁଖରେ ବୋରିଗୁମ୍ମା ବିଜେପି ମଣ୍ଡଳ ସଭାପତି ବିଘଶ୍ୱର ଷଡ଼ଙ୍ଗୀ ଓ ବିଜେପି କର୍ମୀ ଏବଂ ବୋରିଗୁମ୍ମା ନାଗରିକ ମଞ୍ଚ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପ୍ରଥମେ ଦୁଇ ମନ୍ତ୍ରୀ ବୋରିଗୁମ୍ମା ଛକ ସ୍ଥିତ ତ୍ରିନାଥ ମନ୍ଦିରରେ ତିନି ଠାକୁରଙ୍କୁ ଦର୍ଶନ କରିଥିଲେ। ବୋରିଗୁମ୍ମା ଏନଏସି ମାନ୍ୟତା ଦାବି ନେଇ ବିଜେପି କର୍ମକର୍ତ୍ତା ଏବଂ ନାଗରିକ ମଞ୍ଚ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ଦାବିପତ୍ର ଗ୍ରହଣ କରି ଏସମ୍ପର୍କରେ ମୁଖ୍ୟମନ୍ତ୍ରୀ ଏବଂ ନଗର ଉନ୍ନୟନ ମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୋରିଗୁମ୍ମା ଏନଏସି ପାଇଁ ମାପଦଣ୍ଡ ପୂରଣ କରୁଥିଲେ ସରକାର ଏନଏସି ଘୋଷଣା କରିବେ ବୋଲି ପ୍ରତିକ୍ରିୟା ଦେଇଛନ୍ତି। ବୋରିଗୁମ୍ମା ଏନଏସି ମାନ୍ୟତା ଦାବି ନେଇ କୋଟପାଡ଼ ବିଧାୟକ ରୁପୁ ଭତ୍ରାଙ୍କ ନେତୃତ୍ୱରେ ନବରଙ୍ଗପୁର ବିଧାୟକ ଗୌରୀ ମାଝି,ବିଜେପି ନେତା ଗୌତମ ସାମନ୍ତରାୟ ବୋରିଗୁମ୍ମା ଏନଏସି ପାଇଁ ସମସ୍ତ ମାପଦଣ୍ଡ ପୁରଣ କରୁଛି ଏଣୁ ବୋରିଗୁମ୍ମା କୁ ଏନଏସି ଘୋଷଣା କରିବା ନେଇ ଦୁଇ ମନ୍ତ୍ରୀଙ୍କ ସହ ସ୍ୱତନ୍ତ୍ର ଆଲୋଚନା କରିଛନ୍ତି। ବୋରିଗୁମ୍ମାକୁ ଏନଏସି ଦାବି ନେଇ ଗତ ୨୨ ତାରିଖ ଦିନ ବୋରିଗୁମ୍ମା ୧୨ଘଣ୍ଟିଆ ବନ୍ଦ ପାଳନ କରିଥିଲେ ନାଗରିକ ମଞ୍ଚ। ନାଗରିକ ମଞ୍ଚ ମଧ୍ୟ ରାଜ୍ୟ ସରକାରଙ୍କ ଉପରେ ବିଶ୍ୱାସ କରିଛନ୍ତି ବୋରିଗୁମ୍ମାକୁ ଖୁବ ଶିଘ୍ର ଏନଏସି ମାନ୍ୟତା ଦେବେ।

## ବୃଦ୍ଧି ପାଉଛି ହୀରାକୁଦ ଡ୍ୟାମର ଜଳସ୍ତର
# ୧୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ



ସମ୍ବଲପୁର,(ସବ୍ୟୁ): ହୀରାକୁଦ ଡ୍ୟାମର ଉପର ମୁଣ୍ଡରେ ଗତ କିଛି ଦିନ ହେବ ପ୍ରବଳ ବର୍ଷା ଜାରି ରହିଛି । ଏଥିଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଗତ ୨୪ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୨୨.୦୬ମିମି ଓ ତଳମୁଣ୍ଡରେ ୪.୪୭ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି ଡ୍ୟାମ କର୍ତ୍ତୃପକ୍ଷ ଆଉ ୪ଟି ଗେଟ୍ ଖୋଲିଛନ୍ତି । ମୋଟ ୧୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି । ବାମପଟୁ ୮ଟି ଓ ଡାହାଣ ପଟୁ ୪ଟି ଗେଟ୍ ଖୋଲାଯାଇଛି । ରବିବାର ସଂନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତରରେ ୬୨୧.୭୩ଫୁଟ ରହିଛି । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨ଲକ୍ଷ ୨୫ ହଜାର ୨୦୩ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ସମପରିମାଣ ଜଳ ନିଷ୍କାସିତ ହେଉଛି ।

ସେଥିମଧ୍ୟରୁ ୧ଲକ୍ଷ୮୯ହଜାର୬୧୨ଘନଫୁଟ ସ୍ପିଲୱେ, ୩୨ହଜାର୩୩୮ଘନଫୁଟ ପାୱାର ଚେନାଲ, ୨୧୪ଘନଫୁଟ ଶିଳ୍ପାନୁଷ୍ଠାନ ଓ ୩ହଜାର ୩୯ଘନଫୁଟ କେନାଲକୁ ଛଡାଯାଉଛି । ତେବେ ବେଲଗାଁରେ ୧୩ହଜାର୨୦୦, ପର୍ଥଲାରେ ୩୩ହଜାର୮୪୪ଘନଫୁଟ, ଖଇରମାଳରେ ୨ଲକ୍ଷ୬୪ହଜାର, ବାରମୁଳରେ ୧ଲକ୍ଷ୩୭ହଜାର ୫୦୦ ଓ ମୁଣ୍ଡଳିରେ ୧ଲକ୍ଷ ୪୦ହଜାର ୯୦୩କ୍ୟୁସେକ୍ ଜଳ ପ୍ରବାହିତ ହେଉଛି । ତେବେ ପ୍ରବଳ ବର୍ଷା ଓ ଜଳଭଣ୍ଡାରକୁ ଅଧିକ ଜଳ ପ୍ରବେଶ କଲେ ଅଧିକ ଗେଟ୍ ଖୋଲାଯିବ ବୋଲି ହୀରାକୁଦ ବନ୍ଧ ମୁଖ୍ୟଯନ୍ତ୍ରୀ ଇଂ. ସୁଶୀଲ କୁମାର ବେହେରା ସୂଚନା ଦେଇଛନ୍ତି ।

## ଦେଓଗାଁ ବ୍ଲକ୍‌ରେ ଆସନ୍ନ ମରୁଡ଼ି
# ବିଭିନ୍ନ ପଞ୍ଚାୟତର କ୍ଷେତ୍ର ପରିଦର୍ଶନ କଲେ ସମରେନ୍ଦ୍ର

ବଲାଙ୍ଗିର,(ସବ୍ୟୁ): ଚଳିତ ବର୍ଷ ଆରମ୍ଭ ରେ ଆଶା କରାଯାଉଥିଲା ଚାଷ ଜମିକୁ ସୁହାଇଲା ଭଳି ବର୍ଷା ହେବ କିନ୍ତୁ ପାଣି ପାଗ ତାର ଠିକ୍ ଓଲଟା ଦେଖାଦେଇଛି । ବିଶେଷ କରି ଏ ବର୍ଷ ସ୍ୱଳ୍ପ ବୃଷ୍ଟି ଯୋଗୁଁ ଦେଓଗାଁ ବ୍ଲକ ଅଞ୍ଚଳର ପ୍ରାୟତଃ ପଂଚାୟତରେ ଚାଷ ପ୍ରଭାବିତ ହେବ । କ୍ଷେତ୍ର ପରିଦର୍ଶନ ବେଳେ ଦେଖିବାକୁ ମିଳୁଛି ଚାଷ ଜମି ପାଣି ଅଭାବରୁ ଫାଟି ଗଲାଣି । ଓଲଟା ଯେଉଁ କିଛି ଅଳ୍ପ ଜମିରେ ଚାଷ ହେବାର ସମ୍ଭାବନା ଅଛି ତାକୁ ବଞ୍ଚାଇବା ପାଇଁ ଦରକାର ହେଉଥିବା ସାର ଓ ଔଷଧ ନର୍ଦ୍ଧାରିତ ମୁଲ୍ୟରୁ ବହୁ ଉଚ୍ଚ ମୁଲ୍ୟରେ ଚାଷୀ କିଣିବାକୁ ବାଧ୍ୟ ହେଉଛି । ଏକ ରେ ସ୍ୱଳ୍ପ ବୃଦ୍ଧି, ଦ୍ୱିତୀୟତଃ ସାର ଔଷଧର କଳାବଜାରି ଦେଓଗାଁ ବ୍ଲକର ଚାଷୀଙ୍କ ସମସ୍ୟାକୁ ଆହୁରି ଦ୍ୱିଗୁଣିତ କରୁଛି ବୋଲି ରବିବାର କ୍ଷେତ୍ର ପରିଦର୍ଶନ ବେଳେ ଗତ ନିର୍ବାଚନରେ ବଲାଙ୍ଗିର ବିଧାନସଭା ନିର୍ବାଚନ ମଣ୍ଡଳିର ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି ।ରାମଚନ୍ଦ୍ରପୁର, ଡୁମେରପିଟା, ସିଂହାମୁଣ୍ଡା, ଦେଷଣ୍ଡ, ବନ୍ଧପଡା ପଂଚାୟତରେ ବିଭିନ୍ନ ଗାଁର ଚାଷ ଜମିକୁ ଶ୍ରୀ ମିଶ୍ର ଗସ୍ତ କରିଥିଲେ । ସେ ଅଞ୍ଚଳର ଚାଷୀ, ସାଧାରଣ ଜନତାଙ୍କ ସହ ଚାଷ ଜମିକୁ ଯାଇ ଚାଷ ସ୍ଥିତି ବିଷୟରେ ଲୋକଙ୍କ ସହ ଆଲୋଚନା କରିଥିଲେ । ସେଠାରେ ଦେଖିବାକୁ ମିଳିଥିଲା ପ୍ରାୟତଃ ଚାଷ ଜମି ପାଣି ଅଭାବରୁ ଫାଟି ଗଲାଣି, କିଛି ଅଞ୍ଚଳରେ ଲୋକେ ହତାଶ ହୋଇ ଜମିକୁ ମଧ ଯିବାର ବନ୍ଦ କରିଦେଲେଣି । କିନ୍ତୁ ଏ



ପର୍ଯ୍ୟନ୍ତ ସରକାର ତଥା ତାଙ୍କର ଚାଷ ସମ୍ବନ୍ଧୀୟ ବିଭାଗ ଗୁଡିକର କୌଣସି ଅଧିକାରୀ ଏ ବିଷୟରେ କୌଣସି ପ୍ରକାର ପଦକ୍ଷେପ ନେଇ ନାହାନ୍ତି ବୋଲି ଉପସ୍ଥିତ ଚାଷୀ ଅଭିଯୋଗ କରିଛନ୍ତି । କ୍ଷେତ୍ର ପରିଦର୍ଶନ ବେଳେ ଦେଖାଯାଇଛି ଯେ କିଛି କିଛି ଜାଗାରେ ହୋଇଥିବା ଚାଷ ର ଯତ୍ନ ପାଇଁ ଦରକାର ହେଉଥିବା ସାର ଓ ଔଷଧ ମିଳୁ ନାହିଁ ଛ ଯଦି ମିଳୁଛି ତାହା ସରକାରୀ ଧାର୍ଯ୍ୟ ମୁଲ୍ୟରୁ ବହୁତ ଉଚ୍ଚା ଦରରେ ଛ ଏପରି ସାରର କଳାବଜାରି ଚାଷୀ ପାଇଁ ବୋଝ ଉପରେ ନଳିତା ବିଡା ସଦୃଶ ହେଉଛି ବୋଲି ଶ୍ରୀ ମିଶ୍ର କ୍ଷୋଭର ସହ କହିଛନ୍ତି । ଏହି ସମସ୍ୟାକୁ ନେଇ ବିଭାଗୀୟ ଅଧିକାରୀମାନଙ୍କ ସହିତ ସେ ଆଲୋଚନା କରିବେ ବୋଲି ଉପସ୍ଥିତ ଚାଷୀମାନଙ୍କୁ ନିର୍ଭର ପ୍ରତିଶୃତି ଦେଇଛନ୍ତି । ସମରେନ୍ଦ୍ରଙ୍କ ଏହି ଗସ୍ତ ସମୟରେ କଂଗ୍ରେସ ନେତା ରାମଜୀ ଚୌଧୁରୀ, ଯୋଗେଶ୍ୱର ସାହୁ, କାନ୍ତେଶ୍ୱର ପ୍ରଧାନ, ଅସୀତ ମିଶ୍ର, ଭକ୍ତ ଧରୁଆ, ବିମଳ ସାହୁ, ଜୁଗନ ପଧାନ, ନୟନ ମିର୍ଦ୍ଧା, ପ୍ରଦୋଶ ପାଣିଗ୍ରାହୀ, ଲାଲୁ ପ୍ରଧାନ, ଲିଟନ ହୋତା, ରାଧାକାନ୍ତ ପଟେଲ, ରମେଶ ଚନ୍ଦନଙ୍କ ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ ।

## ପିକଅପ୍ ପଛରେ ପିଟି ହୋଇ ବାଇକ୍ ଆରୋହୀ ମୃତ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ–ବଙ୍ଗୋମୁଣ୍ଡା ରାସ୍ତାର ପତ୍ରାପାଲି(କ)ଗ୍ରାମ କେନାଲ ନିକଟରେ ପିକଅପ୍ ପଛରେ ପିଟି ହୋଇ ଜଣେ ବାଇକ ଆରୋହୀଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣଙ୍କ ସିନ୍ଧେକେଲା ଥାନା ଠେମରା ପଞ୍ଚାୟତ ଜାମତରା ଗ୍ରାମର ଚମ୍ପେଶ୍ୱର ଭାଟି(୫୮)। ତାଙ୍କ ସହିତ ଥିବା ବାଇକ୍ ଚାଳକ ଜଣଙ୍କ ଦୁର୍ଘଟଣା ପରେ ଘଟଣା ସ୍ଥଳରୁ ଦୌଡ଼ି ଫେରାର ହୋଇଯାଇଥିଲେ। ଦୁଇ ବାଇକ୍ ଆରୋହୀ କୌଣସି କାମରେ ନିଜର ସ୍ପେଲଣ୍ଡର ବାଇକ୍ (ଓଡ଼ି ୨୬ ୮୩୧୧ )ଯୋଗେ ବଙ୍ଗୋମୁଣ୍ଡା ପଟରୁ ମୁରିବାହାଲ ପଟକୁ ଆସୁଥିଲେ। ସେହି ରାସ୍ତାରେ କଦଳୀ ନେଇ ଫେରୁଥିବା ଏକ ପିକଅପ୍( ଓଡ଼ି ୦୩ ଏଡି ୧୦୮୫) ପୋଲ ନିକଟରେ ସାମାନ୍ୟ ଗତି ଧୀର କରିବାରୁ ପଛରୁ ଅତି ଦୃତ ଗତିରେ ଆସୁଥିବା ଦୁଇ ବାଇକ୍ ଆରୋହୀ ପିକଅପ୍‌କୁ ପଛପଟୁ ଜୋରରେ ଧକ୍କା ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ହିଁ ବାଇକ୍ ପଛରେ ବସିଥିବା ଚମ୍ପେଶ୍ୱରଙ୍କ ମୁଣ୍ଡ ଓ ମୁହଁରୁ ପ୍ରଚୁର ରକ୍ତସ୍ରାବ ହୋଇ ଶୋଚନୀୟ ମୃତ୍ୟୁ ଘଟିଥିଲା। ବାଇକର ସମ୍ମୁଖ ଭାଗ ଚୁରମାର ହୋଇଯାଇଥିବା ବେଳେ ସାମାନ୍ୟ ଆହତ ଚାଳକ ଘଟଣା ସ୍ଥଳରୁ ଦୌଡ଼ି ଫେରାର ହୋଇଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ମୁରିବାହାଲ ଥାନା ପୁଲିସ ଓ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ପୁଲିସ୍ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ପଠାଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରିଥିଲା। ଏ ସମ୍ପର୍କରେ ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଆଇଆଇସି ସନାତନ ସାହୁ ପ୍ରକାଶ କରିଛନ୍ତି।

## ବିଶ୍ୱ ହିନ୍ଦୁ ପରିଷଦ ସ୍ଥାପନା ଦିବସ ସମାରୋହ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ କ୍ଷେତରାଜପୁର ପଞ୍ଚାୟତୀ ଧର୍ମଶାଳା ଠାରେ ବିଶ୍ୱ ହିନ୍ଦୁ ପରିଷଦର ୬୧ତମ ପ୍ରତିଷ୍ଠା ଦିବସ ସମାରୋହ ପାଳିତ ହୋଇଯାଇଛି । ଦୁର୍ଗା ବାହିନୀ ରାଷ୍ଟ୍ରୀୟ ସଂଯୋଜିକା ପ୍ରଜ୍ଞା ମାହାଲା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପରିଷଦର ପ୍ରତିଷ୍ଠା ଓ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ପ୍ରାନ୍ତ ସଭାପତି ଡା. ରାଜକୁମାର ବଡପଣ୍ଡା, ସ୍ୱାମୀ ଶିବାନନ୍ଦ, ଜିଲ୍ଲା ସଭାପତି ରାଜେଶ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରାନ୍ତ ସହ ସମ୍ପାଦକ ରାଜୀବ କୁମାର ଶତପଥି ମଞ୍ଚ ପରିଚାଳନା କରିଥିଲେ । ଏଥିରେ ଚମ୍ପେଶ୍ୱର ଅଗ୍ରୱାଲ, ଦେବବ୍ରତ ଦେ, ରାଜେଶ ମଲ୍ଲିକ, କିଶୋର ପାଢି, ଜୟରାମ ଅନନ୍ତ, ଜ୍ଞାନରଞ୍ଜନ ସାମଲ ପ୍ରମୁଖ ସହଯୋଗ କରିଥିଲେ ।

## ୮ହଜାର ଟଙ୍କାରେ ରୁପଟପ୍ ସୋଲାର ସିଷ୍ଟମ

ସମ୍ବଲପୁର,(ସବ୍ୟୁ): ଦେଶର ପର୍ଯ୍ୟାବରଣ ସୁରକ୍ଷା ପାଇଁ ସମସ୍ତେ ସବୁଜ ଶକ୍ତି ଆନ୍ଦୋଳନରେ ଭାଗିଦାର ହେବା ଉଚିତ୍ । ଏହା ଦେଶର ଉନ୍ନତିରେ ସହଯୋଗ ହେବ । ଏହାକୁ ଦୃଷ୍ଟିରେ ପିଏମ୍ ସୂର୍ଯ୍ୟଘର ମୁପ୍ତ ବିଜୁଳି ଯୋଜନା କାର୍ଯ୍ୟକାରୀ ହେଉଛି । ୧କିଲୋୱାଟ ସୋଲାର ସିଷ୍ଟମ ପାଇଁ ଏକ ନୂତନ ଯୋଜନା ହାତକୁ ନିଆଯାଇଛି । ମାତ୍ର ୮ହଜାର୭୪୭ଟଙ୍କାରେ ଏକ ବିଦ୍ୟୁତ୍ ଗ୍ରାହକ ରୁପଟପ୍ ସୋଲାର ସିଷ୍ଟମ ନିଜ ଘର ଉପରେ ସ୍ଥାପନ କରିପାରିବ । ରବିବାର ଟିପିଡବ୍ଲୁଓଡିଏଲ ବାଣିଜ୍ୟିକ କାର୍ଯ୍ୟାଳୟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କମ୍ପାନୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଏହା କହିଥିଲେ । ସେ ଆହୁରି କହିଥିଲେ ଯେ, ଏହି ଯୋଜନା ପାଇଁ ଗ୍ରାହକ ଜଣକ ବିଦ୍ୟୁତ୍ ବିତରକ କମ୍ପାନୀକୁ ଏକ ସ୍ୱାକ୍ଷରିତ ସମ୍ମତିପତ୍ର ପ୍ରଦାନ କରିବେ । ସମ୍ପୂର୍ଣ୍ଣ ଯନ୍ତ୍ରପାତି ପ୍ରଥମେ ଗ୍ରାହକଙ୍କ ଛାତ ଉପରେ ସ୍ଥାପନ କରି ବିଦ୍ୟୁତ୍ ବିତରକ କମ୍ପାନୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ରିହାତି ପ୍ରାପ୍ତ କରିପାରିବ । ଏହାଦ୍ୱାରା ଗ୍ରାହକ ହାରାହାରି ମାସକୁ ୧୦୦ୟୁନିଟ୍ ବିଜୁଳି ଉତ୍ପାଦନ କରିବା ସହ ୧ବର୍ଷରେ ୫୦୦୦ଟଙ୍କା ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ ବଞ୍ଚାଇ ପାରିବେ । ସ୍ଥାପନ ହୋଇଥିବା ଯନ୍ତ୍ରପାତି ଉପରେ ୫ବର୍ଷ ଓ ସୋଲାର ପ୍ୟାନେଲ ଉପରେ ୨୫ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ରହିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଆଶିଷ କୁମାର ପାଢୟୋଶୀ , ପ୍ରଶାନ୍ତ କୁମାର ସିଂ ପ୍ରମୁଖ ମଞ୍ଚାସୀନ ଥିଲେ ।

## ନୂଆଁଖାଇ ପାଇଁ ଜଗନ୍ନାଥ ସେବା ସମିତି ପକ୍ଷରୁ ଶାଢ଼ୀ ବଣ୍ଟନ

କୋକସରା,(ସବ୍ୟୁ):ପଶ୍ଚିମ ଓଡ଼ିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇକୁ ଦୃଷ୍ଟିରେ ରଖି ସମାଜସେବା କ୍ଷେତ୍ରରେ ଧର୍ମଗଡ ଉପଖଣ୍ଡର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଗନ୍ନାଥ ସେବା ସମିତି ପକ୍ଷରୁ ଗରିବ ନିରାଶ୍ରୟ ମହିଳାଙ୍କୁ ରବିବାର କୋକସରା ବ୍ଲକ ଗମ୍ଭାରୀଗୁଡା ଓ କାଉଡୋଲା ପଞ୍ଚାୟତର ଜୟନ୍ତ ପଡା,କଲୋନୀ ପଡା,ଚାବୁପଡ ଠାରେ ଧର୍ମଗଡ ଉପଖଣ୍ଡର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଗନ୍ନାଥ ସେବା ସମିତି ପକ୍ଷରୁ ନିରାଶ୍ରୟ ଗରିବ, ବିଧବା ମହିଳାଙ୍କୁ ଶାଢ଼ୀ ବଣ୍ଟନ କରାଯାଇଛି । କାର୍ଯ୍ୟକ୍ରମ ରେ ଧର୍ମଗଡ ବିଧାୟକଙ୍କ କୋକସରା ବ୍ଲକ ପ୍ରତିନିଧି ତ୍ରିନାଥ ଶବର, ଗମ୍ଭାରୀଗୁଡା ସରପଞ୍ଚ ଇଶରାମ ସୁନାନୀ, ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ଯାଦବ ସମାଜ ସଭାପତି ବିନୋଦ ବିହାରୀ ରାଉତ, ଯୁବମୋର୍ଚ୍ଚା ସଭାପତି ବିଜେପି କୋକସରା ମଣ୍ଡଳ କ୍ଷୀରସିନ୍ଧୁ ନେଗି,ଯୁବମୋର୍ଚ୍ଚା ସଭାପତି ବିଜେପି



ଆମପାଣି ମଣ୍ଡଳ ତ୍ରିଲୋକ୍ୟ ବେଶ୍ରା,ସମସାଦ ଖାଁ ସମେତ ଜଗନ୍ନାଥ ସେବା ସମିତିର ନିହାର ପ୍ରଧାନୀ ଓ କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଶାଢୀ ବଣ୍ଟନ କରିଥିଲେ । ନୂଆଁଖାଇ ପୂର୍ବରୁ ଶାଢ଼ୀ ଖଣ୍ଡିଏ ପାଇ ମହିଳା ମାନେ ଖୁସିବ୍ୟକ୍ତ କରିବା ସହ ଜଗନ୍ନାଥ ସେବା ସମିତି କୁ ଧନ୍ୟବାଦ ଜଣାଇଛନ୍ତି। ଧର୍ମଗଡ ଜଗନ୍ନାଥ ସେବା ସମିତି ର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ନୂଆଁଖାଇ ପୂର୍ବରୁ ନିରାଶ୍ରୟ ବୃଦ୍ଧ ଓ ଅସହାୟ ମହିଳାଙ୍କୁ ଏହି ଭେଟି ନିଶ୍ଚିତ ଭାବେ ମାନବିକତା ଓ ସମାଜସେବା ପାଇଁ ଏକ ଉଦାହରଣ ବୋଲି ଉପସ୍ଥିତ ନେତା ମାନେ ମତ ପ୍ରକାଶ କରିଛନ୍ତି। ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପୂର୍ବରୁ ଧର୍ମଗଡ ନିର୍ବାଚନ ମଣ୍ଡଳୀ ଅଞ୍ଚଳର ତିନି ହଜାରରୁ ଉର୍ଦ୍ଧ୍ୱ ଗରୀବ ମହିଳାଙ୍କୁ ମାଗଣାରେ ଶାଢୀ ବଣ୍ଟନ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ସୂଚନା ଦେଇଛନ୍ତି।

## ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ



ବଲାଙ୍ଗିର,(ସବ୍ୟୁ): ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଗଙ୍ଗାଧର ମେହେରଙ୍କ ଜୟନ୍ତ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି । ସମାରୋହରେ ବିଶ୍ୱବିଦ୍ୟାଳୟର କୁଳସଚିବ ହରପ୍ରସାଦ ଭୋଇ ସଭାପତିତ୍ୱ କରିଥିବା ବେଳେ ବିଭାଗୀୟ ମୁଖ୍ୟ ଡ. ସୁଶାନ୍ତ କୁମାର ପଣ୍ଡା ସଭା ସଂଚାଳନ କରିଥିଲେ । ଡ. ସୁଷମା ମଞ୍ଜରୀ ନାୟକ ମୁଖ୍ୟ ବକ୍ତା, ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ଼. ରାଜକିଶୋର ପାତ୍ର ମୁଖ୍ୟ ଅତିଥି, ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ମଦନ ମୋହନ ପ୍ରଧାନ ସମ୍ମାନିତ ଅତିଥି ଏବଂ ବିଶ୍ୱବିଦ୍ୟାଳୟ ମୁଖ୍ୟ ପରୀକ୍ଷା ନିୟନ୍ତ୍ରକ ଡ. ନରେନ୍ଦ୍ର ରାଉତ ନିମନ୍ତ୍ରିତ ଅତିଥି ଭାବେ ଯୋଗଦାନ କରିଥିଲେ । ଆରମ୍ଭରେ ଓଡ଼ିଆ ବିଭାଗର ଅତିଥି ଅଧ୍ୟାପକ ଶୁଭ୍ରାଂଶୁ ବେହେରା ସଭାମୁଖ୍ୟ ଓ ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରିତ କରି ସଭା ଆରମ୍ଭ କରିବା ନିମନ୍ତେ ବିଭାଗୀୟ ମୁଖ୍ୟଙ୍କୁ ଅନୁରୋଧ କରିଥିଲେ। ବିଭାଗୀୟ ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିବା ସହ ଗଙ୍ଗାଧର ମେହେରଙ୍କ ବିଶ୍ୱ ଦେଖ ମଧୁମୟରେ ଜୀବନ ସଙ୍ଗୀତ ଗାନ କରି ସଭାର ସୌନ୍ଦର୍ଯ୍ୟ ବୃଦ୍ଧି କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ସୁଶାନ୍ତ କୁମାର ପଣ୍ଡା ସ୍ୱାଗତ ଅଭିଭାଷଣରେ କବି ଗଙ୍ଗାଧର ମେହେରଙ୍କ ସାହିତ୍ୟର ଗତି ଓ ପ୍ରବୃତ୍ତି ସମ୍ବନ୍ଧରେ ଆଲୋଚନା କରିଥିଲେ । ବିଶ୍ୱବିଦ୍ୟାଳୟ କୁଳସଚିବ ସଭାପତିତ୍ୱ ଅଭିଭାଷଣରେ ସଂସ୍କୃତ ସାହିତ୍ୟର ପ୍ରଭାବ କିପରି ମେହେର ସାହିତ୍ୟରେ ପ୍ରତିଫଳିତ ହୋଇଛି ତାହା ଆଲୋକପାତ କରିଥିଲେ। ଏହା ବ୍ୟତୀତ ମୁଖ୍ୟ ଅତିଥି ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ.ରାଜକିଶୋର ପାତ୍ର ଗଙ୍ଗାଧର କବିତାରେ ଥିବା ଭାରତୀୟ ଦର୍ଶନ ପ୍ରସଙ୍ଗ ଉପରେ କହିଥିଲେ । ସମ୍ମାନିତ ଅତିଥି ମଦନ ମୋହନ ପ୍ରଧାନ ଆଧୁନିକ ଯୁଗରେ ଗଙ୍ଗାଧରଙ୍କ କବିତାରେ ପ୍ରକୃତି ଚିତ୍ରଣ ସମ୍ପର୍କରେ ଓ ନିମନ୍ତ୍ରିତ ଅତିଥି ଡ. ନରେନ୍ଦ୍ର କୁମାର ରାଉତ ଗଙ୍ଗାଧର ମେହେରଙ୍କ ସାରସ୍ୱତ ଦିଗନ୍ତ ସମ୍ବନ୍ଧରେ ଆଲୋଚନା କରିଥିଲେ । ଏହି ସଭା ଶେଷରେ ବିଭାଗର ଅତିଥି ଅଧ୍ୟାପକ ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବିଭାଗର ଅତିଥି ଅଧ୍ୟାପକ ଅଧ୍ୟାପିକା ଅବକାଶ ପଟେଲ, ସୁନୟନା ବେହେରା, ମମତା ପୋଢ ଓ ସସ୍ମିତା ପାତ୍ର ସମେତ ବିଭାଗୀୟ ଛାତ୍ରଛାତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା ।

## ଶ୍ୱଶୁରଙ୍କ ଆକ୍ରମଣରେ ଜ୍ୱାଇଁ ଗୁରୁତର

ବଲାଙ୍ଗିର,(ସବ୍ୟୁ): ଶ୍ୱଶୁର ଆକ୍ରମଣରେ ଜ୍ୱାଇଁ ଗୁରୁତର । ଏଭଳି ଘଟଣା ଘଟିଛି ବଲାଙ୍ଗିର ସଦର ଥାନା ଶିବତଲା ନିକଟରେ ଥିବା ରଘୁନାଥପାଲି ଗାଁରେ । ଆଠଗାଁ ର ସମୀର କୁଅଁର ବାପ ଘରେ ଥିବା ନିଜ ସ୍ତ୍ରୀକୁ ଆଣିବାକୁ ଯାଇଥିଲେ । ପାରିବାରିକ କଳହରୁ ସ୍ୱାମୀ–ସ୍ତ୍ରୀ ଭିତରେ ଝଗଡା ହୋଇଥିଲା । ସ୍ତ୍ରୀକୁ ଚାପୁଡ଼ା ମାରିଥିଲେ ଜ୍ୱାଇଁ ସମୀର କୁଅଁର । ଝିଅକୁ ମାଡ଼ ମାରିଥିବା ଜ୍ୱାଇଁକୁ ପାନେ ଦେବା ପାଇଁ, ହରଗୌରୀ ମନ୍ଦିର ନିକଟରେ ଛକି ବସିଥିଲା ଶ୍ୱଶୁର ଜ୍ୱାଇଁ ବାଇକରେ ଆସୁଥିବା ସମୟରେ ହଠାତ, କାଠ ବାଡ଼ି ଓ ଲୁହା ରଡ଼ରେ ଜ୍ୱାଇଁକୁ ଆକ୍ରମଣ କରିଥଲେ । ଶ୍ୱଶୁର ସନ୍ତୋଷ ନାଏକ ଗୋଡ ଭାଙ୍ଗିବା ପର୍ଯ୍ୟନ୍ତ ମାଡ଼ ମାରିଥିଲେ । ସାଙ୍ଗରେ ଆଉ ଦୁଇଜଣ ବ୍ୟକ୍ତି ଥିବା ମଧ୍ୟ ଅଭିଯୋଗ ହୋଇଛି । ଗୁରୁତର ଅବସ୍ଥାରେ ଜ୍ୱାଇଁ ସମୀର କୁ ଉଦ୍ଧାର କରି ପରିବାର ଲୋକେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ଭର୍ତି କରିଛନ୍ତି । ସଦର ପୋଲିସ ଫେରାର ଶ୍ୱଶୁରକୁ ଗିରଫ କରିବା ପାଇଁ ତନାଘନା ଆରମ୍ଭ କରିଛି ।

## ରାଉରକେଲା ବସ୍ତି ବାସିନ୍ଦାଙ୍କୁ କଲବଲ କରୁଛି ବର୍ଷା

ରାଉରକେଲା,(ସବ୍ୟୁ): ରାଉରକେଲା ସ୍ମାର୍ଟସିଟି ବସ୍ତି ବାସିନ୍ଦାଙ୍କୁ କଲବଲ କରୁଛି ଲଗାଣ ବର୍ଷା । ପାଣି ଘେରରେ ବସ୍ତି ବାସିନ୍ଦା। ଏପଟେ ଘର ଛାଡି ଆଶ୍ରୟ ସ୍ଥଳକୁ ଯିବାକୁ ନିର୍ଦ୍ଦେଶ ଦେଇଛି ଆରଏମସି । ପ୍ରଭାବିତ ଲୋକଙ୍କୁ ରନ୍ଧା ଖାଦ୍ୟ ଦିଆଯିବା ସହ ଘଟଣା ଉପରେ ନଜର ରଖିଛି ଆରଏମସି । ଲଗାଣ ବର୍ଷା ଫଳରେ ସ୍ମାର୍ଟ ସିଟି ରାଉରକେଲା ବସ୍ତିରେ ପଶିଛି ପାଣି । ଜଳବନ୍ଦୀ ଅବସ୍ଥାରେ ପାଖାପାଖି ୩୫ରୁ ଅଧିକ ପରିବାରଛ ଘର ଭିତର ରାସ୍ତାଘାଟ ସବୁ ଆଡେ ଖାଲି ପାଣି ଆଉ ପାଣି । ରାଉଲକେଲା ବାଲୁଘାଟ, ନ୍ୟୁ ବସ୍ତି ଓ ସର୍ଦ୍ଦାର ବସ୍ତି ପାଣି ଘେରରେ । ପ୍ରତିବର୍ଷ ବସ୍ତି ବାସିନ୍ଦା ଏଭଳି କଲବଲ ହେଉଛନ୍ତି । ଚଳିତ ବର୍ଷ ଲଗାତାର ୪ଥର ପାଣି ପଶିଲାଣି । ଏହାର ସ୍ଥାୟୀ ସମାଧାନ ଦାବୀ କରିଛନ୍ତି ବସ୍ତି ବାସିନ୍ଦା ।ବନ୍ୟା ପ୍ରଭାବିତ ପରିବାର ସ୍ଥାନୀୟ ବ୍ରାହ୍ମଣୀ ନଗର ପ୍ରାଇମେରୀ ସ୍କୁଲରେ ଆଶ୍ରୟ ନେଇଛନ୍ତି । ରନ୍ଧାଖାଦ୍ୟ ସହ ଜରୁରୀ ମେଡିସିନ ଯୋଗାଇ ଦିଆଯାଉଛି । ମେଡିକାଲ୍ ଟିମ ସହ ରାଉରକେଲା ମହାନଗର ନିଗମ କମିଶନର ଘଟଣା ସ୍ଥଳ ବୁଲି ଦେଖିବା ସହ ଆଗାମୀ ଦିନରେ ଏନେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଆସୁଛି ଗଣେଶ ପୂଜା– ମୂର୍ତ୍ତି ଗଢିବାରେ ବ୍ୟସ୍ତ କାରିଗର


ବଙ୍ଗୋମୁଣ୍ଡା,(ସବ୍ୟୁ):ପବିତ୍ର ଗଣେଶ ପୂଜା ଉପଲକ୍ଷେ ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ସହର ଉତ୍ସବ ମୁଖର ହୋଇ ଉଠିଛି । ବିଶେଷ କରି ବଙ୍ଗୋମୁଣ୍ଡାରେ ମୂର୍ତ୍ତି କାରିଗର ମାନେ ମାଟି ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ ଅଛନ୍ତି । ମୂର୍ତ୍ତି କାରିଗର ମାନେ ମୂର୍ତ୍ତି ଗଢ଼ିବା ପାଇଁ ପାଳ ନଡ଼ା ବିଡ଼ା ଉପରେ ମାଟି ପ୍ରଲେପ ଦେଉଛନ୍ତି। ବଙ୍ଗୋମୁଣ୍ଡାର ଯୁବ ଅଭିଜ୍ଞ ମୂର୍ତ୍ତି କାରିଗର ସନାତନ ସା ଙ୍କ ସହ ଅନ୍ୟ କାରିଗର ମାନେ ନିଜ ନିଜର ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଜୋରସୋରରେ ଜାରି ରଖିଛନ୍ତି। ବଙ୍ଗୋମୁଣ୍ଡା ଓ ଆଖପାଖ ଅଞ୍ଚଳରେ ସେମାନଙ୍କ ହାତଗଢା ମୂର୍ତ୍ତିର ବେଶ ଚାହିଦା ରହିଛ। ୨ ଫୁଟରୁ ଆରମ୍ଭ କରି ୧୦ ଫୁଟ ପର୍ଯ୍ୟନ୍ତ ମୂର୍ତ୍ତି ଗଢି ଚାଲିଛି । ଗଢ଼ା ଯାଇଥିବା ମୂର୍ତ୍ତି ବଲାଙ୍ଗିର ଜିଲ୍ଲା ସମେତ କଳାହାଣ୍ଡି ଓ ନୂଆପଡା ସମେତ ଆଖପାଖ ଅଞ୍ଚଳ ର ଗ୍ରାହକ ମାନେ ଆସି ନେଇଥାନ୍ତି । ବର୍ଷେ କି ଦୁଇ ବର୍ଷ ନୁହେଁ ୧୮ ବର୍ଷ ଧରି ମୂର୍ତ୍ତି ନିର୍ମାଣ ଚାଲିଥିବା କହିଛନ୍ତି କାରିଗର ସନାତନ । ଗତ ୩ ମାସରୁ ଅଧିକ ହେବ ମୂର୍ତ୍ତି ନିର୍ମାଣ କରିବାରେ ବିଭିନ୍ନ ସାମଗ୍ରୀ ଆଣି ମୂର୍ତ୍ତି ତିଆରି କରିବାରେ ବ୍ୟସ୍ତ ଥିବା ନେଇ ଦେଖିବାକୁ ମିଳିଛି । ଆଗକୁ ଗଣେଶ ପୂଜା ଥିବା ବେଳେ ଗାଁ ଠୁ ସହର ସବୁଠି ଚଳଚଞ୍ଚଳ ହୋଇ ଉଠୁଛି ।

## ଲାଉନସରା ଠାରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବରଗଡ଼,(ସବ୍ୟୁ): ବରଗଡ଼ ବ୍ଲକ ଅନ୍ତର୍ଗତ ତୁମଗାଁ ଗ୍ରାମ ପଞ୍ଚାୟତର ଲାଉନସରା ଖେଳ ପଡ଼ିଆରେ ଲାଉନସରା ଆଥଲେଟିକ ଏସୋସିଏସନ ପକ୍ଷରୁ ୫୫ ତମ ପଞ୍ଚ ଦିବସୀୟ ରନିଙ୍ଗ୍ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି । ଟୁର୍ନାମେଣ୍ଟରେ ୧୬ ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ପ୍ରଥମ ଦିବସରେ ୪ ଟି ଦଳ ପୁତୁରୁପାଲି ଓ ଦଲ୍ଲାବାହାଲ ଏବଂ ଅଇଁଠାପାଲି ଓ ଧୀରପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଦଲ୍ଲାବାହାଲ ଓ ଅଇଁଠାପାଲି ବିଜୟୀ ହୋଇଥିଲେ । ପରବର୍ତୀ ସମୟ ରେ ଦଲ୍ଲାବାହାଲ ଓ ଅଇଁଠାପାଲି ମଧ୍ୟରେ ତୃତୀୟ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଦଲ୍ଲାବାହାଲ ବିଜୟ ଲାଭ କରି ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା । ଉଦଘାଟନୀ ଉତ୍ସବରେ ବରଗଡ଼ର ପୂର୍ବତନ ବିଧାୟକ ସାଧୁ ନେପାକ ମୁଖ୍ୟ ଅତିଥି ଭାବେ ଟୁର୍ନାମେଣ୍ଟକୁ ଉଦଘାଟନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ବିଜୟୀ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ ମୁଖ୍ୟ ଅତିଥି । ମ୍ୟାଚରେ ଲାଉନସରା ଆଥେଲେଟିକ ଏସୋସିଏସନର ପ୍ରମୁଖ ସଦସ୍ୟ ମୀନକେତନ ମହାକୁଡ଼, ରବୀନ୍ଦ୍ର ଭୋଇ, ନୀଳାମ୍ବର ପ୍ରଧାନ, ଦୀପକ ନାଏକ ଏବଂ ଶଙ୍କର ବିଶ୍ୱାଳ ଟୁର୍ନାମେଣ୍ଟ ଆୟୋଜନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ନୂଆଁଖାଇ ପାଇଁ ଘରମୁହାଁ ଦାଦନ

ସୋନପୁର,(ସବ୍ୟୁ) : ସୁବର୍ଣ୍ଣପୁର ଜିଲ୍ଲା ଉପାନ୍ତ ଅଞ୍ଚଳର ଦାଦନ ଶ୍ରମିକ ଏକ ପ୍ରମୁଖ ସମସ୍ୟା । ଏହାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ସହ ସ୍ଥାନୀୟ ରାଜନେତାଙ୍କ କୌଣସି ଆନ୍ତରିକତା ନ ଥିବା ଅଭିଯୋଗ ହୋଇଥାଏ । ପେଟ ପାଟଣା ପାଇଁ ଅଞ୍ଚଳର ହଜାର ହଜାର ଶ୍ରମିକ ସୁଦୂର ତାମିଲନାଡୁ, ଉତ୍ତରପ୍ରଦେଶ, କର୍ଣ୍ଣାଟକ, ଗୁଜୁରାଟ, ଦିଲ୍ଲୀ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଆଦି ରାଜ୍ୟକୁ ଯାଉଛନ୍ତି । ସୁବର୍ଣ୍ଣପୁର ରାଜ୍ୟ ମାନଚିତ୍ରରେ ଶିଳ୍ପବିହୀନ ଓ ଅନଗ୍ରସର ଓ ଅନୁନ୍ନତ ଜିଲ୍ଲା ଭାବେ ପରିଚିତ ହୋଇଥିବା ବେଳେ ଏଠାରେ ଶ୍ରମିକ ଓ ଯୁବକ ମାନଙ୍କ ପାଇଁ କୌଣସି କର୍ମସଂସ୍ଥାନ ନାହିଁ । ଅନ୍ୟପଟେ ସରକାର ନିଜ ଅଞ୍ଚଳରେ ଶ୍ରମିକ ମାନଙ୍କୁ କାମ ଯୋଗାଇ ଦେବାକୁ ମନରେଗା ଯୋଜନା ପ୍ରଣୟନ କରି ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ପ୍ରତ୍ୟେକ ମନରେଗା କାର୍ଯ୍ୟ ଶ୍ରମିକ ବଦଳରେ ମେସିନରେ ହେଉଥିବାରୁ ଶ୍ରମିକ ମାନେ କାମ ନ ପାଇ ହାତ ବାନ୍ଧି ବସିଛନ୍ତି । ସରକାରଙ୍କ ଯୋଜନା ସଫଳ ହେଉ ନ ଥିବା ବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ କାମ ହେଉଛି କର୍ମ ସଂସ୍ଥାନ ନ ଥିବାରୁ ଜିଲ୍ଲାର ସମସ୍ତ ପଞ୍ଚାୟତର ପ୍ରତ୍ୟେକ ଗ୍ରାମରୁ ହଜାର ହଜାର ଶ୍ରମିକ ବାହାର ରାଜ୍ୟକୁ ପରିବାର ପ୍ରତିପୋଷଣ ପାଇଁ କାମ ଅନ୍ୱେଷଣରେ ଯିବା ପାଇଁ ବାଧ ହେଉଛନ୍ତି । ଜିଲ୍ଲାରୁ ହଜାର ହଜାର ଦାଦନ ଶ୍ରମିକ କାମ ପାଇଁ ବାହାର



ରାଜ୍ୟକୁ ଯାଇଥିବା ଅନୁମାନ କରାଯାଏ ହେଲେ ଜିଲ୍ଲା ଶ୍ରମ ବିଭାଗ ପାଖରେ ଏହାର କୌଣସି ତଥ୍ୟ ନ ଥିବା ପରିତାପର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥାଏ ।

ଏଥି ପ୍ରତି ଶ୍ରମ ବିଭାଗ କି ଜିଲ୍ଲା ପ୍ରଶାସନ କେହି ବି ଆନ୍ତରିକତା ଦେଖାଇ ନଥିବା ଅନେକ ଅଭିଯୋଗ ରହିଛି । ଆଗକୁ ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ଆସୁଥିବାରୁ ବାହାରେରହି ଖଟୁଥିବା ଦାଦନ ଶ୍ରମିକ ମାନେ ଗାଁ ମୁହାଁ ହେଉଥିବା ଦେଖିବାକୁ ମିଳିଛି । ଏଥିପାଇଁ ରେଳ ଷ୍ଟେସନ ଓ ବସ୍ଷ୍ଟାଣ୍ଡ ଗୁଡ଼ିକରେ ପ୍ରବାସୀ ଶ୍ରମିକଙ୍କ ପ୍ରବଳ ଗହଳି ପରିଲକ୍ଷିତ ହେଉଛି । ସମସ୍ତେ ଘରକୁ ଆସି ନୂଆଁଖାଇ ସାରିବା ପରେ ପୁଣି ନିଜ କର୍ମସଂସ୍ଥାନକୁ ଫେରିଯିବେ । ବର୍ତ୍ତମାନ ରାଜ୍ୟରେ ନୂତନ ବିଜେପି ସରକାର ଆସିଥିବାରୁ ନିଜ ଅଞ୍ଚଳରେ ଶ୍ରମିକଙ୍କୁ କାମ ଯୋଗାଇ ଦେବା ସହ ଦାଦନ ରୋକିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ଏବିସିଡି ପକ୍ଷରୁ ନୂଆଁଖାଇ ଭେଟଘାଟ ପାଇଁ ବିଭିନ୍ନ ପ୍ରତିଯୋଗିତା

ପଦ୍ମପୁର,(ସବ୍ୟୁ): ଏବିସିଡି ପକ୍ଷରୁ ଆୟୋଜନ ହେବାକୁ ଥିବା ବୋଡାସମ୍ବର ନୂଆଁଖାଇ ଭେଟଘାଟ ଉପଲକ୍ଷେ ପଦ୍ମପୁର ମେହେରପଡା ସ୍ଥିତ ଗଙ୍ଗାଧର ମେହେର ଧରମସାଲା ଠାରେ ରଙ୍ଗୋଲି, ଝୋଟି ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗଙ୍କୁ ସଦସ୍ୟ ମାନେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ପରେ ମାଁ ସମଲେଶ୍ୱରୀଙ୍କ ଠାରେ ପୂଜାର୍ଚ୍ଚନା କରି ନିଜେ ମୁରୁଜରେ ରଙ୍ଗୋଲି କରି ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତାରେ ୪ ଗୋଟି ବିଭାଗରେ ୯୬ ଜଣ ବିଭିନ୍ନ ସ୍କୁଲରୁ ପ୍ରତଯୋଗୀ ଥିବା ବେଳେ ରଙ୍ଗୋଲି ଓ ଝୋଟିରେ ଯଥାକ୍ରମେ ୪୫,୪୫ ଜଣ ଶିଶୁ ଓ ମହିଳା ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ବିଭିନ୍ନ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ଆସନ୍ତା ନୂଆଁଖାଇ ଦିନ ତା. ୨୮.୦୮.୨୦୨୫ ଗୁରୁବାର ଅପରାହ୍ନ



ଘ.୫.୦ ରେ ସ୍ଥାନୀୟ ରାଜବୋଡାସମ୍ବର ହାଇସ୍କୁଲ ପରିସରରେ ଆୟୋଜିତ ନୂଆଁଖାଇ ଭେଟଘାଟ ପାଳନ ଅବସରରେ ପୁରସ୍କୃତ କରାଯିବ । ପ୍ରତିଯୋଗିତାରେ ଏବିସିଡି ଉପଦେଷ୍ଟା ନାଟ୍ୟକାର କେଶରଞ୍ଜନ ପ୍ରଧାନ, ନାଟ୍ୟକାର ଅଶୋକ ବହିଦାର,ରମେଶ ଗୁର୍ଲା, ଟୁନା ବାରିକ, ଗୋପବନ୍ଧୁ ଶିକା, ସଭାପତି ଅନିଲ କୁମାର ବେହେରା, ସମ୍ପାଦକ ରଘୁନାଥ ପୁରୀ, ସହ ସମ୍ପାଦକ ପ୍ରତାପ ନାଥ, ଲିଙ୍ଗରାଜ ସାହୁ, ସହଦେବ ମେହେର,ଅଂଶୁମାନ ମେହେର, ରବିନ୍ଦ୍ର ମୋହନ ଦାଶ ,ଅମୀୟ ପୁରୋହିତ, ସାନ୍ତସଂଗ୍ରାମ ଭୋଇ, ସୁମନ୍ତ କୁମାର ସାହୁ, ତୁଷାର କାନ୍ତ ପ୍ରଧାନ,ସୁନୀଲ ଭୋଇ ,ସରୋଜ ଯୋଶୀ,ସରୋଜ ଦାନୀ ସହଯୋଗ କରିଥିବା ବେଳେ ପ୍ରତ୍ୟେକ ପ୍ରତିଯୋଗିତା ପାଇଁ ସଚ୍ଚିଦାନନ୍ଦ ସାହୁ, ଅଧ୍ୟାପକ ଦୁର୍ଗାଶିଷ ପଟ୍ଟନାୟକ ଓ ନକୁଳ ଗିଙ୍ଗିରା ବିଚାରକ ଦାୟିତ୍ୱ ତୁଲାଇଥିଲେ । ସହ–ସମ୍ପାଦକ ପ୍ରତାପ ନାଥ ଧନ୍ୟବାଦ ଅର୍ପଣ କରିଥିଲେ ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୮/୨୩)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ )
**ନିୟତଂ ସଙ୍ଗରହିତମ୍‌ରାଗଦ୍ୱେଷତଃ କୃତମ୍ ।**
**ଅଫଳପେପ୍ସୁନା କର୍ମ୍ମ ଯତ୍ତତ୍ ସାତ୍ତ୍ୱିକମୁଚ୍ୟତେ ।। ୨୩ ।।**
( ଇଦାନୀଂ ତ୍ରିବିଧଂ କର୍ମ୍ମାହ ତ୍ରିଭିଃ)–ଅଫଳପ୍ରେପ୍ସୁନା (ନିଷ୍କାମେନ କର୍ତ୍ତ୍ରା) ନିୟତଂ (ନିତ୍ୟତୟା ଅବଶ୍ୟକର୍ତ୍ତବ୍ୟତୟା ବିହିତଂ), ସଙ୍ଗ ରହିତଂ (ଅଭିନିବେଶଶୂନ୍ୟଂ, ସଂସାରାସକ୍ତିରହିତଂ), ଅରାଗଦ୍ୱେଷତଃ କୃତଂ (ପୁତ୍ରାଦିପ୍ରୀତ୍ୟା ଶତ୍ରୁଦ୍ୱେଷେଣ ବା ଯତ୍ କୃତଂ ନ ଭବତି ତାଦୃଶଂ) ଯତ୍ କର୍ମ୍ମ, ତତ୍ ସାତ୍ତ୍ୱିକଂ ଉଚ୍ୟତେ ।।୨୩ ।।

ମୁଖ୍ୟ ସମ୍ପାଦକଙ୍କ ଲେଖନୀରୁ

# ଓଡ଼ିଆ ଅସ୍ମିତା ଏବେ କେଉଁଠି ?

ଏକ ପରିବର୍ତ୍ତନର ଭାବ ଓ ଭାଷା ନେଇ ଏ ସରକାର ବର୍ଷେ ଓ ମାସ କେତେଟା ତଳେ ଓଡ଼ିଶାକୁ ଆସିଲା । ସ୍ଲୋଗାନ ଥିଲା 'ଓଡ଼ିଆ ଅସ୍ମିତା' । କିନ୍ତୁ ଏବେ ଓଡ଼ିଶାର ଶିକ୍ଷିତ ଓ ସଚେତନ ନାଗରିକଙ୍କର ମନେହୁଏ, ଓଡ଼ିଆ ଅସ୍ମିତା ଏବେ କେଉଁଠି ହଜିଗଲାଣି ଯାହାକୁ ନେଇ ଆମେ ଓଡ଼ିଆମାନେ ଗର୍ବ କରିବାର କଥା, ସେ ଅସ୍ମିତା ସତେ ଯେପରି ବାଟବଣା ହୋଇଯାଇଛି । ଓଡ଼ିଆ ଅସ୍ମିତା କଥା ପଛେ ଥାଉ, ଆମେ ଆଗ ଆମ ଭାଷାକୁ ଟିକେ ଅବଲୋକନ କରିବା । ଆମ ଭାଷାକୁ ଆମେ କେତେ ଜଣ ଜାଣିଶୁଣି ବିକୃତ କରିବାରେ ଲାଗିଛୁଁ । ନବେ ବର୍ଷ ବୟସ ଅତିକ୍ରାନ୍ତ କରିଥିଲେ ମଧ୍ୟ ଭାରତର ଜଣେ ବିଶିଷ୍ଟ ଭାଷାତତ୍ତ୍ୱବିତ୍ ଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ (ପଦ୍ମଶ୍ରୀ)ଙ୍କୁ ଭୁବନେଶ୍ୱରର ବିଭିନ୍ନ ସାଂସ୍କୃତିକ ଓ ସାରସ୍ୱତ ସଭାମାନଙ୍କରେ ସସମ୍ମାନେ ମଞ୍ଚସ୍ଥ କରୁଛୁଁ, କିନ୍ତୁ କିଛି ତାଙ୍କଠାରୁ ଶିକ୍ଷା ଲାଭ କରୁନାହିଁ । ଭାରତର ଆଉ ଜଣେ ବଡ଼ ଭାଷାତତ୍ତ୍ୱବିତ୍ ସ୍ୱର୍ଗୀୟ ଡକ୍ଟର ସୁନୀତି କୁମାର ଚାଟାର୍ଜୀ ଏକଦା ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଓ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ପ୍ରଥମ ସ୍ମାରକୀ ବକ୍ତୃତା ଦେବାକୁ ଭୁବନେଶ୍ୱର ଆସିଥିଲେ । ମଧ୍ୟଯୁଗୀୟ ଭାରତରେ ସଂସ୍କୃତ ଭାଷା ଓ ସାହିତ୍ୟ ଉପରେ ଓଡ଼ିଆ ଭାଷାର ଯଥେଷ୍ଟ ଅବଦାନ ଥିଲା ବୋଲି ସେ ଉଲ୍ଲେଖ କରିଥିଲେ । ଆଧୁନିକ ଯୁଗରେ ଓଡ଼ିଆ ଭାଷାର ଉନ୍ନତି ମଧ୍ୟ ପରିଲକ୍ଷିତ ହୋଇଥିଲା । ବ୍ୟାସକବି ଫକୀର ମୋହନ ଓ ଅନ୍ୟମାନଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ବଙ୍ଗଳା ଭାଷା ମାଧ୍ୟମରେ ଆମେମାନେ ଶିକ୍ଷା ଲାଭ ନ କରି ଓଡ଼ିଆ ଭାଷାରେ ଶିକ୍ଷାଲାଭ କଲୁଁ । କବିବର ରାଧାନାଥ, ଭକ୍ତକବି ମଧୁସୂଦନ, ପଲ୍ଲୀକବି ନନ୍ଦକିଶୋର , କବିଶେଖର ଚିନ୍ତାମଣି ଓ କାନ୍ତକବି ଲକ୍ଷ୍ମୀକାନ୍ତ ପ୍ରଭୃତିଙ୍କ ସାହିତ୍ୟ ସାଧନା ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବା ସହିତ ଓଡ଼ିଆ ସାହିତ୍ୟକୁ ମଧ୍ୟ ସମୃଦ୍ଧ କରିଥିଲା ।

ଭାରତରେ ଭାଷା ଭିତ୍ତିରେ ପ୍ରଥମ ରାଜ୍ୟ ଓଡ଼ିଶା । ପୁଣି ୨୦୧୪ରେ ଓଡ଼ିଆ ଭାଷା ଭାରତର ଷଷ୍ଠ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଲା । ମୁଖ୍ୟତଃ ଏହାର ପ୍ରାଚୀନତା ଯୋଗୁଁ ଏହା ଶାସ୍ତ୍ରୀୟ ଭାଷା ହୋଇପାରିଲା । ପ୍ରଥମେ ତାମିଲ ଭାଷା ୨୦୦୪ ମସିହାରେ ଶାସ୍ତ୍ରୀୟ ଭାଷା ହେବା ପରେ ୨୦୦୫ରେ ସଂସ୍କୃତ, ୨୦୦୮ରେ କନ୍ନଡ ଓ ତେଲୁଗୁ. ୨୦୧୩ରେ ମାଲାୟାଲାମ ଓ ୨୦୧୪ରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇ ପାରିଲା । ମାତ୍ର ଭାଷା କ୍ଷେତ୍ରରେ ଉନ୍ନତ ବୋଲି ଦାବି କରି ଆସୁଥିବା ବଙ୍ଗଳା ଭାଷା ସମେତ ଅହମୀୟା (ଆସାମ) ଭାଷା ୨୦୨୪ରେ ଶାସ୍ତ୍ରୀୟ ମାନ୍ୟତା ପାଇଛନ୍ତି । ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ, ୨୦୨୪ରେ ମରାଠୀ, ପାଲି ଓ ପ୍ରାକୃତ ଭାଷାକୁ ମଧ୍ୟ ଶାସ୍ତ୍ରୀୟ ମାନ୍ୟତା ଦିଆଯାଇଛି । ଏହା ସତ୍ତ୍ୱେ ଓଡ଼ିଶାରେ ଓଡ଼ିଆ ଭାଷା ପ୍ରତି ଆଦର ଏବେ ସରକାରଙ୍କର କିମ୍ବା ଓଡ଼ିଆ ଲୋକଙ୍କର ମଧ୍ୟ ନାହିଁ ବୋଲି ମନେହୁଏ । ସ୍ୱର୍ଗୀୟ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓଡ଼ିଶାର ସରକାରୀ ଭାଷା ଓଡ଼ିଆ ହେବ ବୋଲି ଆଇନ କରିଥିଲେ । ମାତ୍ର ବର୍ଷ ବର୍ଷ ଧରି ସେଥିପାଇଁ କୌଣସି ସରକାର ନିୟମ ପ୍ରଣୟନ କରି ନଥିଲେ । ଶ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବାବେଳେ ଆଇନ ପାଇଁ ଦରକାର ନିୟମାବଳୀ ହୋଇ ପାରିଥିଲା । ମାତ୍ର ଏବେ ଓଡ଼ିଶା ସରକାରଙ୍କର କାମ ସରକାରୀ ଭାଷାରେ ଚାଲିଛି ବୋଲି କହି ହେବ ନାହିଁ । କୋର୍ଟ କଚେରୀରେ ମଧ୍ୟ ଓଡ଼ିଆ ଭାଷାର ପ୍ରଚଳନ ହେବାର ଆବଶ୍ୟକତା ଦେଖାଯାଇଛି । ଏବେ ତ କେତୋଟି ଟିଭି ଓଡ଼ିଆ ଚାନେଲ ଆମ ଭାଷାକୁ ବିକୃତ କରି ସାରିଲେଣି । ଘୋଷିକା 'ଠିକ୍ ଅଛି' କହିବା ପରିବର୍ତ୍ତେ 'ଓକେ' ବାରମ୍ବାର କହିବା ଦ୍ୱାରା ତାହା ଶୃତିକଟୁ ମନେ ହେଉଛି । ସେହିପରି ମୃତ୍ୟୁକୁ ମ୍ରିତ୍ୟୁ ବୋଲି ବଙ୍ଗଳା ଭାଷାର ଅନୁକରଣରେ କହିବାରେ କି ପ୍ରକାର ଆନନ୍ଦ ଥାଏ ?

ଓଡ଼ିଶାର ଜଣେ ବିଶିଷ୍ଟ ସାହିତ୍ୟିକ ଓ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗୀୟ ଚିତ୍ତରଞ୍ଜନ ଦାସ ଥରେ ଉଲ୍ଲେଖ କରିଥିଲେ, 'ଓଡ଼ିଶାରେ ଆମ ସାହିତ୍ୟିକ, ନିବନ୍ଧକାରମାନେ ନିଜ ପ୍ରତିପାଦ୍ୟଗୁଡ଼ିକର ସମର୍ଥନରେ ଇଂରାଜୀରୁ ଗଉଣି ଗଉଣି ସନ୍ଦର୍ଭ ଆଣି ମାପି ଦେଇ ପାରୁଥିଲେ ମଧ୍ୟ ତେଲୁଗୁ, କନ୍ନଡ଼ କିମ୍ବା ଅହମୀୟା ଭାଷାରୁ ଗୋଟିଏ ହେଲେ ନଜିର ଦେଇ ପାରୁନାହାନ୍ତି । ଏହା ଏକ ଦୁର୍ଭାଗ୍ୟର କଥା । ଏକାଠି ଥାଇ ମଧ୍ୟ ଆମେ ପରସ୍ପରଠାରୁ କିପରି ଦୂରଛଡା ହୋଇ ରହିଛୁଁ, ଏହା ତାହାରି ପ୍ରତିପାଦନ ହିଁ କରି ଦେଉଛି । ( ଓଡ଼ିଶା ଓ ଭାରତବର୍ଷ, ପୃଷ୍ଠା ୫୧, ପୁସ୍ତକର ନାମ 'ଓଡ଼ିଶା ଓ ଓଡ଼ିଆ')

'ଓଡ଼ିଆ ଅସ୍ମିତା' ପାଇଁ କେବଳ ରାଜ୍ୟ ସରକାରଙ୍କୁ ଦାୟୀ କରା ନଯାଉ । ଆମ ଓଡ଼ିଆ ଲୋକେ ମଧ୍ୟ ଓଡ଼ିଆ ଅସ୍ମିତା ପାଇଁ ଆଦୌ ବିବ୍ରତ ନୁହଁନ୍ତି । ରାଜ୍ୟ ସରକାର ଓଡ଼ିଆ ଭାଷା ଓ ସାହିତ୍ୟ ତଥା ସଂସ୍କୃତିର ଉନ୍ନତି ପାଇଁ ଉଦ୍ୟମ କରୁଛନ୍ତି ଏବେ । ଅନେକ ଭଲ ଅଧିକାରୀ ଏହାର ଦାୟିତ୍ୱ ବହନ କରି ଆସିଛନ୍ତି । ମାତ୍ର ଆମ ଲେଖକ ଓ କଳାକାରମାନଙ୍କ ମଧ୍ୟରେ ସଦ୍‌ଭାବ ଓ ଏକତା ନଥିବାରୁ ଆମେମାନେ ଆମ ଅସ୍ମିତା ସଂପର୍କରେ ସଚେତନ ହୋଇ ପାରୁ ନାହାନ୍ତି । ଫଳରେ ଆମର ଭବିଷ୍ୟତକୁ ଆମେ ହୁଏତ ଉଜ୍ଜ୍ୱଳ କରିପାରିବା ନାହିଁ । ୨୦୩୬ରେ ଓଡ଼ିଶା ତାହାର ଶତବାର୍ଷିକ ପାଳନ ପାଇଁ ଆମେ କିପରି ପ୍ରସ୍ତୁତ ହେଉଛୁଁ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଶ୍ରୀମତୀ ମେଲାନିଆ ଟ୍ରମ୍ପଙ୍କ ଶାନ୍ତିବାର୍ତ୍ତା



ରମାକାନ୍ତ ନାଥ

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ମଧ୍ୟରେ ଆଲାସ୍କାର ରାଜଧାନୀ ଆଙ୍କୋରେଜ ସହରରେ ଶିଖର ବାର୍ତ୍ତାଳାପ ପୂର୍ବରୁ ଆମେରିକାର ପ୍ରଥମ ମହିଳା ଡୋନାଲ୍ଡ ଟ୍ରମ୍ପଙ୍କ ପତ୍ନୀ ଶ୍ରୀମତୀ ମେଲାନିଆ ଟ୍ରମ୍ପଙ୍କର ଏକ ଚିଠି ବେଶ୍ ଚର୍ଚ୍ଚାର ବିଷୟ ହୋଇଛି । ଶିଖର ବାର୍ତ୍ତାରୁ ସେପରି କିଛି ପରିଣାମ ମିଳିପାରି ନଥିଲାବେଳେ ଶ୍ରୀମତୀ ଟ୍ରମ୍ପଙ୍କ ଚିଠି ଅନେକ କିଛି ଉପସ୍ଥାପନ କରିପାରିଛି । ଏହି ଚର୍ଚ୍ଚିତ ଚିଠିଟିକୁ ଶ୍ରୀମତୀ ଟ୍ରମ୍ପ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ଲେଖିଛନ୍ତି । ଡୋନାଲ୍ଡ ଟ୍ରମ୍ପଙ୍କ ସହିତ ବାର୍ତ୍ତାଳାପ ପୂର୍ବରୁ ଟ୍ରମ୍ପ ନିଜେ ଏହି ଚିଠିଟିକୁ ପୁତିନ୍‌ଙ୍କ ହାତକୁ ବଢାଇ ଦେଇଥିଲେ ଏବଂ ଏ ଚିଠି ସେମାନଙ୍କର ଆଲୋଚନାର ପ୍ରସଙ୍ଗ ହୋଇନଥିଲେ ମଧ୍ୟ ପୁତିନ୍ ସେଠାରେ ଚିଠିଟିକୁ ଧୈର୍ଯ୍ୟର ସହିତ ପାଠ କରିଥିଲେ । ପୁତିନଙ୍କୁ ଲେଖାଯାଇଥିବା ଏହି ଚିଠିକୁ ମେନାଲିଆଙ୍କ 'ଶାନ୍ତିପତ୍ର' ଭାବେ ଗଣମାଧ୍ୟମରେ ଉପସ୍ଥାପନ କରାଯାଉଛି, ଯାହା ପ୍ରତ୍ୟକ୍ଷରେ ଶିଶୁମାନଙ୍କର ସୁରକ୍ଷା, ଆଗାମୀ ପିଢିର ଭବିଷ୍ୟତ ଦାବି କରୁଥିଲାବେଳେ ପରୋକ୍ଷରେ ରୁଷିଆ–ୟୁକ୍ରେନ୍ ଯୁଦ୍ଧ ପରିପ୍ରେକ୍ଷୀରେ ବିଶ୍ୱରେ ସ୍ଥାୟୀ ଶାନ୍ତି, ସ୍ଥିରତା, ସହାବସ୍ଥାନ ଓ ସମୃଦ୍ଧି ଇଚ୍ଛାକରେ । ଏଠାରେ ଆପଣମାନଙ୍କୁ ସ୍ମରଣ କରାଇଦେବାକୁ ଉଚିତ ମନେକରୁଛି ଯେ କଳିଙ୍ଗ ବିଜୟୀ ମଗଧ ସମ୍ରାଟ ଅଶୋକଙ୍କୁ ବୌଦ୍ଧ ସନ୍ୟାସୀ ଉପଗୁପ୍ତ ଯେପରି ଦିନେ ଅହିଂସା ମାର୍ଗରେ ପରିଚାଳିତ କରିପାରିଥିଲେ ଓ ଉପଗୁପ୍ତଙ୍କ ସାନ୍ନିଧ ଲାଭକରି ଅଶୋକ ଯେପରି ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ, ସେହିପରି ହିଂସା, ଯୁଦ୍ଧ ଓ ଅଶାନ୍ତି ପଥର ଯାତ୍ରୀ ଭ୍ଲାଦିମିର ପୁତିନ ଶ୍ରୀମତୀ ମେନାଲିଆ ଟ୍ରମ୍ପଙ୍କ ଶାନ୍ତିପତ୍ର ପ୍ରଭାବରେ ପରିବର୍ତ୍ତନ ପଥରେ ଅଗ୍ରସର ହେବେ ବୋଲି ଆଶା କରାଯାଉଛି । ବିଶ୍ୱରେ ଶାନ୍ତି ସ୍ଥାପନରେ ପୁରୁଷମାନଙ୍କର ଯେପରି ଭୂମିକା ରହିଛି ସେହିପରି ମହିଳାଙ୍କର ଭୂମିକାକୁ ମଧ୍ୟ ଧ୍ୟାନ ଦେବାକୁ ହେବ ଏବଂ ୧୯୦୧ ମସିହାରୁ ଏଯାବତ ବିଶ୍ୱରେ ୧୯ ଜଣ ମହିଳା ନୋବେଲ ଶାନ୍ତି ପୁରସ୍କାର ଲାଭ କରିଥିଲାବେଳେ ସେଥିରେ ଆଉ ଜଣେ ମହିଳାଙ୍କ ନାମ ଯୋଡିହୋଇ ଯିବା କିଛି ଅସମ୍ଭବ କଥା ହେବ ନାହିଁ ।

ଆମେରିକାର ପ୍ରଥମ ମହିଳା ଶ୍ରୀମତୀ ମେଲାନିଆ ଟ୍ରମ୍ପଙ୍କ ଶାନ୍ତିପତ୍ର ଶିଶୁମାନଙ୍କର ଦୁଃଖ ଓ ସମସ୍ୟାକୁ ବର୍ଣ୍ଣନା କରୁଛି । ଚିଠିରେ ଶ୍ରୀମତୀ ଟ୍ରମ୍ପ ପୁତିନଙ୍କୁ କହିବାକୁ ଚାହାନ୍ତି, ଏହା ହେଉଛି ଉପଯୁକ୍ତ ସମୟ ବିଶ୍ୱର ଶିଶୁମାନଙ୍କୁ ରକ୍ଷା କରିବା ଓ ପରବର୍ତ୍ତୀ ପିଢିକୁ ସୁରକ୍ଷା ଦେବା ପାଇଁ ଆପଣ ହେଉଛନ୍ତି ଉପଯୁକ୍ତ ବ୍ୟକ୍ତି । ଶ୍ରୀମତୀ ଟ୍ରମ୍ପଙ୍କ ଚିଠି ଆରମ୍ଭ ହୋଇଛି, ପ୍ରିୟ ରାଷ୍ଟ୍ରପତି ପୁତିନ ସମ୍ବୋଧନରୁ । ଆଗକୁ ସେ ଲେଖିଛନ୍ତି, ପ୍ରତ୍ୟେକ ପିଲା ସେମାନଙ୍କ ହୃଦୟରେ ସମାନ ଏବଂ ଶାନ୍ତିର ସ୍ୱପ୍ନ ଦେଖିଥାନ୍ତି, ସେମାନେ ଏକ ଦେଶର ଗ୍ରାମାଞ୍ଚଳରେ ହେଉ ବା ଚାକଚକ୍ୟଭରା ସହରାଞ୍ଚଳର କେନ୍ଦ୍ର ସ୍ଥଳରେ ଅନିୟମିତ ଭାବେ ଜନ୍ମ ନେଇଥାନ୍ତୁ, ସେମାନେ ସମସ୍ତେ ପ୍ରେମ, ସମ୍ଭାବନା ଓ ସୁରକ୍ଷାର ସ୍ୱପ୍ନ ଦେଖିଥାନ୍ତି । ଶ୍ରୀମତୀ ଟ୍ରମ୍ପ ପୁଣି ଲେଖୁଛନ୍ତି, ବାପା ମାଆ ଭାବରେ, ପର ପିଢିର ଆଶାକୁ ପୂରଣ କରିବା ହେଉଛି ଆମର କର୍ତ୍ତବ୍ୟ । ଜଣେ ନେତା ଭାବରେ ପିଲାମାନଙ୍କୁ ପାଳନ–ପୋଷଣ କରିବାର ଦାୟିତ୍ୱ କିଛି ଲୋକଙ୍କ ପାଇଁ ଆରାମଠାରୁ ବହୁ ଆଗକୁ ପ୍ରସାରିତ ହୋଇଛି । ନିଶ୍ଚିତ ଭାବେ ଆମକୁ ସମସ୍ତଙ୍କ ପାଇଁ ଏକ ଗାରିମାମୟ ବିଶ୍ୱ ଗଢିବାକୁ ଉଦ୍ୟମ କରିବାକୁ ପଡିବ, ଯାହାଦ୍ୱାରା ପ୍ରତ୍ୟେକ ଆତ୍ମା ଶାନ୍ତି ପାଇଁ ଜାଗ୍ରତ ହୋଇ ପାରିବ ଏବଂ ଭବିଷ୍ୟତ ସମ୍ପୂର୍ଣ୍ଣ ସୁରକ୍ଷିତ ରହିପାରିବ । ଚିଠିରେ ପୁଣି କୁହାଯାଇଛି, ଶ୍ରୀ ପୁତିନ, ମୁଁ ନିଶ୍ଚିତ ଯେ ଏକ ସରଳ ଓ ଗଭୀର ଅବଧାରଣା ରହିଛି ଯାହା ପାଇଁ ଆପଣ ମୋ ସହିତ ଏକମତ ହେବେ ଯେ, ପ୍ରତ୍ୟେକ ପିଢିର ବଂଶଧରମାନେ ପବିତ୍ରତାର ସହିତ ସେମାନଙ୍କର ଜୀବନ ଆରମ୍ଭ କରିଥାନ୍ତି । ଆଜିର ଦୁନିଆରେ କେତେକ ପିଲା ସେମାନଙ୍କ ଚାରିପାଖର ଅନ୍ଧକାର ମଧ୍ୟରେ ଅସ୍ପୃଶ୍ୟ ରହିଥାନ୍ତି, ମୁହଁରେ ଏକ ଶୁଷ୍କ ହସ ପ୍ରକାଶ କରିବା ପାଇଁ ବାଧ ଓ ଅସହାୟ ହୋଇଥାନ୍ତି । ଏହା ସେହି ଶକ୍ତି ବିରୋଧରେ ସେମାନଙ୍କର ଏକ ମୌନ ପ୍ରତିରୋଧ ଯାହା ସେମାନଙ୍କ ଭବିଷ୍ୟତକୁ କରାୟତ କରିପାରେ । ଶାନ୍ତିପତ୍ରରେ ଶ୍ରୀମତୀ ଟ୍ରମ୍ପଙ୍କର ଏକ ଅନୁରୋଧ ଭରା କଥା ମଧ୍ୟ ପ୍ରକାଶ ପାଇଛି । ସେ ଲେଖୁଛନ୍ତି, ଶ୍ରୀ ପୁତିନ୍, ଆପଣ ଏକା ସେମାନଙ୍କ ହସକୁ ଫେରାଇ ଦେଇ ପାରନ୍ତି । ଏହି ପିଲାମାନଙ୍କର ନିର୍ଦ୍ଦୋଷତାକୁ ରକ୍ଷାକରି ଆପଣ କେବଳ ରୁଷିଆର ସେବା ଠାରୁ ଆଗକୁ ଆସି ସାରା ବିଶ୍ୱର ସେବା କରିପାରିବେ । ଏପରି ସାହସିକ ବିଚାର ସମସ୍ତ ମାନବୀୟ ଭେଦଭାବ ଠାରୁ ଉପରେ ଏବଂ ଆପଣ, ଶ୍ରୀ ପୁତିନ୍, ଆଜି ହିଁ ଆପଣଙ୍କ କଲମର ଏକ ଝଟକାରେ ଏହି ଦୃଷ୍ଟିକୋଣକୁ ସାକାର କରିବା ପାଇଁ ଉପଯୁକ୍ତ ଅଟନ୍ତି ଏବଂ ଶେଷରେ ଶ୍ରୀମତୀ ଟ୍ରମ୍ପ ଲେଖନ୍ତି, ଏହା ହେଉଛି ଉପଯୁକ୍ତ ସମୟ ।

ଆମେରିକାର ପ୍ରଥମ ମହିଳା ମେଲାନିଆଙ୍କ ଶାନ୍ତିପତ୍ର ଅତ୍ୟନ୍ତ ମାର୍ମିକ ଓ ଚିନ୍ତାର ବିଷୟ । ଦୁଇ ବିକଶିତ ସମୃଦ୍ଧ ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ଶାନ୍ତି ପାଇଁ ଆଲୋଚନା ଅପେକ୍ଷା ଏହି ପତ୍ରଟି ଅନେକ ସମ୍ଭାବନାକୁ ପ୍ରକାଶ କରୁଛି । ମାତ୍ର ଚିଠିର ମର୍ମ ଓ ସମ୍ବେଦନାକୁ ହୃଦୟଙ୍ଗମ କରି ରୁଷିଆ ରାଷ୍ଟ୍ରପତି ପୁତିନ କିଛି ପଦକ୍ଷେପ ନେବେ ଏବଂ ମେଲାନିଆଙ୍କ ଭାଷାରେ ତାଙ୍କ କଲମର ଏକ ଝଟକାରେ ପରିସ୍ଥିତିକୁ ବଦଳେଇ ଦେବେ ସେପରି ସମ୍ଭାବନା ଦେଖାଯାଉ ନାହିଁ, ମାତ୍ର ଏପରି ଏକ ସମ୍ବେଦନାଭରା ଚିଠି ପୁଣି ମାନବତାକୁ ଫେରାଇ ଆଣିବାକୁ ଦାବି କରେ । ସାରା ଜଗତର ସରଳ ନିରୀହ ଅବୋଧ ଶିଶୁମାନଙ୍କ ମୁହଁରେ ପ୍ରକୃତ ବାତ୍ସଲ୍ୟଭରା ହସ ଫୁଟାଇବା ପାଇଁ ଏକ ଶାନ୍ତ ପ୍ରତିବେଦନ ଦାବି କରେ । ଶିଶୁମାନଙ୍କର ଅନେକ ସମସ୍ୟା ରହିଛି । ଶିଶୁ ଶ୍ରମ, ଶିଶୁ ଅଧିକାର, ଶିଶୁ ସୁରକ୍ଷା ପାଇଁ ସାରା ବିଶ୍ୱରେ ଅନେକ କିଛି କାମ କରାଯାଉଛି । ଜାତିସଂଘ ପକ୍ଷରୁ କାର୍ଯ୍ୟାକରୁଥିବା ୟୁନିସେଫ୍ ସଂସ୍ଥା ଆଜିର ଦିନରେ ବିଶ୍ୱର ପ୍ରାୟ ୧୯୦ଟି ଦେଶରେ ଅନେକ ଉଲ୍ଲେଖନୀୟ କାମ କରୁଥିଲେ ମଧ୍ୟ ବିଶ୍ୱର ପିଲାମାନଙ୍କ ମୁହଁରେ ହସ ଫୁଟାଇବାରେ ତାହା ଯଥେଷ୍ଟ ନୁହେଁ । ଯୁଦ୍ଧ, ଗୃହଯୁଦ୍ଧ, ହିଂସା ଓ ଆତଙ୍କ ଜର୍ଜରିତ ବିଶ୍ୱରେ ସବୁଠାରୁ ଅଧିକ ଶୋଷିତ, କୁପୋଷିତ, ବିସ୍ଥାପିତ ହେଉଥିବା ପିଲାମାନଙ୍କ ଜୀବନରକ୍ଷା ଦିଗରେ ୟୁନିସେଫ ଭୂମିକା ଅତି ନଗନ୍ୟ । ଯେତେବେଳେ ଫୁଲପରି କୋମଳ ଶିଶୁମାନେ ଫୁଟିବା ପୂର୍ବରୁ ଝଡି ପଡନ୍ତି, ସେତେବେଳେ ଏ ମାନବ ସଭ୍ୟତାର କ'ଣ ହେବ? କିଏ ଆଗକୁ ନେବ ଏହି ଜଗତକୁ ? କିଏ ସୁରକ୍ଷା ଦେବ ଏ ସବୁଜ ପୃଥିବୀକୁ? ମେଲାନିଆଙ୍କ ଚିଠି ଏହି ପ୍ରସଙ୍ଗକୁ ଉଜାଗର କରି ଚର୍ଚ୍ଚାର ଏକ ବିଷୟ ହୋଇଯାଇଛି । ଆମେରିକାର ପ୍ରଥମ ମହିଳା ରିପବ୍ଲିକାନ୍ ଦଳର ସଦସ୍ୟା ହୋଇଥିଲାବେଳେ, ରାଜନୀତିରେ ତାଙ୍କ ସ୍ୱାମୀଙ୍କୁ ସହଯୋଗ କରୁଥିଲାବେଳେ ତାଙ୍କର ସାମାଜିକ ପ୍ରତିବଦ୍ଧତା ପାଇଁ ସେ ଆମେରିକାରେ ବେଶ୍ ଜଣାଶୁଣା । ସେବାପରାୟଣତା ପ୍ରତ୍ୟେକ ମହିଳାଙ୍କର ଏକ ସହଜାତ ଗୁଣ ହୋଇଥିଲାବେଳେ ମେଲାନିଆ ଏହି ସାମାଜିକ କର୍ତ୍ତବ୍ୟକୁ ପାଳନ କରିବା ସହିତ ଅନ୍ୟକୁ ତାହା ପାଳନ କରିବା ପାଇଁ ଅନୁପ୍ରେରିତ କରିପାରିଛନ୍ତି ଯାହା ସାଧୁତାର ପରିଭାଷା ଏବଂ ଏକ କୋମଳ ମନ, ବିକାରହୀନ ହୃଦୟ, ସଭିଙ୍କୁ ଭଲପାଇବାର ଅବବୋଧ ପ୍ରକାଶ କରୁଛି । ଏହି ଆହ୍ୱାନକୁ ପୁତିନ କିପରି ସମ୍ମାନ ଜଣାଉଛନ୍ତି ତାହା ଅବଶ୍ୟ ସମୟ କହିବ, ମାତ୍ର ମାନବତା ପ୍ରେମୀ ପ୍ରତ୍ୟେକଙ୍କ ପାଇଁ ମେନାଲିଆ ଟ୍ରମ୍ପ ସମ୍ପ୍ରତି ଏକ ଆଲୋକ ରେଖା ହୋଇଯାଇଛନ୍ତି ।

ମେଲାନିଆଙ୍କ ଶିଶୁ ସୁରକ୍ଷା ଚିନ୍ତନ ପରିପ୍ରେକ୍ଷୀରେ ଏହା ପୁଣି ଅତ୍ୟଧିକ ଚିନ୍ତାର ବିଷୟ ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ଶିଶୁମାନଙ୍କର ସମସ୍ୟା କିଛି କମ୍ ନୁହେଁ । ଶିଶୁମାନେ ଏଠାରେ କମ୍ ହିଂସାର ଶିକାର ହୁଅନ୍ତି ନାହିଁ । ରୁଷିଆ ରାଷ୍ଟ୍ରପତି ପୁତିନ୍‌ଙ୍କୁ ବାଟ ଦେଖାଉଥିବା, ଶାନ୍ତିଦୂତ ହେବାପାଇଁ ପରାମର୍ଶ ଦେଉଥିବା ଆମେରିକାର ପ୍ରଥମ ମହିଳା ତାଙ୍କ ଦେଶରେ ଶିଶୁମାନଙ୍କ ମୁହଁରେ କେବେ ହସ ଫୁଟାଇବେ, ତାଙ୍କ ଦେଶରେ କେବେ ହିଂସା ଓ ଆତଙ୍କ ଦୂର କରିବେ ତାହା ସବୁଠାରୁ ବଡ ପ୍ରଶ୍ନ । ବିଶ୍ୱରେ ଆମେରିକା ଏକ ପ୍ରମୁଖ ସମୃଦ୍ଧ, ବିକଶିତ ଓ ଧନୀ ଦେଶ ହୋଇପାରେ ମାତ୍ର ଏଠାରେ ଅସାମାଜିକ ପ୍ରବୃତ୍ତି, ହିଂସା, ଭୟ ଓ ଘୃଣା ଅନ୍ୟ ଅବିକଶିତ ଦେଶ ତୁଳନାରେ କିଛି କମ୍ ନୁହେଁ । ଆମେରିକାରେ ମଧ୍ୟ ପିଲାମାନେ ଦାରିଦ୍ର୍ୟ, କୁପୋଷଣ ଓ ଉନ୍ନତ ସ୍ୱାସ୍ଥ୍ୟ ସେବାରୁ ବଂଚିତ ହୋଇଥାନ୍ତି । ଅବଶ୍ୟ ବିଗତ କିଛି ବର୍ଷ ହେବ ଆମେରିକାରେ ଅପରାଧ କ୍ରମେ ହ୍ରାସ ପାଉଛି ଓ ଶିଶୁମାନଙ୍କ ଉପରେ ହେଉଥିବା ଅପରାଧ କମିଛି, କିନ୍ତୁ ଏହାର ଅର୍ଥ ନୁହଁ ଯେ ଆମେରିକାର ସମସ୍ତ ଶିଶୁ ସମସ୍ୟା ମୁକ୍ତ । ଆମେରିକାରେ ଜଳବାୟୁ ପରିବର୍ତ୍ତନ ଜନିତ ସଙ୍କଟର ପ୍ରଭାବ ସେଠାକାର ଶିଶୁମାନଙ୍କ ଉପରେ ଅଧିକ ରହିଛି । ଏସବୁର ସମାଧାନ ଦିଗରେ ଆମେରିକାର ପ୍ରଥମ ମହିଳା ଶ୍ରୀମତୀ ଟ୍ରମ୍ପ କ'ଣ କରୁଛନ୍ତି ବା ତାଙ୍କ ସରକାର ଓ ଟ୍ରମ୍ପ ପ୍ରଶାସନକୁ କି ପରାମର୍ଶ ଦେଉଛନ୍ତି? ରୁଷିଆ–ୟୁକ୍ରେନ୍ ମଧ୍ୟରେ ଲାଗିଥିବା ଯୁଦ୍ଧକୁ ବନ୍ଦ କରିବା ପାଇଁ ଆମେରିକାର ପ୍ରଥମ ମହିଳା ଚିନ୍ତା ପ୍ରକଟ କରିପାରନ୍ତି ଓ ପୁତିନ୍‌ଙ୍କୁ ପରାମର୍ଶ ଦେଇ ପାରନ୍ତି, ମାତ୍ର ତା' ପୂର୍ବରୁ ସେ ତାଙ୍କ ଦେଶରେ ଏପରି କିଛି ଉଦାହରଣ ଦେଖାଇବା ଜରୁରୀ ନୁହେଁ କି? ଅଶିକ୍ଷା, ମାନସିକ ସ୍ୱାସ୍ଥ୍ୟ ସମସ୍ୟା, ବିକାରତା, କୁପୋଷଣ, ଅସୁରକ୍ଷିତ ଏବଂ ସାମାଜିକ ନ୍ୟାୟରୁ ବଞ୍ଚିତ ଆମେରିକାର ପିଲାମାନଙ୍କ ଦୁଃଖ ଦୂରକରିବା କ'ଣ ତାଙ୍କର ସାମାଜିକ ତଥା ରାଜନୀତିକ ଦାୟିତ୍ୱବୋଧ ନୁହେଁ କି? ଏହା କହିବା ଜରୁରୀ ହୋଇପଡିଛି ଯେ ବିଶ୍ୱରେ ହିଂସା, ଆତଙ୍କ, ଯୁଦ୍ଧ ତଥା ଗୃହଯୁଦ୍ଧ ଆଦି ପରିସ୍ଥିତି ପାଇଁ ଆମେରିକାର ବୈଦେଶିକ ନୀତି ହିଁ ଅନେକ ପରିମାଣରେ ଦାୟୀ । ବିଶ୍ୱରେ ଆତଙ୍କବାଦ ସୃଷ୍ଟି କରିଛି କିଏ? ଆଜି ପାଲେଷ୍ଟାଇନର ଗାଜାରେ ଯେଉଁ ଅମାନବୀୟ ପରିସ୍ଥିତି ସୃଷ୍ଟି ହୋଇଛି ତାହା କାହାର ଦାନ? ଆମେରିକି ନିର୍ମିତ ବୋମା, ମିଜାଇଲ, ଡ୍ରୋନ୍ ବିଶ୍ୱ କୋଣ ଅନୁକୋଣରେ ଯେଉଁ ତାଣ୍ଡବ ସୃଷ୍ଟି କରୁଛି ତାହା, ମଧ୍ୟପ୍ରାଚ୍ୟର ଭୂଖଣ୍ଡ, ଦକ୍ଷିଣ ଏସିଆ ହେଉ ବା ସୁଦୂର ଆଫ୍ରିକୀୟ କଙ୍ଗୋ, ସେଥିପାଇଁ କିଏ ଦାୟିହେବ? ଏପରି ଆକ୍ରମଣରେ ଯେଉଁ ଧନଜୀବନ କ୍ଷତି ଘଟିଛି ଓ ନିତି ପ୍ରତିଦିନ ଘଟି ଚାଲିଛି, ତାହା ପାଇଁ କିଏ ଦାୟୀ? ଆମେରିକାର ଯୁଦ୍ଧ ବଜାର, ପୁଞ୍ଜିର ପ୍ରଭାବରେ ବିଶ୍ୱର କୋଟି କୋଟି ପିଲା ଅନାଥ ହୋଇଯାଇ ନାହାଁନ୍ତି କି? ସେମାନଙ୍କ ମୁହଁରୁ ସବୁଦିନ ପାଇଁ ହସ ପୋଛି ନେଇଛି କିଏ? ମୁଠେ ଆହାର, ପଟିଏ ରୁଟି, ବୁନ୍ଦେ ପାଣି ପାଇଁ ଯୁଦ୍ଧଗ୍ରସ୍ତ ଏ ବିଶ୍ୱର କୋଣ ଅନୁକୋଣରେ ପିଲାମାନେ ଦିନ ପ୍ରତିଦିନ ଡହଳ ବିକଳ ହେଉ ନାହାନ୍ତି କି? ଆମେରିକା ଓ ତା'ର ଭାଇ ବିରାଦରି ବ୍ରିଟେନ୍ ସମେତ ୟୁରୋପୀୟ ସଂଘରାଷ୍ଟ୍ର ଏବଂ ଇସ୍ରାଏଲ, ଏମାନଙ୍କ ପାଇଁ କୋଟି କୋଟି ଶିଶୁ ଦୁଃଖ ଯନ୍ତ୍ରଣାରେ ଛଟପଟ ହେଉନାହାନ୍ତି କି? ଅସୁରକ୍ଷିତ ନୁହଁନ୍ତି କି? ବିଶ୍ୱର ଭବିଷ୍ୟତକୁ ଏମାନେ ନାରଖାର, ଛାରଖାର କରି ନାହାନ୍ତି କି? ମେନାଲିଆଙ୍କର ପୁତିନଙ୍କୁ ଚିଠି ଯେତେ ସମ୍ବେଦନଶୀଳ ହୋଇଥିଲେ ମଧ୍ୟ ତାହା ଆତ୍ମଚିନ୍ତନର ବିଷୟ ନୁହେଁ କି?

ଏକଦା ପ୍ରଶାନ୍ତ ମହାସାଗର କୂଳରେ ଏକ ଅବୋଧ ଶିଶୁର ମୃତ ଦେହ ଯାହା ପାରାବାର ଜଳରେ ଭାସିଆସି ଯୁଦ୍ଧର ଭୟାବହତା, ବିସ୍ଥାପନର ଗଭୀର ଯନ୍ତ୍ରଣାକୁ ପ୍ରକଟ କରିଥିଲା । ଏକ ଶିଶୁ ଆତଙ୍କବାଦୀର ବନ୍ଧୁକ ମୂନରେ ପ୍ରାଣ ହରାଇବା ପୂର୍ବରୁ ସଦର୍ପରେ କହିଥିଲା, ମୁଁ ମଲାପରେ ଈଶ୍ୱରଙ୍କୁ କହିବି ତୁମ କ୍ରୁରତା ଓ ନୃସଂସତା କଥା । ଏପରି ଅନେକ ହୃଦୟ ବିଦାରକ ଦୃଶ୍ୟ ଓ ଘଟଣା ରହିଛି, ଯାହା କାଳ କାଳକୁ ଆମେରିକା ତଥା ସାମ୍ରାଜ୍ୟବାଦୀ, ଏକଛତ୍ରବାଦୀ ଶାସକମାନଙ୍କର ମୁଖା ଖୋଲିବାକୁ ଯଥେଷ୍ଟ । ମାତ୍ର ମଣିଷ ଏସବୁକୁ ଭୁଲିଯାଏ, ଭୁଲିଯାଏ ଶୋଷଣ, କଷଣ, ପୀଡା ଓ ଯନ୍ତ୍ରଣାର ଚକ୍ରବ୍ୟୁହରେ ପଡି । ଏ ଶୋଷଣ ଦମନ ଚକ୍ରରୁ ମଣିଷକୁ, କୁନି କୁନି ପିଲାମାନଙ୍କୁ ଉଦ୍ଧାର କରିବ କିଏ? ପୁତିନ ଆପଣା ସାମ୍ରାଜ୍ୟ ବିସ୍ତାର ଅଭିଳାଷରେ ପଡୋଶୀ ୟୁକ୍ରେନ୍ ଉପରେ ଆକ୍ରମଣ କରିଛନ୍ତି । ଚୀନ୍ ତା'ର ବଜାର ବିସ୍ତାର କରୁଛି, ତାଇୱାନ୍ ଓ ତିବ୍ବତ ଉପରେ ଲୋଲୁପ ଦୃଷ୍ଟି ସହିତ ଭାରତର ଅନେକ ଅଞ୍ଚଳକୁ ଅକ୍ତିଆର କରିବାକୁ ଚାହେଁ ।

ବିଶ୍ୱରେ, ଦେଶରେ ଶାନ୍ତି ପୂର୍ବରୁ ଏ ବିଶ୍ୱର ପ୍ରତ୍ୟେକ ପରିବାରରେ, ବିଶ୍ୱବାସୀ ପ୍ରତ୍ୟେକଙ୍କ ଅନ୍ତରରେ ଶାନ୍ତି ପ୍ରକାଶ ପାଇବା ଜରୁରୀ । ପ୍ରତ୍ୟେକ ଏ ଦୁନିଆରେ ଭୟମୁକ୍ତ, ହିଂସାମୁକ୍ତ ଜୀବନ ଧାରଣ କରିବା ଆବଶ୍ୟକ । ଅନ୍ୟକୁ ଶାସନ କରିବା ମନୋବୃତ୍ତିଠାରୁ ଦୂରେଇ ଯାଇ ସେବା, ସହଯୋଗ, ଅନ୍ୟ ପାଇଁ ଆପଣାକୁ ତ୍ୟାଗ କରିବାର ଭାବନା ପ୍ରକାଶ ପାଇବା ଉଚିତ । ମହାନ କବି ଖଲିଲ ଜିବ୍ରାନଙ୍କ ଭାଷାରେ– ତୁମର ସନ୍ତାନ, ତୁମ ସନ୍ତାନ ନୁହେଁ ସେ ମାନବ ଜୀବନର ପୁତ୍ର ଓ କନ୍ୟା । ସେମାନେ ତୁମ ପାଖକୁ ଆସିଥାନ୍ତି, ମାତ୍ର ତୁମ ଠାରୁ ନୁହେଁ ଏବଂ ସେମାନେ ତୁମ ସହିତ ରହିଥାନ୍ତି, ମାତ୍ର ସେମାନେ ତୁମର ହୋଇ ନଥାନ୍ତି । 'ଶିଶୁ ହସିଲେ ଜଗତ ହସେ', ଏହା ବୁଝିବାକୁ ଆମକୁ ଅନେକ ଜୀବନ ଲାଗିଯିବ ।

**ଟ୍ରଷ୍ଟି, ସର୍ବ ସେବା ସଂଘ,ଅରୁଣଦୋୟ ନଗର, କଟକ,ମୋ–୯୦୪୦୩୯୭୧୨୨**

# ଶିଶୁମାନଙ୍କ କରୁଣ କାହାଣୀ



ଉମାଶଙ୍କର ପ୍ରସାଦ

ଭାରତୀୟ ଜନସଂଖ୍ୟାର ତିନି ଭାଗରୁ ଏକ ଭାଗ ହେଉଛନ୍ତି ଶିଶୁ । ସେମାନଙ୍କ ମଧ୍ୟରୁ କେତେକ ଅଭାବ ଅନାଟନ, ବିଭିନ୍ନ ପ୍ରକାର ରୋଗ ବଇରାଗ ଏବଂ ଦାରିଦ୍ର୍ୟର ଶିକାର ହୋଇ ନିଜର ଶୈଶବକୁ ବିଭିନ୍ନ ବିପର୍ଯ୍ୟୟ ପରସ୍ଥିତିକୁ ଆଦରି ନେଇଥାନ୍ତି । ପୃଥିବୀର ୩୦ ଲକ୍ଷ ପଥଧାରର ଶିଶୁ ଏଣେ ତେଣେ ଆତଯାତ ହେଉଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରାୟ ୧୧ ଲକ୍ଷ ଭାରତରେ ବାସ କରନ୍ତି । ଦାରିଦ୍ର୍ୟର କଷାଘାତରେ ପ୍ରପୀଡିତ ହୋଇ ପେଟ ଚାଖଣ୍ଡକ ପାଇଁ ସେମାନେ ନିଜର ଜୀବନକୁ ପାଣିଛଡାଇ ଅନେକ ଦୁଃସାହାସିକ କାର୍ଯ୍ୟକରି ଦର୍ଶକଙ୍କ ମନୋରଞ୍ଜନ କରି ନିଜର ପେଟ ତଥା ପରିବାର ପ୍ରତିପୋଷଣ କରିଥାନ୍ତି । ଏଇ କିଛି ଦିନ ତଳେ ଝାଡ଼ଖଣ୍ଡରୁ ଫେରିବା ସମୟରେ ଏକ ଛକରେ ୧୦ରୁ ୧୧ ବର୍ଷର ଝିଅଟିଏ ବାଉଁଶ ରେ ବନ୍ଧା ଯାଇଥିବା ଏକ ଦଉଡି ଉପରେ ବାଡିଟିଏ ଧରି ନିଜର ସନ୍ତୁଳନ ରକ୍ଷାକରି ଦୁଃସାହସିକ ବାଉଁଶରାଣୀ ଖେଳ ଦେଖାଉଥିବା ଦେଖିଲି । ତଳେ ତା' ନିଜ ବାପା, ଭାଇ ବଜାଉଥିବା ଢୋଲ ଓ ଚାଙ୍ଗୁର ତାଳେ ତାଳେ ନୃତ୍ୟ ଦେଖାଇ କିଛି ଅର୍ଥ ରୋଜଗାର କରୁଛି ।

ମୁଁ ଏହି ଖେଳ ପ୍ରଦର୍ଶନ କରୁଥିବା ନୀରିହ ଝିଅଟିର ବାପାକୁ ପଚାରିବାରୁ ସେ ଲୁହ ଛଳ ଛଳ ଆଖିରେ କହିଥିଲା, 'ବାବୁ ଆମର ସମ୍ବଳ କିଛି ନାହିଁ । ତେଣୁ ପିଲାଟି ଦିନୁ ଏଇ ଆମର ପିଲାମାନଙ୍କୁ ଗୁଜୁରାଣ ମେଣ୍ଟାଇବା ପାଇଁ ବିଭିନ୍ନ ପ୍ରକାର ଖେଳ ଶିଖାଇଥାଉଁ । ତେବେ ଏ ଦୁଃସାହସିକ ଖେଳ ଜୀବନକୁ ପାଣିଛଡାଇ ଦର୍ଶକଙ୍କ ମନୋରଞ୍ଜନ କରିବା ପଛର କାରଣ ହେଉଛି ଏ ଭୋକିଲା ପେଟ ।

ନୀରିହ ଡୋମ୍ବାରୀ ତଥା ଅନେକ ଆଦିବାସୀ ସମ୍ପ୍ରଦାୟର ପରିବାର ନିଜର ଏପରି ଦୁଃସାହସିକ ଖେଳ ପ୍ରଦର୍ଶିତ କଲାବେଳେ ସମଗ୍ର ସମାଜକୁ ଏକ ବାର୍ତ୍ତା ଦେଇଥାଏ ଯାହା ହେଉଛି ଆଜି ମଧ୍ୟ ଦାରିଦ୍ର୍ୟର କଷାଘାତରେ ସଢୁଥିବା ଲୋକ ଏବଂ ଧନୀକ ମଧ୍ୟରେ ରହିଛି ବିରାଟ ପାର୍ଥକ୍ୟ । ଏହି ପାର୍ଥକ୍ୟର କେବେ ଅବସାନ ଘଟିବ ଏହି ନୀରିହ ଶିଶୁମାନେ ନିଜ ଜୀବନ ସହିତ ଖେଳିବା ବନ୍ଦ କରି ନିଜ ଜୀବନକୁ ବିକଶିତ କରିବେ, ତାହା ଆଜି ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରେ । ଆଜିର ଏହି ବିକଶିତ ସମୟରେ ଏଭଳି ଦୁଃସାହସିକ ଖେଳ ପଛରେ ଥିବା ବାସ୍ତବତାକୁ ଏ ପର୍ଯ୍ୟନ୍ତ ଆମେ ଉପଲବ୍ଧି କରି ନପାରିବା ଦୁଃଖର ବିଷୟ ।

କେବଳ ସେହି ନିର୍ଦ୍ଧିଷ୍ଟ ବର୍ଗର ପିଲାମାନେ ନୁହଁନ୍ତି, ଆମ ଦେଶରେ ୧୬ ବର୍ଷ ବୟସର ପିଲା ପ୍ରାୟ ତିନି ଭାଗରୁ ଭାଗେ ଶିଶୁ ଶ୍ରମରେ ନିୟୋଜିତ ହୋଇ ନିଜର ପରିବାରର ପ୍ରତିପୋଷଣ କରିଥାନ୍ତି । ସାରା ପୃଥିବୀରେ ୧୦ ରୁ ୧୪ ବର୍ଷ ମଧ୍ୟରେ ଅଗଣିତ ବାଳକ ବାଳିକା ଶିଶୁ ଶ୍ରମିକ ଭାବେ କାମ କରିବାର ଦେଖାଯାଏ ! ବାଲ୍ୟକାଳରୁ ମଣିଷ ଜୀବନ ଗଠନ ପ୍ରଣାଳୀର ଆଦ୍ୟଭୂମି ବୋଲି କୁହାଯାଏ କିନ୍ତୁ ଏହି ସମୟରେ ପିଲାଟି ବିଦ୍ୟାଳୟ ଯିବା ପରିବର୍ତ୍ତେ ଜୀବିକାର୍ଜନ କରିବା ପାଇଁ ଶ୍ରମ ଭୂମିକୁ ଯାଏ ଖଟିବାକୁ । ନିଜ ଜୀବନରେ ଥିବା ଆଖିରେ ଆଖିଏ ସପନ ବାଉଁଶରାଣୀ ଦଉଡି ଉପରେ ଝୁଲି ରହିଥାଏ ।

ତେବେ ଏହି ପରିସ୍ଥିତି ପାଇଁ ଦାୟୀ କିଏ? ଉଭୟ ଗ୍ରାମ ଓ ସହରାଞ୍ଚଳରେ ଏ ଦୃଶ୍ୟ ଅତୀବ ମର୍ମସ୍ପର୍ଶୀ । ପିତା ମାତାଙ୍କ ଦାରିଦ୍ର୍ୟ, ନିରକ୍ଷରତା ଏବଂ ସମାଜର ପଛୁଆ ଜାତି ହିସାବରେ ସେମାନଙ୍କ ପିଲା ଯେକୌଣସିମତେ ଗୋଡି ଖଟିବା ସହ ଏପରି ବିପଦପୂର୍ଣ୍ଣ ଖେଳ ଖେଳିବାକୁ ବାଧ ହୋଇଥାନ୍ତି । ଏହିମାନଙ୍କ ଶୈଶବରେ ଶ୍ରମ ଓ ଦୁଃସାହସିକ ବାଉଁଶରାଣି ଖେଳ ଜୀବନ ବଞ୍ଚିବାର ମାଧ୍ୟମ ହୋଇଥିବା ଦେଖି ପ୍ରକୃତରେ ସମାଜରୁ ଦାରିଦ୍ର୍ୟ ହଟିଛି କି ନାହିଁ ବୋଲି ମନକୁ ପ୍ରଶ୍ନ ଆସେ ବୋଲି ଅନେକ ବୁଦ୍ଧିଜୀବୀ ମତ ଦେଇଥାନ୍ତି ।

ପାଠ ପଢିବା ସମୟରେ ଏହିଭଳି ପିଲାମାନଙ୍କୁ ଛୋଟ ବୟସରୁ ଦୁଃସାହାସିକ ବାଉଁଶ ରାଣୀ ଖେଳର ତାଲିମ ଦିଆଯାଇଥାଏ । ସାଇକଲ ରିମ ଭିତରେ ନିଜର ସମଗ୍ର ଶରୀରକୁ ପ୍ରବେଶ କରାଇବା ଏବଂ ବାହାର କରିବା ପ୍ରକ୍ରିୟା ଶିଖା ଯାଇଥାଏ । ଛୋଟ ପିଲାମାନଙ୍କୁ ବିଦ୍ୟାଳୟକୁ ପାଠ ପଢିବାକୁ ଯିବା ପରିବର୍ତ୍ତେ ଏହି ଦୁଃସାହସିକ ଖେଳର ତାଲିମ ଦିଆଯାଇଥାଏ । ଆଦିବାସୀ ସମ୍ପ୍ରଦାୟର ପିଲାମାନଙ୍କ ଛଡା ଅନ୍ୟାନ୍ୟ ସମ୍ପ୍ରଦାୟର ୧୦ରୁ ୧୫ ବର୍ଷର ପିଲାମାନେ ପରଦୁଆରେ ଶ୍ରମ କରି ନିଜର ତଥା ପରିବାରର ପ୍ରତିପୋଷଣ କରନ୍ତି ।

ଯଦି ଆମେ ଭାରତର ସମ୍ବିଧାନକୁ ଆଖି ପକାଇବା ତେବେ ଆମେ ପାଇବା ସମ୍ବିଧାନର ଧାରା ୨୪ ରେ ସ୍ପଷ୍ଟ ଉଲ୍ଲିଖିତ ହୋଇଛି ଯେ ୧୪ ବର୍ଷରୁ କମ୍ ବୟସର କୌଣସି ପିଲା କୌଣସି କଳକାରଖାନା, ଖଣିଖାଦାନ ବା କୌଣସି ବିପଦ ସଙ୍କୁଳ ସ୍ଥାନରେ କାମ କରିପାରିବେ ନାହିଁ । କିନ୍ତୁ ଆଇନ ତା ବାଟରେ । ଆଜି ମଧ୍ୟ ସ୍ୱଳ୍ପ ବୟସର ଶିଶୁ ଶ୍ରମିକମାନେ ଅନେକ ସ୍ଥାନରେ ବାଣ କାରଖାନା, ହାତବୁଣା ଗାଲିଚା ଶିଳ୍ପ, କାଚ କାରଖାନାରେ ଏବେବି ଖଟୁଥିବାର ଦେଖାଯାଏ ! ଗ୍ରାମାଞ୍ଚଳରେ ସମୁଦାୟ ବାଳ ଶ୍ରମିକଙ୍କ ମଧ୍ୟରୁ ୮୭ ପ୍ରତିଶତ ଶ୍ରମିକ ଖଟିଥା'ନ୍ତି । ସେମାନେ କ୍ଷେତ, ବୃକ୍ଷରୋପଣ, ମତ୍ସ୍ୟ ଏବଂ କୁଟୀର ଶିଳ୍ପରେ ନିୟୋଜିତ ହେବାର ଦେଖାଯାଏ । ସରକାରୀ ବିଦ୍ୟାଳୟରେ ମାଗଣା ପାଠ ପଢିବାର ସମସ୍ତ ସୁବିଧା ଏବଂ ମଧ୍ୟାହ୍ନ ଭୋଜନ, ପୁସ୍ତକ, ପୋଷାକ ଆଦି ଯୋଗାଇ ଦିଆଯାଉଥିଲେ ସୁଦ୍ଧା ବାଳକ ବାଳିକାମାନେ ପରିବାରର ଆୟ ବୃଦ୍ଧି ନିମନ୍ତେ ଅର୍ଥ ଲୋଭରେ ପଡି ପାଠ ପଢା ଛାଡି ଦେଇଥାନ୍ତି ।

ବାଳ ଶ୍ରମିକ ନିଯୁକ୍ତି ନ ଦେବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବାର କାର୍ଯ୍ୟକ୍ରମ ହାତକୁ ନିଆ ଯାଇଛି । ପାଶ୍ଚାତ୍ୟ ଦେଶମାନଙ୍କରେ ବାଳ ଶ୍ରମିକ ନିଯୁକ୍ତି ବନ୍ଦ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଗଲାଣି । ଯେଉଁ ଶିଳ୍ପ କାରଖାନାରେ ବାଳଶ୍ରମିକ ଖଟୁଛନ୍ତି, ତା'ର ଉତ୍ପାଦ କ୍ରୟ କରିବାକୁ ଲୋକେ ସଂଘବଦ୍ଧ ହୋଇ ବାରଣ କରୁଛନ୍ତି । ୧୯୯୫ ମସିହାରେ ଭାରତୀୟ ଗାଲିଚା ଉତ୍ପାଦନକାରୀ, ରପ୍ତାନୀକାରୀ ଏବଂ ସ୍ୱେଚ୍ଛାସେବୀ ସଂଘମାନେ 'ରୁଗମାର୍କ' ନାମରେ ଏକ ବ୍ରାଣ୍ଡ ନାମ ସୃଷ୍ଟି କରିଛନ୍ତି, ଯାହା ସାର୍ଟିଫିକେଟ ପରି କାମ କରେ । ଏହି ନାମର ମୋହର ବସିବା ଦ୍ୱାରା ଜଣାଯାଏ ଉକ୍ତ ଉତ୍ପାଦନକାରୀ ପଦାର୍ଥରେ ବାଳଶ୍ରମିକ ନିଯୁକ୍ତି ହୋଇନାହାଁନ୍ତି ।

ଆଜିକାଲି ବୈଷୟିକ ଶିକ୍ଷା ଏକ ବାଧ୍ୟ ପାଠ୍ୟକ୍ରମ ରୂପେ ସରକାରଙ୍କ ଦ୍ୱାରା ପ୍ରଚଳିତ ହୋଇଛି ଯାହା ଶିଶୁ ଶ୍ରମିକଙ୍କ ପେଟ ପାଇଁ ନାଟର ପରିସମାପ୍ତି ଘଟାଇ ଆଶାର କିରଣ ସଂଚରଣ କରୁଛି । କିନ୍ତୁ ଏହାକୁ ଫଳପ୍ରଦ କରିବା ପାଇଁ ସରକାର ବିହିତ ପଦକ୍ଷେପ ନେଲେ ଏହି ସମସ୍ୟାର ସମାଧାନ ହେବା ସହ ଶିଶୁ ତାର ଆଦ୍ୟ ଜୀବନରେ କୌଣସି ପ୍ରକାର ବାଧାପ୍ରାପ୍ତ ନ ହୋଇ ତା'ର ଭବିଷ୍ୟତ ଗଢିବାକୁ ସକ୍ଷମ ହେବ ବୋଲି ଆଶା ।

**ଖୋର୍ଦ୍ଧା,
ମୋ–୬୩୭୦୬ ୭୫୫୬୨**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଡିଏ ଫେରାଉନି...

ତାଙ୍କ କଥାକୁ ନଶୁଣି ୧୫୦୦ରୁ ଉର୍ଦ୍ଧ୍ୱ ଫାଇଲ ନିଜ ପାଖରେ ରଖିଥିବା ଜଣାପଡ଼ିଛି । ପ୍ରଥମେ ଜେଟିପି ଫାଇଲ୍‌ରେ ମୋହର ମାରିବା ପରେ ପ୍ଲାନିଂ ମେମ୍ବରଙ୍କ ନିକଟକୁ ଫାଇଲ୍ ଯାଇଥାଏ ଏବଂ ଶେଷରେ ବିଡିଏ ଉପାଧ୍ୟକ୍ଷ ଟଙ୍କା ଫେରସ୍ତ ପାଇଁ ଶେଷ ମୋହର ଲଗାନ୍ତି। ଏ ସମ୍ପର୍କରେ ଜେଟିପି ନମିତା ମହାନ୍ତିଙ୍କୁ ପଚାରିବାରୁ ସେ କୁହନ୍ତି, ମୁଁ ଏ ବିଷୟରେ କହିବାକୁ ବାଧ୍ୟ ନୁହେଁ । ପ୍ଲାନିଂ ମେମ୍ବର ଏସମ୍ପର୍କରେ କହିପାରିବେ ବୋଲି ସେ ଯୁକ୍ତି ବାଢ଼ିଥିଲେ ।

ଜଣେ ଆବେଦନକାରୀ କହିଛନ୍ତି ଯେ, ସେ ବିଡିଏ ପ୍ଲାନିଂ ବିଭାଗକୁ ବାରମ୍ବାର ଲିଖିତ ଅଭିଯୋଗ କଲେ ମଧ୍ୟ ତାଙ୍କ କଥା କେହି ଶୁଣୁନାହାନ୍ତି । ୬ ବର୍ଷର ମୂଳଧନ ସହ ଏହାର ସୁଧ ଟଙ୍କା ପାଇବାକୁ ସେ ଦାବି କରିଛନ୍ତି । କାରଣ ବିଡିଏ ଲକ୍ଷେ କି ଦୁଇ ଲକ୍ଷେ ନୁହେଁ, ଦେଢ଼ ଶହରୁ ଉର୍ଦ୍ଧ୍ୱ ଆବେଦନକାରୀଙ୍କ ପ୍ରାୟ ୭.୫ କୋଟି ଟଙ୍କା ନିଜ ପାଖରେ ରଖିଛି । ଉକ୍ତ ଟଙ୍କା ତୁରନ୍ତ ଫେରସ୍ତ କରିବାକୁ ଆବେଦନକାରୀମାନେ ଦାବି କରିଛନ୍ତି । ଯଦି ଆସନ୍ତା ସପ୍ତାହ ମଧ୍ୟରେ ବିଡିଏ ନଫେରାଏ, ତା'ହେଲେ ସେମାନେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରି ଜଣାଇବେ ବୋଲି ଚେତାବନୀ ଦେଇଛନ୍ତି । ଏ ଦିଗରେ ବିଡିଏ ଉପାଧ୍ୟକ୍ଷ ଘଟଣାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆବେଦନକାରୀମାନେ ଦାବି କରିଛନ୍ତି ।

## ଗୃହରେ...

ନେତାମାନଙ୍କର ବିଧାୟକ ଭାବେ ଉଲ୍ଲେଖନୀୟ ଅବଦାନ ଦେଖିବାକୁ ମିଳିଛି । ମହାମାନ୍ୟ ମଦନ ମୋହନ ମାଲବ୍ୟ ପ୍ରାୟ ୨୦ ବର୍ଷ ଧରି ଏହି ଗୃହର ସଦସ୍ୟ ରହିଥିଲେ । ଶ୍ରୀ ଶାହ ଆହୁରି ମଧ୍ୟ କହିଛନ୍ତି ଯେ ମହାତ୍ମା ଗାନ୍ଧୀଙ୍କ ପରାମର୍ଶଦାତା ଗୋପାଳ କୃଷ୍ଣ ଗୋଖଲେ, ଲାଲା ଲାଜପତ ରାୟ ଏବଂ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ପରି ବିଶିଷ୍ଟ ବ୍ୟକ୍ତିମାନେ ସେମାନଙ୍କ ଶକ୍ତିଶାଳୀ ଭାଷଣ ମାଧ୍ୟମରେ ସ୍ୱାଧୀନତା ପାଇଁ ଦେଶର ଉତ୍କଣ୍ଠା ଏବଂ ସ୍ୱାଧୀନତା ପାଇଁ ସେମାନଙ୍କର ଆକାଂକ୍ଷାକୁ ପ୍ରକାଶ କରିଥିଲେ ।

କେନ୍ଦ୍ର ଗୃହ ମନ୍ତ୍ରୀ କହିଥିଲେ ଯେ ବିଠଲଭାଇ ପଟେଲ ବାଚସ୍ପତି ହେବାର ୧୦୦ତମ ବାର୍ଷିକୀ ଅବସରରେ, ନିଜ ନିଜ ବିଧାନସଭାରେ ବାଚସ୍ପତିଙ୍କ ମର୍ଯ୍ୟାଦା ବୃଦ୍ଧି ଦିଗରେ କାର୍ଯ୍ୟ କରିବା ଆମ ସମସ୍ତଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ । ସେ ଅନୁରୋଧ କରିଛନ୍ତି ଯେ ଆମେ ନିଜ ନିଜ ରାଜ୍ୟରେ ଲୋକଙ୍କ ସ୍ୱର ପାଇଁ ଏକ ନିରପେକ୍ଷ ମଞ୍ଚ ପ୍ରତିଷ୍ଠା କରିବା, ଶାସକ ଏବଂ ବିରୋଧୀ ଦଳ ମଧ୍ୟରେ ନିରପେକ୍ଷ ବିତର୍କ ସୁନିଶ୍ଚିତ କରିବା ଏବଂ ବିଧାନସଭା, ଲୋକସଭା ଏବଂ ରାଜ୍ୟସଭାର ନିୟମ ଅନୁଯାୟୀ ଗୃହର କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବା । ଶ୍ରୀ ଶାହ ଗୁରୁତ୍ୱାରୋପ କରିଥିଲେ ଯେ ଗଣତନ୍ତ୍ରରେ ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ବିଚାର ଆଲୋଚନା ହେଉଛି ସର୍ବୋତ୍ତମ ମାଧ୍ୟମଛ ଯେତେବେଳେ ବିଧାନସଭା ନିଜର ମର୍ଯ୍ୟାଦା ହରାଇଛି, ସେତେବେଳେ ଆମକୁ ଗୁରୁତର ପରିଣାମ ଭୋଗିବାକୁ ପଡ଼ିଛି । ସେ କହିଥିଲେ ଯେ ବିଧାନସଭା ଗୁଡ଼ିକର ମର୍ଯ୍ୟାଦା ଏପରି ହେବା ଉଚିତ, ଯାହା ରାଷ୍ଟ୍ରର ସ୍ୱାର୍ଥରେ ଲୋକଙ୍କ ସ୍ୱରକୁ ପ୍ରକାଶ କରିବାର ଏକ ମାଧ୍ୟମ ଭାବେ କାର୍ଯ୍ୟ କରିବ ।

ଶ୍ରୀ ଅମିତ ଶାହ କହିଥିଲେ ଯେ ଭାରତରେ ବାଚସ୍ପତିଙ୍କୁ ଏକ ଅନୁଷ୍ଠାନର ମାନ୍ୟତା ପ୍ରଦାନ କରାଯାଇଛି । ସେ ଗୁରୁତ୍ୱାରୋପ କରିଥିଲେ ଯେ ସଦନରେ ସବୁଠାରୁ ଆହ୍ୱାନପୂର୍ଣ୍ଣ ଭୂମିକା ହେଉଛି ବାଚସ୍ପତିଙ୍କର, କାରଣ ସେମାନେ ଏକ ରାଜନୈତିକ ଦଳରୁ ନିର୍ବାଚିତ ହୁଅନ୍ତି, କିନ୍ତୁ ଶପଥ ନେବା ପରେ ଜଣେ ନିରପେକ୍ଷ ଅମ୍ପାୟାରଙ୍କ ଭୂମିକା ଗ୍ରହଣ କରନ୍ତି । ଶ୍ରୀ ଶାହ କହିଥିଲେ ଯେ ଆମ ସମ୍ବିଧାନ କାର୍ଯ୍ୟକାରୀ ହେବାର ୭୫ ବର୍ଷ ମଧ୍ୟରେ ଦେଶର ବିଧାନସଭା ଏବଂ ଲୋକସଭାର ବାଚସ୍ପତିମାନେ ସଦନର ମର୍ଯ୍ୟାଦା ବୃଦ୍ଧି ପାଇଁ ନିରନ୍ତର କାର୍ଯ୍ୟ କରିଛନ୍ତି । ସେ ଗୁରୁତ୍ୱାରୋପ କରିଥିଲେ ଯେ ନିରପେକ୍ଷତା ଏବଂ ନ୍ୟାୟ ହେଉଛି ଦୁଇଟି ସ୍ତମ୍ଭ ଯାହା ଉପରେ ବାଚସ୍ପତିଙ୍କ ମର୍ଯ୍ୟାଦା ରହିଛି । ଏକ ପ୍ରକାରରେ, ବାଚସ୍ପତିଙ୍କୁ ଗୃହର ଉଭୟ ଅଭିଭାବକ ଏବଂ ସେବକ ଭାବେ ବିବେଚନା କରାଯାଏ । ସେ ଆହୁରି ମଧ୍ୟ କହିଛନ୍ତି ଯେ ପ୍ରାୟ ୮୦ ବର୍ଷ ମଧ୍ୟରେ, ଆମେ ଗଣତନ୍ତ୍ରର ମୂଳଦୁଆକୁ ମଜବୁତ କରିଛୁ, ଯାହା ପ୍ରମାଣ କରେ ଯେ ଗଣତନ୍ତ୍ର ଭାରତୀୟ ଲୋକଙ୍କ ସାର ଏବଂ ପ୍ରକୃତି ମଧ୍ୟରେ ନିହିତ । ସେ କହିଥିଲେ ଯେ ଅନେକ ଦେଶ ଗଣତନ୍ତ୍ର ଭାବେ ଆରମ୍ଭ କରିଥିବା ବେଳେ, କିଛି ଦଶନ୍ଧି ମଧ୍ୟରେ, ବିଭିନ୍ନ ପ୍ରକାରର ଶାସନ ସେହି ରାଷ୍ଟ୍ରଗୁଡ଼ିକରେ ଗଣତନ୍ତ୍ରର ସ୍ଥାନ ନେଇଯାଇଥିଲା ।

କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ କହିଥିଲେ ଯେ ସ୍ୱାଧୀନତା ପରେ ଭାରତ କ୍ଷମତାରେ ଅନେକ ପରିବର୍ତ୍ତନ ଦେଖିଲା, ଯେଉଁଥିରେ ଗୋଟିଏ ବି ବୁନ୍ଦା ରକ୍ତପାତ ନହୋଇ ଶାନ୍ତିପୂର୍ଣ୍ଣ ପରିବର୍ତ୍ତନ ହୋଇଥିଲା । ଏହାର ପ୍ରାଥମିକ କାରଣ ହେଉଛି ଆମେ ଆମର ବିଧାନସଭା ବ୍ୟବସ୍ଥାକୁ ଯତ୍ନର ସହକାରେ ସଂରକ୍ଷିତ କରି ରଖିଛୁ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଆମେ ଆମ ବ୍ୟବସ୍ଥାରେ ସମୟୋଚିତ ସଂସ୍କାର ମଧ୍ୟ କରିଛୁ ।

## ସମଲେଶ୍ୱରୀ...

ପୂଜକ ଅମ୍ବିକା ରାୟଙ୍କୁ ଏହା ପ୍ରଦାନ କରିଥିଲେ । ଏକ ସ୍ୱତନ୍ତ୍ର ଜମିରେ ଏହି ସରିଆ ଧାନ ଚାଷ କରାଯାଏ । ମାତ୍ର ୬୦ଦିନରେ ଏହା ଅମଳକ୍ଷମ ହୋଇଥାଏ । ଧାନ ପରିପକ୍ୱ ହେବା ପୂର୍ବରୁ ବିଲରୁ ଅଣାଯାଇ ସମଲେଶ୍ୱରୀ ମନ୍ଦିରକୁ ପଠାଯାଏ । ଧାନକୁ କୌଣସି ପଶୁପକ୍ଷୀ ଯେଭଳି ସ୍ପର୍ଶ ନକରିବେ ସେ ନେଇ ଧ୍ୟାନ ରଖାଯାଇଥାଏ । ସମ୍ପୂର୍ଣ୍ଣ ଭାବେ ଗୋରସ ଧରିବା ପୂର୍ବରୁ ରୀତିନୀତି ଅନୁଯାୟୀ ପ୍ରଥମେ ପୂଜାପାଠ ପରେ ବିଲରୁ ଧାନ କାଟି ଅଣାଯାଇଥିଲା । ପରମ୍ପରା ଅନୁଯାୟୀ ଏହି ଧାନକୁ ମୁଖ୍ୟ ପୂଜକଙ୍କ ପରିବାର ପକ୍ଷରୁ ଭୋଗ ପ୍ରସ୍ତୁତି ପାଇଁ ଆବଶ୍ୟକ କାର୍ଯ୍ୟ କରାଯିବ

ଗଣପର୍ବ ନୂଆଁଖାଇ ଲାଗି ଗ୍ରାମରୁ ସହର ପର୍ଯ୍ୟନ୍ତ ଚଳଚଞ୍ଚଳ ହୋଇ ଉଠିଛି । ଧନୀ ହେଉ କି ଗରିବ ଘରେ ଘରେ ଏନେଇ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଘର ଲିପାପୋଛା, ରଙ୍ଗ କାର୍ଯ୍ୟ ସହ ଉତ୍ସବ ପାଳନ ପାଇଁ ଗ୍ରାମ ଓ ପଡାରେ ଲୋକେ ବ୍ୟସ୍ତ ରହିଛନ୍ତି । ନୂତନ ବସ୍ତ୍ର, ପୂଜା ପାଇଁ ଆବଶ୍ୟକ ସାମଗ୍ରୀ କିଣାବିକା ହେଉଥିବାରୁ ବଜାର ଓ ହାଟରେ ଭିଡ ଜମୁଛି । ତେବେ ଦୂରଦୂରାନ୍ତରେ ରହୁଥିବା ପରିବାର ସଦସ୍ୟ ମାନେ ନୂଆଁ ଖାଇବାକୁ ଘରକୁ ପହଞ୍ଚିବା ଆରମ୍ଭ କଲେଣି । ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏହି ଅବସରରେ ପାରମ୍ପରିକ ଖେଳକୁଦ ସହ ବିଭିନ୍ନ ପ୍ରତିଯୋଗିତା ଓ ଜୁହାର ଭେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଅନ୍ୟପଟେ ସମଲେଶ୍ୱରୀ ମନ୍ଦିରକୁ ନୂତନ ଭାବେ ରଙ୍ଗ କରାଯାଇଛି । ନବାହ୍ନ ଦିନ ପୂର୍ବାହ୍ନ ସାଢେ ୯ଟାରେ ମନ୍ଦିର ପରିସରରେ ଝୁଟି ଦିଆଯିବ । ମାଁଙ୍କୁ ନୂଆ ଶାଢୀ, ଚୁଡି ଓ ଅଳଙ୍କାର ପିନ୍ଧାଇ ସୁସଜ୍ଜିତ କରାଯିବ । ପୂର୍ବାହ୍ନ ୧୦ଟାରେ ମୁଖ୍ୟ ପୂଜକ ମନ୍ଦିରର ଗମ୍ଭୀରାକୁ ପ୍ରବେଶ କରିବେ । ଯଥା ରୀତିନୀତି ଅନୁସାରେ ମାଁଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ଧାର୍ଯ୍ୟ ସମୟରେ ନବାନ୍ନ ଭୋଗ ଲାଗି ହେବ । ଏହାପରେ ୧୧୫ ପାର୍ଶ୍ୱ ଦେବାଦେବୀଙ୍କୁ ଏହି ଭୋଗ ଅର୍ପଣ କରାଯିବାର ବ୍ୟବସ୍ଥା ରହିଛି । ଏଥିଅନ୍ତେ ମଙ୍ଗଳ ଆଳତୀ ସହ ଦ୍ୱାର ଫିଟା ନୀତି ଅନୁଷ୍ଠିତ ହେବ । ଅପେକ୍ଷା କରିଥିବା ଭକ୍ତ ମାନେ ମାଁଙ୍କୁ ଦର୍ଶନ କରିପାରିବେ । ସମଲେଶ୍ୱରୀଙ୍କ ଠାରେ ଭୋଗ ଲାଗିବା ପରେ ଜନସାଧାରଣ ନିଜ ଘରେ ଇଷ୍ଟଦେବୀଙ୍କୁ ନବାନ୍ନ ଅର୍ପଣ କରିପାରିବେ ।

## ମାଓ ଡମ୍ପ ଠାବ...

ଡିଆରଜି ଯବାନ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଂଗଲରେ ଜଣେ ସନ୍ଦିଗ୍ଧ ବ୍ୟକ୍ତି ଯବାନଙ୍କୁ ଦେଖି ଦୌଡି ପଳାଇବାକୁ ଚେଷ୍ଟା କରୁଥିଲା। ତୁରନ୍ତ ଯବାନ ଜଙ୍ଗଲକୁ ଘେରି ସେହି ବ୍ୟକ୍ତିକୁ ଗିରଫ କରିଥିଲେ। ବ୍ୟକ୍ତି ଜଣକ ହେଲେ ଇନ୍ଦ୍ରାବତୀ ମାଓ ଡିଭିଜନର ସଦସ୍ୟ ମଙ୍ଗା କୁହଡ଼ାମା । ମଙ୍ଗା କୁଡ଼ାମକୁ ଧରିବା ପରେ ପଚରାଉଚରା କରିଥିଲେ। ଗିରଫ ମାଓବାଦୀ ନିକଟରୁ ବନ୍ଧୁକ ଓ ବିସ୍ଫୋଟକ ଜବତ କରାଯାଇଛି। ଗିରଫ ମାଓ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ଜଂଗଲରେ ଲ୍ୟାଣ୍ଡମାଇନ ଖଞ୍ଜୁ ଥିଲା। ପୁଲିସ ଗିରଫ ମାଓବାଦୀକୁ କୋର୍ଟ ଚାଲାଣ କରିଥିବା କହିଛି।

## ଭାରତ ...

ହାଉସରେ ଟ୍ରମ୍ପଙ୍କ ସବୁଠାରୁ ଶକ୍ତିଶାଳୀ ସହାୟକମାନଙ୍କ ମଧ୍ୟରୁ ଜଣେ ପାଲଟିଗଲେ । ଗୋରଙ୍କ ଶତ୍ରୁମାନଙ୍କ ମଧ୍ୟରେ ଟେକ୍ ବିଲିୟନେୟାର ଏଲନ ମସ୍କ ସାମିଲ ଅଛନ୍ତିଛ ଏକଦା ମସ୍କ ଗୋର୍ଙ୍କୁ 'ସାପ' ବୋଲି ଆଖ୍ୟା ଦେଇ କଡ଼ା ସମାଲୋଚନା କରିଥିଲେ ।ଗୋର୍ ମଧ୍ୟ ବିଭିନ୍ନ କ୍ଷେତ୍ରରେ ଆଇନ ଉଲ୍ଲଂଘନ କରିଛନ୍ତି ବୋଲି ମସ୍କ କହିଛନ୍ତି । ଟ୍ରମ୍ପ ତାଙ୍କ ଟ୍ରୁଥ୍ ସୋସିଆଲ ପ୍ଲାଟଫର୍ମରେ ଲେଖିଛନ୍ତି, 'ବିଶ୍ୱର ସବୁଠାରୁ ଜନବହୁଳ ଅଞ୍ଚଳ ପାଇଁ, ଏହା ଗୁରୁତ୍ୱପୂର୍ଣ୍ଣ ଯେ ମୋ ପାଖରେ ଏପରି ଜଣେ ବ୍ୟକ୍ତି ଅଛନ୍ତି ଯାହାଙ୍କ ଉପରେ ମୁଁ ସମ୍ପୂର୍ଣ୍ଣ ବିଶ୍ୱାସ କରିପାରିବି ଏବଂ ସେ ମୋର ଏଜେଣ୍ଡା ପୂରଣ କରିବାରେ ଏବଂ ଆମେରିକାକୁ ପୁଣି ଥରେ ମହାନ କରିବାରେ ସାହାଯ୍ୟ କରିପାରିବେ । ଗୋର୍ ଜଣେ ବିଶ୍ୱସନୀୟ ରାଷ୍ଟ୍ରଦୂତ ହେବେ ବୋଲି ଟ୍ରମ୍ପ ଲେଖିଛନ୍ତି । ଗୋର୍ ଦକ୍ଷିଣ ଏବଂ ମଧ୍ୟ ଏସିଆ ପାଇଁ ସ୍ୱତନ୍ତ୍ର ଦୂତର ଭୂମିକା ମଧ୍ୟ ଗ୍ରହଣ କରିବେ ।

## ବାୟୁ...

ଲକ୍ଷ୍ୟକୁ ଏକ ସଙ୍ଗେ ଟାର୍ଗେଟ୍ କରାଯାଇଥିଲା । କ୍ୟୁଆରଏସଏଏମ, ଭିଏସଏଚଓଆରଏଡିଏସ ଏବଂ ଉଚ୍ଚ କ୍ଷମତାସମ୍ପନ୍ନ ଲେଜର ଅସ୍ତ୍ର ପ୍ରଣାଳୀ ଦ୍ୱାରା ଭିନ୍ନ ଭିନ୍ନ ଦୂରତା ଏବଂ ଉଚ୍ଚତାରେ ଏକ ସମୟରେ ଏଗୁଡ଼ିକୁ ଟାର୍ଗେଟ୍ କରାଯାଇ ଧ୍ୱଂସ କରି ଦିଆଯାଇଥିଲା । କ୍ଷେପଣାସ୍ତ୍ର ପ୍ରଣାଳୀ ଏବଂ ଡ୍ରୋନ ଚିହ୍ନଟ ଓ ଧ୍ୱଂସ ପ୍ରଣାଳୀ, ଅସ୍ତ୍ର ପ୍ରଣାଳୀର କମାଣ୍ଡ ଏବଂ ନିୟନ୍ତ୍ରଣ ସମେତ ଯୋଗାଯୋଗ ଓ ରାଡାର ଆଦିକୁ ନେଇ ସମ୍ପୂର୍ଣ୍ଣ ଅସ୍ତ୍ର ପ୍ରଣାଳୀ ଉପକରଣ ତ୍ରୁଟିଶୂନ୍ୟ ପ୍ରଦର୍ଶନ କରିଥିଲା । ଫ୍ଲାଇଟ୍ ତଥ୍ୟ ନିରୀକ୍ଷଣ ଲାଗି ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ଘାଟି ଦ୍ୱାରା ନିୟୋଜିତ କରାଯାଇଥିବା ରେଞ୍ଜ ଉପକରଣଗୁଡ଼ିକ ଅସ୍ତ୍ର ପ୍ରଣାଳୀର ସଠିକ୍ ପ୍ରଦର୍ଶନକୁ ପ୍ରମାଣିତ କରିଥିଲା । ଡିଆରଡିଓର ବରିଷ୍ଠ ବୈଜ୍ଞାନିକ ଏବଂ ସେନାବାହିନୀର ପ୍ରତିନିଧିମାନେ ଏହି ପରୀକ୍ଷଣ ସମୟରେ ଉପସ୍ଥିତ ରହିଥିଲେ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଇଏଡିଡବ୍ଲୁଏସର ସଫଳ ବିକାଶ ପାଇଁ ଡିଆରଡିଓ, ସେନାବାହିନୀ ଏବଂ ଶିଳ୍ପ ଅଂଶୀଦାରମାନଙ୍କୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଏହି ଅଭିନବ ଉଡ଼ାଣ-ପରୀକ୍ଷଣ ଦେଶର ବହୁସ୍ତରୀୟ ବାୟୁ-ପ୍ରତିରକ୍ଷା କ୍ଷମତାକୁ ସୁଦୃଢ଼ କରିଛି । ଏହା ଆକାଶମାର୍ଗରୁ ଆସୁଥିବା ଶତ୍ରୁ ପକ୍ଷର ଆକ୍ରମଣକୁ ନିରସ୍ତ୍ର କରିବାରେ ଦେଶର ପ୍ରତିରକ୍ଷା କ୍ଷମତାକୁ ମଜବୁତ କରିବ । ପ୍ରତିରକ୍ଷା ବିଭାଗ ଗବେଷଣା ଏବଂ ବିକାଶ ସଚିବ ଏବଂ ଡିଆରଡିଓର ଅଧ୍ୟକ୍ଷ ଡକ୍ଟର ସମୀର ଭି କାମତ ସଫଳ ଉଡ଼ାଣ-ପରୀକ୍ଷଣରେ ସାମିଲ ସମସ୍ତ ଦଳକୁ ଅଭିନନ୍ଦନ ଜଣାଇଛନ୍ତି ।

# ଖାଲଖମାରେ ପରିପୂର୍ଣ୍ଣ ବାଲୁଗାଁ ସହର ବଜାର ମୁଖ୍ୟ ରାସ୍ତା ଯାତାୟତରେ ବ୍ୟାହତ

ବାଲୁଗାଁ (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ ଏକ ପ୍ରମୁଖ ସହର। ବାଲୁଗାଁ ପାଦଦେଶ ଦେଇ ମରାଳ ମାଳିନୀ ନିଳାମ୍ବୁ ଚିଲିକା ଅବବାହିତ। ସେଥିପାଇଁ ଏହା ଏକ ପ୍ରମୁଖ ପଯର୍ଯଟନ ସ୍ଥଳ ସହିତ ବାଣିଜଯ ପେଣ୍ଠସ୍ଥଳୀ ରୂପେ ପରିଗଣିତ। ଦୈନନ୍ଦିନ ଏଠାକୁ ହଜାର ହଜାର ସଂଖଯାରେ ଲୋକଙ୍କ ଯାତାୟତ ଲାଗି ରହିଛି। ବିଭାଗୀୟ କର୍ତ୍ତୁପକ୍ଷଙ୍କ ଉଦାସୀନତା ଯୋଗୁଁ ଏବେ ଏହି କ୍ଷୁଦ୍ର ସହର ମୁଖଯ ରାଜପଥ ରାସ୍ତା ସାରା ଖାଲ ଖମାରେ ପରିଣତ ହୋଇ ପଡିରହି ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି । ବର୍ତ୍ତମାନ ପରିସ୍ଥିତିରେ ଜନସଂଖଯା ବୃଦ୍ଧି ସହ ଗାଡି ମଟରର ବହୁଳ ବଯବହାର ଯୋଗୁଁ ଦୈନନ୍ଦିନ ଟ୍ରାଫିକ୍ ସମସଯାର ଦୂରିକରଣକୁ ନଜରରେ ରଖି ତଥା ବାଲୁଗାଁ ସହରକୁ ସରଶ ସୁନ୍ଦର କରିବା ନିମନ୍ତେ ବଜାର ଦେଇ ଯାଇଥିବା ମୁଖଯ ରାସ୍ତାକୁ ପୂର୍ତ୍ତ ବିଭାଗ ପକ୍ଷରୁ ଚାରି ଥାକିଆ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ଯ ବହୁ ଦିନରୁ ଆରମ୍ଭ କରାଯାଇଥିବା ବେଳେ କାଯର୍ଯ ସମ୍ପୂର୍ଣ୍ଣ ମନ୍ଥର ଗତିରେ ଚାଲିଛି। ଦିନେ କାମ ହେଲେ ଚାରି ଦିନ କାମ ବନ୍ଦ ରହୁଥିବା ବେଳେ ଏବେ କାଯର୍ଯ ଅଧପାନ୍ତରିଆ ହୋଇ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ଦେଖାଯାଇଛି। ଏପରିସ୍ଥଳେ ବଜାରର ରାସ୍ତା ସାରା ଖାଲ ଖମାରେ ପରିପୂର୍ଣ୍ଣ ହୋଇଥିବାରୁ ଯାତାୟତ ନିମନ୍ତେ ସମ୍ପୂର୍ଣ୍ଣ ଅନୁପଯୋଗୀ ହୋଇପଡ଼ିଛି । ଖାଲଖମା ଯୋଗୁଁ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ମାନ ଘଟି ବହୁ ଧନଜୀବନ ହାନି ହେଉଥିବା ଦେଖା ଯାଉଛି । ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଏହି ରାସ୍ତାଟିର ନବୀକରଣ କାଯର୍ଯ ମନ୍ଥର ଗତିରେ ଚାଲିଥିବାରୁ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷ ଭାବେ ବାଲୁଗାଁ ଥାନା ଠାରୁ ଆରମ୍ଭ କରି ବାଲୁଗାଁର ମୁଖଯ ଛକ ଗାନ୍ଧି ଛକ, ଗୁଣ୍ଡରୁପୁର ସାହି ଛକ ଠାରୁ ଇଂଜନପୁର ପଯର୍ଯନ୍ତ ରାସ୍ତା ସାରା ଖାଲଖମାରେ ପରିଣତ ହୋଇ ଯାତାୟତ ଲାଗି ସମ୍ପୂର୍ଣ୍ଣ ଅନୁପୋଯୋଗୀ ହୋଇପଡି ଗାଡି ମଟର ଚଳାଚଳରେ ବଯାଘାତ ସୃଷ୍ଟି କରୁଛି ।

ବାଲୁଗାଁ ସହରକୁ ସରଶ ସୁନ୍ଦର କରିବା ନିମନ୍ତେ ଚାରି ଥାକିଆ ରାସ୍ତାର ପ୍ରଶସ୍ତିକରଣ କାଯର୍ଯ ଚାଲିଥିବା ବେଳେ ମୁଖଯତଃ ଇଂଜନପୁର ଠାରୁ ବାଲୁଗାଁ ବଜାର ଦେଇ ମାମୁଁ ଭଣଜା ପାହାଡ ପଯର୍ଯନ୍ତ ରାସ୍ତା ଅବସ୍ଥା ଅତଯନ୍ତ ଶୋଚନୀୟ ହୋଇ ପଡି ବଜାର ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି । ବାଲୁଗାଁ ବଜାର ସାରା ରାସ୍ତା ଅଧିକାଂଶ ସ୍ଥାନରେ ପିଚୁଗୋଡ଼ି ଉଠି ରାସ୍ତା ଫାଟି ପଡିଥିବା ବେଳେ ରାସ୍ତା ସାରା ଠାଏଁ ଠାଏଁ ଛୋଟ ବଡ ଗର୍ତ୍ତ ମାନ ସୃଷ୍ଟି ହେବା ସହ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଖାଲ ଖମାରେ ପରିପୂର୍ଣ୍ଣ ହୋଇ ପଡିଛି । ତତ୍‌ସହିତ ପୂର୍ତ୍ତ ବିଭାଗ ପକ୍ଷରୁ ଚାଲିଥିବା ରାସ୍ତା ସମ୍ପ୍ରସାରଣ କାଯର୍ଯ ପାଇଁ ବାଲୁଗାଁ ମୁଖଯ ବଜାର ରାସ୍ତାର ଦୁଇ କଡରୁ ଜବର ଦଖଲ ଉଚ୍ଛେଦ କରାଯାଇ ଖାଲ ଖମା ହୋଇ ପଡିରହିଥିବା ବେଳେ ଆଉ କେତେକ ସ୍ଥାନରେ ଡ୍ରେନ ନିର୍ମାଣ ଲାଗି ବିରାଟ ଗର୍ତ୍ତମାନ ଖୋଳାଯାଇ ବିପଦପୂର୍ଣ୍ଣ ଅବସ୍ଥାରେ ପଡିରହି ଯାତାୟତ ପାଇଁ ଅନୁପୋଯୋଗୀ ହୋଇପଡି ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ବିଭାଗୀୟ ଅଧିକାରୀଙ୍କ ଠିକାଦାରଙ୍କୁ ଆହେତୁକ ଅନୁକମ୍ପା ଫଳରେ ଉକ୍ତ ରାସ୍ତା ଖୋଳାଯାଇ ଅବଯବସ୍ଥା ମଧ୍ୟରେ କାମ ମନ୍ଥର ଗତିରେ ଚାଲି ଥିବା ବେଳେ ପିଏଚଡି ତରଫରୁ ପାନୀୟ ଜଳ ଯୋଗାଣ ନିମନ୍ତେ ବହୁ ସ୍ଥାନରେ ରାସ୍ତା ଖୋଳି ପାଇପ ଲାଇନ ବିଛାଉଥିବା ବେଳେ ଉକ୍ତ ସ୍ଥାନରେ ଜଳ ଯୋଗାଣ ବିଭାଗ ପକ୍ଷରୁ ସ୍ଥାୟୀ ମରାମତି ନକରି ଉକ୍ତ ଖାଲରେ ମାଟି ଗୋଡି ପକାଇ ଚାଲି ଯାଉଥିବାରୁ ପରବର୍ତ୍ତି ମୁହୂର୍ତ୍ତରେ ସେହି ମାଟି ଗୋଡି ବାହାରିଯାଇ ବଡ ବଡ ଗର୍ତ୍ତ ମାନ ସୃଷ୍ଟି ହୋଇଛି। ଫଳରେ ରାସ୍ତା ସାରା ଖାଲ ଖମା ସହ ବର୍ଷ ପାଣି ଜମି ରହି ବିପଦ ସଂକୁଳ ଅବସ୍ଥାରେ ପଡିଥିବା ହେତୁ ବର୍ତ୍ତମାନ ପରିସ୍ଥିତିରେ ଉକ୍ତ ରାସ୍ତାରେ ବିଶେଷ କରି ଦୁଇଚକିଆ ଯାନବାହାନ ଖାଲଖମାରେ ପଡି ଭାରସାମଯ ହରାଇ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ବହୁ ନଜିର ରହିଛି । ଏ ସଂପର୍କରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ସମସଯାର କୌଣସି ସମାଧାନ ହୋଇପାରି ନାହିଁ। ତେବେ ଉକ୍ତ ରାସ୍ତା ନିର୍ମାଣ କାଯର୍ଯ ସୁବଯବସ୍ଥା ମଧ୍ୟରେ ଦୃତଗତିରେ କରିବା ନିମନ୍ତେ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦୃଢ଼ ଦାବୀ ହେଉଛି । ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱର ସହ ନେଇ ଏଥିପ୍ରତି ଦୃଷ୍ଟି ଦେଇ କେବେ ସୁଦ୍ଧା ରାସ୍ତା ନିର୍ମାଣ କାଯର୍ଯ ସମାପନ କରାଯାଇ ବହୁବିଧ ସମସଯାର ସ୍ଥାୟୀ ସମାଧାନ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ସମବାୟ ସମିତି ମାଧ୍ୟମରେ କୁକୁଡ଼ା ଚାଷ ଓ ବ୍ୟବସାୟିକ ଅଭିବୃଦ୍ଧି ନିମନ୍ତେ କର୍ମଶାଳା

ପିପିଲି -ସବ୍ୟୁ- ସମବାୟ ସମିତି ମାଧ୍ୟମରେ କୁକୁଡ଼ା ପାଳନ ଓ ବ୍ୟବସାୟିକ ଅଭିବୃଦ୍ଧି ନିମନ୍ତେ ପିପିଲି ନିକଟ ଶୁଆବରେଇ ଗ୍ରାମରେ କୁକୁଡ଼ା ଚାଷୀ ମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଗ୍ରାମରେ ଥିବା ସୁବର୍ଣ୍ଣେଶ୍ୱରୀ ପ୍ରାଥମିକ କୁକ୍କୁଟ ସମବାୟ ସମିତି ଆନୁକୂଲ୍ୟରେ ଏହି କର୍ମଶାଳାରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଓପଲଫେଡ ସଭାପତି ଭୋଳେଶ୍ୱର ସ୍ୱାଇଁ, ଅତିରିକ୍ତ ନିର୍ଦ୍ଦେଶିକା ଡଃ ଦିପ୍ତି ମହାପାତ୍ର ଯୋଗଦେଇ ଓପଲଫେଡର ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସମସ୍ତ କୁକୁଡ଼ା ଚାଷୀ ଙ୍କୁ ଅବଗତ କରାଇବାକୁ ପରାମର୍ଶ ଦେବା ସହ ଉକ୍ତ ସମବାୟ ମାଧ୍ୟମରେ ଅଧିକ ରୁ ଅଧିକ ଚାଷୀ ଯୋଡ଼ି ହେବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଓପଲଫେଡ ପରିଚାଳନା ନିର୍ଦ୍ଦେଶକ ଗିରିଧର ଭୋଇ, ସାଧାରଣ ପରିଚାଳକ ଭକ୍ତହରୀ ମଲିକ, ପୁରୀ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଶରତ ଚନ୍ଦ୍ର ବେହେରା, ପିପିଲି ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଆଲୋକ ରଂଜନ ମିଶ୍ର, ସ୍ଥାନୀୟ ସରପଞ୍ଚ ନିରଞ୍ଜନ ସେନାପତି, ପୂର୍ବତନ ପିପିଲି ବ୍ଲକ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଓପଲଫେଡ ସହବନ୍ଧିତ ଉକ୍ତ ସମବାୟ ସମିତି ମାଧ୍ୟମରେ କୁକୁଡ଼ା ଚାଷୀ ମାନଙ୍କୁ ମିଳୁଥିବା ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବରୁ ବ୍ରଏଲର ଚାଷ ଅପେକ୍ଷା ଓପଲଫେଡ ର ୨୮ଦିନିଆ କୁକୁଡ଼ା ଚିଆଁ ଚାଷରେ ଲାଭଦାୟକ ହେଉଛି ବୋଲି ଚାଷୀମାନେ କହିଥିଲେ। ତେବେ ଓପଲଫେଡ ମାର୍କେଟିଂ ମ୍ୟାନେଜର ତାରିଣୀ କୁମାର ସାହୁ ଏହି ସଭାରେ ସଭାପତିତ୍ୱ କରିଥିବା ବେଳେ ଉକ୍ତ ସମବାୟର ସଦସ୍ୟ ସଦସ୍ୟା ଓ ଆଖପାଖ ଶତାଧିକ କୁକୁଡ଼ା ଚାଷୀ ମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଏଥିରେ ଯୋଗଦେଇ ଥିବା ସଫଳ ଚାଷୀ ମାନଙ୍କୁ ଅତିଥି ମାନଙ୍କ ଦାରା ପ୍ରୋତ୍ସାହନ ରାଶି ସହ ସମ୍ବର୍ଦ୍ଧିତ କରାଯାଇଥିଲା । ତେବେ ଏହି ସଭାରେ ସୁବର୍ଣ୍ଣେଶ୍ୱରୀ ପ୍ରାଥମିକ କୁକ୍କୁଟ ସମବାୟର ସଭାପତି ସ୍ୱପ୍ନେଶ୍ୱର ପ୍ରଧାନ ଅତିଥି ପରିଚୟ ପ୍ରଦାନ ଦେଇଥିବା ବେଳେ ସଂପାଦିକା ରଶ୍ମିତା ପଣ୍ଡିମ କବାଟ ଧନ୍ୟବାଦ ଦେଇଥିଲେ ।

# ସାମାନ୍ୟ ବର୍ଷାରେ ବ୍ରିଜ ଉପରେ ଆଣ୍ଠୁଏ ପାଣି ପଥଚାରୀ, ଗାଡ଼ି ଚାଳକ ହନ୍ତସନ୍ତ

ଖଣ୍ଡପଡ଼ା,(ସବ୍ୟୁ): ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ବାଇପାସ ରାସ୍ତାର ସୁନାମୁହିଁ ବ୍ରିଜ ଏବେ ପଥଚାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ସାମାନ୍ୟ ବର୍ଷା ହେଲେ ବ୍ରିଜ ଉପରେ ଆଣ୍ଠୁଏ ଲେଖାଏଁ ପାଣି ଲହଡ଼ି ମାରୁଥିବା ଯୋଗୁ ଯାତାୟାତ ସମୟରେ ଗାଡ଼ି ଚାଳକ ଓ ବାଟୋଇ ମାନଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ବର୍ଷା ଜଳ ନିଷ୍କାସନ ନିମନ୍ତେ କୌଣସି ବ୍ୟବସ୍ଥା ନଥିବା କାରଣରୁ ସାମାନ୍ୟ ବର୍ଷାରେ ସ୍ଥିତି ପୁରା ବେହାଲ ହୋଇ ପଡୁଛି। ପୂର୍ତ୍ତ ବିଭାଗ ଅଧିନରେ ଥିବା ଏହି ରାସ୍ତା ଓ ବ୍ରିଜ ମରାମତି ପାଇଁ ଅର୍ଥ ରାଶି ମଞ୍ଜୁର କରାଯିବା ସହ ପ୍ରାୟ ଦୁଇ ବର୍ଷ ତଳେ ଟେଣ୍ଡର ପ୍ରକ୍ରିୟା କରାଯାଇଥିଲା। ମାତ୍ର ବିଭାଗୀୟ ଉଦାସୀନତା କାରଣରୁ ଟେଣ୍ଡର ହାତେଇଥିବା ଠିକାଦାର କାମ ଶେଷ ନକରି ଦିନ ଗଡ଼ାଇ ଚାଲିଥିବା ଅଭିଯୋଗ ହୋଇଛି। ରାସ୍ତା କାମ ଅଧାପନ୍ତରିଆ ପଡ଼ିଥିବା ବେଳେ ବ୍ରିଜ ମରାମତିରେ ତାଳି ପକା କାମ କରି ଛାଡ଼ି ଦେଇଛି ଠିକାଦାର। ଯାହା ଫଳରେ ସାମାନ୍ୟ ବର୍ଷାରେ ବ୍ରିଜ ଉପରେ ବର୍ଷା ଜଳ ଜମି ରହି ପଥଚାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଏଥିସହ ଏହି ରାସ୍ତାରେ ଦୈନିକ ଶହଶହ ଭାରିଯାନ ଚଳାଚଳ କରୁଥିବା କାରଣରୁ ରାସ୍ତା ଖରାପ ହେବାସହ ରାସ୍ତାରେ ବଡ଼ବଡ଼ ଖାଲଖମା ସୃଷ୍ଟି ହୋଇ ଦୁର୍ଘଟଣା ଘଟିବା ଆଶଙ୍କା ପ୍ରକାଶ ପାଇଛି। ସେପଟେ ରାସ୍ତା ମରାମତି ପାଇଁ ଠିକାଦାର ହାତରେ ଟେଣ୍ଡର ଟେକି ଦେଇ ବିଭାଗ ଚୁପ ବସିଥିବା ବେଳେ ଠିକାଦାର ନିଜ ମନଇଚ୍ଛା କାମ କରି ବିଲ ଉଠାଇ ଚାଲିଥିବା ଅଭିଯୋଗ ହୋଇଛି। ଏପଟେ ମରଣଯନ୍ତା ସଦୃଶ ରାସ୍ତାରେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରି ହିନସ୍ଥା ଭୋଗୁଛନ୍ତି ସାଧାରଣ ଲୋକ। ତେଣୁ ଉକ୍ତ ବାଇପାସ ରାସ୍ତାର ମଧ୍ୟ ଭାଗରେ ଭଗ୍ନବସ୍ଥାରେ ଥିବା ସୁନାମୁହିଁ ବ୍ରିଜକୁ ଭାଙ୍ଗି ସେଠାରେ ଏକ ଉଚ୍ଚ ସମ୍ପନ୍ନ ସେତୁ ନିର୍ମାଣ କରିବା ଦିଗରେ ବିଭାଗୀୟ ଉପରିସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି।

# ସେଣ୍ଟ ଜେଭିଅର୍ସ ହାଇ ସ୍କୁଲରେ ପରିବେଶ ସୁରକ୍ଷା

ଫୁଲନଖରା,(ସବ୍ୟୁ) : ଆମ ପରିବେଶ ଆମ ଜୀବନ । ପରିବେଶ ସୁରକ୍ଷା ଜୀବନ ରକ୍ଷା ନୀତିକୁ ପାଥେୟ କରି ପରିବେଶ ସୁରକ୍ଷା ଉପରେ ସଚେତନତା ବାର୍ତ୍ତା ନେଇ ପୋତାପୋଖରୀ ନୂଆବଜାର ସ୍ଥିତ ସେଣ୍ଟ ଜେଭିଅର୍ସ ହାଇ ସ୍କୁଲରେ ମଣ୍ଟେଶ୍ୱରି ୱାନ ଏବଂ ଅନ୍ୟ ଶିଶୁ ଶ୍ରେଣୀରେ ପିଲା ମାନେ ବିଭିନ୍ନ ଚିତ୍ରାଙ୍କନ କରି ପଦଯାତ୍ରା କରି ପାଳନ କରିଛନ୍ତି । ବିଦ୍ୟାଳୟ ସ୍ତରୀୟ ଏହି କାର୍ଯ୍ୟକ୍ରମକୁ ବିଭାଗୀୟ ମୂଖ୍ୟ ଶିକ୍ଷାବିତ୍ ସୁମିଲା ମହାନ୍ତି,ଶ୍ରେଣୀ ଶିକ୍ଷୟତ୍ରୀ ଶିକ୍ଷାବିତ୍ ପ୍ରିୟଙ୍କା ସୱାଇଁ,ଶିକ୍ଷାବିତ୍ ରୁବିନା ବିନତେ ମହାନ୍ତି ଏବଂ ସମସ୍ତ ଅଫିସ ସହକାରୀ କର୍ମଚାରୀ ଉପସ୍ଥିତ ରହି ପାଳନ କରିବା ସହ କୁନିକୁନି ବିଦ୍ୟାର୍ଥୀ ମାନଙ୍କୁ ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ଶିଶୁ ଶ୍ରେଣୀରୁ ଛୋଟଛୋଟ ପିଲା ମାନଙ୍କୁ ଶିକ୍ଷାଦାନ ସହ ବିଭିନ୍ନ ମହତ୍ତ୍ୱ ତଥା ସତନ୍ତ୍ର ଦିବସ ମାନ ପାଳନ ଏବଂ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ଦିଗରେ ବହୁ କାର୍ଯ୍ୟକ୍ରମ ମାନ ପାଳନ ଆଦି କରାଯାଉ ଥିବାରୁ ଅଭିଭାବକ ଅଭିଭାବିକା ମହଲରୁ ସ୍କୁଲ ଅଧ୍ୟକ୍ଷ ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ପ୍ରଦୀପ କୁମାର ତ୍ରିପାଠୀ ଓ ସ୍କୁଲ ପରିଚାଳନା ବିଭାଗକୁ ସାଧୁବାଦ ଜଣାଯାଇଛି ।

# ସତ୍ୟବାଦୀ ପ୍ରଜାପିତା ବ୍ରହ୍ମା କୁମାରୀ ଆଶ୍ରମରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ

ସାକ୍ଷୀଗୋପାଳ,(ସବ୍ୟୁ): ବିଶ ବରିଷ୍ଠ ନାଗରିକ ଦିବସ ଅବସରରେ ସତ୍ୟବାଦୀ ବ୍ଲକ ନିକଟସ୍ଥ ପ୍ରଜାପିତା ବ୍ରହ୍ମା କୁମାରୀ ଆଶ୍ରମ,ସାକ୍ଷୀଗୋପାଳ ପରିସରରେ ସତ୍ୟବାଦୀ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟଙ୍କ ମଧ୍ୟରେ ଏକ ଆଧ୍ୟାତ୍ମିକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ସତ୍ୟବାଦୀ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଆଇନଜୀବୀ ଗୁଣ୍ଡିଚା ବରାଳ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ମୁଖ୍ୟ ବକ୍ତା ରୂପେ ସତ୍ୟବାଦୀ ବିଡ଼ିଓ ଦେବାଶିଷ ନାୟକ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ର ସଭାପତି କାର୍ତ୍ତିକ ଚନ୍ଦ୍ର ଦାଶ ଓ ସମ୍ପାଦକ ଦେବେନ୍ଦ୍ର ନାଥ ଦାଶ , ଅନ୍ୟତମ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ବନମାଳୀ ବେହେରା , ଯନ୍ତ୍ରୀ ପ୍ୟାରୀମୋହନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସତ୍ୟବାଦୀ ବରିଷ୍ଠ ନାଗରିକ ମଞ୍ଚ ଉପସଭାପତି ବିରେନ୍ଦ୍ର ଭୂଷଣ ହୋତା । ସତ୍ୟବାଦୀରେ ବରିଷ୍ଠ ନାଗରିକଙ୍କ ସମସ୍ୟା ସମାଧାନ ନିମନ୍ତେ ପ୍ରତ୍ୟେକ ସମୟରେ ସହଯୋଗର ହାତ ବଢ଼ାଇବା ସହ ସରକାରଙ୍କ ପକ୍ଷରୁ ରହିଥିବା ସାମାଜିକ ସୁରକ୍ଷା ଉପରେ ଅନେକ ସୂଚନା ଦେଇଥିଲେ ମୁଖ୍ୟ ଅତିଥି ତଥା ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ । ସେହିପରି ବିଭିନ୍ନ କାର୍ଯ୍ୟ ନିମନ୍ତେ ବ୍ଲକ କୁ ଆସୁଥିବା ବରିଷ୍ଠ ନାଗରିକଙ୍କୁ ପ୍ରାଥମିକତା ଭିତ୍ତିରେ ସେବା ଯୋଗାଇ ଦେବା ପାଇଁ ମୁଖ୍ୟ ବକ୍ତା ତଥା ବିଡ଼ିଓ ଦେବାଶିଷ ନାୟକ ପ୍ରକାଶ କରିଥିଲେ । ମଞ୍ଚର ସଭାପତି ଆଇନଜୀବୀ ଶ୍ରୀଯୁକ୍ତ ବରାଳ ଓ ଉପସଭାପତି ଶ୍ରୀଯୁକ୍ତ ହୋତା ରାଜ୍ୟ ସରକାର ୮୦ ବୟସରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ମାନଙ୍କୁ ଦେଉଥିବା ୩.୫୦୦ ଟଙ୍କାକୁ ଭତାକୁ ୬୦ ବର୍ଷରୁ ଲାଗୁ କରିବା ପାଇଁ ଅନୁରୋଧ କରିଥିଲେ । ଡାକ୍ତର ସତ୍ୟାନନ୍ଦ , ରାଜଯୋଗିନୀ ବିକେ ପ୍ରତିମା , ଜିଲ୍ଲା ମତ୍ସ୍ୟ ସମ୍ପ୍ରସାରଣ କାର୍ଯ୍ୟାଳୟର ଅବସରପ୍ରାପ୍ତ ଅଧିକାରୀ ରବୀନ୍ଦ୍ର କୁମାର ବେହେରା ପ୍ରମୁଖ ଉକ୍ତ ଦିବସ ଉପରେ ସେମାନଙ୍କ ମତ ରଖିଥିଲେ । ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମ ପକ୍ଷରୁ ପିତାମ୍ବର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ୬୦ ବର୍ଷ ବୟସରୁ ବର୍ଷରୁ ଉର୍ଦ୍ଧ୍ୱ ଶତାଧିକ ବରିଷ୍ଠ ନାଗରିକ ମାନଙ୍କୁ ପରିଚୟ ପତ୍ର ପ୍ରଦାନ

# ଗୀତା ମିଶନ ପକ୍ଷରୁ ବୃକ୍ଷରୋପଣ

କଣ୍ଟିଲୋ, (ସବ୍ୟୁ): ପଦ୍ମଶ୍ରୀ ବାବା ବଳିଆଙ୍କ ଦ୍ୱାରା ପ୍ରତିଷ୍ଠିତ ଇଣ୍ଟରନ୍ୟାସନାଲ ଗୀତା ମିଶନ ପକ୍ଷରୁ ନୟାଗଡ ଜିଲ୍ଲାର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ମିଶନର ସଭାପତି ଡ.ସ୍ୱାମୀ ଚିଦାନନ୍ଦ ମହାରାଜଙ୍କ ତତ୍ତ୍ୱାଧାନରେ ଖଣ୍ଡପଡା ବ୍ଲକ ଅନ୍ତର୍ଗତ ମର୍ଦ୍ଦରାଜପୁର ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟ, ବେଣାଗାଡିଆ ସାତଗାଁ ବିଦ୍ୟାଧର ନୋଡାଲ ଉଚ୍ଚ ବିଦ୍ୟାଳୟ, ବଡବାଣପୁର ବସନ୍ତ କୁମାର ବିଦ୍ୟାପୀଠ, କବିସୂର୍ଯ୍ୟ ପାଠାଗାର, କଣ୍ଟିଲୋ ନୀଳମାଧବ ନୋଡାଲ ବିଦ୍ୟାପୀଠ ପରିସରରେ ବୃକ୍ଷରୋପଣ କରାଯାଇଛି। ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି ଶ୍ରୀ ମହାରାଜ,ଜୀବନ ପାଇଁ ଶିକ୍ଷା ସହ ସଂସ୍କାରର ମଧ୍ଯ ଆବଶ୍ୟକତା ରହିଛି ଏବଂ ପୃଥିବୀ ସୁରକ୍ଷା ପାଇଁ ବୃକ୍ଷ ରୋପଣ ଅପରିହାର୍ଯ୍ୟ ବୋଲି କହିଥିଲେ।ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯିବା ସହ ୭୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ କିସମର ଚାରା ବଣ୍ଟନ ହୋଇଥିଲା। ମିଶନ ପକ୍ଷରୁ ଶଙ୍କର୍ଷଣ ରାଉତ, ନିରଞ୍ଜନ ବାଘ, ଦୁର୍ଯ୍ୟୋଧନ ରାଉତ, ପ୍ରଭାତ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


सत्यमेव जयते

**ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ**

ପ୍ରଦାନ କରେ

**ଜାତୀୟ ଯୁବ ପୁରସ୍କାର ୨୦୨୪**

**ପୁରସ୍କାର ଉଦ୍ଦେଶ୍ୟ:**

- ଜାତୀୟ ବିକାଶ କିମ୍ବା ସାମାଜିକ ସେବା କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବା ପାଇଁ ଯୁବକ ଯୁବତୀମାନଙ୍କୁ **(୧୫-୨୯ ବର୍ଷ ବୟସ)** ପ୍ରୋତ୍ସାହିତ କରିବା ।
- ସୁନାଗରିକ ଭାବେ ସମୁଦାୟଙ୍କ ପ୍ରତି ଦାୟିତ୍ୱବୋଧ ବିକଶିତ କରିବା ।
- ଜାତୀୟ ବିକାଶ ଓ/ଅଥବା ସାମାଜିକ ସେବା ପାଇଁ ଯୁବଗୋଷ୍ଠୀଙ୍କ ସହ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ଦ୍ୱାରା ଉଲ୍ଲେଖନୀୟ କାର୍ଯ୍ୟକୁ ସ୍ୱୀକୃତି ଦେବା ।

**ପୁରସ୍କାର ବିବରଣୀ:**

- **ସ୍ୱାସ୍ଥ୍ୟ, ଗବେଷଣା ଏବଂ ଉତ୍ପାଦନ, ସଂସ୍କୃତି, ମାନବାଧିକାରର ପ୍ରୋତ୍ସାହନ, କଳା ଏବଂ ସାହିତ୍ୟ, ପର୍ଯ୍ୟଟନ, ପାରମ୍ପରିକ ଔଷଧ, ସକ୍ରିୟ ନାଗରିକତା, ଗୋଷ୍ଠୀ ସେବା, କ୍ରୀଡ଼ା ଏବଂ ଶିକ୍ଷାଗତ ଉତ୍କର୍ଷତା ଏବଂ ସ୍ମାର୍ଟ ଶିକ୍ଷା** ଭଳି ବିଭିନ୍ନ ବିକାଶ କାର୍ଯ୍ୟକଳାପ ଏବଂ ସାମାଜିକ ସେବା କ୍ଷେତ୍ରରେ ଯୁବକ ଯୁବତୀମାନଙ୍କ ପାଇଁ ଚିହ୍ନଟ ଯୋଗ୍ୟ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ଏହି ପୁରସ୍କାର ପ୍ରଦାନ କରାଯିବ ।
- ପୁରସ୍କାର ସଂଖ୍ୟା - ୨୫
- ବ୍ୟକ୍ତିଗତ ବର୍ଗ ପାଇଁ ୨୦ ପର୍ଯ୍ୟନ୍ତ ପୁରସ୍କାର
- ଯୁବ ସଂଗଠନ ବର୍ଗ ପାଇଁ ୫ ପର୍ଯ୍ୟନ୍ତ ପୁରସ୍କାର
- ବ୍ୟକ୍ତିଗତ ପୁରସ୍କାର - ପଦକ, ପ୍ରମାଣପତ୍ର ଏବଂ ପୁରସ୍କାର ଅର୍ଥ ରାଶି **୧,୦୦,୦୦୦/-**
- ସ୍ୱେଚ୍ଛାସେବୀ ଯୁବ ସଂଗଠନକୁ ପୁରସ୍କାର - ପଦକ, ପ୍ରମାଣପତ୍ର ଏବଂ ପୁରସ୍କାର ଅର୍ଥ ରାଶି **୩,୦୦,୦୦୦/-** ଟଙ୍କା।

**ଆବେଦନ କରିବାର ଶେଷ ତାରିଖ: ୩୧ ଅଗଷ୍ଟ, ୨୦୨୫**

ୱେବସାଇଟ୍ ଦେଖନ୍ତୁ: https://awards.gov.in/-

ଜାତୀୟ ଯୁବ ପୁରସ୍କାର ୨୦୨୪ ପାଇଁ ଯୋଗ୍ୟତା ମାନଦଣ୍ଡ, ଆବେଦନ ଫର୍ମାଟ ଓ ଆବେଦନ ଦାଖଲ ନିମନ୍ତେ

CBC: 47107/11/0007/2526



ଓଡ଼ିଶା ସରକାର

**GOVERNMENT OF ODISHA**

**OFFICE OF THE ADDITIONAL CHIEF ENGINEER-CUM- ELECTRICAL INSPECTOR, BHUBANESWAR,**

**AT- PLOT NO.: GD 2/7, MAITRI VIHAR, C.S. PUR, BHUBANESWAR-23**

**PHONE NO.: 2300287; E-MAIL: eibbsr-od@od.gov.in**

**No.: 470 /** **Date : 20.08.2025**

**Tender Call Notice**

**AA-24 :** Sealed quotations/tenders are invited from interested reputed Travel Agencies / Tour Operators / Individuals for providing ONE (01) No of BS6 Petrol / Diesel or Electric Vehicle having sitting capacity not more than Seven (07) including driver, which shall confirm to the Terms and conditions (Annexure-A) for official use in office of the Additional Chief Engineer -cum- Electrical Inspector, Bhubaneswar on monthly rent basis :

| Sl. No. | Type of vehicles | Maximum hire charges per month | Minimum average mileage in kms per litre | Remarks |
|---|---|---|---|---|
| 1 | Bolero/ Ertiga / Mahindra SUV etc. | Rs 37,200/- | 10 | Excluding GST be quoted separately, excluding fuel |

1. The service provider shall have a valid GST registration to participate in the tendering.
2. The service provider, participating in the bidding process under the jurisdiction of Municipal Corporations, shall be registered on GeM platform.
3. The vehicle must be in road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Pollution Certificate, valid Contract Carriage Permit, proof of up-to-date tax payment etc. mandatory for plying of vehicle.
4. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport/passenger vehicle.
5. The Driver should be well behaved, gentle and obedient in nature.
6. A sum of **Rs. 5,000/-** shall be deposited by the intending bidders in shape of Account Payee Bank Draft drawn in favour of the Additional Chief Engineer -cum- Electrical Inspector, Bhubaneswar and submitted along with the tender as EMD. After completion of tender process, EMD shall be refunded to unsuccessful bidders.
7. The monthly rate of hire charge, excluding GST be quoted separately, excluding fuel.
8. The Vehicle must achieve a fuel efficiency of 10 km per litre.
9. The details of the make and year of manufacture of the vehicle, registration no., mileage (km covered per litre) and name of the Driver, Driving License No. and period of validity should be specifically provided in the general bid information to be furnished with the Quotation/Tender (Annexure-B).
10. The Quotation completed in all respect should reach the undersigned on or before **23rd September, 2025** by **01:00 P.M.** and shall be opened on the same day at 03:30 P.M. in presence of the bidders or their authorized representatives.
11. The application form of quotation/tender containing General Bid Information & Terms and conditions for Hiring of Vehicles etc. will be available in the office of the Additional Chief Engineer -cum- Electrical Inspector, Bhubaneswar and can be downloaded from the Website **www.eicelectricityodisha.nic.in** from **Date 01.09.2025** to **Date 23-09.2025**.

**Sd/- Additional Chief Engineer**
**- Cum-Electrical Inspector, Bhubaneswar**

OIPR : 04086/11/0001/2526



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ଡ୍ରିମ୍ସ ପଲିଟେକ୍ନିକରେ ବିଶ୍ୱ ଉଦ୍ୟମିତା ଦିବସ
# ଚାକିରୀ ଅନ୍ୱେଷଣ ନହୋଇ ଅନ୍ୟପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିକର



କଟକ, (ସ୍ୱପ୍ର): ଶିକ୍ଷା ସମାପ୍ତି ପରେ ଛାତ୍ରଛାତ୍ରୀ ଚାକିରୀ ଆଶାୟୀ ହେବା ପରିବର୍ତ୍ତେ ନିଜେ ଉଦ୍ୟୋଗ ସ୍ଥାପନ କରି ଅନ୍ୟମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦରକାର । ଏଥିପାଇଁ ସରକାର ସମସ୍ତ ସହାୟତା ଓ ପରାମର୍ଶ ଯୋଗାଇଦେବାର ବ୍ୟବସ୍ଥା ରହିଥିବା କଟକ ଜିଲା ଶିଳ୍ପ କେନ୍ଦ୍ରର ସହକାରୀ ପରିଚାଳକ ମନୋଜ କୁମାର ମହାପାତ୍ର ପ୍ରକାଶ କରିଛନ୍ତି । ଡ୍ରିମ୍ସ ପଲିଟେକ୍ନିକରେ ବିଶ୍ୱ ଉଦ୍ୟମିତା ଦିବସ ପାଳନ ଅବସରରେ ଏଣ୍ଟର ପେନିୟରସିପ୍ ଡେଭଲପମେଣ୍ଟ ସେଲ ଓ ଇନଷ୍ଟିଚ୍ୟୁସନ୍ ଇନୋଭେସନ୍ କାଉନସିଲ ସହଯୋଗରେ ଆୟୋଜିତ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶ୍ରୀ ମହାପାତ୍ର ରାଜ୍ୟରେ ଯୁବ ଉଦ୍ୟୋଗୀଙ୍କ ପାଇଁ ଶିଳ୍ପ ପ୍ରତିଷ୍ଠାର ସୁବର୍ଣ୍ଣ ସୁଯୋଗ ରହିଥିବାବେଳେ ସେମାନେ ଏହାର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ । ଆଭାସୀ ମାଧ୍ୟମରେ ବାର୍ତ୍ତା ଦେଇ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଏଭଳି ଆଲୋଚନାଚକ୍ର ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବାରେ ସହାୟକ ହେବବୋଲି ଆଶା ବ୍ୟକ୍ତ କରିଥିଲେ । ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଂଜନ ମହାନ୍ତି ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । ଇଡି ସେଲ ସଂଯୋଜକ ଅଧ୍ୟାପକ ଶୁଭକାମ ହୋତା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ୫ମ ସେମିଷ୍ଟର ଛାତ୍ରୀ ସ୍ନେହାଶ୍ରୀ ଜେନା କାର୍ଯ୍ୟକ୍ରମ ସଂଯୋଜନା ଓ ୩ୟ ସେମିଷ୍ଟର ଛାତ୍ର ଓମ୍ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ଆଲୋଚନାଚକ୍ରରେ ଅଂଶ ଗ୍ରହଣ କରିଥିଲେ ।

# ୟୁରିଆ କଳାବଜାରୀ ସରକାର ରୋକନ୍ତୁ, ନଚେତ କାର୍ଯ୍ୟାଳୟ ଘେରାଉ : ପିସିସି



ଭୁବନେଶ୍ୱର,(ସବ୍ୟ): ଚଳିତ ବର୍ଷ ଭଲ ମୌସୁମୀ ବର୍ଷା ଯୋଗୁଁ ଚାଷ ଭଲ ହେବ ବୋଲି ଚାଷୀକୁଳ ଆଶା ବାନ୍ଧି ବସିଥିବା ବେଳେ ମଝିରେ ମଝିରେ ସରକାରୀ ଅପାରଗତା ଆଗରେ ତାଙ୍କୁ ପଛେଇଯିବାକୁ ପଡୁଛି । ପ୍ରଥମେ ଚାଷୀ ଚାଷକାମ ପାଇଁ ବିଲରେ ଥିବାବେଳେ ଇ-କେୱାଇସି ପାଇଁ ଧାଡିରେ ଦିନଦିନ ରହିବାକୁ ପଡିଲା । ଏବେ ୟୁଆବେଉଷଣ ଚାଲିବା ବେଳେ କଳାବଜାର ଓ ସରକାରୀ ବିଫଳତାରେୟୁରିଆ ସଙ୍କଟ କୃଷକଙ୍କୁ ଦୁର୍ଦ୍ଦଶାରେ ଠେଲିଦେଲା ବୋଲି ରବିବାର କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ ସାହୁ ଅଭିଯୋଗ କରିଥିଲେ । ସେ କହିଥିଲେ ସରକାରୀ ଦାବି ଥିବା ସତ୍ତ୍ୱେ, ଓଡ଼ିଶାରେୟୁରିଆ ସଙ୍କଟ ତୀବ୍ର ଆକାର ନେଇଛି । ସରକାର କହିଥିଲେ ୨. ୯୪ ଲକ୍ଷ ଟନ୍ ପୂର୍ବରୁ ଷ୍ଟକ୍ ଥିଲା ଓ ୪.୫ ଲକ୍ଷ ଟନ୍ ଖରିଫ ପାଇଁ ମିଳିଥିବାରୁ ୭.୯୪ ଲକ୍ଷ ଟନ୍ ଉପଲବ୍ଧ ଅଛି । ସେଥିରୁ ୩.୬୫ ଲକ୍ଷ ଟନ୍ ବିକ୍ରି ହୋଇଛି ଓ ୪.୨୪ ଲକ୍ଷ ଟନ୍ ବିଭିନ୍ନ ଜିଲ୍ଲାରେ ବାକି ରହିଛି । କିନ୍ତୁ ସରକାରଙ୍କର କଥା ଯଦି ସତ, ତା ହେଲେ ଚାଷୀମାନେ କାହିଁକି ସାର ପାଉନାହାନ୍ତି ବୋଲି ସେ ପ୍ରଶ୍ନ କରିଥିଲେ । ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ବଲାଙ୍ଗିର, ସୁନ୍ଦରଗଡ଼, କଟକ (ନିଶିନ୍ତକୋଇଲି) ଓ ସମୁଦ୍ରତଟୀୟ ଅଞ୍ଚଳରେ ଟ ୨୬୬.୫୦ ଦରରୟୁରିଆ ୫୦୦ ଟଙ୍କାରୁ ୬୦୦ ଟଙ୍କା ବିକ୍ରି ହେଉଛି । ଏପରିକି ନୂଆପଡାରେୟୁରିଆ ବ୍ୟାଗପିଛା ୯୦୦ ଟଙ୍କା ଦେବାକୁ ଚାଷୀ ବାଧ ହେଉଛି ବୋଲି ଶ୍ରୀ ସାହୁ ମତ ଦେଇଛନ୍ତ । ଅଭାବିୟୁରିଆ କେମିତି ଚାଷୀ ମାନଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଛି ସେହି ବିଷୟରେ ପିସିସି ମୁଖପାତ୍ର ଡ଼ ମନିଷା ଦାସ ପଟ୍ଟନାୟକ ଆଲୋକପାତ କରିଥିଲେ । ସେହିପରି ଅନ୍ୟତମ ମୁଖପାତ୍ର ଅଶୋକ ସ୍ୱାଇଁ, ରୂପାଦୀପ୍ତା ମହାପାତ୍ର, ବିଭୂତି ଭୂଷଣ ମହାପାତ୍ର କହିଥିଲେ ଯେ ଏହା କେବଳ ଯେ ସରକାରଙ୍କ ବିଫଳତା ତାହା ନୁହେଁ, ଏହା କୃଷକଙ୍କ ସହିତ ବେଇମାନି । ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ନିଜେ କୃଷିମନ୍ତ୍ରୀ ହୋଇଥିବା ସେ%୦ କୃଷକ ମାନେ ସାର ପାଇଁ ଡହଳ ବିକଳ ହେବା ଦୁର୍ଭାଗ୍ୟଜନକ । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କୃଷକ ବିଭାଗର ସୂର୍ଯ୍ୟକାନ୍ତ ମହାନ୍ତି ଓ ଶୀତିକ= ମହାପାତ୍ର ଉପସ୍ଥିତ ଥିଲେ ।

# ଟେଟ୍ରାହେଡ୍ରନ୍ ପକ୍ଷରୁ ମେଗା ରକ୍ତଦାନ ଶିବିର, ରେକର୍ଡ ୧୨୧୨ ୟୁନିଟ୍ ରକ୍ତ ସଂଗୃହିତ



କଟକ(ସବ୍ୟ): କଟକ ଜିଲ୍ଲା ଟାଙ୍ଗୀସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ନିଉ କ୍ୟାମ୍ପସ ପରିସରରେ ଆୟୋଜିତ ଶିବିରକୁ ପ୍ରତିଷ୍ଠାତା ଅଧ୍ୟକ୍ଷ ତ୍ରିଦେବ ବେହେରା ପୂର୍ବାହ୍ନରେ ଉଦଘାଟନ କରିଥିବାବେଳେ ମୋଟ ୧୨୧୨ ୟୁନିଟ୍ ରକ୍ତ ସଂଗୃହିତ ହେବା ସାଧାରଣରେ ଚର୍ଚ୍ଚାକୁ ଆସିଛି। ଧର୍ମପତ୍ନୀ ତଥା ରେଡକ୍ରସର ଜିଲ୍ଲା ସଂଯୋଜିକା ଡଃ ସସ୍ମିତା ପଟ୍ଟନାୟକ ଓ ଶିକ୍ଷାବିତ ତାପସ କୁମାର ମଲ୍ଲିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିବାବେଳେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଅତିଥିଭାବେ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀ, ଅଭିଭାବକ,ଅଧ୍ୟାପକ,ଅଧ୍ୟାପିକା ଓ ସୁପରଭାଇଜରଙ୍କ ସମେତ ସମସ୍ତ କର୍ମଚାରୀ ଶିବିରରେ ସାମିଲ ହୋଇ ରକ୍ତଦାନ କରିଥିଲେ। ଅନ୍ୟପକ୍ଷରେ ଭଙ୍ଗିମୁଣ୍ଡା ସରପଞ୍ଚ ତାପସ କୁମାର ସାହୁ ଓ ସାମାଜିକ କର୍ମୀ ଅମୂଲ୍ୟ କୁମାର ବେଉରାଙ୍କ ସମେତ ବହୁ ସ୍ଥାନୀୟ ବାସିନ୍ଦା ଅନୁଷ୍ଠାନକୁ ଭଲ ପାଇବା ସହ ରକ୍ତଦାନ କରିବା ଦେଖାଯାଇଥିଲା।

# ବିନାୟକ କ୍ଲବ୍ ଶ୍ରୀମା ନଗରର ଗଣେଶ ପୂଜା ପ୍ରସ୍ତୁତି




କଟକ, (ସ୍ୱପ୍ର): ସ୍ଥାନୀୟ ମଧୁପାଟଣା ବିନାୟକ କ୍ଲବ୍ ଶ୍ରୀମା ନଗରର ଗଣେଶ ପୂଜା ପ୍ରସ୍ତୁତି ବୈଠକ ଅଞ୍ଚଳର ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରସ୍ତୁତି ବୈଠକରେ ଆସନ୍ତା ୨୭ ତାରିଖ ବୁଧବାର ଗଣେଶ ପୂଜା ଯଥାବିଧି ମୁତାବକ ସମ୍ପନ୍ନ ହେବା ସହିତ ପାଞ୍ଚ ଶହ ଲୋକଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯିବ ବୋଲି କ୍ଲବ୍‌ର ସଭାପତି ରାଜକିଶୋର ରାଉତ ପ୍ରକାଶ କରିଥିଲେ । ପାଞ୍ଚ ଦିନ ବ୍ୟାପୀ ପୂଜାରେ ଆଲୋକ ସଜ୍ଜା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯିବ । ପାଞ୍ଚଦିନିଆ ପୂଜାରେ ରବିବାର ଭସାଣ ଉତ୍ସବ ଅନୁଷ୍ଠିତ ହେବ । ଏହି ଭସାଣ ଉତ୍ସବରେ ପାରମ୍ପରିକ ବାଦ୍ୟ ସହିତ ଦୁଇଶହ ଲୋକଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା ହେବ । ଶାନ୍ତି ଶୃଙ୍ଖଳାକୁ ଗୁରୁତ୍ୱ ଦେଇ ସମସ୍ତ କାର୍ଯ୍ୟକ୍ରମ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଏହି ବୈଠକରେ କ୍ଲବ୍‌ର ସମ୍ପାଦକ ସରୋଜ କୁମାର ରାଉତ, ଉପସଭାପତି ରବିନ୍ଦ୍ର କୁମାର ପାତ୍ର, ସହ ସମ୍ପାଦକ ଦିବ୍ୟଶ୍ରୀ ନାୟକ, ଜଗବନ୍ଧୁ ସାହୁ, ସଦାଶିବ ପରିଡାଙ୍କ ସମେତ ଚିତ୍ତ ରଞ୍ଜନ ଦେବତା, ଧିରେନ୍ଦ୍ର କୁମାର ନାୟକ, ନିରୋଜ କୁମାର ରାଉତ, ଅଦ୍ୱୈତ ସାହୁ ପ୍ରମୁଖ ଯୋଗଦେଇ ପ୍ରସ୍ତୁତି ଆଲୋଚନାରେ ଭାଗ ନେଇଥିଲେ ।

# ପୁଲିସକୁ ଛାଡ଼ିଲେନି ଚୋର , ଚୋରି କଲେ ବାଇକ

ବେତନଟୀ (ସବ୍ୟ) : ବୈଶିଙ୍ଗା ଥାନା ଅଞ୍ଚଳରେ ଦିନକୁ ଦିନ ବାଇକ ଚୋରି ଘଟଣା ଅସମ୍ଭାଳ ହେଲାଣି କ୍ଷ ଶେଷରେ ପୁଲିସ କୁ ବି ଛାଡିଲେନି କ୍ଷ ରବିବାର ବିଳମ୍ବିତ ସନ୍ଧ୍ୟାରେ ବୈଶିଙ୍ଗା ଥାନାରେ କାର୍ଯ୍ୟରତ ହୋମଗାର୍ଡଙ୍କ ଘର ସମ୍ମୁଖରୁ ବାଇକଟିକୁ ଲୁଟି ନେଇଗଲେ ଦୁର୍ବୃତ୍ତ । ସୂଚନା ଅନୁଯାଇ ବୈଶିଙ୍ଗା ଥାନାରେ କାର୍ଯ୍ୟରତ ହୋମଗାର୍ଡ କୌଣସି ତପନ କୁମାର ଜେନା କୌଣସି ଜରୁରୀ କାମ ପାଇଁ ଥାନା ଠାରୁ ୫୦୦ମିଟର ଦୂରରେ ଥିବା ଦାମଦୋରପୁର ଛକ ନିକଟସ୍ଥ ତାଙ୍କ ଭଡା ଘରକୁ ଯାଇଥିଲେ କ୍ଷ ତେବେ ସେ ସଙ୍ଗେ ସଙ୍ଗେ ଥାନାକୁ ଫେରିବେ ବୋଲି ନିଜ ଓଡି୦୧ଏଚ-୪୩୦୬ ନଂ ବିଶିଷ୍ଟ ଗ୍ଲାମର ବାଇକ ଟିକୁ ଘର ସମ୍ମୁଖରେ ରଖି ଘର ଭିତରକୁ ଯାଇଥିଲେ । ହେଲେ ମାତ୍ର ୧୫ମିନିଟ ପରେ ଥାନାକୁ ଫେରିବେ ବୋଲି ଘର ବାହାରକୁ ବାହାରି ଦେଖିଲା ବେଳେକୁ ତାଙ୍କ ବାଇକଟି ରଖିଥିବା ସ୍ଥାନରେ ନଥିଲା । ତେବେ ସେ ବ୍ୟସ୍ତ ବିବ୍ରତ ହୋଇ ଆଖପାଖ ସ୍ଥାନରେ ଖୋଜାଖୋଜି କରିଥିଲେ ବି ବାଇକ ଟିକୁ ପାଇନଥିଲେ ଓ ସେ ନିଶ୍ଚିତ ହୋଇଯାଇଥିଲେ କି ତାଙ୍କ ବାଇକଟିକୁ କେହି ଦୁର୍ବୃତ୍ତ ଲୁଟି ନେଇ ଯାଇଛି । ଏନେଇ ସେ ବୈଶିଙ୍ଗା ଥାନାରେ ଜଣାଇବାପରେ ଉପରିସ୍ଥ କର୍ମଚାରୀ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

# ଯୋଗ, ଆସନ, ପ୍ରାଣାୟାମ, ଆହାର, ସୁସ୍ଥ ନିରାମୟର ମୁଖ୍ୟ ଉପାଦାନ




ଭୁବନେଶ୍ୱର, (ସବ୍ୟ): ଯୋଗ, ଆସନ, ପ୍ରାଣାୟାମ ଖାଦ୍ୟ ଗ୍ରହଣରେ ସଂଯମତା ଦ୍ୱାରା ଜଣେ ସୁସ୍ଥ, ନିରାମୟ ରହି ପାରିବ ବୋଲି ବିଭିନ୍ନ ଉଦାହରଣ ମାଧ୍ୟମରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ର ପ୍ରାକ୍ତନ ଅଧିକାରୀ ମାନଙ୍କ ଦ୍ୱାରା ଗଠିତ ଗ୍ଲୋବାଲ ସ୍ପିରିଚୁଆଲ ମିଶନର ନୂଆପଲ୍ଲୀ ସ୍ଥ ରାମକୃଷ୍ଣ ମଠ ସଭା ଗୃହରେ ଅନୁଷ୍ଠିତ ମାସିକ ଆଲୋଚନା ଚକ୍ର ରେ ମୁଖ୍ୟ ଅତିଥି ଭାବେଆୟୁର୍ବେଦ ଗବେଷଣା କେନ୍ଦ୍ରର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ରାଜ ବୈଦ୍ୟ ଗୋପାଳ ଚନ୍ଦ୍ର ନନ୍ଦ ପ୍ରକାଶ କରିଥିଲେ । ନିଜେ ବିଭିନ୍ନ ଆସନ ପ୍ରାଣାୟାମ କରି ଉପସ୍ଥିତ ସମସ୍ତ ସଦସ୍ୟ ମାନେ କିପରି କରିବେ ତାହା ଦେଖାଇଥିଲେ । ଆମେ ଯଦି ନିୟମିତ ଭାବେ ହଳଦୀ, ଅଁଳା, ସକାଳ ସମୟରେ ନିୟମିତ ସେବନ କରିବା ତେବେ ବହୁ ରୋଗ ରୁ ମୁକ୍ତ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ପ୍ରାରମ୍ଭ ରେ ମୁରଲୀ ଧର ପଲାଇ, କୃଷ୍ଣା ପଲାଇ ଜଗନ୍ନାଥ ସହସ୍ର ନାମ ଗାନ କରିଥିଲେ । ଅନୁଷ୍ଠାନ ର ଉପଦେଷ୍ଟା ରମାକାନ୍ତ ମିଶ୍ର ନିୟମିତ ଗୀତା ଓ ଭଗବତ ପାଠ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପାଦକ ପରମେଶ୍ୱର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ସହ ଅନୁଷ୍ଠାନ ରଆଭିମୁଖ୍ୟ ସମ୍ପର୍କ ରେ ସମ୍ୟକ ଆଲୋକପାତ କରିଥିଲେ। ନାଟ୍ୟକାର ବିଜୟକୁମାର ମହାନ୍ତି ସଭାପତିତ୍ୱ କରି କହିଲେ ଯଦି ଆମେ ମୁଖ୍ୟ ଅତିଥି କହିଥିବା ସମସ୍ତ କଥା ମାନି ଜୀବନ ଯାପନ କରିବା ତେବେ ଆମେ ସୁସ୍ଥ ଓ ନିରାମୟ ରହିପାରିବା। କାର୍ଯ୍ୟକ୍ରମରେ ପ୍ରବୋଧ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଥାନାରେ ଗଦା ହୋଇଥିବା ଗାଡି ସ୍କ୍ରାପ ହେବ

ଭୁବନେଶ୍ୱର, (ସବ୍ୟ) : ଭୁବନେଶ୍ୱରର ବିଭିନ୍ନ ଥାନାରେ ଗଦା ହୋଇଥିବା ଗାଡିଗୁଡିକ ସ୍କ୍ରାପ କରିବା ପାଇଁ ବିଏମ୍‌ସି ପୋଲିସ କମିଶନରଙ୍କୁ ଚିଠି ଲେଖିବ ବୋଲି ମେୟର କହିଛନ୍ତି । ଜବତ ଓ ଦାବିଦାର ନଥିବା ଗାଡି ଗୁଡିକ ବହୁଦିନ ଧରି ପଡିରହିବା ଫଳରେ ତାହା ନଷ୍ଟ ହୋଇ ଅଳିଆ ସୃଷ୍ଟି କରୁଛି । ସେଗୁଡିକ ସ୍କ୍ରାପ ହୋଇଗଲେ ପରିବେଶ ପରିଷ୍କାର ରହିବା ସାଙ୍ଗକୁ ରାଜସ୍ୱ ମିଳିବ ବୋଲି ବିଏମ୍‌ସି କହିଛି ।

ଦୁର୍ଘଟଣା, ଚୋରା ଗାଡି ଓ ଅନ୍ୟାନ୍ୟ କେତେକ ମାମଲାରେ ଜବତ ହୋଇ ଭୁବନେଶ୍ୱର ସବୁ ଥାନାରେ ପଡିରହିଛି । କେତେକ ଗାଡିରେ ଦାବିଦାର ନଥିବା ବେଳେ ଅନ୍ୟ କେତେକ ଗାଡିର ମାମଲା ଅଦାଲତରେ ଲାଗି ରହିଛି । ତାହା ସ୍କ୍ରାପ ହୋଇପାରିବ କି ନାହିଁ, ସ୍ପଷ୍ଟ ଜଣାପଡିନାହିଁ । ବିଶେଷଜ୍ଞଙ୍କ କହିବାନୁଯାୟୀ ମାମଲା ଥିବା ଗାଡିଗୁଡିକ ସ୍କ୍ରାପ ହୋଇପାରିବ ନାହିଁ । ଦାବିଦାର ନଥିବା ଗାଡି ସ୍କ୍ରାପ ହେବାରେ କୌଣସି ଅସୁବିଧା ନାହିଁ ।

ଗଦା ହୋଇଥିବା ଗାଡିଗୁଡିକ ମଧ୍ୟରେ ବାଇକ୍, ସ୍କୁଟର, କାର୍, ଟ୍ରକ୍, ବସ୍ ପ୍ରଭୃତି ରହିଛି । କେତେକ ଗାଡି ଦୀର୍ଘବର୍ଷ ପଡିରହିବା ଦ୍ୱାରା ମାଟିରେ ପୋତିହୋଇ ଗଲାଣି । ଏହି ସ୍କ୍ରାପ ହେବା ନେଇ ପୋଲିସ ବହୁବାର ଉଦ୍ୟମ କରିଥିଲେ ମଧ କିଛିବର୍ଷ ତଳେ ଦାବିଦାର ନଥିବା ଗାଡି ସ୍କ୍ରାପ ହୋଇଥିଲା । ଏଗୁଡିକ ପଡିରହିବା ଫଳରେ ଥାନା ଗୁଡିକ ପରିବେଶ ଉଜୁଡି ଯାଉଛି । ମଡେଲ ଥାନା ପାଇଁ ବହୁକୋଟି ଟଙ୍କା ଖର୍ଚ୍ଚ ହେଉଛି । ସେଥିପାଇଁ ଥାନା କୋଠା ସୁନ୍ଦର ଥିବା ବେଳେ ଏହି ଗାଡିଗୁଡିକ ପଡିରହି ପରିବେଶକୁ ନଷ୍ଟ କରୁଛି । ବିଏମ୍‌ସି ପୋଲିସ କମିଶନରଙ୍କୁ ଚିଠି ଲେଖିବା ପରେ କ'ଣ ନିଷ୍ପତ୍ତି ହେବ ପରେ ଜଣାପଡିବ ।

### ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପ୍ରଚାର ସମିତି ପକ୍ଷରୁ
# ସ୍କନ୍ଦ ପୁରାଣ ପଠନ ଓ ଆଲୋଚନା କର୍ମଶାଳା



ଭୁବନେଶ୍ୱର (ସବ୍ୟ): ପୂଜ୍ୟ ମହନ୍ତ ରାମକୃଷ୍ଣ ଦାସ ମହାରାଜ, ପୂଜ୍ୟ ବାବାଜୀ ସତ୍ୟାନନ୍ଦ ଦାସ ସମ୍ପାଦକ ପ୍ରଭାକର ମଲ୍ଲିକ ଙ୍କ ମାର୍ଗ ଦର୍ଶନ ରେ ଜଗନ୍ନାଥ ପାଞ୍ଚରାତ୍ର ପ୍ରଚାର ସମିତି ତରଫରୁ ଏକ କର୍ମଶାଳା ରାଧାବଲ୍ଲଭ ମଠ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏହା ପ୍ରତିମାସ ର ପ୍ରଥମ ରବିବାର ସକାଳ ୧୧ଘଟିକା ରେ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ଏହି କର୍ମଶାଳା ରେ ପ୍ରଥମେ ଓମ ଉଚ୍ଚାରଣ, ତା ପରେ ଜଗନ୍ନାଥ ଜଗନ୍ନାଥ ଜଗନ୍ନାଥ ପାହିମାମ.. ତା ପରେ ନୀଳାଦ୍ରୌ ଶଙ୍ଖ ମଦ୍ଧ୍ୟେ ଶତଦଳ...ଜଗନ୍ନାଥ ଅଷ୍ଟକମ, ପୁରାତନ ପାରମ୍ପରିକ ଭଜନ କରାଯିବ,ପରେ ପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସ୍କନ୍ଦ ପୁରାଣ ଶ୍ରୀ ପୁରୁଷୋତ୍ତମ ଖଣ୍ଡ ର ଏକ ଅଧ୍ୟାୟ ପଢ଼ାଯାଇ ଆଲୋଚନା କରାଯିବ । ଶେଷରେ ଗୀତ ଗୋବିନ୍ଦ ଭଜନ ଶ୍ରୀତ କମଳ... ବୋଲାଯାଇ ସଭା ସମାପ୍ତି କରାଯିବ। ଏହି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କାର୍ଯ୍ୟକ୍ରମ ନିରଞ୍ଜନ ଦାଶ ବୈକୁଣ୍ଠ ମହାପାତ୍ର ରାଧାବଲ୍ଲଭ ସିଂ ଡ ନାରାୟଣ ମହାପାତ୍ର, ପୁଷ୍ପାଞ୍ଜଳି ପାତ୍ର, ତନ୍ମୟ ସାହୁ ., ସୁରେଶ ମିଶ୍ର, ତ୍ରିଲୋଚନ ନାୟକ, ବଂଶୀଧର ନାୟକ, ଭାରତୀ ଭୂଷଣ ପଟ୍ଟନାୟକ, ଶ୍ରୀନିବାସ ର ପ୍ରମୁଖ ଯୋଗ ଦେଇଥିଲେ ।

# ଓଡ଼ିଶାର ଖୁଚୁରା ଇକୋସିଷ୍ଟମକୁ ସୁଦୃଢ଼ କରିଛି କୋକା-କୋଲା ଇଣ୍ଡିଆ

ଭୁବନେଶ୍ୱର (ସବ୍ୟ): କୋକା-କୋଲା ଇଣ୍ଡିଆ ଏହାର ବଟଲିଂ ଅଂଶୀଦାର ହିନ୍ଦୁସ୍ତାନ କୋକା-କୋଲା ବେଭରେଜସ୍ ପ୍ରାଇଭେଟ୍ ଲିମିଟେଡ୍ (ଏଚସିସିବି) ସହିତ ମିଶି ସ୍ଥାନୀୟ ଦୋକାନ ମାଲିକ ମାନଙ୍କୁ ଆଧୁନିକ ଦକ୍ଷତା, ଉନ୍ନତ ଭିତିଭୂମି ଏବଂ ସେମାନଙ୍କ ବ୍ୟବସାୟ ସମ୍ପ୍ରସାରଣ ପାଇଁ ମାର୍ଗ ସହିତ ସଶକ୍ତ କରି ଓଡ଼ିଶାରେ ଖୁଚୁରା ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରୁଛି। ଏହି ପଦକ୍ଷେପ ଉଭୟ ଖୁଚୁରା ବ୍ୟବସାୟୀ ଏବଂ ଉପଭୋକ୍ତାଙ୍କୁ ଏକ ଶକ୍ତିଶାଳୀ, ଅଧିକ ସଂଯୁକ୍ତ ବଜାରରୁ ଉପକୃତ କରିବା ସୁନିଶ୍ଚିତ କରିବା ସହିତ କ୍ଷମତା ନିର୍ମାଣକୁ ଗ୍ରାଉଣ୍ଡ ସମର୍ଥନ ସହିତ ମିଶ୍ରଣ କରେ । ଏହି ପ୍ରୟାସର କେନ୍ଦ୍ରବିନ୍ଦୁ ହେଉଛି ଜାତୀୟ ଦକ୍ଷତା ବିକାଶ ନିଗମ (ଏନଏସଡିସି) ସହିତ ଭାଗିଦାରୀରେ ପରିଚାଳିତ ସୁପର ପାୱାର ରିଟେଲର୍ କାର୍ଯ୍ୟକ୍ରମ, ଯାହା କ୍ଷୁଦ୍ର ଏବଂ କ୍ଷୁଦ୍ର ଖୁଚୁରା ବ୍ୟବସାୟୀ, ବିଶେଷ କରି କିରାନା ଷ୍ଟୋର୍ ମାଲିକ ମାନଙ୍କୁ ଗ୍ରାହକ ନିଯୁକ୍ତି, ସାମଗ୍ରୀ ଯୋଜନା ଏବଂ ଆର୍ଥିକ ପରିଚାଳନାରେ ତାଲିମ ଦେଇଥାଏ। ଓଡ଼ିଶାରେ ଶ୍ରେଣୀ ଗୃହ ଅଧିବେଶନ ମାଧ୍ୟମରେ ଏବଂ ଦେଶବ୍ୟାପୀ ଏକ ଅନଲାଇନ୍ ସାର୍ଟିଫିକେଟ୍ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଭାଷାରେ ଆୟୋଜିତ ଏହି ପଦକ୍ଷେପ ୨୧,୦୦୦ରୁ ଅଧିକ ଖୁଚୁରା ବ୍ୟବସାୟୀଙ୍କୁ ଉପଭୋକ୍ତା ପସନ୍ଦ ଏବଂ ବଜାର ଗତିଶୀଳତାକୁ ପୂରଣ କରିବାରେ ସକ୍ଷମ କରିଛି। ସ୍ଥାନୀୟ ଖୁଚୁରା ବ୍ୟବସାୟୀ ଗାୟତ୍ରୀ ସେନାପତିଙ୍କ ପାଇଁ, ଏହାର ଅର୍ଥ କେବଳ ବ୍ୟବସାୟିକ ଅଭିବୃଦ୍ଧି ନୁହେଁ। ସେ କହିଲେ, "ମୁଁ ଏଗାର ବର୍ଷ ଧରି କୋକା-କୋଲା ଉତ୍ପାଦ ବିକ୍ରି କରୁଛି। ଅନେକ ଲୋକ ଆସି ଥମ୍ସ ଅପ୍, ସ୍ପ୍ରାଇଟ ଏବଂ କୋକା-କୋଲା ଅର୍ଡର କରନ୍ତି, ଆମର ପ୍ରଦର୍ଶନ ଲୋକମାନଙ୍କୁ ଆକର୍ଷିତ କରେ। ଏହା ଆମକୁ ଗର୍ବିତ କରେ । କରଣ ଅଚପାଲ, ଉପାଧ୍ୟକ୍ଷ-ଫ୍ରାଂଚାଇଜ୍ ଅପରେସନ୍, ଡେଭଲପିଙ୍ଗ୍ ମାର୍କେଟ୍, କୋକା-କୋଲା ଇଣ୍ଡିଆ ଏବଂ ଦକ୍ଷିଣ-ପଶ୍ଚିମ ଏସିଆ କହିଛନ୍ତି, "ଓଡ଼ିଶା ଭଳି ପ୍ରମୁଖ ବଜାରରେ ଖୁଚୁରା ଇକୋସିଷ୍ଟମକୁ ସୁଦୃଢ଼ କରିବା ଭାରତରେ କୋକା-କୋଲାର ଅଭିବୃଦ୍ଧି ରଣନୀତିର ଏକ ଆଧାର। ସୁଦୃଢ଼ ଭିତିଭୂମି ସହାୟତା ସହିତ ସାମର୍ଥ୍ୟ-ନିର୍ମାଣ ପଦକ୍ଷେପକୁ ସମନ୍ୱିତ କରି, ଆମେ କେବଳ ଖୁଚୁରା ବ୍ୟବସାୟୀମାନଙ୍କୁ ବିକଶିତ ଉପଭୋକ୍ତା ଆବଶ୍ୟକତାକୁ ପୂରଣ କରିବା ପାଇଁ ସଶକ୍ତ କରୁନାହୁଁ ବରଂ ଆମର ବିତରଣ ନେଟୱାର୍କକୁ ମଧ୍ୟ ସୁଦୃଢ଼ କରୁଛୁ। ଏହି ଆଭିମୁଖ୍ୟ ଖୁଚୁରା ବ୍ୟବସାୟୀଙ୍କ ପାଇଁ ସ୍ଥାୟୀ ଅଭିବୃଦ୍ଧିକୁ ଆଗେଇ ନେଉଛି, ଯାହା ଗ୍ରାହକଙ୍କୁ ସମୃଦ୍ଧ ଅନୁଭୂତି ପ୍ରଦାନ କରିବା ସହିତ ସେମାନଙ୍କର ଉନ୍ନତି ସୁନିଶ୍ଚିତ କରୁଛି।

# ଏଆଇଏନୟୁ ପକ୍ଷରୁ ନୂଆ ହସ୍ପିଟାଲ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟ) : ୟୁରୋ-ନେଫ୍ରୋ କେୟାର ଉପରେ କେନ୍ଦ୍ରିତ ଭାରତର ସର୍ବବୃହତ ସିଙ୍ଗଲ-ସ୍ପେଶାଲିଟି ଚେନ, ଏସିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ନେଫ୍ରୋଲୋଜି ଆଣ୍ଡ ୟୁରୋଲୋଜି (ଏଆଇଏନୟୁ) ହାଇଦ୍ରାବାଦର ବଞ୍ଜାରା ହିଲ୍‌ସଠାରେ ଏହାର ନୂତନ ହସ୍ପିଟାଲର ଶୁଭାରମ୍ଭ ସହିତ ଏକ ବଡ ସଫଳତାକୁ ଚିହ୍ନିତ କରିଛି। ଏହି ଫ୍ଲାଗସିପ ହସ୍ପିଟାଲରେ ୧୫୦ଟି ବେଡ, ୪ଟି ଅପରେଟିଂ ରୁମ, ୩୫ ଟି ଡାଏଲିସିସ ବେଡ୍‌ର ମିଳିତ କ୍ଷମତା ଏବଂ ଜଟିଳ ୟୁରୋଲୋଜି ଓ ନେଫ୍ରୋଲୋଜି ସର୍ଜରୀଗୁଡିକ ପାଇଁ ନୂତନ ପିଢିର ରୋବୋଟିକ ଟେକ୍ନୋଲୋଜି ରହିଛି, ଯାହା ଏହାକୁ ଭାରତରେ ଏହି ସିଙ୍ଗଲ ସ୍ପେଶାଲିଟି କ୍ଷେତ୍ରରେ ସର୍ବବୃହତ କର୍ପୋରେଟ ହସ୍ପିଟାଲରେ ପରିଣତ କରୁଛି।

### କଳାହାଣ୍ଡିର ୩ ଲକ୍ଷରୁ ଅଧିକ ସ୍ଥାନୀୟ ଲୋକଙ୍କ ଜୀବନ ଜିବିକା ବିପଦରେ
# ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ଲାଞ୍ଜିଗଡ଼ ବିଧାୟକ



ଭୁବନେଶ୍ୱର, (ସବ୍ୟ): ଲାଞ୍ଜିଗଡ଼ ଆଂଚଳିକ ବିକାଶ ପରିଷଦ (ଏଲଏଭିପି) ବ୍ୟାନରରେ ଶନିବାର ଲାଞ୍ଜିଗଡ଼ରେ ଏକ ବିଶାଳ ପ୍ରତିବାଦ ପରେ, ଯେଉଁଠାରେକି କଳାହାଣ୍ଡିର ପ୍ରାୟ ୫,୦୦୦ ଗ୍ରାମବାସୀ, ଯୁବକ ଏବଂ ସମ୍ପ୍ରଦାୟ ନେତା ସ୍ଥାନୀୟ ବକ୍ସାଇଟ୍ ଖଣି ତୁରନ୍ତ ଖୋଲିବା ପାଇଁ ଦାବି କରିଥିଲେ, ଆନ୍ଦୋଳନର ପ୍ରତିନିଧିମାନେ ଲାଞ୍ଜିଗଡ଼ର ମାନ୍ୟବର ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କୁ ଭେଟିଥିଲେ।

ବୈଠକ ପରେ ବିଧାୟକ ପ୍ରଦୀପ କୁମାର ଦିଶାରୀ କହିଥିଲେ, "ଓଡ଼ିଶା ବିଶ୍ୱର ସବୁଠାରୁ ଧନୀ ବକ୍ସାଇଟ୍ ସଂରକ୍ଷଣ ସ୍ଥାନ ରଖିଛି, ତଥାପି ଆମେ ଏବେ ବି ଆମଦାନୀ ଉପରେ ନିର୍ଭର କରୁଛୁ। ଏହା ଆମ ଲୋକଙ୍କ ଏବଂ ଆମର ସମ୍ଭାବନା ଉଭୟ ପ୍ରତି ବିଶ୍ୱାସଘାତକତା। ଏହି ଲଢ଼େଇ ଆମ ଯୁବପିଢ଼ିଙ୍କ ଭବିଷ୍ୟତ ବିଷୟରେ। ସ୍ଥାନୀୟ ଖଣି ବିନା, ପ୍ରତିବର୍ଷ ହଜାର ହଜାର ଲୋକ କାମ ଖୋଜିବାକୁ କଳାହାଣ୍ଡି ଛାଡି ବାହାରକୁ ଯାଆନ୍ତି। ଯଦି ଖଣି ଖୋଲିଯାଏ, ତେବେ ସେମାନେ ଏଠାରେ ରହିପାରିବେ, କାମ କରିପାରିବେ ଏବଂ ସମୃଦ୍ଧ ହୋଇପାରିବେ। ଜଷ୍ଟିସ୍ ଏସ.ଏଚ୍. କାପାଡିଆଙ୍କ ନେତୃତ୍ୱରେ ସୁପ୍ରିମକୋର୍ଟଙ୍କ ୨୦୦୮ ମସିହାର ରାୟ ଦାୟିତ୍ୱ ସହିତ ଅଭିବୃଦ୍ଧି ପାଇଁ ଏକ ସ୍ପଷ୍ଟ ପଥ ଦେଇଥିଲା। ଏହା ସ୍ଥାୟୀ ଖଣିକୁ ସୁରକ୍ଷା ସହିତ ବାଧ୍ୟତାମୂଳକ କରିଥିଲା - ସ୍ଥାନୀୟ ସମ୍ପ୍ରଦାୟ ବିକାଶ, ବନୀକରଣ, ପରିବେଶଗତ ପୁନରୁଦ୍ଧାର, ଭୂତଳ ଜଳ ଏବଂ ବନ୍ୟପ୍ରାଣୀ ସୁରକ୍ଷା ଏବଂ ଏକ ବ୍ୟାପକ ଆଦିବାସୀ ବିକାଶ ଯୋଜନା ପାଇଁ ୫% ଲାଭ। ଏହି ମଡେଲ୍ ନିଶ୍ଚିତ କରେ ଯେ ଖଣି ଶୋଷଣ ନୁହେଁ ବରଂ ସଶକ୍ତିକରଣ। ଏହା ପରିବେଶକୁ ସୁରକ୍ଷା ଦେବା ସହିତ ଆମ ଲୋକଙ୍କ ପାଇଁ ସ୍କୁଲ, ହସ୍ପିଟାଲ, ରାସ୍ତା, ଚାକିରି ଏବଂ ମର୍ଯ୍ୟାଦା ସୃଷ୍ଟି କରେ।

ବିଧାୟକ କଳାହାଣ୍ଡିର ଲୋକଙ୍କ ସହିତ ତାଙ୍କର ଏକତା ବୃଦ୍ଧି କରି ଆଶ୍ୱାସନା ଦେଇଥିଲେ ଯେ ସେମାନଙ୍କର ଦାବି ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉଠାଇବେ। ସେ ପ୍ରତିଶ୍ରୁତି ଦେଇଥିଲେ ଯେ କଳାହାଣ୍ଡିର ଲୋକଙ୍କ ସ୍ୱର ଶୁଣାଯିବା ପାଇଁ ସେ ବ୍ୟକ୍ତିଗତ ଭାବରେ ରାଜ୍ୟ ସରକାରଙ୍କ ସର୍ବୋଚ୍ଚ ସ୍ତରରେ ଏହି ମାମଲା ଉଠାଇବେ। ଦିଶାରୀ ଜୋର ଦେଇ କହିଥିଲେ ଯେ ବକ୍ସାଇଟ୍ ଖଣି ଖୋଲିବା ପାଇଁ ଦାବି କେବଳ ଏକ ଆର୍ଥିକ ଆବଶ୍ୟକତା ନୁହେଁ ବରଂ ଏକ ସାମାଜିକ ବାଧ୍ୟବାଧକତା, ଏବଂ ସେମାନଙ୍କ ସପକ୍ଷରେ ଏକ ଦୃଢ଼ ନିଷ୍ପତି ନନିଆଯିବା ପର୍ଯ୍ୟନ୍ତ ସମ୍ପ୍ରଦାୟ ସହିତ ଠିଆ ହେବାକୁ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀଧର ପେସନିଆ, ସଭାପତି- ଏଲଏଭିପି, ଚନ୍ଦ୍ର ବେହେରା, ପରାମର୍ଶଦାତା- ଏଲଏଭିପି, ଚନ୍ଦ୍ର ପେସନିଆ, ପରାମର୍ଶଦାତା, ଏବଂ ଯୁବ ନେତା, ସୁବାସ ଅଗ୍ରୱାଲ, ସମାଜସେବି ଦାବି ଜଣାଇବା ପାଇଁ ଲାଞ୍ଜିଗଡ଼ର ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କୁ ଭେଟିଥିଲେ।

# ଟ୍ରମ୍ପଙ୍କୁ ଝଟକା ଦେଲେ ୟୁରୋପର ଦୁଇ ଦେଶ

ନୂଆଦିଲ୍ଲୀ: ଭାରତ ପରେ, ଏବେ ଆମେରିକାକୁ ମଧ୍ୟ ୟୁରୋପରୁ ଏକ ବଡ଼ ଝଟକା ଲାଗିଛି। ସ୍ପେନ୍ ଏବଂ ସ୍ୱିଜରଲ୍ୟାଣ୍ଡ ଆମେରିକାର ୫ମ ପିଢ଼ିର ଲଢୁଆ ବିମାନ ଏଫ-୩୫ କିଣିବାକୁ ସ୍ପଷ୍ଟ ଭାବରେ ମନା କରିବା ପରେ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ଆଶା ଧୂଳିସାତ ହୋଇଯାଇଛି । ଉଭୟ ୟୁରୋପୀୟ ଦେଶ ଅନ୍ୟ ବିକଳ୍ପଗୁଡ଼ିକୁ ପ୍ରାଧାନ୍ୟ ଦେଇ ସେମାନଙ୍କର ପ୍ରତିରକ୍ଷା ରଣନୀତିକୁ ଏକ ନୂତନ ଦିଗ ଦେଇଛନ୍ତି।ସ୍ପେନ୍ ଏବଂ ସ୍ୱିଜରଲ୍ୟାଣ୍ଡ ଦ୍ୱାରା ସାମ୍ପ୍ରତିକ ନିଷ୍ପତ୍ତି ୟୁରୋପ ଆମେରିକାର ଏଫ-୩୫ ଲଢୁଆ ବିମାନ କିଣିବାଠାରୁ ନିଜକୁ ଦୂରେଇ ରଖିବାର ପଦକ୍ଷେପକୁ ଆହୁରି ସ୍ପଷ୍ଟ କରିଛି। ଏହି ପଦକ୍ଷେପ କେବଳ ମୂଲ୍ୟ ବିବାଦ ଯୋଗୁଁ ନୁହେଁ, ବରଂ ଆମେରିକାର "ସ୍ଥାୟୀ ଏକାଧିକାର" ବିଷୟରେ ମଧ୍ୟ ଚିନ୍ତା କରୁଛି, ଯେଉଁଥିରେ ଆମେରିକା ଭବିଷ୍ୟତର ସମସ୍ତ ଅପଗ୍ରେଡ୍, ସଫ୍ଟୱେର୍ ଏବଂ କାର୍ଯ୍ୟକ୍ଷମ ତଥ୍ୟକୁ ନିୟନ୍ତ୍ରଣ କରିବ। ଏହି ପରିସ୍ଥିତି ପରିବର୍ତ୍ତିତ ରାଜନୈତିକ ପରିସ୍ଥିତିରେ ରଣନୈତିକ ବିପଦ ସୃଷ୍ଟି କରେ। ବାସ୍ତବରେ ସ୍ପେନ୍ ପୂର୍ବରୁ ତାର ନୌସେନାର ଜୁଆନ୍ କାର୍ଲୋସ୍ ବିମାନ ବାହକ ପାଇଁ ଏଫ-୩୫ କିଣିବା ଆଶା କରାଯାଉଥିଲା, କିନ୍ତୁ ଏହା ବର୍ତ୍ତମାନ ସେହି ଯୋଜନାକୁ



ବାତିଲ କରିଦେଇଛି। ବଦଳରେ, ସ୍ପେନ୍ ୨୫ଟି ନୂତନ ୟୁରୋଫାଇଟର୍ ଟାଇଫୁନ୍ କିଣିବାକୁ ନିଷ୍ପତ୍ତି ନେଇଛି ଏବଂ ଫ୍ୟୁଚର୍ କମ୍ବାଟ୍ ଏୟାର ସିଷ୍ଟମ୍ (ଏଇଅଗ) ଉପରେ ଧ୍ୟାନ ଦେବାକୁ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି ସ୍ପେନର ନୌସେନା ଶକ୍ତିକୁ ବର୍ତ୍ତମାନ ପାଇଁ ଦୁର୍ବଳ କରିବ କାରଣ ଆଗାମୀ ଦଶ ବର୍ଷ ପାଇଁ ଏହାର ପଞ୍ଚମ ପିଢ଼ିର ବିମାନ ରହିବ ନାହିଁ। କିନ୍ତୁ ଏହା ଘରୋଇ ଶିଳ୍ପକୁ ଲାଭ ଦେବ। ଅନ୍ୟପଟେ ସ୍ୱିଜରଲ୍ୟାଣ୍ଡ ୨୦୨୨ରେ ୩୬ଟି ଏଫ-୩୫ ବିମାନ କ୍ରୟକୁ ଅନୁମୋଦନ କରିଥିଲା, ଯାହାର ମୂଲ୍ୟ ପ୍ରାୟ ୬ ବିଲିୟନ ସ୍ୱିସ୍ ଫ୍ରାଙ୍କ୍ ଥିଲା। କିନ୍ତୁ ୨୦୨୩ ଶେଷ ସୁଦ୍ଧା, ପରିସ୍ଥିତି ପରିବର୍ତ୍ତନ ହେବା ଆରମ୍ଭ ହେଲା। ଆମେରିକା ପକ୍ଷରୁ ସ୍ୱିଜରଲାଣ୍ଡ ଅଧିକାରୀମାନଙ୍କୁ କୁହାଯାଇଥିଲା ଯେ ଚୁକ୍ତି ସମ୍ପୂର୍ଣ୍ଣ ସ୍ଥିର ହୋଇନାହିଁ ଏବଂ ସାମଗ୍ରୀ ଖର୍ଚ୍ଚ ବୃଦ୍ଧି ପାଇଲେ ମୂଲ୍ୟ ୬୫୦ ନିୟୁତ ଫ୍ରାଙ୍କ୍ କିମ୍ବା ତା'ଠାରୁ ଅଧିକ ବୃଦ୍ଧି ପାଇପାରେ। ୱାଶିଂଟନ୍ ତାଦପରେ ସ୍ୱିସ୍ ରପ୍ତାନି ଉପରେ ନୂତନ ଶୁଳ୍କ ଲାଗୁ କରିଥିଲା। ଆଉ ଏହାକୁ ନେଇ ଏବେ ସ୍ୱିଜରଲାଣ୍ଡ ମଧ୍ୟ ଏହି ବିମାନ କିଣିବାକୁ ମନା କରିଦେଇଛି

# ଇରାନ ମୁଣ୍ଡ ନୁଆଁଇବ ନାହିଁ : ଖାମେନି

ତେହେରାନ : ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନି ପୁଣି ଥରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଚ୍ୟାଲେଞ୍ଜ କରିଛନ୍ତି। ରବିବାର ସେ ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ ତେହେରାନ କୌଣସି ପରିସ୍ଥିତିରେ ଆମେରିକାର ଚାପ ଆଗରେ ମୁଣ୍ଡ ନୁଆଁଇବ ନାହିଁ।

ସେ କହିଛନ୍ତି ଯେ ଯେଉଁମାନେ ଆମେରିକା ସହିତ ସିଧାସଳଖ ଆଲୋଚନାକୁ ସମର୍ଥନ କରନ୍ତି ସେମାନେ କେବଳ ଉପରମୁହାଁ ଜିନିଷ ଦେଖୁଛନ୍ତି, ଯେତେବେଳେ କି ପ୍ରକୃତ ପ୍ରସଙ୍ଗ ବହୁତ ଗଭୀର ଏବଂ ତାହାର କୌଣସି ସମାଧାନ ନାହିଁ। ଖମେନିଙ୍କ ଏହି ବୟାନ ଏପରି ଏକ ସମୟରେ ଆସିଛି ଯେତେବେଳେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାକଚି ବ୍ରିଟେନ, ଫ୍ରାନ୍ସ ଏବଂ ଜର୍ମାନୀର



ବୈଦେଶିକ ମନ୍ତ୍ରୀଙ୍କ ସହ ଆଲୋଚନା ପରେ ଆସନ୍ତା ସପ୍ତାହରେ ପରମାଣୁ ଆଲୋଚନା ପୁନଃ ଆରମ୍ଭ କରିବାକୁ ରାଜି ହୋଇଛନ୍ତି। ୟୁରୋପୀୟ ଦେଶମାନେ ଚେତାବନୀ ଦେଇଛନ୍ତି ଯେ ଯଦି ତେହେରାନ ଆଲୋଚନା କରିବାକୁ ମନା କରେ, ତେବେ ପୁରୁଣା ଜାତିସଂଘ କଟକଣା ପୁନର୍ବାର ଲାଗୁ କରାଯିବ।

ଇରାନ ବର୍ତ୍ତମାନ ୬୦% ପର୍ଯ୍ୟନ୍ତ ୟୁରାନିୟମ ସମୃଦ୍ଧ କରିଛି, ଯାହା ଅସ୍ତ୍ର-ଗ୍ରେଡ୍ ୯୦% ଠାରୁ ମାତ୍ର ଗୋଟିଏ ପାଦ ତଳେ ଅଛି। ଜୁନ୍ ମାସରେ ୧୨ଦିନିଆ ଇରାନ-ଇସ୍ରାଏଲ ସଂଘର୍ଷ ସମୟରେ ଇରାନର ପରମାଣୁ ପ୍ରତିଷ୍ଠାନ ଉପରେ ଆକ୍ରମଣ ପରେ ତେହେରାନ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ) ସହିତ ସହଯୋଗ ବନ୍ଦ କରିଦେଇଥିଲା। ଏହି କାରଣରୁ ୟୁରୋପୀୟ ଦେଶଗୁଡ଼ିକ ଆଉ ଅପେକ୍ଷା କରିବାକୁ ଚାହୁଁନାହାଁନ୍ତି।

# ଭାରତୀୟ ରେଳ ମାନଚିତ୍ର ସହ ଯୋଡ଼ିହେବ ମିଜୋରାମ

ଆଇଜୋଲ: ମିଜୋରାମର ରାଜଧାନୀ ଆଇଜୋଲ ପ୍ରଥମ ଥର ପାଇଁ ଭାରତୀୟ ରେଳ ମାନଚିତ୍ର ସହିତ ଯୋଡ଼ି ହେବାକୁ ଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟବାସୀଙ୍କୁ ଏକ ବଡ଼ ଉପହାର ଦେବାକୁ ଯାଉଛନ୍ତି । ଆସନ୍ତା ମାସରେ ବୈରାବି ସାଇରଙ୍ଗ ରେଳ ଲାଇନର ଉଦଘାଟନ ହେବାକୁ ଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ୧୩ ସେପ୍ଟେମ୍ବରରେ ଏହି ରେଳ ଲାଇନର ଉଦଘାଟନ କରିବେ ।

ଏହା ସହିତ, ମୁଖ୍ୟମନ୍ତ୍ରୀ ଲାଲଡୁହୋମା କହିଛନ୍ତି ଯେ, ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ଗସ୍ତ ବିଷୟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି ।



ଏହି ରେଳ ଲାଇନ ଆଇଜୋଲକୁ ସମଗ୍ର ଦେଶ ସହିତ ସଂଯୋଗ କରିବ । ପ୍ରଥମେ ଏହା ଆସାମର ସିଲଚର ସହିତ ଆଇଜଲକୁ ସଂଯୋଗ କରିବ । ତାଦପରେ ସେଠାରୁ ଏହା ସମଗ୍ର ଦେଶ ସହିତ ସଂଯୋଗ କରିବ । ଏହି ରେଳପଥରେ ୪୮ଟି ସୁଡ଼ଙ୍ଗ ଅନ୍ତର୍ଭୁକ୍ତ, ଯାହାର ଲମ୍ବ ୧୨.୮ କିଲୋମିଟର ଏବଂ ୫୫ଟି ବଡ଼ ସେତୁ ରହିଛି । ଏହା ସହିତ, ୮୭ଟି ଛୋଟ ସେତୁ ମଧ୍ୟ ନିର୍ମାଣ କରାଯାଇଛି । ଏହାର ୧୯୬ ନମ୍ବର ସେତୁର ଉଚ୍ଚତା ଦିଲ୍ଲୀର କୁତୁବ ମୀନାର ଠାରୁ ଅଧିକ । ଏହି ସେତୁର ଉଚ୍ଚତା ୧୦୪ ମିଟର । ଏହି ପ୍ରକଳ୍ପ ମିଜୋରାମକୁ ଦେଶର ଅନ୍ୟାନ୍ୟ ଅଂଶ ସହିତ ଉତ୍ତମ ଭାବରେ ସଂଯୋଗ କରିବ ଏବଂ ଉତ୍ତର-ପୂର୍ବ କ୍ଷେତ୍ରରେ ବାଣିଜ୍ୟ ସହିତ ପର୍ଯ୍ୟଟନକୁ ଏକ ନୂତନ ଦିଗ ପ୍ରଦାନ କରିବ ।

ମୁଖ୍ୟମନ୍ତ୍ରୀ ଲାଲଡୁହୋମା କହିଛନ୍ତି ଯେ, ସାଇରଙ୍ଗ ରେଳ ଷ୍ଟେସନକୁ ଏକ ବିଶ୍ୱସ୍ତରୀୟ ସୁବିଧା କେନ୍ଦ୍ର ଭାବରେ ବିକଶିତ କରାଯିବ । ଏହା ପରେ, ଏହି ରେଳ ଷ୍ଟେସନରୁ ରାଜଧାନୀ ଏକ୍ସପ୍ରେସ ସେବା ମଧ୍ୟ ଆରମ୍ଭ ହେବ । ଏହି ରେଳ ପ୍ରକଳ୍ପ କେନ୍ଦ୍ରର ପୂର୍ବ ନୀତିର ଏକ ଅଂଶ, ଯାହା ଏକ ୫୧.୩୮ କିଲୋମିଟର ଲମ୍ବା ରେଳ ପ୍ରକଳ୍ପ । ଏହାର ଲକ୍ଷ୍ୟ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଉତ୍ତମ ସଂଯୋଗ ଏବଂ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବା ।

# ଅନିଶ ଦୟାଲ ସିଂହ ହେଲେ ଡେପୁଟି ଏନ୍ଏସ୍ଏ

ନୂଆଦିଲ୍ଲୀ: ସିଆରପିଏଫ ଓ ଆଇଟିବିପିର ପୂର୍ବତନ ମହାନିର୍ଦ୍ଦେଶକ (ଡିଜି) ଅନିଶ ଦୟାଲ ସିଂହଙ୍କୁ ଉପ ଜାତୀୟ ସୁରକ୍ଷା ପରାମର୍ଶଦାତା (ଡେପୁଟି ଏନଏସଏ) ନିଯୁକ୍ତ କରାଯାଇଛି। ତାଙ୍କୁ ଅନ୍ତରୀଣ ବ୍ୟାପାର ଦାୟିତ୍ୱ ନ୍ୟସ୍ତ କରାଯାଇଛି। ମଣିପୁର କ୍ୟାଡର ୧୯୮୮ ବ୍ୟାଚ୍ ଆଇପିଏସ୍ ଅଫିସର ସିଂହ ୩୧ ଡିସେମ୍ବର ୨୦୨୪ରେ ସିଆରପିଏଫ ଡିଜି ପଦରେ ଅବସର ଗ୍ରହଣ କରିଥିଲେ। ଏହି ନିଯୁକ୍ତିକୁ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଅଜିତ ଡୋଭାଲଙ୍କ ଟିମକୁ ଅଧିକ ମଜଭୁତ କରାଯିବା ଦିଗରେ ପଦକ୍ଷେପ ମନେ କରାଯାଉଛି।

ଉତ୍ତରପ୍ରଦେଶ ପ୍ରୟାଗରାଜରେ ୧୯୬୪ରେ ଜନ୍ମିତ ଅନିଶ ଦୟାଲ ସିଂହ ତାଙ୍କ କ୍ୟାରିୟରରେ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି ଓ ଜାତୀୟ ସୁରକ୍ଷା କ୍ଷେତ୍ରରେ ତାଙ୍କର ଭୂମିକା ଉଲ୍ଲେଖନୀୟ ରହିଛି। ଏହା ପୂର୍ବରୁ ସେ ଆଇଟିବିପି ଓ ସଶସ୍ତ୍ର ସୀମା



ବଳ (ଏସଏସବି) ମହାନିର୍ଦ୍ଦେଶକ ଭାବେ ତାଙ୍କ ସେବା ଦେଇଛନ୍ତି। ତେବେ ସିଆରପିଏଫ ଡିଜି ଭାବେ ଜମ୍ମୁ-କାଶ୍ମୀରରେ ଅବସ୍ଥାପିତ ଥିବା ବେଳେ ଆତଙ୍କବାଦ ବିରୋଧୀ ଅଭିଯାନମାନଙ୍କରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି।

ଏହାଛଡା ଅଗଷ୍ଟ ୨୦୨୪ରେ ତାଙ୍କୁ ଜାତୀୟ ସୁରକ୍ଷା ଗାର୍ଡ (ଏନଏସଜି) ଓ କେନ୍ଦ୍ରୀୟ ଔଦ୍ୟୋଗିକ ସୁରକ୍ଷା ବଳ (ସିଆଇଏସଏଫ) ଅତିରିକ୍ତ ଦାୟିତ୍ୱ ମଧ୍ୟ ଦିଆଯାଇଥିଲା। ଅନିଶ ଦୟାଲ ତାଙ୍କ କ୍ୟାରିୟରର ପ୍ରାରମ୍ଭ ମଣିପୁର କ୍ୟାଡର ଆଇପିଏସ ଅଧିକାରୀ ଭାବେ ଆରମ୍ଭ କରିଥିଲେ। ସେ ଦୀର୍ଘ ବର୍ଷ ପର୍ଯ୍ୟନ୍ତ କେନ୍ଦ୍ରୀୟ ଗୁଇନ୍ଦା ବ୍ୟୁରୋ (ଆଇବି)ରେ ବିଶେଷ ନିର୍ଦ୍ଦେଶକ ରୂପେ କାମ କରିଥିଲେ, ଯେଉଁଠି ସେ ଅନେକ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ଅପରେସନର ନେତୃତ୍ୱ ନେଇଥିଲେ।

ତାଙ୍କର ବିଶେଷଜ୍ଞତା ଓ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ତାଙ୍କୁ ଡେପୁଟି ଏନଏସଏ ରୂପେ ନିଯୁକ୍ତ କରାଯିବା ଜାତୀୟ ସୁରକ୍ଷା ସମ୍ପର୍କିତ ମାମଲାରେ ଭାରତର ରଣନୀତିକୁ ଆହୁରି ପ୍ରଭାବୀ କରିବାରେ ସହାୟକ ହେବ। ଏନଏସଏ ଅଜିତ ଡୋଭାଲଙ୍କ ନେତୃତ୍ୱରେ ଡେପୁଟି ଏନଏସଏ ରୂପେ ଅନିଶ ଦୟାଲ ଆତଙ୍କବାଦ, ସାଇବର ସୁରକ୍ଷା ଓ ଅନ୍ତରୀଣ ବିପଦ ଭଳି ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେବେ। ତାଙ୍କ ନିଯୁକ୍ତି ଜାତୀୟ ସୁରକ୍ଷା ପରିଷଦ (ଏନଏସସି) ଆହୁରି ମଜଭୁତ ହେବ ବୋଲି ଆଶା କରାଯାଉଛି।

# ବିହାର ରାସ୍ତାରେ ବୁଲେଟ୍ ରାଜା ରାହୁଲ ଗାନ୍ଧି

ପୂର୍ଣ୍ଣିୟା : ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଓ ବିହାର ବିଧାନସଭାରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବଙ୍କ ନେତୃତ୍ୱରେ ଏବେ ବିହାରରେ 'ଭୋଟର ଅଧିକାର ଯାତ୍ରାଦ ଚାଲିଛି। ରବିବାର ଏହି ଯାତ୍ରା ପୂର୍ଣ୍ଣିୟାରେ ଅନୁଷ୍ଠିତ ହୋଇଛି। ଏଥି ପାଇଁ ରାହୁଲ ଓ ତେଜସ୍ୱୀଙ୍କୁ ଖାସ ଅନ୍ଦାଜ ଓ ରଙ୍ଗରେ ଦେଖାଯାଇଛି। ରାହୁଲ ଗାନ୍ଧିଙ୍କୁ ପୂର୍ଣ୍ଣିୟା ସଡ଼କରେ ବୁଲେଟ ମୋଟର ସାଇକେଲ ଚଳାଉଥିବାର ଦେଖାଯାଇଛି, ଯାହା ପାର୍ଟି କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କୁ ବେଶ୍ ଉତ୍ସାହିତ କରିଛି। ରାହୁଲ ବୁଲେଟ ଚଳାଉଥିବାର ଭିଡିଓ କଂଗ୍ରେସ ବିଭିନ୍ନ ସୋସିଆଲ ମିଡଆ ପ୍ଲାଟଫର୍ମରେ ଅପଲୋଡ କରିଛି। ରାହୁଲ ସଡକରେ ବୁଲେଟ ଚଳାଉଥିବା ବେଳେ ତାଙ୍କ ପଛ ସିଟ୍ ରେ ବିହାର କଂଗ୍ରେସ ଅଧକ୍ଷ ରାଜେଶ ରାମଙ୍କୁ ବସିଥିବା ଦେଖାଯାଇଛି। ନିଜ ନେତାଙ୍କୁ ବୁଲେଟ ଚଳାଉଥିବା ଦେଖି କଂଗ୍ରେସ ନେତା ଓ କର୍ମୀଙ୍କ ଉତ୍ସାହ ବେଶ ବଢିଯାଇଛି। ଚଳିତବର୍ଷ ବିହାର ବିଧାନସଭା ନିର୍ବାଚନ ହେବ। ଏଣୁ ରାଜ୍ୟରେ ଏବେ ନେତାଙ୍କ ଗତିବିଧି ବଢିଯାଇଛି। ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତି ମାସରେ ବିହାର ଆସୁଛନ୍ତି। ଅନ୍ୟପଟେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଏସଆଇଆର ବିରୋଧରେ ଭୋଟର ଅଧିକାର ଯାତ୍ରା ନାମରେ ବିହାରରେ ଏବେ କ୍ୟାମ୍ପ ପକାଇଛନ୍ତି। ବିହାରରେ ରାହୁଲ ଗାନ୍ଧିଙ୍କ ସହିତ ଇଣ୍ଡିଆ କୋ-ଅର୍ଡିନେସନ କମିଟି ଚେୟାରମ୍ୟାନ ତେଜସ୍ୱୀ ଯାଦବ ରାହୁଲଙ୍କୁ ସାଥ ଦେଉଛନ୍ତି। ଏହି କ୍ରମରେ ରାହୁଲ ଗାନ୍ଧି ଓ ତେଜସ୍ୱୀ ଯାଦବଙ୍କ କାର୍ଯ୍ୟକ୍ରମ ରବିବାର ବିହାର ପୂର୍ଣ୍ଣିୟା ଓ ଅରରିୟାରେ ଅନୁଷ୍ଠିତ ହୋଇଛି। ପୂର୍ଣ୍ଣିୟାରେ ରାହୁଲ ଗାନ୍ଧିଙ୍କ ବାଇକ୍ ଅବତାର ଦେଖି କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଅଜବ ଉତ୍ସାହ ଦେଖାଯାଇଛି। ଏହା ପୂର୍ବରୁ ମଧ ଦେଖାଯାଇଛି ରାହୁଲ ଗାନ୍ଧିଙ୍କ ଜିପରେ ତେଜସ୍ୱୀ ଡ୍ରାଇଭ କରୁଥିଲେ। ଏଥର ରାହୁଲ ଗାନ୍ଧି ନିଜ ଗାଡ଼ିର ହ୍ୟାଣ୍ଡେଲ ନିଜେ ଧରିଥିବା ବେଳେ ପଛରେ ରାଜ୍ୟ କଂଗ୍ରେସ ଅଧକ୍ଷଙ୍କୁ ବସାଇ ନିଜ ଦଳର ବେଶ୍ ପ୍ରଚାର କରିଛନ୍ତି।

# ୟୁରୋପରେ ପୋଷ୍ଟାଲ ସେବା ସର୍ଭିସ ଉପରେ ଲାଗିଲା ରୋକ

ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫର ପ୍ରଭାବ ଏବେ ପଡିବା ଆରମ୍ଭ ହୋଇଛି। ଯୁକ୍ତରାଷ୍ଟ୍ର ଆମେରିକାକୁ ଆସୁଥିବା କମ ମୂଲ୍ୟର ପ୍ୟାକେଜ ଉପରେ ଟାରିଫ ଶୁଳ୍କରେ ରିହାତି ସମାପ୍ତ ହେବା କାରଣରୁ କେତେକ ଅନ୍ତର୍ଜାତୀୟ ଡାକ ସେବା ଏହି ନିୟମରେ ଅଧିକ ସ୍ପଷ୍ଟତା ଅପେକ୍ଷାରେ ଏବେ ସିପିଙ୍ଗ ରୋକି ଦେଇଛନ୍ତି। 'ଡେ ମିନିମିସ୍' ରିହାତି ଭାବେ ଜଣାଶୁଣା ଏହି ରିହାତିରେ ୮୦୦ ଡଲାରରୁ କମ ମୂଲ୍ୟର ପ୍ୟାକେଜ ଆମେରିକାରେ ଶୁଳ୍କ ମୁକ୍ତ ଥିଲା। ଆମେରିକୀୟ ସୀମା ଶୁଳ୍କ ଓ ସୀମା ପାଟ୍ରୋଲ ଏଜେନ୍ସୀଙ୍କ ତଥ୍ୟ ଅନୁସାରେ ୨୦୨୪ରେ ଏହି ରିହାତିରେ ମୋଟ ୧.୩୬ ବିଲିୟନ ପ୍ୟାକେଜ ପଠାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୬୪.୬ ବିଲିୟନ ଡଲାର ଥିଲା। ୟୁରୋପର ବିଭିନ୍ନ ଡାକ ସେବା ଶନିବାର ଏକ ଘୋଷଣାରେ ନୂଆ ଆମଦାନୀ ଶୁଳ୍କକୁ ନେଇ ଭ୍ରମ ପରିସ୍ଥିତିରେ ଯୁକ୍ତରାଷ୍ଟ୍ର ଆମେରିକାକୁ




ପ୍ୟାକେଜ୍ ସିପମେଣ୍ଟ ନିଲମ୍ବିତ କରାଯାଉଥିବା ସୂଚିତ କରିଛନ୍ତି। ଜର୍ମାନ, ଡେନମାର୍କ, ସ୍ୱିଡେନ ଓ ଇଟାଲୀର ଡାକସେବା ମଧ୍ୟ ତତ୍କାଳ ପ୍ରଭାବରେ ଆମେରିକାକୁ ଅଧିକାଂଶ ମାଲ ପଠାଇବା ଅଟକାଇ ଦେଇଛନ୍ତି। ଫ୍ରାନ୍ସ ଓ ଅଷ୍ଟ୍ରିଆ ମଧ୍ୟ ସୋମବାର ଠାରୁ ଏହି ପଦକ୍ଷେପ ଗ୍ରହଣ କରିବେ। ସେହିପରି ବ୍ରିଟେନର ରୟାଲ ମେଲ ମଧ୍ୟ ମଙ୍ଗଳବାରଠାରୁ ଆମେରିକାକୁ ପଠାଯାଉଥିବା ସିପମେଣ୍ଟ ରୋକି ଦେବ ବୋଲି କହିଛି। ରୟାଲ ମେଲ୍ କହିଛି ଯେ ୟୁନାଇଟେଡ କିଙ୍ଗଡମରୁ ଆସୁଥିବା ୧୦୦ ଆମେରିକୀୟ ଡଲାର ବା ଅଧିକ ମୂଲ୍ୟର ସାମଗ୍ରୀ, ଯେଉଁଥିରେ ମିତ୍ର ଓ ପରିବାରଙ୍କୁ ଦିଆଯାଉଥିବା ଉପହାର ସାମିଲ ରହିଛି ତା ଉପରେ ଅତିରିକ୍ତ ୧୦% ଶୁଳ୍କ ଲାଗିବ।

ତେବେ ୟୁରୋପର ସବୁଠୁ ବଡ଼ ସିପିଙ୍ଗ ସେବା ପ୍ରଦାନକାରୀ କମ୍ପାନୀ ଡିଏଚଏଲ ଏକ ବୟାନରେ କହିଛି ଯେ କେତେକ ପ୍ରମୁଖ ପ୍ରଶ୍ନ ଏବେବି ଅସମାହିତ ରହିଛି। ଖାସ କରି ଭବିଷ୍ୟତରେ ସୀମା ଶୁଳ୍କ କିପରି ଓ କାହା ଦ୍ୱାରା ଅସୁଲ କରାଯିବ, କେଉଁ ଅତିରିକ୍ତ ଡାଟାର ଆବଶ୍ୟକତା ପଡିବ ଓ ଆମେରିକା ସୀମା ଶୁଳ୍କ ଓ ସୀମା ସୁରକ୍ଷାକୁ ଡାଟା କିପରି ପଠାଯିବ? ଆଦି। କମ୍ପାନୀ କହିଛି ଯେ ସେ ଏବେ ଆମେରିକା ଯାଉଥିବା ବ୍ୟବସାୟୀକ ଗ୍ରାହକଙ୍କଠୁ ସାମଗ୍ରୀ ଥିବା ପାର୍ସଲ ଓ ଡାକ ସାମଗ୍ରୀ ସ୍ୱୀକାର ଏବଂ ପ୍ରେରଣ କରିପାରିବ ନାହିଁ।

ତେବେ ପୋଷ୍ଟେ ଇଟାଲିୟନ କହିଛି ଯେ ଯେଉଁ ଡାକ ସିପମେଣ୍ଟରେ ସାମାନ ନଥିବ କେବଳ ସେଗୁଡିକୁ ସ୍ୱୀକାର କରାଯିବ। ବାକି ଡାକ ସେବା ଲୋକେ ଡିଏଚଏଲ ଏକ୍ସପ୍ରେସ୍ ଭଳି ସେବା ଦ୍ୱାରା ସିପିଂ କରିବେ। ସେହିପରି ନେଦରଲ୍ୟାଣ୍ଡରେ ପୋଷ୍ଟଏନଏଲ ମୁଖପାତ୍ର ଭାଉଟ୍ ଭିଟେଭେନ କହିଛନ୍ତି ଯେ ଟ୍ରମ୍ପ ପ୍ରଶାସନ ନୂଆ ଶୁଳ୍କ ଲାଗୁ ଉପରେ ଜୋର ଦେଉଛି, ହେଲେ ଆମେରିକୀୟ ଅଧିକାରୀଙ୍କ ନିକଟରେ ଶୁଳ୍କ ଅସୁଲ ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ। ସେ କହିଛନ୍ତି ଯେ ଏଥି ପାଇଁ ଆମେ ଆମେରିକୀୟ ସମକକ୍ଷଙ୍କ ସହିତ ମିଶି କାମ କରୁଛୁ। ଏଣୁ ପୁରା ୟୁରୋପରୁ ଏବେ ଆମେରିକାକୁ ଡାକ ଯୋଗାଯୋଗ ଠପ ହୋଇଯାଇଛି।

# ୟେମେନ ଉପରେ ଇସ୍ରାଏଲରେ ଏୟାରଷ୍ଟ୍ରାଇକ୍

ନୂଆଦିଲ୍ଲୀ : ୟେମେନର ରାଜଧାନୀ ସାନାରେ ଶକ୍ତି କେନ୍ଦ୍ର ଉପରେ ବିମାନ ଆକ୍ରମଣ କରିଛି ଇସ୍ରାଏଲ। ଇସ୍ରାଏଲୀ ସେନା ଏକ ବିଦ୍ୟୁତ୍ ପ୍ଲାଣ୍ଟ ଏବଂ ଏକ ପେଟ୍ରୋଲ୍ ଷ୍ଟେସନକୁ ଟାର୍ଗେଟ କରିଛି। ଏହି ଅଞ୍ଚଳ ହୁଥି ବିଦ୍ରୋହୀଙ୍କ ନିୟନ୍ତ୍ରଣରେ ଅଛି। ଇସ୍ରାଏଲ ଆଡ଼କୁ କ୍ଲଷ୍ଟର ବୋମା ମାଡ଼ କରାଯିବାର କିଛି ଦିନ ପରେ ଆଇଡିଏଫ ୟେମେନୀ ରାଜଧାନୀକୁ ଟାର୍ଗେଟ କରିଛି।

ଆଇଡିଏଫ କହିଛି ଯେ ଏହା ୟେମେନ ଦ୍ୱାରା ସମ୍ପ୍ରତି ଇସ୍ରାଏଲ ଉପରେ



କରାଯାଇଥିବା ଆକ୍ରମଣର ଜବାବ। ଇସ୍ରାଏଲୀ ସେନା ଅନୁଯାୟୀ, ଟାର୍ଗେଟ କରାଯାଇଥିବା ଲକ୍ଷ୍ୟସ୍ଥଳଗୁଡ଼ିକରେ ଏକ ସାମରିକ ଗଠନ ମଧ୍ୟ ଅନ୍ତର୍ଭୁକ୍ତ, ଯେଉଁଥିରେ ରାଷ୍ଟ୍ରପତି ଭବନ ଅବସ୍ଥିତ। ଆଇଡିଏଫ ଅନୁଯାୟୀ, ଏହି ସମସ୍ତ ସ୍ଥାନ ହୁଥି ବିଦ୍ରୋହୀମାନେ ସେମାନଙ୍କର ସାମରିକ କାର୍ଯ୍ୟକଳାପ ପାଇଁ ବ୍ୟବହାର କରୁଥିଲେ। ଇସ୍ରାଏଲୀ ସେନା କହିଛି ଯେ ହୁଥି ବିଦ୍ରୋହୀମାନେ ଇସ୍ରାଏଲ ଏବଂ ଏହାର ସହଯୋଗୀମାନଙ୍କୁ କ୍ଷତି ପହଞ୍ଚାଇବା ପାଇଁ ଇରାନ ସରକାରଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରନ୍ତି।

# ଗଗନଯାନ ଉତ୍କ୍ଷେପଣ ପାଇଁ ଉତ୍ସାହିତ ଭାରତୀୟ ମହାକାଶଚାରୀ

ନୂଆଦିଲ୍ଲୀ,୨୪।୮: ଦେଶର ପ୍ରଥମ ମାନବ ମହାକାଶଯାତ୍ରା କାର୍ଯ୍ୟକ୍ରମ ଗଗନଯାନ ଅଭିଯାନ ପାଇଁ ଭାରତର ପ୍ରସ୍ତୁତ ତ୍ୱରାନ୍ୱିତ ହୋଇଛି । ଏହାକୁ ନେଇ କେବଳ ଦେଶ ଭିତରେ ନୁହେଁ, ସମଗ୍ର ବିଶ୍ୱରେ ଉତ୍ସାହ ଦେଖିବାକୁ ମିଳୁଛି । ଡିସେମ୍ବର ୨୦୨୫ରେ ଇସ୍ରୋ ଗଗନଯାନ ମିସନର ପ୍ରଥମ ଉତ୍କ୍ଷେପଣ କରିବ । ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ଅତ୍ୟନ୍ତ ଉତ୍ସାହିତ । ଭାରତର ମହାକାଶ ଭବିଷ୍ୟତକୁ ନେଇ ସାରା ବିଶ୍ୱରେ ଉତ୍ସାହ ରହିଛି । ଶୁଭାଂଶୁ କହିଛନ୍ତି, ମୋର କ୍ରୁମେଟ୍ ଓ ଆମକୁ ତାଲିମ ଦେଇଥିବା ଏକାଧିକ ମହାକାଶ ଏଜେନ୍ସି ଗଗନଯାନ କେବେ ଉଡ଼ିବ ବୋଲି ପଚାରୁଥିଲେ । ଏପରିକି ଲଞ୍ଚ ଦେଖିବା ପାଇଁ ସେମାନଙ୍କୁ ଭାରତକୁ ନିମନ୍ତ୍ରଣ କରିବାକୁ ସେମାନେ ମୋତେ ଅନୁରୋଧ କରିଥିଲେ । ମହାକାଶଚାରୀ ପି. ବାଲକ୍ରିଷ୍ଣନ ନାୟାର ଭାରତର ସଫଳତା ଉପରେ ଗର୍ବ ପ୍ରକଟ କରି ମହାକାଶ ଅଭିଯାନରେ ଦେଶର ଅନନ୍ୟ ଆଭିମୁଖ୍ୟ ପ୍ରତି ଆନ୍ତର୍ଜାତିକ ପ୍ରଶଂସା କିପରି ବୃଦ୍ଧି ପାଉଛି ତାହା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ



କହିଛନ୍ତି ଯେ, ସେହି ଦିନ ଦୂର ନୁହେଁ ଯେତେବେଳେ ଅନ୍ୟ ଦେଶମାନେ ଏହାର ଉତ୍କ୍ଷେପଣ ପାଇଁ ଭାରତ ଆସିବେ । ଭାରତ ଯାହା କରୁଛି ତାହା ଅନେକଙ୍କ ପାଇଁ ଅତୁଳନୀୟ । ମହାକାଶଚାରୀ ଅଙ୍ଗଦ ପ୍ରତାପ ଏହି ସଫଳତା ପଛରେ ଥିବା ଗଭୀର ପରମ୍ପରାକୁ ଦେଶବାସୀଙ୍କୁ ମନେ ପକାଇ ଦେଇଛନ୍ତି । ଅନ୍ୟତ୍ର ଲୋଭନୀୟ ସୁଯୋଗ ସେ%୦ ଭାରତ ପ୍ରତି ପ୍ରତିଶ୍ରୁତିବଦ୍ଧ ଥିବା ଇସ୍ରୋର ଅଗ୍ରଦୂତମାନେ ଦଶନ୍ଧି ଧରି କରିଥିବା କଠିନ ପରିଶ୍ରମକୁ ଆମେ ଭୁଲିପାରିବୁ ନାହିଁ ବୋଲି ସେ କହିଛନ୍ତି । ଅଜିତ କ୍ରିଷ୍ଣନଙ୍କ ପାଇଁ ବିଗତ ବର୍ଷଗୁଡ଼ିକରେ ଯେଉଁ ପରିମାଣର ପ୍ରଗତି ହୋଇଛି ତାହା ଉଲ୍ଲେଖନୀୟ । ସେ କହିଛନ୍ତି, ଯେତେବେଳେ ମୁଁ ୨୦୨୦ରେ ଇସ୍ରୋରେ ଯୋଗ ଦେଲି, ମୁଁ କେବେ ଭାବି ନ ଥିଲି ଯେ ଏତେ ଶୀଘ୍ର ଏହା ଏତେ ବଡ଼ ହେବ । ପାଞ୍ଚ ବର୍ଷ ମଧ୍ୟରେ ଆମେ ଚନ୍ଦ୍ରକୁ ଯାଇଛୁ, ତର୍କିଂ ହାସଲ କରିଛୁ ଏବଂ ମହାକାଶ କ୍ଷେତ୍ରରେ ନୂତନ ଷ୍ଟାର୍ଟଅପଗୁଡ଼ିକୁ ସମୃଦ୍ଧ ହେଉଥିବା ଦେଖୁଛୁ । ଆମେ ଯେଉଁ ଗତିରେ ଅଗ୍ରଗତି କରୁଛୁ ତାହାକୁ ଅନ୍ୟ ରାଷ୍ଟ୍ରମାନେ ଈର୍ଷା କରନ୍ତି । ୨୦୪୭ ପର୍ଯ୍ୟନ୍ତ ଆମର ରୋଡ୍ ମ୍ୟାପ୍ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି ।

## ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧର ମୁକାବିଲା

# ପୁଟିନ, ଜେଲେନସ୍କି ଆସିବେ ଭାରତ

ନୂଆଦିଲ୍ଲୀ : ଚଳିତ ବର୍ଷ ଶେଷରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଭାରତ ଗସ୍ତରେ ଆସିପାରନ୍ତି । ସେହିପରିୟୁକ୍ରେନର ରାଷ୍ଟ୍ରପତି ଭୋଲଡିମିର ଜେଲେନସ୍କି ମଧ୍ୟ ଭାରତ ଆସିବାର ସୂଚନା ମିଳିଛି । ଭାରତରେ ଥିବାୟୁକ୍ରେନର ରାଷ୍ଟ୍ରଦୂତ ଏହା ସୂଚିତ କରିଛନ୍ତି । ଭାରତ ଏବଂୟୁକ୍ରେନ ମଧ୍ୟରେ ସମ୍ପର୍କରେ ଏକ ନୂତନ ଚିତ୍ର ଦେଖିବାକୁ ମିଳିଛି ।ୟୁକ୍ରେନର ସ୍ୱାଧୀନତା ଦିବସର ପୂର୍ବ ସନ୍ଧ୍ୟାରେ ଦିଲ୍ଲୀର କୁତୁବ ମୀନାରକୁୟୁକ୍ରେନର ଜାତୀୟ ପତାକାରେ ଆଲୋକିତ କରାଯାଇଥିଲା ।ଭାରତରେ ଅବସ୍ଥାପିତୟୁକ୍ରେନର ରାଷ୍ଟ୍ରଦୂତ ଓଲେକଜାଣ୍ଡର ପୋଲିଶଚୁକ୍ କହିଛନ୍ତି, ଭାରତ ଏବଂୟୁକ୍ରେନ ଭବିଷ୍ୟତର ରଣନୈତିକ ସହଭାଗୀତା ଆଡ଼କୁ ଦ୍ରୁତ ଗତିରେ ଆଗକୁ ବଢୁଛନ୍ତି ।ୟୁକ୍ରେନୀୟ ରାଷ୍ଟ୍ରଦୂତ ଓଲେକଜାଣ୍ଡର ପୋଲିଶଚୁକ୍ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀୟୁକ୍ରେନୀୟ ରାଷ୍ଟ୍ରପତି ଭୋଲଡିମିର ଜେଲେନସ୍କିଙ୍କୁ ଭାରତ ଗସ୍ତ ପାଇଁ ନିମନ୍ତ୍ରଣ କରିଛନ୍ତି ଏବଂ ଉଭୟ ପକ୍ଷ ବର୍ତ୍ତମାନ ତାରିଖ ଚୂଡ଼ାନ୍ତ କରିବା ପାଇଁ କାମ କରୁଛନ୍ତି । ସେ କହିଛନ୍ତି ଯେ, ରାଷ୍ଟ୍ରପତି ଜେଲେନସ୍କିଙ୍କ ଭାରତ ଗସ୍ତ ଦୁଇ ଦେଶ ମଧ୍ୟରେ ସମ୍ପର୍କ ପାଇଁ ଏକ ବଡ଼ ସଫଳତା ହେବ । ସୂଚନାଯୋଗ୍ୟ,ଚଳିତ ବର୍ଷ ଶେଷରେ ରୁଷିଆ ରାଷ୍ଟ୍ରପତି ଭାରତ ଗସ୍ତରେ ଆସୁଛନ୍ତି । କିଛି ଦିନ ତଳେ ଭାରତର ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଚଳିତ ବର୍ଷ ଶେଷରେ ପୁଟିନଙ୍କ ଭାରତ ଗସ୍ତର ସୂଚନା ଦେଇଥିଲେ । ଉଲ୍ଲେଖନୀୟ ଯେ, ରୁଷିଆ ରାଷ୍ଟ୍ରପତି ପୁଟିନଙ୍କ ଗସ୍ତ ଏପରି ସମୟରେ ହେଉଛି ଯେତେବେଳେ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ସମ୍ପର୍କରେ ଉତ୍ତେଜନା ରହିଛି । ଆମେରିକା ରାଷ୍ଟ୍ରପତି ରୁଷିଆରୁ ତେଲ କିଣିବାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ବୃଦ୍ଧି କରିଛନ୍ତି । ତେବେ ଭାରତ ପୁଟିନ ଏବଂ ଜେଲେନସ୍କିଙ୍କୁ ଭାରତ ଗସ୍ତ ପାଇଁ ନିମନ୍ତ୍ରଣ କରି ଶୁଳ୍କ ଯୁଦ୍ଧର ମୁକାବିଲା କରିବା ଲାଗି ଯୋଜନା କରିଥିବା କୁହାଯାଉଛି ।

# ଉପବାସ ରହିଲେ ହୃଦରୋଗ ଆଶଙ୍କା

ଅନ୍ୟାନ୍ୟଖାଦ୍ୟଜୀବନଶୈଳୀନୂଆଦିଲ୍ଲୀ: ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଯଦିଓ ଇଣ୍ଟରମିଣ୍ଟେଟ ଫାଷ୍ଟିଂ (ଔଏ) ଓଜନ ହ୍ରାସ କରିବାରେ ସାହାଯ୍ୟ କରିପାରେ, ଏହାର ବିପଦ ମଧ୍ୟ ରହିଛି । 'ଡାଇବେଟିସ୍ ଆଣ୍ଡ ମେଟାବୋଲିକ୍ ସିଣ୍ଡ୍ରୋମ୍: କ୍ଲିନିକାଲ୍ ରିସର୍ଚ୍ଚ ଆଣ୍ଡ ରିଭ୍ୟୁଜ୍ୱରେ ପ୍ରକାଶିତ ଏହି ଅଧ୍ୟୟନରେ ୧୯ ହଜାର ଆମେରିକୀୟ ନାଗରିକଙ୍କ ତଥ୍ୟ ବିଶ୍ଳେଷଣ କରାଯାଇଛି । ଏଥିରେ ଜଣାପଡିଛି ଯେ ଯେଉଁମାନେ ୨୪ ଘଣ୍ଟା ମଧ୍ୟରେ ୮ ଘଣ୍ଟାରୁ କମ୍ ସମୟ ପାଇଁ ଖାଦ୍ୟ ଖାଇଛନ୍ତି, ସେମାନଙ୍କର ହୃଦରୋଗରୁ ମୃତ୍ୟୁର ଆଶଙ୍କା ୧୨ ରୁ ୧୪ ଘଣ୍ଟା ମଧ୍ୟରେ ଖାଦ୍ୟ ଖାଇଥିବା ଲୋକଙ୍କ ତୁଳନାରେ ୧୩୫ ପ୍ରତିଶତ ଅଧିକ ଥିଲା ।

ଏହିପରି ହୃଦରୋଗର ଆଶଙ୍କା ବୃଦ୍ଧି ପାଏ ଫୋର୍ଟିସ୍ ସି-ଡକ୍ ଅଧକ୍ଷ ଏବଂ ଜର୍ଣ୍ଣାଲର ସମ୍ପାଦକୀୟ ମୁଖ୍ୟ ଡକ୍ଟର ଅନୁପ ମିଶ୍ର କହିଛନ୍ତି ଯେ ଉପବାସ ପରେ ଲୋକମାନେ ପ୍ରାୟତଃ ଜଙ୍କ୍ ଫୁଡ୍ ଖାଆନ୍ତି, ଯାହା ଲୋ-ଡେନସିଟି କୋଲେଷ୍ଟ୍ରଲ୍ ବୃଦ୍ଧି କରିପାରେ ଏବଂ ହୃଦରୋଗର ଆଶଙ୍କା ମଧ୍ୟ ସୃଷ୍ଟି କରିପାରେ । ଇଣ୍ଟରମିଣ୍ଟେଟ ଫାଷ୍ଟିଂରେ, ପ୍ରତିଦିନ ଖାଇବା ସମୟ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାରେ ସୀମିତ ଥାଏ । ଉଦାହରଣ ସ୍ୱରୂପ, କେହି ଜଣେ ୧୬ ଘଣ୍ଟା ପାଇଁ ଉପବାସ କରନ୍ତି ଏବଂ କେବଳ ୮ ଘଣ୍ଟା ମଧ୍ୟରେ ଖାଦ୍ୟ ଖାଆନ୍ତି । ଏହାର ଅର୍ଥ ହେଉଛି ଖାଦ୍ୟ ସାମଗ୍ରୀ ସ୍ଥିର ନୁହେଁ, କିନ୍ତୁ ଖାଇବାର ସମୟ ସ୍ଥିର । ତଥାପି, ବିଶେଷଜ୍ଞଙ୍କ ମତରେ, ଏହା ପ୍ରୋଟିନ, ଭିଟାମିନ, ମିନରଲ ଏବଂ ଇଲେକ୍ଟ୍ରୋଲାଇଟ୍ସର ଅଭାବ ସୃଷ୍ଟି କରିପାରେ ।ଏହି ପ୍ରକାରର ଇଣ୍ଟରମିଣ୍ଟେଟ ଫାଷ୍ଟିଂ ବହୁତ ସାଧାରଣ । ଏଥିରେ, ବ୍ୟକ୍ତିଙ୍କୁ ୧୬ ଘଣ୍ଟା ପାଇଁ ବେଶି ଖାଦ୍ୟ ଖାଇବାକୁ ପଡ଼େ ନାହିଁ । ଆପଣ ୮ ଘଣ୍ଟା ପାଇଁ ଯେକୌଣସି ସୁସ୍ଥ ଖାଦ୍ୟ ଖାଇପାରିବେ । ଖାଇବା ପାଇଁ ଉପଯୁକ୍ତ ସମୟ ହେଉଛି ସକାଳ ୬ ରୁ ୧୦ ଘଣ୍ଟା ମଧ୍ୟରେ । ଉପବାସ କରିବା ଦ୍ୱାରା କିଟୋସିସ୍ ବୃଦ୍ଧି ପାଏ, ଯାହା ଓଜନ ହ୍ରାସ କରିଥାଏ ।

# କ୍ରିକେଟ୍‌ରୁ ପୂଜାରାଙ୍କ ଅବସର



ନୂଆଦିଲ୍ଲୀ, ୨୪।୮(ଏଜେନ୍ସି) : ଭାରତର ଅନ୍ୟତମ ଟେଷ୍ଟ କ୍ରିକେଟର ଚେତେଶ୍ୱର ପୂଜାରା କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ସୋସିଆଲ୍ ମିଡିଆରେ ଏକ ପୋଷ୍ଟ କରି ପୂଜାରା ଅବସର ନେଇଥିବା ସୂଚନା ଦେଇଛନ୍ତି। ୩୭ ବର୍ଷୀୟ ପୂଜାରା ୨୦୨୩ରେ ଓଭାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ଶେଷ ଟେଷ୍ଟ ମ୍ୟାଚ ଖେଳିଥିଲେ। ୨୦୧୦ରେ ସେ ଅଷ୍ଟ୍ରେଲିଆ ବିପକ୍ଷରେ ମଧ ଟେଷ୍ଟ ଡେବ୍ୟୁ କରିଥିଲେ। ୧୦୩ ଟେଷ୍ଟ ଖେଳିଥିବା ପୂଜାରା ୭୧୯୫ ରନ୍ କରିଛନ୍ତି। ଏହି ଟେଷ୍ଟ କ୍ୟାରିୟରରେ ସେ ୧୯ ଟି ଶତକ ଓ ୩୫ ଅର୍ଦ୍ଧଶତକ ରହିଛି। ୨୦୬ ନଟଆଉଟ୍ ହେଉଛି ତାଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ।୨୦୧୨ରେ ଅହମ୍ମଦାବାଦରେ ପୂଜାରା ଇଂଲଣ୍ଡ ବିପକ୍ଷରେ ୨ ଶତକ ହାସଲ କରିଥିଲେ। ୫୦୦ ମିନିଟରୁ ଅଧିକ ସମୟ ଧରି ସେ ଏହି ସ୍କୋର କରିଥିଲେ। ଭାରତ ବିଜୟରେ ଏହା ବଡ ସହାୟକ ହୋଇଥିଲା। ୭୧୯୫ ରନ୍ ସହିତ ଭାରତୀୟ ଟେଷ୍ଟ କ୍ରିକେଟ୍ ଇତିହାସରେ ସର୍ବାଧିକ ରନ୍ ସଂଗ୍ରହକାରୀ ତାଲିକାର ଅଷ୍ଟମ ସ୍ଥାନରେ ରହିଛନ୍ତି। ସୌରଭ ଗାଙ୍ଗୁଲି ୭୨୧୨, ବିରେନ୍ଦ୍ର ସେହବାଗ ୮୫୦୩, ଭିଭିଏସ୍ ଲକ୍ଷ୍ମଣ ୮୭୮୧, ବିରାଟ କୋହଲି ୯୨୩୦, ସୁନିଲ ଗାଭାସ୍କର ୧୦୧୨୨, ରାହୁଲ ଦ୍ରାବିଡ୍ ୧୩୨୬୫ ଓ ସଚିନ୍ ତେନ୍ଦୁଲକର ୧୫୯୨୧ ରନ୍ କରିଛନ୍ତି। ପୂଜରା ଦେଶ ପାଇଁ କେବଳ ୫ ଟି ଦିନିକିଆ ମ୍ୟାଚ ଖେଳିଥିଲେ। ୨୦୧୩ରେ ଜିମ୍ବାୱେ ବିପକ୍ଷରେ ଦିନିକିଆ ଡେବ୍ୟୁ କରିଥିଲେ। ଏହି ଫର୍ମାଟରେ ସେ ୨୦୧୪ରେ ବାଂଲାଦେଶ ବିପକ୍ଷରେ ଶେଷ ଟେଷ୍ଟ ମ୍ୟାଚ ଖେଳିଥିଲେ। ରାଜକୁଟରେ ଜନ୍ମିତ ପୂଜାରାଙ୍କୁ ଭାରତୀୟ ଷ୍ଟେର ଅନ୍ୟତମ ମହାନ୍ ଖେଳାଳି ରାହୁଲ ଦ୍ରାବିଡଙ୍କ ସହ ତୁଳନା କରାଯାଏ। ପୂଜାରାଙ୍କ ନିଜସ୍ୱ ଶୈଳୀ ଥିଲା। କ୍ରିଜ୍‌ରେ ତାଙ୍କର ନିର୍ଭୀକ ଏକାଗ୍ରତା ପାଇଁ ବେଶ୍ ଜଣାଶୁଣା ଥିଲା। ୨୦୧୮-୧୯ରେ ଅଷ୍ଟ୍ରେଲିଆରେ ଭାରତ ପ୍ରଥମ ଟେଷ୍ଟ ଶୃଙ୍ଖଳା ବିଜୟ ଲାଭ କରିଥିଲା। ଭାରତୀୟ ଦଳ ଏହି ଶୃଙ୍ଖଳାରେ ପୂଜାରାଙ୍କ ଯୋଗୁଁ ବିଜୟ ଲାଭ କରିଥିଲା। ପୂଜାରା ୧୨୫୮ ବଲର ସମ୍ମୁଖୀନ ହୋଇ ୫୨୧ ରନ୍ କରିଥିଲେ। ଏଥିରେ ୩ ଟି ଶତକ ରହିଛି। ତାଙ୍କର ଏହି ପ୍ରଦର୍ଶନକୁ ଅବସର ଘୋଷଣା ପରେ ମନେ ପକାଇଛନ୍ତି ସଚିନ ତେନ୍ଦୁଲକର। ପୂଜାରାଙ୍କ ଉଦ୍ଦେଶ୍ୟରେ ସଚିନ୍ ତାଙ୍କ ଟ୍ୱିଟରରେ ଲେଖିଛନ୍ତି ଆପଣଙ୍କ ବ୍ୟାଟିଂ ଶୈଳୀ, ଧର୍ଯ୍ୟ ଓ ଚାପ ସମୟରେ ଏକାଗ୍ରତା ଦଳ ପାଇଁ ଖୁଣ୍ଟ ଥିଲା। ଏହାର ଅନେକ ଉଦାହରଣ ରହିଛି। ୨୦୧୮ରେ ଅଷ୍ଟ୍ରେଲିଆ ବିପକ୍ଷ ବିଜୟ ହେଉଛି ତନ୍ମଧ୍ୟରୁ ଅନ୍ୟତମ। ଆପଣଙ୍କ ମ୍ୟାଚ ୱିନ୍ ରନ୍ ବିନା ସମ୍ଭବ ହୋଇନଥାନ୍ତା ବୋଲି ସଚିନ୍ ଟ୍ୱିଟ୍ କରିଛନ୍ତି। ୨୦୨୩ ପରଠାରୁ ପୂଜାରା ଚୟନକର୍ତ୍ତାଙ୍କ ଦ୍ୱାରା ଅଣଦେଖାର ଶିକାର ହୋଇଛନ୍ତି। କାରଣ ବିସିସିଆଇ ଯୁବ ଖେଳାଳିଙ୍କ ଉପରେ ଜୋର ଦେଇଥିଲା।



ଅବସର ଘୋଷଣା କରି ପୂଜାରା ଲେଖିଛନ୍ତି ଭାରତୀୟ କ୍ରିକେଟ୍ ଦଳର ଅଂଶ ହେବାକୁ ସ୍ୱପ୍ନ ଦେଖିଥିଲେ। କିନ୍ତୁ ସେ ଜାଣିନଥିଲେ ଯେ ଏହି ଖେଳ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେବ। ତାଙ୍କୁ ଅମୂଲ୍ୟ ସୁଯୋଗ ମିଳିଥିଲା। ଅଭିଜ୍ଞତା ମିଳିଛି, ଭଲ ପାଇବା ମିଳିଛି, ତାଙ୍କୁ ରାଜ୍ୟ ଓ ଦେଶର ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଛି। ଯେତେ ଥର ସେ ପଡିଆକୁ ଓହ୍ଲାଇଛନ୍ତି ସବୁଥର ସେ ନିଜର ଶ୍ରେଷ୍ଠ ଦେବାକୁ ଚେଷ୍ଟା କରିଛନ୍ତି। ସବୁ ଭଲ ଜିନିଷର ମଧ ଶେଷ ଥାଏ। ଅନେକ କୃତଜ୍ଞତା ସହିତ ସେ ଭାରତୀୟ କ୍ରିକେଟର ସବୁ ଫର୍ମାଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଥିଲେ। ସୁଯୋଗ ଦେଇଥିବାରୁ ବିସିସିଆଇ ଓ ସୌରାଷ୍ଟ୍ର କ୍ରିକେଟ୍ ଆସୋସିଏସନ୍‌କୁ ପୂଜାରା ଧନ୍ୟବାଦ ଜଣାଇଛନ୍ତି। ତା ସହିତ ସମସ୍ତ ମେଣ୍ଟର ଓ କୋଚ୍‌ଙ୍କ ସହିତ ଟିମ୍ ମେଣ୍ଟ ସର୍ପୋଟ୍ ଷ୍ଟାଫ୍, ନେଟ୍ ବୋଲର, ସମୀକ୍ଷକ, ଅମ୍ପାୟାର, ଗ୍ରାଉଣ୍ଡ ଷ୍ଟାଫ, ସ୍କୋରର ଓ ଗଣମାଧମକୁ ଧନ୍ୟବାଦ ଜଣାଇଛନ୍ତି। ପ୍ରଶଂସକଙ୍କୁ ଧନ୍ୟବାଦ ଦେବାକୁ ଭୁଲିନାହାଁନ୍ତି ପୂଜାରା। ତାହା ସହିତ ସେ ତାଙ୍କ ବାପା, ମା, ପତ୍ନୀ ପୂଜା, ଝିଅ ଆଦିତି, ଶାଶୁ, ଶ୍ୱଶୁର, ବନ୍ଧୁ-ବାନ୍ଧବଙ୍କୁ ମଧ ଧନ୍ୟବାଦ ଜଣାଇଛନ୍ତି।



## ପୂଜାରାଙ୍କ ସମ୍ପତ୍ତି କେତେ ?

ଟେଷ୍ଟ କ୍ରିକେଟରଙ୍କ ସର୍ବୋତ୍ତମ ବ୍ୟାଟରଙ୍କ ମଧ୍ୟରେ ଅନ୍ୟତମ ପୂଜାରା। ପୂଜାରାଙ୍କ କ୍ରିକେଟ୍ କ୍ୟାରିୟର ବହୁତ ଚମତ୍କାର ଥିଲା। ସେ ଭାରତୀୟ କ୍ରିକେଟରେ ଥିବା ବେଳେ ବହୁ ରୋଜଗାର ମଧ କରିଥିଲେ। ଚେତେଶ୍ୱର ପୂଜାରାଙ୍କ ସମ୍ପତ୍ତି ପ୍ରାୟ ୨୫ କୋଟି ହେବ। ମାସିକ ଆୟ ପ୍ରାୟ ୧୫ ଲକ୍ଷ। ୨୦୨୨-୨୩ ତାଙ୍କୁ ବିସିସିଆଇର ବି ଗ୍ରେଡ୍ ଚୁକ୍ତିରେ ସାମିଲ କରାଯାଇଥିଲା। ତଦନୁଯାୟୀ ସେ ବାର୍ଷିକ ୩ କୋଟି ଟଙ୍କା ପାଉଥିଲେ। ବ୍ରାଣ୍ଡ୍ ଏନ୍‌ଡୋର୍ସମେଣ୍ଟ, କମେଣ୍ଟ୍ରି ମାଧ୍ୟମରେ ମଧ ସେ କୋଟି କୋଟି ଟଙ୍କା ରୋଜଗାର କରୁଥିଲେ। ୩୭ ବର୍ଷୀୟ ଚେତେଶ୍ୱର ଟିମ୍ ଇଣ୍ଡିଆ ପାଇଁ ୧୦୩ ଟେଷ୍ଟ ଏବଂ ୫ ଟି ଦିନିକିଆ ଖେଳିଛନ୍ତି। ପୂଜାରା ୨୦୧୮-୧୯ ଅଷ୍ଟ୍ରେଲିଆ ଟେଷ୍ଟ ଶୃଙ୍ଖଳାରେ ପୂଜାରା ଆଡିଲେଡ୍, ମେଲବୋନ୍ ଏବଂ ସିଡିନ୍‌ରେ ଶତକ ହାସଲ କରି ଦଳର ଐତିହାସିକ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୨୦୨୦-୨୧ ଅଷ୍ଟ୍ରେଲିଆ ଗସ୍ତରେ ୪ ଟି ଟେଷ୍ଟ ମ୍ୟାଚ୍ ଖେଳି ଚମତ୍କାର ପ୍ରଦର୍ଶନ କରିଥିଲେ। ଭାରତୀୟ କ୍ରିକେଟ୍ ପାଇଁ ଯେଉଁ ସ୍ଥିରତା, ସମର୍ପଣ ଓ ସମ୍ମାନ ଆଣିଥିଲେ ତାହା ସର୍ବଦା ମନେ ରହିବ।

# କିଏ ହେବ ଟିମ୍ ଇଣ୍ଡିଆର ପ୍ରାୟୋଜକ

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି) : ଡ୍ରିମ୍ ୧୧ ଭାରତୀୟ କ୍ରିକେଟ୍ ଦଳର ପ୍ରାୟୋଜକ ରହିବ ନାହିଁ। ଡ୍ରିମ୍ ୧୧ ଅଧିକାରୀମାନେ ବିସିସିଆଇକୁ ଭେଟି କହିଛନ୍ତି ଯେ, ସେମାନେ ଏସିଆ କପ୍‌ରେ ଭାରତୀୟ ଦଳର ପ୍ରାୟୋଜକ ରହିବେ ନାହିଁ। ଦେଶରେ ଅନଲାଇନ୍ ଗେମିଂ ଲାଗୁ ହେବା ପରେ ଫାଣ୍ଟାସି ଗେମିଂ କମ୍ପାନୀ ଡ୍ରିମ୍ ୧୧ ଏହାର ଅନଲାଇନ୍ ବ୍ୟବସାୟ ବନ୍ଦ କରିଦେଇଛି। ଭାରତୀୟ ପୁରୁଷ ଦଳକୁ ଡ୍ରିମ୍ ୧୧ ପ୍ରାୟୋଜକ ନକଲେ ନଆ ପ୍ରାୟୋଜକ କିଏ ହେବ ? ଏ ସମ୍ପର୍କରେ ଏବେ ଚର୍ଚ୍ଚା ହେଉଛି। ଏହି ଆଲୋଚନାରେ ଦେଶର କିଛି କୋଟିପତି କମ୍ପାନୀଙ୍କର ନାମ ଆଗରେ ରହିଛି। ଯେଉଁମାନେ ଟିମ୍ ଇଣ୍ଡିଆ ମୁଖ୍ୟ ପ୍ରାୟୋଜକ ହେବେ ବୋଲି ଚର୍ଚ୍ଚା ହେଉଛି। ସବୁଠୁ ଆଗରେ ଅଛି ଟାଟା।

ଟାଟା ଗ୍ରୁପ୍ ପକ୍ଷରୁ ବିସିସିଆଇ ନିକଟରେ ପ୍ରାୟୋଜକ ହେବା ପାଇଁ ଦାବି କରାଯିବ। ଭାରତୀୟ ବଜାରରେ ଟାଟା ଗ୍ରୁପ୍ ଏକ ଶକ୍ତିଶାଳୀ ଏବଂ ନିର୍ଭର ଯୋଗ୍ୟ ନାମ। ୨୦୨୮ ପର୍ଯ୍ୟନ୍ତ ଟାଟା ଆଇପିଏଲ୍‌ର ଟାଇଟଲ୍ ପ୍ରାୟୋଜକ ରହିବ। ଏପରି ସ୍ଥିତିରେ ଅଗାମୀ ସମୟରେ ଟାଟା ଗ୍ରୁପ୍ ଟିମ୍ ଇଣ୍ଡିଆର ପ୍ରାୟୋଜକ ହେବାର ସମ୍ଭାବନା ହେବାର ଅଧିକାକ୍ରୀଡା ଜଗତରେ ରିଲାଏନ୍ସ ଇଣ୍ଡଷ୍ଟ୍ରିର ପ୍ରାଧାନ୍ୟ ନିରନ୍ତର ବଢୁଛି।

ତେଣୁ ରିଲାଏନ୍ସ ପ୍ରାୟୋଜକ ହେବା ଦୌଡରେ ନିଜର ଦାବି ଉପସ୍ଥାପନ କରିପାରେ।

ଅନଲାଇନ୍ ସପିଂ ପ୍ଲାଟଫର୍ମ ଆମାଜନ୍ ଓ ଫ୍ଲିପ୍‌କାର୍ଟ ଭଳି କମ୍ପାନୀ ଗୁଡିକ ମଧ ଦାବିଦାର ଭାବେ ଆଗକୁ ଆସିପାରନ୍ତି। କମ୍ପାନୀଗୁଡିକ ଭାରତରେ ନିଜର ପତିଆରା ମଜଭୁତ କରିବା ପାଇଁ ଭାରତୀୟ କ୍ରିକେଟ୍ ଦଳର ସାହାର୍ଯ୍ୟ ନେଇପାରିବେ। କ୍ରିକେଟ୍ ହେଉଛି ଭାରତରେ ସବୁଠାରୁ ଲୋକପ୍ରିୟ ଖେଳ।

ଫିନ୍‌ଟେକ୍ କମ୍ପାନୀଗୁଡିକ ମଧ ଭାରତୀୟ ଦଳର ପ୍ରାୟୋଜକ ହେବା ପାଇଁ ଆଗକୁ ଆସିପାରନ୍ତି। ଭାରତରେ ଷ୍ଟକ୍ ବଜାରରେ ନିବେଶ ନିରନ୍ତର ବୃଦ୍ଧି ପାଉଛି। ଯାହାକୁ ଦୃଷ୍ଟିରେ ରଖି ଫିନ୍‌ଟେକ୍ କମ୍ପାନୀଗୁଡିକ ଯଥା, ଜେରୋଧା, ଆଞ୍ଜେଲୱାନ୍, ଗୋ ଆଦି ନିରନ୍ତର ଆଗକୁ ବଢୁଛନ୍ତି।

ଯଦି ବିସିସିଆଇ ସେପ୍ଟେମ୍ବର ୯ ରେ ଏସିଆ କପ୍ ଆରମ୍ଭ ହେବା ପୂର୍ବରୁ ନୂତନ ପ୍ରାୟୋଜକ ଖୋଜିବାରେ ବିଫଳ ହୁଏ ତେବେ ଭାରତୀୟ ଦଳ ବିନା ପ୍ରାୟୋଜକରେ ଏସିଆ କପ୍ ଖେଳିବ।

### ଓଡ଼ିଶା ପ୍ରୋ ଟି-୨୦ ଲିଗ୍

# ୬ ପ୍ରମୁଖ ଖେଳାଳିଙ୍କ ନାମ ଘୋଷିତ

କଟକ,୨୪।୮(ସବ୍ୟୁ): ସେପ୍ଟେମ୍ବର ୧୫ରୁ କଟକରେ ଆରମ୍ଭ ହେବାକୁ ଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ନିମନ୍ତେ ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ୬ଜଣ ମର୍କ୍ୟୁ ତଥା ପ୍ରମୁଖ ଖେଳାଳିଙ୍କ ନାମ ଘୋଷଣା କରିଛି । ଏମାନେ ହେଲେ ଆଇପିଏଲରେ ସୁଯୋଗ ପାଇଥିବା ତଥା ପୂର୍ବତନ ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି, ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ଦଳର ନେତୃତ୍ୱ ନେଉଥିବା ବ୍ୟାଟର ସ୍ୱସ୍ତିକ ସାମଲ, ରାଜ୍ୟ ଦଳର ଅଭିଜ୍ଞ ସ୍ପିନ ଅଲରାଉଣ୍ଡର ଗୋବିନ୍ଦ ପୋଦ୍ଦାର, ଗତ ସିଜନରେ ରାଜ୍ୟ ଦଳର ଅଧିନାୟକ ବ୍ୟାଟର ସନ୍ଦୀପ ପଟ୍ଟନାୟକ, ୱିକେଟ କିପର ଆଶୀର୍ବାଦ ସ୍ୱାଇଁ ଓ ମିଡିମୟ ପେସ୍ ଅଲରାଉଣ୍ଡର ସୂର୍ଯ୍ୟକାନ୍ତ ପ୍ରଧାନ । ଏମାନେ ଲିଗ୍‌ରେ ବିଭିନ୍ନ ବ୍ରାଣ୍ଡର ପ୍ରମୋସନ କରିବା ସହ ପ୍ରମୁଖ ଖେଳାଳିଭାବେ ପରିଗଣିତ ହେବେ । ତେବେ ଲିଗ୍ରେ ମୋଟ ୬ଟି ଦଳ ଭାଗ ନେବେ । ଏହି ୬ ମର୍କ୍ୟୁ ଖେଳାଳିଙ୍କୁ ଅଧିନାୟକ କରାଯିବ କି ନାହିଁ ତାହା ଓସିଏ ସ୍ପଷ୍ଟ କରାଯାଇନାହିଁ ।

## ଗାଙ୍ଗୁଲୀ ପ୍ରିଟୋରିଆ କ୍ୟାପିଟାଲ୍ସ ମୁଖ୍ୟ କୋଚ୍

କୋଲକାତା, ୨୪।୮ (ଏଜେନ୍ସି) : ଦୀର୍ଘ ଦିନ ପରେ ଭାରତୀୟ କ୍ରିକେଟର ମହାନ୍ ଖେଳାଳି ସୌରବ ଗାଙ୍ଗୁଲୀଙ୍କୁ ମୁଖ୍ୟ କୋଚ୍ ଦାୟିତ୍ୱ ମିଳିଛି। ଦକ୍ଷିଣ ଆଫ୍ରିକା ଟି-୨୦ ଲିଗ ଏସ୍ ଏ -୨୦ରେ ଗାଙ୍ଗୁଲୀ ପ୍ରିଟୋରିଆ କ୍ୟାପିଟାଲ୍ସର ମୁଖ୍ୟ କୋଚ୍ ହୋଇଛନ୍ତି। ପ୍ରଥମ ଥର ପାଇଁ ସେ କୌଣସି ପ୍ରଫେସନାଲ କୋଚ ଦାୟିତ୍ୱ ତୁଲାଇବେ। ସୋସିଆଲ୍ ମିଡିଆରେ ପ୍ରିଟୋରିଆ କ୍ୟାପିଟାଲ୍ସ ଏହି ଖୁସି ଖବର ସମସ୍ତଙ୍କୁ ଜଣାଇଛନ୍ତି। ଜୋନାଥନ୍ ଟ୍ରଟ୍ ଏହି ଦାୟିତ୍ୱରୁ ହଟିବାର ଦିନକ ପରେ ଗାଙ୍ଗୁଲୀ କୋଚ୍ ନିଯୁକ୍ତ ହୋଇଛନ୍ତି। ଏସ୍‌ଏ -୨୦ର ଆଗାମୀ ସିଜନ୍ ଡିସେମ୍ବର ୨୬ ରୁ ଜାନୁଆରୀ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ସଂସ୍କରଣରେ ଦଳ ଫାଇନାଲରେ ପ୍ରବେଶ କରିଥିଲେ ମଧ ଗତ ସଂସ୍କରଣରେ ନୈରାଶ୍ୟ ଜନକ ପ୍ରଦର୍ଶନ କରିଥିଲା। କିଛି ଦିନ ପରେ ଗାଙ୍ଗୁଲୀ ଟିମ୍ ଇଣ୍ଡିଆର କୋଚ ହେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ବିସିସିଆଇ ଅଧକ୍ଷ, ଦିଲ୍ଲୀ କ୍ୟାପିଟାଲ୍ସ ଡବ୍ଲ୍ୟୁ ପିଏମ୍‌ରେ ସେ କାର୍ଯ୍ୟକରିଛନ୍ତି।

### ଉତ୍କଳ ସ୍ପୋର୍ଟ୍ସ ମିଟ୍

# କରାଟେ ପ୍ରତିଯୋଗିତା ଉଦ୍‌ଯାପିତ

ଭୁବନେଶ୍ୱର, ୨୪।୮(ଏଜେନ୍ସି) : ଉତ୍କଳ ସ୍ପୋର୍ଟ୍ସ ମିଟ୍ କରାଟେ ପ୍ରତିଯୋଗିତା ଉତ୍କଳ କରାଟେ ସ୍କୁଲ ଠାରେ ଉଦ୍‌ଯାପିତ ହୋଇଯାଇଛି। ୨୩ ଓ ୨୪ ତାରିଖ ଦୁଇଦିନ ଧରି କରାଟେ ପ୍ରତିଯୋଗିତ ସଫଳତାର ସହ ଶେଷ ହୋଇଛି। ୬ ବର୍ଷ, ୭ ବର୍ଷ, ୮ ବର୍ଷ, ୯ ବର୍ଷ ଓ ୧୦ ବର୍ଷ ବାଳକ ଓ ବାଳିକାଙ୍କର ଟାଟା ଓ ଫାଇଟ୍ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାକୁ ଅଫିସିଆଲ୍ ଭାବେ ଖାରବେଳ ମଲ୍ଲିକ, ଜୟଦେବ ପଟ୍ଟନାୟକ, ଅରବିନ୍ଦ ପଟ୍ଟନାୟକ, ଦୀପକ କୁମାର ସାମନ୍ତରା, ଗୋପାଳ ଚନ୍ଦ୍ର ଦାସ, ଏନ୍‌ବି ପଟ୍ଟନାୟକ, ଉମାକାନ୍ତ ବେହେରା, ବିଜନ୍ କୁମାର ଦଳ ବେହେରା, ସୁଭାଶିଷ ମହାପାତ୍ର, ଆଦିତ୍ୟ ମିଶ୍ର, ସନ୍ତୋଷ କୁମାର ମହାରଣା, ଅନୁପମା ସ୍ୱାଇଁ, ସୁସ୍ମିନ୍ ପାଲଟାସିଂ, କୃଷ୍ଣଚନ୍ଦ୍ର ନାୟକ, ମୋନାଲି ସାହୁ, ବ୍ରତତୀ ବିଶ୍ୱପ୍ରଭା ପତି, କ୍ରୀଷ୍ଟା ଶିକାରୀ,ଯୋଗେଶ ବରିହା, ମହେଶ ଡୋରା, ସୁଭେନ୍ଦୁ ଲେଙ୍କା, ସପନ ମିଶ୍ର, କୃଷ୍ଣଚନ୍ଦ୍ର ମହାରାଣା, ଦେବେନ୍ଦ୍ର ରଣା, ସୁମନ୍ତ କୁମାର ପଣ୍ଡା, ଅମିୟ କୁମାର ସାହୁ, ବିନୋଦ ଟପ୍ପୋ, ପ୍ରଭାତ କୁମାର ସାହୁ,ସୁଶାନ୍ତ ପଣ୍ଡା, ରାଜେଶ ମହାପାତ୍ର, ଗୌନକ ପଟ୍ଟନାୟକ, ପ୍ରଦୀପ କୁମାର ଦେ ଏବଂ ଗୋପାଳକୃଷ୍ଣ କଅଁର ପରିଚାଳନା କରିବା ସହ ପ୍ରତିଯୋଗିତାଟି ସଫଳତାର ସହ ସମ୍ପନ୍ନ ହୋଇଛି ।

## ରାଜ୍ୟ ଓପନ୍ ଚେସ୍ ସୌମ୍ୟରଞ୍ଜନ ବିଜେତା




ଭୁବନେଶ୍ୱର, ୨୪।୮(ସବ୍ୟୁ) : କେଶୁରା ସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପ୍ରାଙ୍ଗଣରେ ଷଷ୍ଠ ସମର ବିଜୟ ମହାନ୍ତି ମେମୋରିଆଲ ରାଜ୍ୟ ଓପନ୍ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ରୟାଲ ପବ୍ଲିକ ସ୍କୁଲ କେଶୁରା ମିଳିତ ଭବେ ଆୟୋଜିତ କରିଛନ୍ତି। ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର ସୌମ୍ୟରଞ୍ଜନ ମିଶ୍ର ଚାମ୍ପିଅନ ହୋଇଛନ୍ତି। ଓମ୍ ଆଦିତ୍ୟ ଖଡଗା ଦ୍ୱିତୀୟ, ସ୍ୱପ୍ନିଳପ୍ରିୟଦର୍ଶୀ ତୃତୀୟ, ମନୀଷା କୁମାରୀ ଚତୁର୍ଥ, ବିଶ୍ୱଜିତ ସାହୁ ପଞ୍ଚମ, ତନ୍ମୟ ତ୍ରିପାଠୀ ଷଷ୍ଠ, ପ୍ରତ୍ୟୁଷ ମହାପାତ୍ର ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ୭, ୯,୧୧,୧୩,୧୫ ଓ ବାଳିକା ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ୧୦ ଜଣଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ଏମ୍ସ ନୂଆଦିଲ୍ଲୀ ପ୍ରଫେସର ସୁଜାତା ମହାନ୍ତି, ଦେବାଶିଷ ପାଣିଗ୍ରାହୀ, ଏୟାର ଇଣ୍ଡିଆର ଶେଖର ମହାନ୍ତି ଏବଂ ସ୍ୱର୍ଗତଃ ସମର ବିଜୟ ମହାନ୍ତି ନାତି ପ୍ରତିକଭଞ୍ଜ ଉପସ୍ଥିତ ରହି କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରିଥିଲେ।



### ଏସିଆ କପ୍

# ଆଫଗାନିସ୍ତାନ ଦଳ ଘୋଷଣା

ନୂଆଦିଲ୍ଲୀ, ୨୪।୮(ଏଜେନ୍ସି) : ଏସିଆ କପ୍ ପାଇଁ ଆଫଗାନିସ୍ତାନ ଦଳ ଘୋଷଣା ହୋଇଛି। ୧୭ ଜଣିଆ ଦଳରେ ରସିଦ୍ ଖାନ୍‌ଙ୍କୁ ଅଧିନାୟକ ମନୋନିତ କରାଯାଇଛି। ରିଜର୍ଭ ଖେଳାଳି ଭାବେ ୩ ଜଣଙ୍କୁ ସ୍ଥାନ ମିଳିଛି। ଦଳରେ ଅନୁଭବୀ ଖେଳାଳି ମହମ୍ମଦ ନବିଙ୍କ ସମେତ ଯୁବ ଖେଳାଳି ସ୍ଥାନ ପାଇଛନ୍ତି। ଭରପୁର ସ୍ପିନରଙ୍କୁ ସୁଯୋଗ ଦିଆଯାଇଛି। ୟୁଏଇ ପିଚ୍ ସ୍ପିନରଙ୍କୁ ସୁହାଇଥାଏ। ଆଫଗାନିସ୍ଥାନ ଦଳରେ ସ୍ପିନର ଭାବେ ଅଧିନାୟକ ରସିଦ୍ ଖାନଙ୍କ ବ୍ୟତୀତ ମହମ୍ମଦ ନବି, ମୁଜିବ୍ ଉର ରହମାନ, ଆହ୍ଲା ଗଜନଫର, ନୁର ଅହମ୍ମଦ, ସରାପୁଦ୍ଦିନ୍ ଅସ୍ରଫ ରହିଛନ୍ତି। ଏହି ଦଳରେ ମୋଟ ୬ ଜଣ ସ୍ପିନରଙ୍କୁ ସ୍ଥାନ ମିଳିଛି। ଏହାବାଦ୍ ରିଜର୍ଭ ଖେଳାଳିଙ୍କ ମଧ୍ୟରେ ସ୍ପିନର ଥରୋଟେଙ୍କୁ ସାମିଲ କରାଯାଇଛି। ସ୍ପିନ୍ ବୋଲରଙ୍କ ଭରସାରେ ଆଫଗାନିସ୍ଥାନ ଏସିଆ କପ୍‌ରେ ଶକ୍ତିଶାଳୀ ଦଳଗୁଡିକୁ ଟକ୍କର ଦେବ।

୨୦୨୫ ଏସିଆ କପ୍ ସେପ୍ଟେମ୍ବର ୯ ରୁ ଆରମ୍ଭ ହେବ। ଏହାର ଫାଇନାଲ ମ୍ୟାଚ ସେପ୍ଟେମ୍ବର ୨୮ ରେ ଖେଳାଯିବ। ଏସିଆ କପରେ ମୋଟ୍ ୮ ଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳ ଗୁଡିକୁ ୨ ଗ୍ରୁପରେ ବିଭକ୍ତ କରାଯାଇଛି। ଏସିଆ କପ୍‌ର ମ୍ୟାଚ ଆବୁଧାବି ଓ ଦୁବାଇରେ ଖେଳାଯିବ। ଭାରତୀୟ ଦଳ ସେପ୍ଟେମ୍ବର ୧୦ରେ ପ୍ରଥମ ମ୍ୟାଚ ଖେଳିବ।ଗ୍ରୁପ ଏ ରେ ଭାରତ ପାକିସ୍ତାନ, ଓମାନ ଏବଂ ୟୁଏଇ ଥିବା ବେଳେ ଗ୍ରୁପ୍ ବି ରେ ଶ୍ରୀଲଙ୍କା ବାଂଲାଦେଶ, ଆଫଗାନିସ୍ତାନ ହଙ୍ଗକଙ୍ଗ ରହିଛନ୍ତି।

**ଆଫଗାନିସ୍ତାନ ଦଳ :-**

ରସିଦ ଖାନ୍(ଅଧିନାୟକ), ରହମନୁଲା ଗୁରବାଜ, ଇବ୍ରାହିମ୍ ଜଦ୍ରାନ୍, ଦରଶିବ ରସୁଲି, ସେଦିକୁଲା ଅଟଲ, ଅଜମତୁଲ୍ଲା ଓମାରଜାଇ, କରିମ୍ ଜନ୍ନତ, ମହମ୍ମଦ ନବି, ଭୁଲବଦିନ ନାଏବ, ସରାଫୁଦ୍ଦିନ ଅସ୍ରଫ, ମହମ୍ମଦ ଇସାକ, ମୁଜିବଉର ରେହମାନ, ଆହ୍ଲା ଗଜନଫର, ନୁର ଅହମ୍ମଦ, ଅହମ୍ମଦ ମଲ୍ଲିକ, ନବିନଉନ୍ ହକ୍ ଓ ହଜଲହକ ଫାରୁକି।



**ସୂଚନା**

ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, **ମୁଖ୍ୟ ସମ୍ପାଦକ:** ଗୁରୁକଲ୍ୟାଣ ମହାପାତ୍ର, **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି